# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୭ Vol. 21 No-277 5 JANUARY 2025 SUNDAY BHUBANESWAR ରବିବାର, ୫ ଜାନୁଆରୀ ୨୦୨୫ ପୃଷ୍ଠା-୮+୮ ମୂଲ୍ୟ: ୭.୦୦




ଗ୍ରାମୀଣ ଭାରତ ମହୋତ୍ସବ ଉଦ୍‌ଘାଟିତ | ୬



ଏକ୍‌ଲାମ ୱାରିଅର୍ସ ଚିତ୍ରକଳାରେ ଯୋଗଦେଲେ | ୬




ଓଡ଼ିଶା ଭାସ୍କର
ଦୃଷ୍ଟିପାତ



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



# ଜୋକର୍ ଅର୍ଥନୀତିରୁ ମନମୋନୋମିକ୍ସ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ସେ ଥିଲେ ଅତ୍ୟନ୍ତ ନମ୍ର, ଭଦ୍ର, ଲଜ୍ଜାଶୀଳ ଏବଂ ଧୈର୍ଯ୍ୟବାନ। ନିଜର ପ୍ରଖର ପ୍ରଜ୍ଞା ବଳରେ ବୃତ୍ତି ପାଇ ସେ କେବଳ କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ନଥିଲେ, ମର୍ଯ୍ୟାଦାଜନକ ଆଡାମ୍ ସ୍ମିଥ୍ ପୁରସ୍କାର ମଧ୍ୟ ଜିତିଥିଲେ। ନିଜର ଜ୍ଞାନ କାହାକୁ ଦେଖାଉ ନଥିଲେ କି ନିଜର ସୁଖସୁବିଧା ପାଇଁ କ୍ଷମତା ବ୍ୟବହାର କରୁ ନଥିଲେ। ଗୋଟିଏ ମେଧାବୀ ବିନମ୍ର ଛାତ୍ର ଓ ଜ୍ଞାନୀ ଛାତ୍ରବତ୍ସଳ ଶିକ୍ଷକର ଛାପ ତାଙ୍କ ପଦବୀ ଉପରେ ପଡିଥିଲା, ତାହା ଅର୍ଥମନ୍ତ୍ରୀ ହେଉ ବା ପ୍ରଧାନମନ୍ତ୍ରୀ। ଜ୍ଞାନ, ବୁଦ୍ଧି, ବିବେକ ଏବଂ ଉତ୍ତମସ୍ୱଭାବରେ ଭୂଷିତ ମନମୋହନ ସର୍ବଦା ନତମୁଖ ହୋଇ ଚାଲୁଥିଲେ। ଏହାକୁ ବୋଧହୁଏ ଅଧିକାଂଶ ଲୋକ ତାଙ୍କର ଦୁର୍ବଳତା ବୋଲି ଧରି ନେଇଥିଲେ ଏବଂ ତାଙ୍କର ମର୍ଯ୍ୟାଦା ବୁଝିପାରି ନଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀ ତ ତାଙ୍କୁ 'ଜୋକର୍' ବୋଲି କହିଥିଲେ। ଏହି ଗୁଣ ହିଁ ତାଙ୍କୁ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ହାତରେ କାଠକଣ୍ଢେଇ କରି ଦେଇଥିଲା। କିନ୍ତୁ ଯେତେବେଳେ ଦେଶର ସ୍ୱାର୍ଥରକ୍ଷାର ସମୟ ଆସିଥିଲା ତାଙ୍କ ଠାରୁ ଅଧିକ କଠୋର କେହି ହୋଇପାରି ନଥିଲେ। ସେଥିପାଇଁ ତାଙ୍କୁ ଆଧୁନିକ ଭାରତୀୟ ଅର୍ଥନୀତିର ଜନକ ବୋଲି କୁହାଯାଏ। ସେ ଭାରତର ଏକମାତ୍ର ପ୍ରଧାନମନ୍ତ୍ରୀ ଯାହାର ସ୍ୱାକ୍ଷର ଭାରତର କାଗଜମୁଦ୍ରାରେ ଶୋଭା ପାଏ। କାରଣ ସେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ମଧ୍ୟ ଥିଲେ।

ଦୁଇଶହ ବର୍ଷର ଆର୍ଥିକ ଶୋଷଣର ଶିକାର ଭାରତ ଯେତେବେଳେ ସ୍ୱାଧୀନ ହେଲା ଉଦ୍ୟୋଗ ବିକାଶ ତ ଦୂରର କଥା, ସ୍ୱର୍ଣ୍ଣପ୍ରସୂ ପ୍ରାଚୁର୍ଯ୍ୟମୟୀ ଭାରତର ଅଶୀ ଭାଗ ଲୋକ ଦୁଇଓଳି ଖାଇବାକୁ ପାଉ ନଥିଲେ। ଦେଶର ବିକାଶ ପାଇଁ ଦେଶ ଏକ ସମାଜବାଦୀ ଆର୍ଥିକ ଢାଞ୍ଚା ଆପଣେଇଲା। ବେସରକାରୀ ସଂସ୍ଥା ଦେଶର ପ୍ରଗତି ପାଇଁ ଆବଶ୍ୟକ ବଡ଼ବଡ଼ କଳକାରଖାନା ପ୍ରତିଷ୍ଠା କରିବାକୁ ଆଗ୍ରହୀ ନଥିଲେ। ଅତି ଦୀର୍ଘସମୟର ବିଦେଶୀ ଅର୍ଥନୈତିକ ଶୋଷଣ ଯୋଗୁ କୌଣସି ବିଦେଶୀ କମ୍ପାନୀ ଉପରେ ଭାରତକୁ ବିଶ୍ୱାସ କରିପାରୁନଥିଲା। ଦ୍ୱିତୀୟତଃ, ବିଦେଶୀ କମ୍ପାନୀଙ୍କର ଲାଭଖୋର ମନୋବୃତ୍ତି ଦେଶସ୍ୱାର୍ଥର ପରିପନ୍ଥୀ ଥିଲା। ତେଣୁ ଦେଶ ଏକ ରୁଦ୍ଧ ଅର୍ଥନୀତି ଗ୍ରହଣ କରି ନିଜ ଦେଶରେ ଉତ୍ପାଦନ, ବର୍ଣ୍ଟନ ଏବଂ ଉପଭୋଗର ବ୍ୟବସ୍ଥା କଲା।

ଏ ବ୍ୟବସ୍ଥା କିଛିବର୍ଷ ପାଇଁ ଠିକ୍ ଥିଲା। କିନ୍ତୁ ଦେଶର ଜନସଂଖ୍ୟା ଜ୍ୟାମିତିକସୂତ୍ରରେ ବୃଦ୍ଧି ପାଇବା ସହିତ ବୈଶ୍ୱିକ ଔଦ୍ୟୋଗିକ ବିକାଶକୁ ତାଳ ଦେଇ ନପାରିବା ଏବଂ ବର୍ଦ୍ଧିଷ୍ଣୁ ବୈଶ୍ୱିକରଣରୁ ବାଦ୍ ପଡ଼ିବା କାରଣରୁ ଭାରତର ଆର୍ଥିକ ଅବସ୍ଥା ଧୀରେଧୀରେ ନିମ୍ନାଭିମୁଖୀ ହେବାକୁ ଲାଗିଲା। ଦେଶରେ ଉତ୍ପାଦନ କମ୍ ହେଉଥିବାରୁ ଅଧିକାଂଶ ଜିନିଷ ଆମଦାନୀ କରିବାକୁ ପଡୁଥିଲା। ଆମଦାନୀ ଅଧିକକୁ ରପ୍ତାନି କିଛି ନଥିଲା କହିଲେ ଚଳେ। ଆମକୁ ଅଧିକ ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଥିଲା। ବିଦେଶୀମୁଦ୍ରା ଆୟ ଅପେକ୍ଷା ବ୍ୟୟ ଅଧିକ ଥିଲା। ତେଣୁ ବହିର୍ବାଣିଜ୍ୟ କ୍ଷେତ୍ରରେ ସବୁବେଳେ ଗୋଟିଏ ନିଅଣ୍ଟିଆ ପରିସ୍ଥିତି ଲାଗି ରହୁଥିଲା। ଫଳତଃ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ସର୍ବନିମ୍ନସ୍ତରରେ ପହଞ୍ଚିଲା। ଗତଶତାବ୍ଦୀର ନବେଦଶକର ପ୍ରାରମ୍ଭରେ ଦେଶ ଏପରି ଅବସ୍ଥାକୁ ଚାଲି ଆସିଲା ଯେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାରରେ ମାତ୍ର ପନ୍ଦରଦିନର କାରବାର ପାଇଁ ବୈଦେଶିକମୁଦ୍ରା ଥିଲା। ଦେଶ ବଡ଼ ସଂକଟର ସମ୍ମୁଖୀନ ଥିଲା।

୧୯୯୧ ମସିହାରେ ପ୍ରଧାନମନ୍ତ୍ରୀ ଥାଆନ୍ତି ପି.ଭି. ନରସିଂହ ରାଓ ଏବଂ ଅର୍ଥମନ୍ତ୍ରୀ ଥାଆନ୍ତି ଡ. ମନମୋହନ ସିଂହ। ଆର୍ଥିକ ସାହାଯ୍ୟ ପାଇଁ ଭାରତ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ବିଶ୍ୱ ବ୍ୟାଙ୍କ୍ ଆଦି ସଂସ୍ଥାର ଦ୍ୱାରସ୍ଥ ହେଲା। ସେମାନେ ଭାରତକୁ ସହାୟତା ଦେବା ଆର୍ଥିକ ସୁଧାର ଗ୍ରହଣ କରିବାର ସର୍ତ୍ତ ରଖିଲେ। ସେଥି ମଧ୍ୟରୁ ମୁଖ୍ୟ ଥିଲା ମୁକ୍ତ ଅର୍ଥନୈତିକ ବ୍ୟବସ୍ଥା ପ୍ରଚଳନ କରିବା ଅର୍ଥାତ୍ ବିଦେଶୀ କମ୍ପାନୀମାନଙ୍କୁ ଭାରତରେ କାରବାର ପାଇଁ ଅନୁମତି ଦେବା। ଭାରତ ପାଇଁ ଏହା ଅଗ୍ନି ପରୀକ୍ଷାର ସମୟ ଥିଲା। ସମସ୍ତ ସର୍ତ୍ତକୁ ପାଳନ କରିବାର ନିଷ୍ପତ୍ତି ପଛକୁ ରଖି ଭାରତ ପ୍ରଥମେ ନିଜର ସୁନା ଭଣ୍ଡାରକୁ ବ୍ୟବହାର କରିବାକୁ ଚାହିଁଲା। ଦେଶବାସୀଙ୍କ ଅଗୋଚରରେ ୬୭ ଟନ୍ ସୁନା ବିଦେଶରେ ବନ୍ଧକ ରଖି ୬୦୫ ନିଯୁତ ଡଲାର ଆଣିଥିଲା। ଦେଶର ଘୋର ଅଭାବ ସମୟରେ ଗଚ୍ଛିତସୁନା ଦେଶର ମାନ ରଖିଥିଲା।

## ମୁଦ୍ରା କାହାଣୀ

ସାରାବିଶ୍ୱରେ ମୁକ୍ତବଜାର ବ୍ୟବସ୍ଥା ଚାଲିଥିବା ବେଳେ ଏକ ରୁଦ୍ଧଅର୍ଥନୀତିର ପରିଣାମ ଭାରତ ଭୋଗୁଥିଲା। ଦେଶ ବୈଶ୍ୱିକରଣ ପ୍ରକ୍ରିୟାରୁ ଅଲଗା ରହିବା ଅବସ୍ଥାରେ ନଥିଲା। ଦେଶର ରୁଗ୍ଣ ଅର୍ଥବ୍ୟବସ୍ଥା ପାଇଁ ଆବଶ୍ୟକ ଥିଲା ପ୍ରଚୁର ପୁଞ୍ଜି ଏବଂ ମୁକ୍ତ ବାହିର୍ବାଣିଜ୍ୟ ବା କଟକଣାମୁକ୍ତ, ଉନ୍ନତମାନର ଆମଦାନୀ-ରପ୍ତାନି ପରିବେଶ। କାତର ଭାରତର ନିରୁପାୟ ଅର୍ଥମନ୍ତ୍ରୀଙ୍କ ପାଖରେ ବନ୍ଦ କବାଟକୁ ଖୋଲିବା ଛଡ଼ା ଅନ୍ୟ ବିକଳ୍ପ ନ ଥିଲା। ପ୍ରଧାନମନ୍ତ୍ରୀ କହିଦେଲେ, 'ଏ ନିଷ୍ପତ୍ତି ଆପଣଙ୍କର। ସଫଳ ହେଲେ ଶ୍ରେୟ ସରକାରଙ୍କର। ବିଫଳ ହେଲେ ତୁମେ ସଂପୂର୍ଣ୍ଣ ଦୋଷୀ'। ସମସ୍ତ ଭାର ନିଜ ମୁଣ୍ଡରେ ନେଇ ଧୈର୍ଯ୍ୟଶୀଳ ଡ. ସିଂହ ଆରମ୍ଭ କରିଥିଲେ ଏଲ୍.ପି.ଜି. (ଲିବେରାଲାଇଜେସନ୍, ପ୍ରାଇଭେଟାଇଜେସନ୍, ଗ୍ଲୋବାଲାଇଜେସନ୍)।

ଲିବେରାଲାଇଜେସନ୍ ବା ଉଦାରୀକରଣ ପ୍ରକ୍ରିୟାରେ ଉଦ୍ୟୋଗ ଏବଂ ବାଣିଜ୍ୟକ୍ଷେତ୍ରରେ ଥିବା ଲାଇସେନ୍ସ ଓ ବିଳମ୍ବ ପ୍ରକ୍ରିୟାକୁ ଉଚ୍ଛେଦ କରାଗଲା। ପ୍ରାଇଭେଟାଇଜେସନ୍ ପ୍ରକ୍ରିୟାରେ ସରକାରୀ ଉଦ୍ୟୋଗଗୁଡ଼ିକରେ ସରକାରଙ୍କ ଅଂଶଧନକୁ ବିନିବେଶ କରାଯାଇ ଘରୋଇ କମ୍ପାନୀଙ୍କୁ ଦିଆଗଲା। ବିଭିନ୍ନ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଦେଶବିଦେଶର ଘରୋଇ କମ୍ପାନୀଙ୍କୁ ଅନୁମତି ଓ ଆର୍ଥିକ ପ୍ରୋତ୍ସାହନ ଦିଆଗଲା। ତୃତୀୟ ସୁଧାର ଥିଲା ଭାରତୀୟ ଅର୍ଥବ୍ୟବସ୍ଥାକୁ ବିଶ୍ୱ ଅର୍ଥବ୍ୟବସ୍ଥା ସହିତ ଯୋଡ଼ିବା-ଗ୍ଲୋବାଲାଇଜେସନ୍ ବା ବୈଶ୍ୱିକରଣ। ଭାରତର ଆମଦାନୀ ଶୁଳ୍କ ଅଧିକ ଥିବାରୁ ଅମଦାନୀ ଉପରେ ଖର୍ଚ୍ଚ ଅଧିକ ହେଉଥିଲା। କେବଳ ସେତିକି ନୁହେଁ। ବିଭିନ୍ନ ଜିନିଷର ଆମଦାନୀ ପରିମାଣ ସରକାର ସ୍ଥିର କରିଥିଲେ। ତାହାକୁ ମଧ୍ୟ ଉଠାଇ ଦିଆଗଲା। ଦେଶର ଔଦ୍ୟୋଗିକ ପ୍ରଗତି ପାଇଁ ଆମଦାନୀ ଉପରୁ କଟକଣା ହଟେଇବା ଅନିବାର୍ଯ୍ୟ ଥିଲା। ଏହା ଫଳରେ ଦେଶଦେଶ ଭିତରେ ଦ୍ରବ୍ୟ ଓ ସେବାର ଅବାଧ ଦେଣନେଣ ହୋଇ ପାରିଲା।

ଲୋକସଭାର ଭାଷଣ ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ଅତ୍ୟନ୍ତ ଅପମାନ ଓ ତାଚ୍ଛଲ୍ୟଭରା ମନ୍ତବ୍ୟ ଦେଇ କହିଥିଲେ – "ଏମିତି ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଭାରତ ଆସିଥିଲା, ଦେଶ ତା'ର ଦାସ ହୋଇ ଯାଇଥିଲା।" ପ୍ରଧାନମନ୍ତ୍ରୀ ଡ. ନରସିଂହ ରାଓ ମଝିରୁ ତାଙ୍କୁ ଅଟକାଇ କହିଥିଲେ ଯେ ଡ. ସିଂହ ତାଙ୍କ(ଚନ୍ଦ୍ରଶେଖରଙ୍କ) ଲୋକ। ତେଣୁ ତାଙ୍କର କାମକୁ ସମାଲୋଚନା କରିବା ଚନ୍ଦ୍ରଶେଖରଙ୍କ ପକ୍ଷରେ ଶୋଭା ପାଏନି। ଚନ୍ଦ୍ରଶେଖର ଏହାର ଉତ୍ତରରେ କହିଥିଲେ, "ଯେଉଁ ଛୁରୀ ମୁଁ ପରିବା କାଟିବା ପାଇଁ ଆଣିଥିଲି ସେ ଛୁରୀରେ ଆପଣ ହୃଦୟର ଅସ୍ତ୍ରୋପଚାର କରିବାକୁ ଯାଉଛନ୍ତି।" ପ୍ରଧାନମନ୍ତ୍ରୀ ଡ. ନରସିଂହ ରାଓ ନିରୁତ୍ତର ରହିଥିଲେ। ୧୯୯୧ ମସିହା ଜୁଲାଇ ୩ ତାରିଖରେ ଡ. ସିଂହ ଯୁଗାନ୍ତକାରୀ ବଜେଟ୍ ଉପସ୍ଥାପନ କଲେ। ୧୮୬୫୦ ଶବ୍ଦ ବିଶିଷ୍ଟ ଏହି ବଜେଟରେ ଭାରତ ଇତିହାସରେ ସବୁଠାରୁ ଅଧିକ ଶବ୍ଦ ବ୍ୟବହୃତ ହୋଇଥିଲା।

ରୁଦ୍ଧ ଭାରତୀୟ ଅର୍ଥନୀତି ନିଜର ପୁରୁଣା ଖୋଳରୁ ବାହାରି ନୂତନପୋଷାକ ପରିଧାନ କରିବାକୁ ଯାଉଥିଲା, ଦେଶର ଅର୍ଥନୀତିର ଏକ ଭିନ୍ନ ଭବିଷ୍ୟତ ରଚନା ହେବାକୁ ଯାଉଥିଲା। ସେହି ଅର୍ଥନୈତିକ ପଦକ୍ଷେପ ଯୋଗୁ ୨୦୦୮ ମସିହାର ବିଶ୍ୱମାନ୍ଦାବସ୍ଥାର ଦ୍ୱାରା ବିଶ୍ୱର ଛୋଟବଡ଼ ସମସ୍ତ ଦେଶ ଶିକାର ହୋଇଥିଲେ ମଧ୍ୟ ଭାରତ ଅଧିକ ପ୍ରଭାବିତ ହୋଇ ନଥିଲା। ମୃତପ୍ରାୟ ଅର୍ଥନୀତିକୁ ଜୀବନଦାନ କରି ଡ. ସିଂହ ଭାରତ ଇତିହାସରେ ଅଲିଭା ପୃଷ୍ଠା ହୋଇ ରହିଗଲେ। ୧୯୯୩ ଏବଂ ୧୯୯୪ ପାଇଁ ତାଙ୍କୁ ଲଗାତାର ଦୁଇଥର ପାଇଁ ଯଥାକ୍ରମେ 'ଇଉରୋମନି' ଏବଂ 'ଏସିଆମନି' ଦ୍ୱାରା 'ଫାଇନାନ୍ସ ମିନିଷ୍ଟର ଅଫ୍ ଦି ଇଅର୍' ପୁରସ୍କାର ପ୍ରଦାନ କରାଗଲା।

ଦେଶର ବିଭିନ୍ନ କ୍ଷେତ୍ରରେ ନିଆଯାଉଥିବା ନିଷ୍ପତ୍ତି ଓ ଦୁର୍ନୀତି ବିଷୟରେ ସାଧାରଣ ଲୋକଙ୍କର ଜାଣିବାର ଅବକାଶ ନଥିଲା। ଅଧିକାରୀମାନେ ଗୋପନୀୟତାର ଦ୍ୱାହି ଦେଇ ସେସବୁ ପ୍ରକାଶ କରୁନଥିଲେ। ଗଣତନ୍ତ୍ରରାଷ୍ଟ୍ରରେ ସାଧାରଣ ଲୋକ ସବୁଠାରୁ ଊର୍ଦ୍ଧ୍ୱରେ। ସେମାନେ ସରକାର ତିଆରି କରନ୍ତି। ତେଣୁ ଦେଶ ବିଷୟରେ ଜାଣିବାର ସମସ୍ତ ଅଧିକାର ସେମାନଙ୍କର ଅଛି। ଏହି ଆଦର୍ଶକୁ ଆଖିରେ ରଖି ୨୦୦୫ ମସିହାରେ ସେ ସୂଚନା ଅଧିକାର ଆଇନ ଆଣିଥିଲେ। ଏହାଦ୍ୱାରା ଯଦିଓ ଦୁର୍ନୀତି କମିନି, ସାଧାରଣ ଲୋକ ଅନେକ ବିଷୟ ଜାଣି ପାରୁଛନ୍ତି। ମନମୋହନ ସିଂହଙ୍କର ବଡ଼ ସଫଳତା ୨୦୦୬ ମସିହାର ମନରେଗା (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା)। ଗ୍ରାମାଞ୍ଚଳରେ ପୂରା ପରିବାରକୁ ନିଶ୍ଚିତ ରୋଜଗାର ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ଦୁର୍ନୀତି ଯୋଗୁ ସଂପୂର୍ଣ୍ଣ ସଫଳ ହୋଇ ନଥିଲେ ମଧ୍ୟ କୋଟିକୋଟି ଗ୍ରାମୀଣ ଲୋକ ଯେ ଏହି ଯୋଜନରେ ଉପକୃତ ହୋଇଛନ୍ତି ଏହା ନିଃସନ୍ଦେହ। ରାଜନୈତିକ ବିରୋଧ ପାଇଁ ଏନ୍.ଡି.ଏ ସରକାର ପ୍ରଥମେ ଏହାକୁ ସମାଲୋଚନା କରିଥିଲେ ମଧ୍ୟ ଯୋଜନାକୁ ବନ୍ଦ କରି ପାରିନାହାନ୍ତି। ଦେଶର ଗରିବଙ୍କ ପାଇଁ ତାଙ୍କର ଅନ୍ୟ ଏକ ଅବଦାନ ଥିଲା ୨୦୧୩ ମସିହାର ଖାଦ୍ୟ ନିରାପତ୍ତା ଆଇନ। ଦେଶର ୬୦% ଲୋକ ସେତେବେଳେ ଭୋକରେ ରହୁଥିଲେ। ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଆସିଥିବା ବିଭିନ୍ନ ଯୋଜନାରେ ଅଧିକ ବାଟମାରଣା ହେବା ଯୋଗୁ କାର୍ଯ୍ୟକ୍ରମ ନିଜର ଲକ୍ଷ୍ୟ ପୂରଣରେ ସଫଳ ହୋଇ ନଥିଲେ ମଧ୍ୟ ପୃଥିବୀର ସର୍ବବୃହତ ଏହି ଯୋଜନା ଦେଶର କୋଟିକୋଟି ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗେଇବାରେ ସଫଳ ହୋଇଥିଲା।

ଗୋଟିଏ ଦେଶର ବିକାଶ ନିର୍ଭର କରେ ଶକ୍ତି ଉପଭାଗ ଉପରେ। ସେତେବେଳେ ଦେଶର ଅନେକ ଅଞ୍ଚଳରେ ବିଜୁଳି ନଥିଲା। ଘରେଘରେ ବିଜୁଳି ପହଞ୍ଚେଇ ଭାରତର ଶକ୍ତି ଚାହିଦାକୁ ପୂରଣ କରିବା ପାଇଁ ପରମାଣୁ କେନ୍ଦ୍ର ସ୍ଥାପନ ଆବଶ୍ୟକ ଥିଲା। ସେ ଭାରତ-ଆମେରିକା ସିଭିଲ୍ ପରମାଣୁ ଚୁକ୍ତି ସ୍ୱାକ୍ଷର କରିବାକୁ ସ୍ଥିର କଲେ। ଆମେରିକା ସହିତ ଚୁକ୍ତି ସ୍ୱାକ୍ଷର କଲେ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବାକୁ ବାମପନ୍ଥୀ ଧମକ ଦେଇଥିଲେ। ଅବିଚଳିତ ମନମୋହନ ଦେଶର ସ୍ୱାର୍ଥକୁ ଆଗରେ ରଖି ଚୁକ୍ତି ସ୍ୱାକ୍ଷର କରିଥିଲେ। ଦେଶକୁ ପୁଞ୍ଜିବାଦୀ ଆମେରିକା ହାତରେ ଟେକି ଦେବାର ଅଭିଯୋଗରେ ବାମପନ୍ଥୀ ସରକାରରରୁ ସମର୍ଥନ ପ୍ରତ୍ୟାହୃତ କରିଥିଲେ ମଧ୍ୟ ମନମୋହନ ସରକାରକୁ ବଞ୍ଚେଇବାରେ ସଫଳ ହୋଇଥିଲେ। ଯେଉଁ ଆଧୁନିକ ଭାରତର ନାଗରିକ ବୋଲି ଆମେ ଆଜି ଗର୍ବ ଅନୁଭବ କରନ୍ତି, ଅର୍ଥନୈତିକ ସଂସ୍କାରର ସର୍ଦ୍ଦାର ଡ. ମନମୋହନ ସିଂହ ସେ ଶ୍ରେୟର ଅଧିକାରୀ।

# ଦୋଷ କାହାର



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ଗୁଗୁଲ୍ ମ୍ୟାପ୍ ସମସ୍ତଙ୍କ ଜୀବନର ଏକ ଅଂଶ ପାଲଟିଛି। ଗୋଟିଏ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଏହାର ବହୁଳ ବ୍ୟବହାର କରାଯାଏ। କୋଟି କୋଟି ଭାରତୀୟ ଏହାକୁ ଦୈନନ୍ଦିନ ଯାତାୟାତ ପାଇଁ ବ୍ୟବହାର କରନ୍ତି। ଏହା ସେମାନଙ୍କୁ ଯାତ୍ରା ଯୋଜନା କରିବାରେ ସାହାଯ୍ୟ କରେ। ଏଥିରେ ରାସ୍ତା, ଗଳି କନ୍ଦି ସମ୍ପର୍କରେ ସୂଚନା ରହିଛି।

ଏହା ମଧ୍ୟ ସତ ଯେ ଆଜି ଗୁଗଲ ମ୍ୟାପ୍ ଯାତ୍ରା (ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ) କ୍ଷେତ୍ରରେ ଅଗ୍ରଣୀ ଭୂମିକାରେ ରହିଛି। ଏହା ଉପରେ ଲୋକଙ୍କ ନିର୍ଭରଶୀଳତା କେତେ ମାତ୍ରାରେ ବୃଦ୍ଧି ପାଇଛି ତାହା ମଧ୍ୟ ଏଥିରୁ ଅନୁମାନ କରାଯାଇପାରେ ଯେ ଯଦି ଆପଣଙ୍କ ଝିଅ ବିଳମ୍ବିତ ରାତିରେ ବିମାନବନ୍ଦର ବା ଷ୍ଟେସନକୁ ଯାଉଛନ୍ତି କିମ୍ବା ସେଠାରୁ ବିଳମ୍ବିତ ରାତିରେ କ୍ୟାବ୍ ଯୋଗେ ଘରକୁ ଫେରୁଛନ୍ତି, ତେବେ ସୁରକ୍ଷା ପାଇଁ ଆପଣଙ୍କୁ ଆଣିବାକୁ କିମ୍ବା ଛାଡିବାର ଆବଶ୍ୟକତା ନାହିଁ। ଘରେ ବସି ଲୋକେସନ୍ ଟ୍ରାକ୍ କରାଯାଇ ପାରିବ ଏବଂ ସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଏହି ସୁବିଧା ରହିଥାଏ। ସୁରକ୍ଷା ଦୃଷ୍ଟିରୁ ଏହା ଏକ ବଡ଼ କଥା ଏବଂ ଯେଉଁମାନେ ଏହାକୁ ବ୍ୟବହାର କରନ୍ତି ସେମାନେ ଯାତ୍ରାକୁ ସହଜ କରିବା ପାଇଁ ଗୁଗୁଲ୍‌କୁ ଧନ୍ୟବାଦ ଦେବାକୁ ମଧ୍ୟ ପଛାନ୍ତି ନାହିଁ। କିନ୍ତୁ କିଛିଦିନ ତଳେ ବରେଲିରେ ଏକ ଦୁର୍ଘଟଣା ଯୋଗୁଁ ସବୁକିଛି ଓଲଟପାଲଟ ହୋଇଗଲା।

ଗୁଗୁଲ୍ ମ୍ୟାପ୍ ଆପ୍‌କୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲା। ଗୁଗୁଲ୍ ମ୍ୟାପ୍ କାହିଁକି ଭଙ୍ଗା ବ୍ରିଜ୍ ମାର୍ଗ ଦେଖାଇଲା ? ଦୁର୍ଘଟଣା ପରେ ଯେକେହି ବି ଏ ପ୍ରଶ୍ନ ପଚାରିବେ। ଏଥିରେ କୌଣସି ସନ୍ଦେହ ନାହିଁ। ବରେଲିରେ ଘଟିଥିବା ଦୁଃଖଦ ଘଟଣାକୁ ଗୁଗୁଲ୍ ମ୍ୟାପ୍ ଏଡ଼ାଇ ପାରିଥାନ୍ତା ବୋଲି ଅନେକ ଯୁକ୍ତି ବାଢ଼ିଛନ୍ତି। ଏହା ହେଉଛି ଗୁଗୁଲ୍ ମ୍ୟାପ୍‌ର ଅବହେଳା, ଯେଉଁଥିରେ ବିପୁଳ ପରିମାଣର ଉପଭୋକ୍ତାଙ୍କ ଡାଟା ସଂଗ୍ରହ କରାଯାଏ। ବର୍ଷେ ତଳେ ପୋଲଟି ଭୁଶୁଡ଼ି ପଡ଼ିଥିଲା, ଅର୍ଥାତ୍ ଏକ ବର୍ଷ ହେବ କୌଣସି ଯାତ୍ରୀ ରାସ୍ତା ବ୍ୟବହାର କରିନଥିଲେ। ଯଦି ଏପରି ହୁଏ ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଗୁଗୁଲ୍ ମ୍ୟାପ୍ ଏକ ବର୍ଷରୁ ଅଧିକ ସମୟ ଧରି ବ୍ୟବହାର ହୋଇନଥିବା ରାସ୍ତାକୁ କିପରି ସୁପାରିସ କରିପାରିବ ?ଜାତୀୟ ସଡ଼କ ସୁରକ୍ଷା ମିଶନର ମୁଖ୍ୟ ଅମିତ ଯାଦବ କହନ୍ତି, ଗୁଗୁଲ୍ ମ୍ୟାପ୍ ଦ୍ୱାରା ଭଙ୍ଗା ପୋଲ ବିଷୟରେ ସୂଚନା ଦେବା ଉଚିତ୍ ଥିଲା, ଯାହା ସମ୍ଭବତଃ ତିନୋଟି ଜୀବନ ବଞ୍ଚାଇ ପାରିଥାନ୍ତା। କିନ୍ତୁ ଏହି ମାମଲାର ଭିତରକୁ ଗଲେ ଜଣାଯାଏ , ବରେଲିରେ ଘଟିଥିବା ଦୁଃଖଦାୟକ ଦୁର୍ଘଟଣା ପାଇଁ କିଏ ସବୁଠାରୁ ବଡ଼ ଦୋଷୀ।

ଆମକୁ ବୁଝିବାକୁ ହେବ ଯେ ଗୁଗଲ ମ୍ୟାପ୍ କିପରି ବାଟ ଦେଖାଏ, କେଉଁଠାରୁ ଡାଟା ସଂଗ୍ରହ କରେ ଏବଂ ଏହା କେବେ ବିଫଳ ହେବାର ଆଶଙ୍କା ଅଛି କି ? କହି ରଖୁଛୁ ଯେ ଗୁଗୁଲ୍ ଏହାର ମାନଚିତ୍ର ସେବା ପାଇଁ ଅନେକ ଉପାୟରେ ସୂଚନା ସଂଗ୍ରହ କରିଥାଏ ଏବଂ ଏହାକୁ ଆଧାର କରି ବାଟ କହିଥାଏ। ପ୍ରଥମେ ସାଟେଲାଇଟ୍ ଫଟୋ ଜରିଆରେ ରାସ୍ତାର ଚିତ୍ର ପ୍ରସ୍ତୁତ କରାଯାଏ। ଏହାକୁ ପ୍ରସ୍ତୁତ କରିବା ପାଇଁ ଗୁଗୁଲ୍ ଆକାଶ ମାର୍ଗରୁ ଫଟୋଗ୍ରାଫି ମଧ୍ୟ ବ୍ୟବହାର କରିଥାଏ। ଟ୍ରାଫିକ୍ ସିଗନାଲ କ୍ୟାମେରା, ଜିପିଏସ୍, ୟୁଜର ଇନପୁଟ୍ ଏବଂ ଷ୍ଟ୍ରିଟ୍ ମ୍ୟାପ୍ ଜରିଆରେ ଗୁଗୁଲ୍ ଡାଟା ପ୍ରସ୍ତୁତ କରିଥାଏ। ଏହାପରେ ଗୁଗୁଲର ମ୍ୟାପ୍ ସର୍ଭିସ ସମସ୍ତ ଇନପୁଟ୍ ସହ ସମୟ ଡାଟାକୁ ବିଶ୍ଳେଷଣ କରିଥାଏ ଏବଂ ଏହାକୁ ଆଧାର କରି ବାଟ ଦେଖାଏ। ଗୁଗ୍‌ଲ୍ ମ୍ୟାପ୍ ଜିପିଏସ୍ ସିଷ୍ଟମ ଜରିଆରେ ବ୍ୟବହାରୀଙ୍କ ଅବସ୍ଥାନ ଓ ଗନ୍ତବ୍ୟ ସ୍ଥଳ ମଧ୍ୟରେ ଥିବା ମାର୍ଗକୁ ଦର୍ଶାଇଥାଏ। ଏହା ବାମ ବା ଡାହାଣକୁ ଯିବା ପୂର୍ବରୁ ଭଏସ୍ ଜରିଆରେ ୟୁଜର୍ସଙ୍କୁ ସଚେତନ ମଧ୍ୟ କରାଏ। ଏସବୁ ସମ୍ଭବ ହୋଇପାରେ କାରଣ ଗୁଗୁଲ୍ ଅନେକ ଉପାୟରେ ତଥ୍ୟ ସଂଗ୍ରହ କରେ। ରାସ୍ତାର ଗତିବିଧି ଷ୍ଟ୍ରିଟ୍ ଭ୍ୟୁ ମାଧ୍ୟମରେ ଜଣାପଡେ। ଷ୍ଟ୍ରିଟ୍ ଭ୍ୟୁ ପାଇଁ ଦାୟୀ କ୍ୟାମେରା, ଯାହା ଗୁଗୁଲ୍‌କୁ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ସୂଚନା ଦେଇଥାଏ। ଏହା ମାଧ୍ୟମରେ ରାସ୍ତାର ୩୬୦ ଡିଗ୍ରୀ ଚିତ୍ର ଗୁଗଲରେ ପହଞ୍ଚିଥାଏ। ଏସବୁ କାମ ପରେ ହିଁ ଗୁଗୁଲ୍ ଆପଣଙ୍କୁ ମ୍ୟାପ୍ ଜରିଆରେ ସୂଚନା ପଠାଇଥାଏ। ଏବେ ଘଟଣାସ୍ଥଳ ବିଷୟରେ କହିବାକୁ ଗଲେ ଯେଉଁ ପୋଲ ଉପରେ ଏହି ଦୁର୍ଘଟଣା ଘଟିଥିଲା, ସେହି ବ୍ରିଜ୍‌ର ରାସ୍ତା ପ୍ରାୟ ବର୍ଷେ ତଳେ ବନ୍ୟାରେ ଭାସିଯାଇଥିଲା। ବାସ୍ତବରେ ବଦାୟୁଁ ଜିଲ୍ଲା ଦାତାଗଞ୍ଜରୁ ବରେଲି ଜିଲ୍ଲାର ଫରିଦପୁରକୁ (ଉତ୍ତର ପ୍ରଦେଶ) ସଂଯୋଗ କରିବା ପାଇଁ ଏକ ସେତୁ ନିର୍ମାଣ କରାଯାଇଥିଲା। ୨୦୨୧-୨୨ରେ ଏହି ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୦୨୨ରେ ପୋଲ ଉପରେ ଯାନବାହନ ଚଳାଚଳ ଆରମ୍ଭ ହୋଇଥିଲା। ଏହାର କିଛି ମାସ ପରେ ବନ୍ୟା ଆସିଥିଲା ଏବଂ ୨୦୨୩ ଜୁଲାଇରେ ପୋଲର ରାସ୍ତା ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା।୨୪ ନଭେମ୍ବର ରବିବାର ସକାଳେ କାର୍‌ଟି ପୋଲ ଉପରୁ ନଦୀକୁ ଖସି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ପୂରା ଘଟଣାରେ ପିଡବ୍ଲ୍ୟୁଡି ଅଧିକାରୀଙ୍କ ଅନେକ ଅବହେଳା ରହିଛି। ଭଙ୍ଗା ପୋଲ ସତ୍ତ୍ୱେ ପିଡବ୍ଲ୍ୟୁଡି ଅଧିକାରୀମାନେ ପୋଲର ଆରମ୍ଭରୁ ଉଭୟ ପାର୍ଶ୍ୱରେ କୌଣସି ସୂଚନା ଫଳକ ଲଗାଇ ନଥିଲେ। ପୁଣି ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ନଥିଲା। ଏସବୁ ଥିଲେ ଭଙ୍ଗା ପୋଲ ବିଷୟରେ କ୍ୟାମେରା ଗୁଗୁଲ୍‌କୁ ସୂଚନା ଦେଇଥାନ୍ତା। ପିଡବ୍ଲ୍ୟୁଡି ପକ୍ଷରୁ କାହିଁକି ପୋଲର ଉଭୟ ପାର୍ଶ୍ୱରେ ଦୃଢ଼ ବ୍ୟାରିକେଡିଂ, ରିଫ୍ଲେକ୍ଟର ବୋର୍ଡ ଲଗାଯାଇ ନଥିଲା।

# ବାଘ ଶିକାର

ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ୯୭୭୮୭୬୪୩୯୪

ସାମ୍ବାଦିକତା ପାଠ କୁହେ କୁକୁର ଯଦି ମଣିଷକୁ କାମୁଡ଼େ ତାହା ଏକ ସାଧାରଣ ଖବର ହୋଇପାରେ କିନ୍ତୁ ମଣିଷ ଯଦି କୁକୁରକୁ କାମୁଡ଼େ ତାହା ଏକ ପ୍ରମୁଖ ଖବର ପାଲଟି ଯାଏ। ସେହି ଅନୁକ୍ରମରେ କିଛିଦିନ ତଳେ ନୂଆପଡ଼ା ଜିଲ୍ଲାର କୋମନା ବନାଞ୍ଚଳରେ କିଛି ଲୋକ ବାଘ ମାଂସ ଖାଇଥିବାର ଖବର ପ୍ରକାଶ ପାଇବା ପରେ ଏହା ସାଧାରଣ ଜନମାନସରେ ଭ୍ରୂକୁଞ୍ଚନ ସୃଷ୍ଟି କରିଥିଲା। ସବୁଠୁ ବଡ଼ କଥା ଥିଲା ସେମାନେ ଏହାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକୁ ଛାଡ଼ିଦେଇ ଯାଇଥିଲେ। ଏଗୁଡ଼ିକୁ ବିକି ସେମାନେ ବେଶ୍ ଦୁଇପଇସା ରୋଜଗାର କରିବା ଅପେକ୍ଷା ବାର୍‌ହା ଫାଶରେ ପଡ଼ିଥିବା ବାଘକୁ ମୁକୁଳାଇ ନିଜକୁ ଅପରାଧମୁକ୍ତ ବୋଲି ପ୍ରମାଣ କରିବାକୁ ହୁଏତ ସେମାନେ ଅଧିକ ଯୁକ୍ତିଯୁକ୍ତ ମନେ କରିଥିଲେ। ତେବେ କଥା ହେଉଛି, ବାଘ ଶିକାର ପାଇଁ କ'ଣ କେବଳ ଶିକାରୀମାନେ ଦାୟୀ ? ଯେଉଁମାନଙ୍କ ପ୍ରରୋଚନା ତଥା ପ୍ରଲୋଭନରୁ ସେମାନେ ଏହି କାମ କରିଥାଆନ୍ତି



ସେମାନେ କେତେଥର ଆଇନ୍‌ର କାଠଗଡ଼ାକୁ ସାମ୍ନା କରିଥାଆନ୍ତି ? ତା'ଛଡ଼ା ଶିକାରୀମାନଙ୍କ ଠାରୁ ଶାଗ ମାଛ ମୂଲ୍ୟରେ ଉକ୍ତ ଅଙ୍ଗପ୍ରତ୍ୟଙ୍ଗ ଗୁଡିକୁ କିଣିନେଇ ବଜାରରେ ଚଢ଼ା ଦରରେ ବିକି ମାଲେମାଲ୍ ହେଉଥିବା ତଥାକଥିତ ମଧ୍ୟସ୍ଥିମାନେ ମଧ୍ୟ ଆଇନ୍‌ର ପଞ୍ଝାରୁ ନିଜକୁ ଖସାଇ ନେବା ପାଇଁ ଅନେକ ଫନ୍ଦି ଫିକର କରିବାର ସୁଯୋଗ ପାଇଥାଆନ୍ତି ।

ଆମ ସମାଜରେ ବାଘ ଛାଲର ମହତ୍ତ୍ୱକୁ କେନ୍ଦ୍ରକରି ବିଭିନ୍ନ ଚରିତ୍ରର ଲୋକ ବାସ କରନ୍ତି। କିଛି ଲୋକ ବାଘ ଛାଲ ଉପରେ ବସି ତପସ୍ୟା କଲେ ତାହା ଅଧିକ ଫଳପ୍ରଦ ହୁଏ ବୋଲି ବିଶ୍ୱାସ କରୁଥିବା ବେଳେ ଆଉ କିଛି ବାଘଛାଲ ପିନ୍ଧିବା ବୈରାଗ୍ୟ ଓ ତ୍ୟାଗର ପ୍ରତୀକ ବୋଲି ମନେ କରି ମହାପ୍ରଭୁ ଶିବଙ୍କୁ ବାଘାମ୍ବର ବୋଲି ଅଭିହିତ କରିଥାନ୍ତି। ଅନ୍ୟ କେତେକ ଲୋକ ଘରେ ବାଘଛାଲ ରଖିବା ନିଜର ଆଭିଜାତ୍ୟର ପ୍ରତୀକ ବୋଲି ଭାବି ସେମାନେ ଉଚ୍ଚା ଦର ଦେଇ ଏହାକୁ କିଣିବା ପାଇଁ ଉଚିତ୍ ମନେ କରିଥାଆନ୍ତି। ଆଜିର ବୈଜ୍ଞାନିକ ଯୁଗରେ ମଧ୍ୟ କିଏ ବାଘଦାନ୍ତକୁ ନେଇ କିଛି ଅସାଧ୍ୟ ସାଧନ କରିବାକୁ ଚାହିଁଲାଣି ତ ଆଉ କିଏ ବାଘ ନଖକୁ ନେଇ ଗଳାର ମାଳି କଲାଣି। ଏସବୁ ମାନସିକତାର ବଶବର୍ତ୍ତୀ ଲୋକଙ୍କ ଠାରୁ କିଛି ଟଙ୍କା ପାଇବା ଆଶାରେ ଶିକାରୀର ଲୋଲୁପ ଦୃଷ୍ଟି ବାଘ ଉପରେ ପଡୁଛି ଏବଂ ଦିନକୁ ଦିନ ବାଘ ଶିକାର ବଢ଼ିଚାଲିଛି। ପୂର୍ବରୁ ବାଘମାନଙ୍କ କବଳରୁ ନିଜକୁ ବଞ୍ଚାଇବା ପାଇଁ ବାଘ ଶିକାର ହେଉଥିବା ବେଳେ ବର୍ତ୍ତମାନ କିନ୍ତୁ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ବିକି ବେଶ୍ ଦୁଇ ପଇସା ରୋଜଗାର କରିବା ଲକ୍ଷ୍ୟରେ ବାଘମାନଙ୍କୁ ମାରି ଦିଆଯାଉଛି। ଗତ ପାଞ୍ଚବର୍ଷ ମଧ୍ୟରେ ୨୭ଟି କଲରାପତରିଆ ବାଘ ଶିକାର ଏହାର ଜ୍ୱଳନ୍ତ ନିଦର୍ଶନ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ବାଘ, ଶିକାରୀ ଏବଂ ବାଘଛାଲ ପିନ୍ଧା ମଣିଷ ତିନିଟି ଭିନ୍ନ ଭିନ୍ନ ଚରିତ୍ର। ଆମେ ସମସ୍ତେ ଜାଣୁ ବାଘ ହେଉଛି ହିଂସ୍ର ବଣ୍ୟଜନ୍ତୁ। ତା' ହାବୁଡ଼ରେ ଯିଏ ପଡ଼ିବ ତା'ର ମୃତ୍ୟୁ ସୁନିଶ୍ଚିତ।ତେଣୁ ଆମେ ତାକୁ ଭୟ କରୁ ଆଉ ତା'ଠାରୁ ଦୂରେଇ ରହିବା ପାଇଁ ଚେଷ୍ଟା କରିଥାଉ। ଶିକାରୀ ପାଇଁ ବାଘ ଭୟଙ୍କର ନୁହେଁ କାରଣ ତାକୁ ବାଘକୁ କେମିତି କାବୁ କରି ମାରିହେବ ସେ କାଇଦା ଜଣା। ସିଧାସଳଖ ଭାବେ ଦେଖିବାକୁ ଗଲେ ବାଘ ଶିକାରୀର ଶତ୍ରୁ ନୁହେଁ କିମ୍ବା ତାକୁ ସିଏ ଆକ୍ରମଣ କରି ନଥାଇପାରେ । ତେବେ ତାକୁ ମାରି ଦୁଇ ପଇସା ରୋଜଗାର କରିବା ଶିକାରୀର ମୂଳ ଲକ୍ଷ୍ୟ ହୋଇଥାଏ। ଆଉ କେତେବେଳେ ବାଘକୁ ମାରି ସମାଜରେ ନିଜର ନାଁ କମେଇବା ପାଇଁ ହୁଏତ ତା'ର ଇଚ୍ଛା ଥାଇପାରେ। ସବୁଠୁ ବଡ଼ ଅବୁଝା ଚରିତ୍ର ହେଉଛି ବାଘଛାଲ ପିନ୍ଧା ମଣିଷ। ମୃତ ବାଘରୁ ମିଳୁଥିବା ଚମଡ଼ାକୁ ନ୍ୟାୟିକ ଆଧାରରେ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା କମ୍ ବରଂ ଚୋରା ଚାଲାଣ ବଜାରରେ ଉପଲବ୍ଧ ହେଉଥିବା ବାଘଛାଲ କିଣି ଅନେକ ଲୋକ  ନିଜ ନିଜର କାମନା ବାସନା ମେଣ୍ଟାଇବାକୁ  ଉଚିତ୍ ମନେ କରିଥାଆନ୍ତି । ବାଘଛାଲ ପିନ୍ଧା ବୈରାଗୀ ମଣିଷ ମାନଙ୍କ ଭିତରେ ଯେ ଏତେ ଶୁପ୍ତ କାମନା ବାସନା ରହିଥାଏ ସେଗୁଡିକର ଆକଳନ କରିବା ସାଧାରଣ ଲୋକ ପକ୍ଷରେ କଷ୍ଟକର। ଉପରକୁ ତ୍ୟାଗୀ କିନ୍ତୁ ଭିତର ଭୋଗୀ। ଯେଉଁଥି ପାଇଁ ଅନେକ ସ୍ଥାନରେ ଭଣ୍ଡ ବାବାମାନଙ୍କର କାଳିମାମୟ କାହାଣୀ ଆମ ସାମ୍ନାକୁ ଆସୁଛି। ତେଣୁ ବାଘ ଛାଲକୁ କେନ୍ଦ୍ରକରି ଆମମାନଙ୍କ ମନରେ ଥିବା ଅନେକ ଅସମାହିତ ପ୍ରଶ୍ନର ଉତ୍ତର ପାଇଁ ଅଧିକ ଅନୁସନ୍ଧିତ୍ସୁ ହେବାର ଆବଶ୍ୟକତା ରହିଛି। ନହେଲ କେବଳ ବାଘଠାରୁ ଦୂରେଇ ରହି କିମ୍ବା ଶିକାରୀମାନଙ୍କୁ ଘୃଣା କରି ଦିନ ବିତିବ ସିନା ପ୍ରକୃତ ଖଳନାୟକମାନଙ୍କ ସ୍ୱରୂପ ସବୁଦିନ ପାଇଁ ନେପଥ୍ୟରେ ରହିଯିବ। ତେଣୁ ପ୍ରତିଟି ବାଘ ଶିକାର ପଛର ଘଟଣା/କାହାଣୀ ପଦାକୁ ଆସିବା ଜରୁରି।

# ଇଂରାଜୀ ନୂଆବର୍ଷ: ମାଆ, ମାଟି ଓ ମାଉସୀ



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

ଇଂରାଜୀ ନବବର୍ଷ ଆସିବାର ଅନେକ ଆଗରୁ ବିଭିନ୍ନ ପ୍ରସ୍ତୁତି ପର୍ବ। ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା, ବଣଭୋଜିର ଆୟୋଜନ ସାଙ୍ଗସାଥୀ ବା ପରିବାର ସହିତ। ଶେଷରେ ଆସେ ବିଦାୟୀ ବର୍ଷର ଶେଷ ସନ୍ଧ୍ୟା। ଡିସେମ୍ବର ମାସର ଶେଷ ଦିବସରେ ସୂର୍ଯ୍ୟାସ୍ତ ପରେ, ଶେଷ ସନ୍ଧ୍ୟାର ଆଗମନ ପାଖରୁ ଆରମ୍ଭ ହୁଏ ଏକ ଭିନ୍ନ ପ୍ରକାରର ନାଚଗୀତ, ଭୋଜିଭାତ ସହିତ ମଦିରା ମାଉଁସ ଓ କେତେ ଆମୋଦପ୍ରମୋଦ। ଘଣ୍ଟାରେ ଠିକ୍ ରାତି ବାରଟା ବାଜିବା ପରେ ଆରମ୍ଭ ହୁଏ ଜିରୋ ନାଇଟ୍ ସେଲିବ୍ରେସନ। ହାଇ ଭଲ୍ୟୁମ୍ ଦେଶୀ ବିଦେଶୀ ମ୍ୟୁଜିକ୍‌ର ତାଳରେ ଉଦଣ୍ଡ ନୃତ୍ୟ। ସାମାଜିକ ଗଣମାଧ୍ୟମର ବିଭିନ୍ନ ପ୍ଲାଟଫର୍ମରେ, ମୋବାଇଲରେ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଆଦାନ ପ୍ରଦାନର ମହାକୁମ୍ଭ। କୋଳାକୋଳି, ହାସ୍ୟରୋଳ, ନବବର୍ଷ ମଙ୍ଗଳମୟ, ଶୁଭଙ୍କର ହେଉ ବୋଲି ବାର୍ତ୍ତାର ଆଦାନପ୍ରଦାନ। ମନରେ କେତେ ଆଶା ଉଦ୍ଦିପନା। ଆଖିରେ ଚମକ୍। ବଦଳିଯାଏ କାନ୍ଥରେ ଟଙ୍ଗା ଯାଇଥିବା କ୍ୟାଲେଣ୍ଡର, ପୁରୁଣା କ୍ୟାଲେଣ୍ଡର ଯାଏ ଡଷ୍ଟବିନ ଭିତରକୁ। ଏହି କ୍ୟାଲେଣ୍ଡର ବଦଳିବା ସହିତ କାହାର ଜୀବନଚର୍ଯ୍ୟାରେ , ଭାଗ୍ୟ ଆକାଶରେ ଆଉ କ'ଣ ବଦଳେ ସେକଥା ଏ ଅଧମକୁ ଜଣା ନାହିଁ। ଏତିକି ଜାଣିଛି ,କର୍ମ ହିଁ ଈଶ୍ୱର। ଯେମିତି କର୍ମ କରିବା, ସେମିତି ଫଳ ପାଇବା। ଜିରୋ ନାଇଟ୍ ସେଲିବ୍ରେସନ ପରେ,ରାତି ପାହିଲା ପରେ ଜୀବନ ଚାଲେ ତା'ର ନିଜସ୍ୱ ଚିରାଚରିତ ଢ଼ଙ୍ଗରେ ସମୟ ସହିତ। ପ୍ରତିବର୍ଷ ନବବର୍ଷ ଆସେ ଏମିତି ଓ ଯାଏ ପୁରୁଣା ବର୍ଷର ମାନ୍ୟତା ନେଇ।

ନୂଆବର୍ଷର ଆଗମନରେ କବିର କଲମ ଲେଖେ କେତେ ମନଛୁଆଁ କବିତା, ସାହିତ୍ୟିକ, ଭାବୁକ, ଚିନ୍ତାଶୀଳ ବିଜ୍ଞ ଜ୍ଞାନୀ ଗୁଣୀ ଲୋକମାନଙ୍କର କଲମରୁ, ପାଟିରୁ କେତେ ନୂଆ ନୂଆ କଥା ଶୁଣିବାକୁ, ପଢ଼ିବାକୁ ମିଳେ। ସମସ୍ତେ ଇଚ୍ଛା କରନ୍ତି ବର୍ଷକ ବାରମାସ ହସୁ ଋତୁରାଜ ବସନ୍ତ, ବସୁମତୀ ବସୁନ୍ଧରା ହେଉ ବିମୁଗ୍ଧ, ପ୍ରକୃତି ରାଣୀ ସଜେଇ ହେଉ ଆହୁରି ଚମତ୍କାର ଢ଼ଙ୍ଗରେ, ସ୍ନେହ, ଶ୍ରଦ୍ଧା, ଭଲପାଇବା, ସମ୍ବେଦନଶୀଳତା, ପରୋପକାର, ମାନବବାଦ ବଉଳ ଫୁଲର ବାସ୍ନାରେ ମହକି ଉଠୁ ବିଶ୍ୱ। କିନ୍ତୁ ଏସବୁ ଚିନ୍ତା ପ୍ରାୟ ଚିନ୍ତା ଭିତରେ ରହିଯାଏ। କଥା , ଚିନ୍ତା ଓ କାମରେ ଆକାଶ ପାତାଳର ଫରକ୍ ରହିଲେ, ଦେଖୁଥିବା ସ୍ୱପ୍ନ ସାକାର ହେବାର ସମ୍ଭାବନା ହିଁ ନାହିଁ। ବାସ୍ତବରେ ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଆମେ ଆଗକୁ ଚାଲୁ। ବିପଦରେ ପଡ଼ିଥିବା ଲୋକକୁ ହାତଧରି ଉପରକୁ ଉଠେଇବା ବଦଳରେ ତାକୁ କେମିତି ଆହୁରି ବିପଦ ଭିତରକୁ ଠେଲିଦେଇ ହେବ, ସେମିତି ଚିନ୍ତା ଆମ ମନ ଭିତରକୁ ଆସେ। ସମାଜରେ ସୁଧାର ଆଣିବା ସପନକୁ ସତ କରିବା ପାଇଁ ଆମର ଆନ୍ତରିକତା କେତେ ସେକଥା ମାଆ ଗଙ୍ଗା ଜାଣନ୍ତି। ଆମ ମନରେ ପରା ମେଞ୍ଚା ମେଞ୍ଚା ଅଳିଆ। ଶାଗଖିଆ ଦେଖି ପାରୁନି ପେଜଖିଆକୁ। ଅନ୍ୟର ପିଠିରେ ପାଦ ପକେଇ ଆଗକୁ ବଢିବା ପାଇଁ ଆମେ ବ୍ୟଗ୍ର। ସୀମାହୀନ ବିଶୃଙ୍ଖଳା ଓ ସ୍ୱାର୍ଥପରତାର କିଟିମିଟିଆ ଅନ୍ଧାର ସୁଡ଼ଙ୍ଗ ଭିତରେ ଗତି କରୁଛି ବିଶ୍ୱରେ ପ୍ରତିଟି ଜୀବନ। ପ୍ରତିଦିନ ନୂଆ ନୂଆ କଳଙ୍କିତ ରକ୍ତାକ୍ତ ଅଧ୍ୟାୟର ସୃଷ୍ଟି ହେଉଛି ଯାହା ଆସନ୍ତାକାଲି ସ୍ଥାନିତ ହେବ ଇତିହାସ ପୃଷ୍ଠାରେ। ମାନବବାଦର ତଣ୍ଟିଚିପି ଧରିଛନ୍ତି ପାପ, ଅନ୍ୟାୟ, ବର୍ବରତା, ନିଷ୍ଠୁରତା, କ୍ରୂରତା, ପଶୁତ୍ୱ, ବ୍ୟଭିଚାର, ଶୋଷଣ, ପାଶବିକତା ଭଳି ଗୁଣକୁ ଜାବୁଡ଼ି ଧରିଥିବା ପଶୁମାନେ। ଚିତ୍କାର କରୁଛି ମାନବବାଦ, ଠୋ ଠୋ ହସ ଶୁଭୁଛି ବର୍ବରତାର ପଶୁ ପଣିଆର। ବାଂଲାଦେଶ କଥା କୁହନ୍ତୁ, ରୁଷିଆ ୟୁକ୍ରେନ ପରିସ୍ଥିତି ହେଉ ବା ଇସ୍ରାଏଲ ପାଲେଷ୍ଟାଇନ ସମସ୍ୟା, ସବୁଠି ଆର୍ତ୍ତ ଚିତ୍କାର। ଈଶ୍ୱର କରନ୍ତୁ ୨୦୨୫ରେ ସମଗ୍ର ବିଶ୍ୱରୁ ହଟିଯାଉ ଯୁଦ୍ଧର କଳାମେଘ ଓ ଭୁଶୁଡି ଯାଇ ସମାଧି ନେଉ ମୌଳବାଦୀ ଅତ୍ୟାଚାରୀ ଆତଙ୍କବାଦୀଙ୍କ ଭିତ୍ତିଭୂମି। ଇଂରାଜୀ ନବବର୍ଷରେ ବେଦର ଓଁକାର ଝଙ୍କାର ଝଙ୍କୃତ ହେଉ ଓ ବିଶ୍ୱରେ ସବୁଆଡେ ଶାନ୍ତିର କପୋତ ଡେଣାଝାଡି ଉଡିବୁଲୁ, ବିଶ୍ୱ ନିଅନ୍ତା କାଳିଆ ସାଆନ୍ତଙ୍କ ପାଖରେ ପ୍ରାର୍ଥନା।

ଯଦିଓ ଆମ ଦେଶର ସଭ୍ୟତା ସଂସ୍କୃତି ଅନୁସାରେ ପ୍ରଥମ ଜାନୁୟାରୀ ଆମର ନୂଆବର୍ଷ ନୁହେଁ, ତଥାପି ଆମେ ଏହାକୁ ସମ୍ମାନ ଦେଉଛୁ ଓ ପାଳନ କରୁଛୁ ଖୁସି ମନରେ। ସମଗ୍ର ବିଶ୍ୱ ପାଳୁଛି,ଆମେ ବି ପାଳୁଛୁ ଇଂରାଜୀ ନବବର୍ଷ। କିଛି ଅସୁବିଧା ନାହିଁ। ବିଭିନ୍ନ ଦେଶର ସଂସ୍କୃତିର ମଳୟ ଆମ ଘରର ଝରକା ଦେଇ ଆମକୁ ଛୁଇଁଯାଉ, ମିଳନ ହେଉ ବିଭିନ୍ନ ସଭ୍ୟତା ଓ ସଂସ୍କୃତିର, କିନ୍ତୁ ଆମ ମନ ହୃଦୟ ନିଜସ୍ୱ ସଂସ୍କୃତି ସଂସ୍କାର ସଭ୍ୟତା ପାଖରୁ ଦୂରେଇ ନଯାଉ। ଖାଣ୍ଟି ସୁନାକୁ ଆଡ଼େଇ ଦେଇ ବେଙ୍ଗି ପିତ୍ତଳ ପଛରେ ଅଣନିଃଶ୍ୱାସୀ ହୋଇ ଦୌଡିବାର ମାନେ କିଛି ନାହିଁ। ସବୁ ଚକମକ କରୁଥିବା ଜିନିଷ କ'ଣ ସୁନା କି ? ନିଶ୍ଚିତ ଭାବରେ ନୁହେଁ। କଥା ହେଉଛି ଆମେ ଆମ ନିଜର ନୂଆବର୍ଷ ବି ଖୁବ୍ ଜବରଦସ୍ତ ଢ଼ଙ୍ଗରେ ପାଳନ କରିବା ଉଚିତ୍ ଯେମିତି ଇଂରାଜୀ ନବବର୍ଷ ପାଳନ କରୁଛୁ ଯାହାଫଳରେ ଆମ ପର ପିଢ଼ି ନିଜର ପ୍ରଥା ପରମ୍ପରା ନୂଆବର୍ଷ ପାଳନ କରିବା ସହିତ ଇଂରାଜୀ ନବବର୍ଷ ପାଳନ କରିବାର ମଜା ନେଇ ପାରିବେ। ଆମ ନୂଆ ବର୍ଷରେ ଘରେ ଘରେ ସୁଆଦିଆ ପଣା କରି ବୃନ୍ଦାବତୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଏ। ଚଉରା ମୂଳରେ ଘିଅ ଦିପଟିଏ ଜାଳିଦେଇ ଆମେ ମୁଣ୍ଡିଆ ମାରୁ। ଗାଁ ମନ୍ଦିରରେ ବିଶ୍ୱର ମଙ୍ଗଳ ପାଇଁ ଯଜ୍ଞର ଆୟୋଜନ ହୁଏ। ଘିଅ ଧୂପ ଝୁଣାର ମହକରେ ମହକି ଉଠେ ଭିନ୍ନ ଏକ ଭକ୍ତିଭାବର ପରିବେଶ। ଚବିଶି ଘଣ୍ଟିଆ ମହାମନ୍ତ୍ରର ଜପ ଚାଲେ। ଶହେ ଆଠ ହନୁମାନ ଚାଳିଶା ପାଠ କରାଯାଏ। ସଂପୂର୍ଣ୍ଣ ସାକାହାରୀ ଭୋଜନରେ ପେଟ ପୂରେ। ଇଂରାଜୀ ନବବର୍ଷରେ ଥାଏ ଉପଭୋଗର ଚିନ୍ତା, କିନ୍ତୁ ଆମ ନବବର୍ଷରେ ଥାଏ ତ୍ୟାଗର ମନୋଭାବ। ଇଂରାଜୀ ନବବର୍ଷରେ ମାଛ ମାଉଁସର ଭୁରି ଭୋଜନ କିନ୍ତୁ ଆମ ନିଜସ୍ୱ ନୂଆ ବର୍ଷରେ ଉପବାସ ରହି ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ନିଜ ପରିବାର ଓ ବିଶ୍ୱର ମଙ୍ଗଳ କାମନାର ଚିନ୍ତା ନିହିତ ଥାଏ। ଗୋଟେ ସଂସ୍କୃତିରେ ଏକଲାପଣ କିନ୍ତୁ ଆମ ସଂସ୍କୃତି ସଂସ୍କାରରେ ବସୁଧୈବ କୁଟୁମ୍ବକମ୍‌ର ମହାନତା। ଏଠି ନଥାଏ ମଦିରା ମାଉଁସର ବନ୍ୟା, ଥାଏ ଭଲପାଇବା, ଭାଇଚାରା, ସମ୍ବେଦନଶୀଳତା, ଆନ୍ତରିକତା ଓ ବିଶ୍ୱ ଭାତୃତ୍ୱର ନିଦର୍ଶନ। ଏମିତି ସଭ୍ୟତା ସଂସ୍କୃତି ବିଶ୍ୱରେ ଆଉ କେଉଁଠି ଅଛି କି ? ଦୁଃଖ ଓ ପରିତାପର ବିଷୟ ଏହି କି ଯେ ଆମେ ନିଜର ଗୌରବମୟ ଐତିହ୍ୟ ସଂସ୍କୃତି ସଭ୍ୟତାକୁ ଧୀରେ ଧୀରେ ଭୁଲିବା ଆରମ୍ଭ କରିଛୁ ବିଦେଶୀ ସଂସ୍କୃତି ପଛରେ ଗୋଡ଼େଇ। ଆମ ସଭ୍ୟତା ସଂସ୍କୃତି ସଂସ୍କାର ବିଶ୍ୱରେ ମହନୀୟ ଓ ଏହି ମହାନ ସଭ୍ୟତା ସଂସ୍କୃତିକୁ ଖୁବ୍ ଜୋରରେ ଛାତିରେ ଜାବୁଡ଼ି ଧରିବାର ପ୍ରୟାସ ଆମ ଭିତରେ ରହିବା ଉଚିତ୍ ବୋଲି ମନେହୁଏ। ନିଜର ନିଜତ୍ୱ ହରେଇ ପର ପାଖରେ ନିଜକୁ ସମର୍ପଣ କରିଦେବା ଅର୍ଥ ଏକ କ୍ରୀତଦାସର ଜୀବନ ଜିଇଁବା ସହିତ ସମାନ।

ମାଉସୀକୁ ଭଲପାଇବା, ପ୍ରଶଂସା କରିବାରେ କିଛି ଅସୁବିଧା ନାହିଁ କିନ୍ତୁ ନିଜ ମାଆକୁ ଭୁଲିଯାଇ ଖାଲି ମାଉସୀ ମାଉସୀ ହେଲେ, କେଉଁ ସମୟରେ ନିଜର ଅସ୍ତିତ୍ୱ ହଜିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏମିତି ସମୟ ଆସିବ ନା ଆମେ ମାଆର ହେବା ନା ମାଉସୀର। ତେଣୁ ଆମେ ସବୁବେଳେ ମନେ ରଖିବା ଉଚିତ୍ ଯେ ଆଗ ମାଆ, ମାଆ ମାଟି ଓ ପରେ ମାଉସୀ। ମାଆ ଓ ମାଟିର ମହକକୁ ଭୁଲି ଗୋଡାଣିଆ ହେଇ ଆଗକୁ ବଢିବା ଅର୍ଥ ନିଜ ହାତରେ ନିଜର ସଭ୍ୟତା ଓ ସଂସ୍କୃତିର ସମାଧି ତିଆରି କରିବା।

ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR
ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୭ | Vol. 21 No-277 | 5 JANUARY 2025 SUNDAY BHUBANESWAR | ରବିବାର, ୫ ଜାନୁଆରୀ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦




ଓଡ଼ିଶା
ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଭଦ୍ରକ(ଭାସ୍କର ନ୍ୟୁଜ): ପାଣି ପଞ୍ଚାୟତ ପକ୍ଷ ପାଳନ ଜରିଆରେ ଜଳସେଚନ, ଜଳ ସେଚନର ସଦୁପଯୋଗ, ଜଳର ସୁବଣ୍ଟନ ସମ୍ବନ୍ଧରେ କୃଷକମାନଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଗତ ଡ଼ିସେମ୍ବର ୨୨ ରୁ ଚଳିତ ଜାନୁୟାରୀ ୫ ପର୍ଯ୍ୟନ୍ତ ପାଳନ କରାଯାଉଥିବା ପାଣି ପଞ୍ଚାୟତ ପକ୍ଷର ଜିଲ୍ଲାସ୍ତରୀୟ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଅଭିମନ୍ୟୁ ସେଠୀ ଆମ ଦେଶ ଓ ରାଜ୍ୟ ଭଳି କୃଷି ପ୍ରଧାନ ମାଟିରେ ଜଳସେଚନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପାଣି ପଞ୍ଚାୟତର ସୁପରିଚାଳନା ପାଇଁ ଦେଖାଯାଉଥିବା ସମସ୍ୟାର ଆଶୁ ସମାଧାନ କରାଯାଇ ଚାଷୀମାନଙ୍କ ଜଳାଭାବ ଦୂରୀକରଣ ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପାଣି ପଞ୍ଚାୟତ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜଳସେଚନ ଜନିତ ସୁବିଧାର ଫାଇଦା ଉଠାଇ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଯୋଜନାକୁ ଫଳପ୍ରଦ କରାଇ ଚାଷୀମାନେ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟ ଓ ଦେଶର ଆର୍ଥିକ ସୁଦୃଢ଼ୀକରଣରେ ସହାୟକ ହୁଅନ୍ତୁ ବୋଲି ଜିଲ୍ଲାପାଳ ଚାଷୀମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ଜିଲ୍ଲାପ୍ରଶାସନ ଆନୁକୂଲ୍ୟରେ ସାଳନ୍ଦୀ କେନାଲ ବିଭାଜନ ଭଦ୍ରକ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଜୟ କୁମାର ମହାନ୍ତି, ସହକାରୀ କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ସହକାରୀ ମୁଖ୍ୟଯନ୍ତ୍ରୀ ଶାଳପଡ଼ା ବାବୁଲାଲ ବେହେରା ପ୍ରମୁଖ ଯୋଗ ଦେଇ ଜଳବାୟୁ ଅନୁଯାୟୀ ପାଣି ପଞ୍ଚାୟତ ଗୁଡ଼ିକର ଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସାଳନ୍ଦୀ କେନାଲ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ମଞ୍ଚ ପରିଚାଳନା କରିଥିଲେ। ଏସ୍.ଡ଼ି.ଓ. ରାଇକାନ ବେସ୍ରା ଓ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କୁ ଅପହରଣ ପରେ ହତ୍ୟା



ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ମୁକେଶ ଚନ୍ଦ୍ରକାରଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଜାନୁଆରି ୧ ତାରିଖରେ ଅଚାନକ ଗାଏବ ହୋଇଯାଇଥିଲେ ମୁକେଶ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ କୌଣସି ପତ୍ତା ପାଇନଥିଲେ । ଫୋନ୍ ସୁଇଚ୍ ଅଫ୍ ଥିବାରୁ ପରିବାର ଲୋକ ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ । ଠିକାଦାର ମାନେ ନକ୍ସଲଙ୍କୁ ବ୍ୟବହାର କରି ଅପହରଣ କରିଥାଇ ପାରନ୍ତି ବୋଲି ମୁକେଶ ଙ୍କ ଭାଇ ସୁକେଶ ପୋଲିସ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବିଜାପୁର ପୋଲିସ ତଦନ୍ତ ଆରମ୍ଭ କରିଥିଲା । ସୂଚନାଯୋଗ୍ୟ ଯେ ବିଜାପୁର ଅଞ୍ଚଳରେ କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ କାମ ଚାଲିଛି । ପୂର୍ତ୍ତ ବିଭାଗ ଦ୍ୱାରା ଶହେ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ମୁକେଶ ନିଜ ୟୁ-ଟ୍ୟୁବ୍ ଚ୍ୟାନେଲ୍ ରେ ଖବର ପ୍ରସାରଣ କରିଥିଲେ । ଖବର ପ୍ରସାରଣ ପରେ ପୂର୍ତ୍ତ ବିଭାଗ ମନ୍ତ୍ରୀ କମିଟି ଗଠନ କରି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ନିମ୍ନମାନର ଥିବା ଟିମ୍ ଅନୁଧାନ କରି ରିପୋର୍ଟ ଦେଇଥିଲା । ଯାହାକୁ ନେଇ ଠିକାଦାର ରକ୍ତମୁଖା ହୋଇ ଉଠିଥିଲେ । ଜାନୁଆରୀ ୧ ରେ ମୁକେଶଙ୍କୁ ଠିକାଦାର ଅପହରଣ କରିବା ପରେ ହତ୍ୟା କରିଥିଲେ। ଶୁକ୍ରବାର ସୁରେଶ ଚନ୍ଦ୍ରକାର ନାମକ ଠିକାଦାର ଘରେ ପୋଲିସ ଚଢ଼ଉ କରିବା ପରେ ପାଇଖାନା ଟାଙ୍କି ଭିତରୁ ମୁକେଶଙ୍କ ମୃତଦେହ ମିଳିଥିଲା । ସୂଚନା ଅନୁଯାୟୀ ତା ପରବର୍ତ୍ତୀ ତଦନ୍ତ ଚାଲୁ ରହିଥିବା ବିଜାପୁର ଏସ୍‌ପି କହିଛନ୍ତି। ଏହି ଘଟଣାରେ ଏପର୍ଯ୍ୟନ୍ତ ବିଜାପୁର ପୋଲିସ ୬ ଜଣଙ୍କୁ ଗିରଫ କରିସାରିଲାଣି। ଏହାପରେ ବି ଘଟଣାରେ ଆଉ କିଏ କିଏ ସଂପୃକ୍ତ ତାକୁ ନେଇ ତଦନ୍ତ ଚାଲିଛି। ମୁଖ୍ୟ ଠିକାଦାକୁ ହାଇଦ୍ରାବାଦରୁ କ୍ରାଇମ୍ ବ୍ରାଞ୍ଚ ଧରି ବିଜାପୁର ଆଣୁଥିବା ବେଳେ ଘଟଣା ସହ ସଂପୃକ୍ତ ତାଙ୍କ ସାନଭାଇଙ୍କୁ ରାୟପୁର ଏୟାର ପୋର୍ଟରୁ ଗିରଫ କରିଛି। ଅନ୍ୟ ୬ଜଣଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି।

# ଛାତ୍ରଙ୍କ ଦ୍ୱାରା ଚିକିତ୍ସାଳୟ ସଫେଇ




ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ମ୍ୟୁନିସପାଲିଟି ଅନର୍ଗତ ଉପଖଣ୍ଡସ୍ତରୀୟ ମୁଖ୍ୟ ଚିକିତ୍ସାଳୟ ତରଫରୁ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସକ ଡଃ ନିରାକାର ପରିଡାଙ୍କର ତତ୍ତ୍ୱାବଧାନରେ ଚିକିତ୍ସାଳୟ ପରିସର ମଧ୍ୟରେ ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ଏନସିସି କାଡେଟ୍ସ ମାନଙ୍କ ଦ୍ୱାରା ଏକ ସଫେଇ କାର୍ଯ୍ୟ ସହିତ ଏକ ସଚେତନତା ଅଭିଯାନ ହୋଇଯାଇଛି। ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସୁଜୟ କୁମାର ରାଉତରାୟଙ୍କ ନିର୍ଦ୍ଦେଶରେ ଏନସିସି ଅଫିସର ସରୋଜ କୁମାର ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ ଓ ବିଦ୍ୟାଳୟର ସାଂସ୍କୃତିକ ସଂଯୋଜିକା ଅନିତା ଧଳଙ୍କର ସହଯୋଗରେ ୫୦ ଜଣ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପିଲାମାନେ ଚିକିତ୍ସାଳୟ ସଫାକରିବା ସହ 'ସ୍ୱଚ୍ଛତା ହି ସେବା', 'ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନ' ପ୍ରଭୃତି ସ୍ଲୋଗାନ ଦେଇ ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ। ପରିବେଶ ସ୍ୱଚ୍ଛ ରଖିଲେ କିପରି ରୋଗ ଦୂରୀଭୂତ ହେବ ଏବଂ ଆମେ ନିରୋଗ ରହିବା ଏହି ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଏନସିସି କ୍ୟାଡେଟ୍ସ , ଶିକ୍ଷକ ଓ ଚିକିତ୍ସାଳୟ କର୍ମଚାରୀମାନେ ପରିବେଶକୁ ସର୍ବଦାସଫା ରଖିବା ଓ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ନକରିବା ପାଇଁ ଏକ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିକିତ୍ସାଳୟର କର୍ମଚାରୀ ଶ୍ରୀ ନୃସିଂହ ଚରଣ ଦାସ, ପ୍ରଶାନ୍ତ କୁମାର ଜେନା ଓ ଚିତ୍ତରଞ୍ଜନ ଚାନ୍ଦ ପ୍ରଭୃତି ଉପସ୍ଥିତ ରହି ପିଲାମାନଙ୍କୁ ସହଯୋଗ କରିଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କୋରାପୁଟ (ଭାସ୍କର ନ୍ୟୁଜ): ଗତ ୩୧ ତାରିଖରୁ ନିଖୋଜ ଥିବା ନନ୍ଦପୁର ବ୍ଲକ କସମପଦର ଗାଁର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଯୁବକ ଜଣକ ହେଲେ ଭକ୍ତରାମ ହନ୍ତାଳ (୩୯)। ଗାଁ ନିକଟସ୍ଥ ନଦୀରୁ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି । ପାଡୁଆ ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ଗତ ଡିସେମ୍ବର ୩୧ ତାରିଖ ଭକ୍ତରାମ ହନ୍ତାଳ ଶୌଚ ପାଇଁ ଘରୁ ବାହାରିଥିଲେ। କିନ୍ତୁ ବହୁ ସମୟ ପରେ ମଧ୍ୟ ଭକ୍ତରାମ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇନଥିଲେ। ଭକ୍ତରାମ ନିଖୋଜ ଥିବା ନେଇ ତାଙ୍କ ପତ୍ନୀ ବାସନ୍ତି ହନ୍ତାଳ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ କସମପଦର ଗାଁ ନିକଟସ୍ଥ ନଦୀରେ ଏକ ମୃତଦେହ ଭାସୁଥିବା ଖବର ପାଇ ଭକ୍ତରାମଙ୍କ ପରିବାର ଲୋକ ପଂହଚିଥିଲେ । ମୃତକ ଜଣଙ୍କ ଭକ୍ତରାମ ବୋଲି ପରିବାର ଲୋକ ଚିହ୍ନଟ କରିବା ପରେ ପାଡୁଆ ପୋଲିସ ଓ ନନ୍ଦପୁର ଅଗ୍ନିଶମ ବିଭାଗକୁ ଖବର ଦେବାପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଂଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଶୌଚ ପାଇଁ ଯାଇଥିବା ଭକ୍ତରାମଙ୍କ ମୃତଦେହ ନଦୀରୁ ଉଦ୍ଧାର ହେବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଭକ୍ତରାମଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି ।

# ଏସ୍‌ବିଆଇ କର୍ମଚାରୀଙ୍କୁ ନୂତନ ବର୍ଷର ଅଭିନନ୍ଦନ




ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ ଏସ ୟୁ ଜେ ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ତଥା ଏସ ୟୁ ଜେ ର ଉପଦେଷ୍ଟା ଅଖୟ କୁମାର ବିଶ୍ୱାଳ ଓ ବ୍ରଜବନ୍ଧୁ ଦାଶଙ୍କ ଆହ୍ୱାନ କ୍ରମେ ଏସୟୁଜେ ସଂଘର ସଭାପତି ଉପେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲା ଏସୟୁଜେ ଉପସଭାପତି ସଞ୍ଜୟ କୁମାର ପଣ୍ଡାଙ୍କ ସୁସମ୍ପର୍କ ସ୍ଥାପନ କରିବାର ମିଳିତ ପ୍ରୟାସ ଓ ସହଯୋଗରେ ସମସ୍ତ ସକ୍ରିୟ ଏସୟୁଜେ ସାମ୍ବାଦିକ ପଟ୍ଟାମୁଣ୍ଡାଇ କୋର୍ଟ ପାଖରୁ ବାହାରି ପଟ୍ଟାମୁଣ୍ଡାଇ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଅଶୋକ କୁମାର ରାଉତ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପଟ୍ଟାମୁଣ୍ଡାଇର ଦୁଇ କାର୍ଯ୍ୟରତ କର୍ମଚାରୀ ବିଶ୍ୱରଞ୍ଜନ ପଟ୍ଟନାୟକ, ସ୍ୱାତିକ ସନ୍ଧିପାଣି ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ତତ ସହିତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଆରକ୍ଷୀ ଅଧିକ୍ଷ୍ୟକ କ୍ଷମାସାଗର ପଣ୍ଡା ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇସ. ସୁଶାନ୍ତ କୁମାର ସାହୁ ଓ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଓ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ହରିହର ଦଳାଇଙ୍କୁ ଏସୟୁଜେ ସଂଘର ସମସ୍ତ ସାମ୍ବାଦିକ ବନ୍ଧୁ ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସଂଘର ସଭାପତି ଉପେନ୍ଦ୍ର ନାୟକ ଓ ଜିଲ୍ଲା ସଂଘର ଉପସଭାପତି ସଞ୍ଜୟ କୁମାର ପଣ୍ଡା ଅଞ୍ଚଳର ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ପଟ୍ଟାମୁଣ୍ଡାଇରେ ବିଭିନ୍ନ ଉଚ୍ଚ ପଦସ୍ଥକର୍ମଚାରୀଙ୍କ ସହିତ ଉପସ୍ଥିତ ସାମ୍ବାଦିକ ସଂଘ ବନ୍ଧୁ ମାନଙ୍କ ଉପସ୍ଥିତିରେ ଜନସାଧାରଣଙ୍କ ଉନ୍ନତି ପାଇଁ ଆଗକୁ ବହୁ କାର୍ଯ୍ୟ କରିବା ପାଇଁ ଆଲୋଚନା କରିଛନ୍ତି। ସଂଘର ଏଭଳି ତ୍ୱରିତ ପଦକ୍ଷେପ ପାଇଁ ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ସମେତ ସମସ୍ତ ବୁଦ୍ଧିଜୀବୀ. ଶିକ୍ଷାବିତି, ଜ୍ଞାନୀ ବିଦ୍ୱାନ ସାଧାରଣ ଜନତା ଏସୟୁଜେ ସଂଘର ସମସ୍ତ ସାମ୍ବାଦିକ ବନ୍ଧୁଙ୍କୁ ଶୁଭେଚ୍ଛା.ନୂତନ ବର୍ଷର ଅଭିନନ୍ଦନ ଦେବାସହ ଭୂୟସି ପ୍ରଶଂସା କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଏସୟୁଜେ ସାମ୍ବାଦିକ ସଂଘର ଉପସଭାପତି ସଞ୍ଜୟ କୁମାର ପଣ୍ଡା ପଟ୍ଟାମୁଣ୍ଡାଇ ଆଇଆଇସି ସୁଶାନ୍ତ ସାହୁଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇଥିଲେ।

## ନୂତନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଡ୍ରାଇଭିଂ ଟେଷ୍ଟିଂ ଉଦ୍‌ଘାଟିତ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମା ଠାରେ ନୂତନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଡ୍ରାଇଭିଂ ଟେଷ୍ଟିଂକୁ ମନ୍ତ୍ରୀ ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣିଜ ବିଭାଗ ବିଭୂତି ଭୂଷଣ ଜେନାଙ୍କ କର କମଳରେ ଉଦଘାଟିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରୁତୁରାଜ ଓ ଆର ଟି ଓ ଶିଶିର କୁମାର ସାହୁ, ଏମ ଭି ଆଇ ପ୍ରଶାନ୍ତ କୁମାର ଦାଶ, ଟି ଆଇ ଶିବାନୀ ମାଝୀ,ରବି ନାରାୟଣ ସାହୁ, ସିଲୁ ଭୁଟିଆ, ପଙ୍କଜ କୁମାର ନାୟକ, ସସାଙ୍ଗ ଶେଖର ସାହୁ, ଅନିଲ ମହାରଣା, ବିରାଜ ବଡ଼ ନାୟକ, ପର୍ସନାଲ ଆସିଷ୍ଟାଣ୍ଟ ମହେନ୍ଦ୍ର କୁମାର ପଣ୍ଡାଙ୍କ ସମେତ କନ୍ଧମାଳ ଜିଲ୍ଲା ବିଜେପି ସକ୍ରିୟ କର୍ମୀ ରମେଶ ଚନ୍ଦ୍ର ମହାନ୍ତି, ନେତ୍ର ମାନସେଠ୍, ଅମୀୟ ଦାଶ, ମୁକ୍ତିକାନ୍ତ ମହାନ୍ତି, ପରେଶ ମହାପାତ୍ର,ସାଂସଦ ପୌର ପରିଷଦ ପ୍ରତିନିଧି ଜଗନ୍ନାଥ ସାହୁ,ପୂର୍ବତନ ବିଧାୟକ ମନୋଜ ପ୍ରଧାନ,ତପନ ପାଢୀଙ୍କ ସମେତ ବିଜେପିର ସଦସ୍ୟମାନେ ଉପସ୍ଥିତ ରହି ସାର୍ତ୍ତାଗୁଡା ଠାରେ ଥିବା ଅଟୋମେଟିକ ଡ୍ରାଇଭିଙ୍ଗ ଟେଷ୍ଟିଂ, ଓଏସ୍‌ଆର୍ ଟିସି ଡିପୋ ମଧ ଉଦଘାଟନର ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହାଦ୍ୱାରା ଚାଳକମାନଙ୍କ ପାଇଁ ସମସ୍ତ ସୁବିଧା ହେବା ସହିତ, ପରିବହନ ସେବା ଜନସାଧାରଣଙ୍କ ଯାତ୍ରା ସୁବିଧାରେ ହୋଇ ପାରିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

# ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଉଠାଦୋକାନୀ




ଛତ୍ରପୁର (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ମକ୍ଷ ତାରାତାରିଣୀ ପୀଠ ପାଦଦେଶରେ ରାଇପୁର ଓ ଗୋବିନ୍ଦପୁର ଗ୍ରାମର ପ୍ରାୟ ୯୫ ପ୍ରତିଶତ ଲୋକ ଗରିବ ତଥା ଦିନ ମଜୁରିଆ ଭାବେ ଅତି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ମା' ତାରାତାରିଣୀଙ୍କ ପାଦଦେଶରେ ଦୋକାନ କରି କେତେକ ଶିକ୍ଷିତ ବେକାର ଯୁବକ, ମହିଳା, ବିଧବା ମହିଳା ନିଜ ନିଜର ପରିବାରର ଗୁଜୁରାଣ ମେଣ୍ଟାଉଥିବା ବେଳେ ସେମାନଙ୍କ ଉପରେ ହେଉଥିବା ଦୌରାତ୍ମ୍ୟ ଓ ଅବିଚାରର ଆଶୁ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ ନିମନ୍ତେ ଏମାନେ ନିବେଦନ କରିଛନ୍ତି। ମା'ଙ୍କ ସେବକମାନଙ୍କର ଗୃହିଣୀମାନଙ୍କ ପାଇଁ ସ୍ଥାୟୀ ଭୋଗ ଦୋକାନ ପ୍ରଦାନ କରାଯିବା ଓ ଅନ୍ୟ ଜାତି ପ୍ରତି ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ ହୋଇଛି । ସେହିପରି ମା'ଙ୍କ ପାଦଦେଶରେ ବସ୍ ?ଷ୍ଟାଣ୍ଡ ନିକଟରେ ଦୋକାନ କରିଥିବା ଅନ୍ୟ ଜାତିର ଲୋକଙ୍କ ପ୍ରତି ସେବକ ସମାଜର ମହିଳା ଓ ଯୁବକମାନେ ଯେଉଁ ଅକଥନୀୟ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ତାହା ପୋଲିସ ପ୍ରଶାସନ ଦେଖି ନୀରବ ରହିବା ଓ ସେମାନଙ୍କୁ ଗୁରୁତ୍ୱ ଦେଇ ଅନ୍ୟମାନଙ୍କୁ ଉଠାଇଦେବା ଘଟଣାକୁ ନିନ୍ଦା କରାଯାଇଛି। ବସ୍ ?ଷ୍ଟାଣ୍ଡର ଚତୁଃପାର୍ଶରେ ଯେପରି ଉଠାଦୋକାନ ସମସ୍ତେ କରିପାରିବେ, ସେଠାରେ ଦୋକାନିମାନେ ଶୃଙ୍ଖଳିତ ଭାବେ ରହି ନିଜ ନିଜର ବ୍ୟବସାୟ କରିବାର ସୁଯୋଗ ପାଇପାରିବେ ସେନେଇ ଦୋକାନୀମାନେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେବା ସହ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି ।

# ବଡବାଗ ଗାଁରେ ଅଘଟଣ: ବାଣ ବିସ୍ଫୋରଣରେ ୨ ମୃତ, ଏକାଧିକ ଗୁରୁତର



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ପୌରାଞ୍ଚଳ ବଡବାଗ ଗାଁର ମିଲ ଛକ ଠାରେ ବାଣ ଭିଡ଼ିବା ସମୟରେ ବାଣ ବିସ୍ଫୋରଣରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ରାଜୁ ଦାସଙ୍କର ବାଣ ବିସ୍ଫୋରଣରେ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପତ୍ନୀ ଛାତ ଘର ଭାଙ୍ଗି ଯିବାଦ୍ୱାରା ଛାତ ତଳେ ଚାପି ହୋଇ ମୃତ୍ୟୁ ବରଣ କରିଛନ୍ତି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରିରହିଛି । ରାଜୁ ଦାସଙ୍କ ସାନଭାଇ ପେଜୁ ଦାସ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ କ୍ଷତ ବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବର ନେବାରେ ଜଣାଯାଇଛି ବାଣ ଭିଡୁଥିବା ବେଳେ ହଠାତ ବିସ୍ଫୋରଣ ହୋଇଥିଲା ।ଯେଉଁ ଘରେ ବାଣ ଭିଡୁଥିଲେ ସେ ଛାତ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଘଟଣା ସ୍ଥଳରେ ରାଜୁ ଦାସ ଏବଂ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଛି । ଅଗ୍ନିଶମ ବାହିନୀ ଏବଂ ପୋଲିସ ପ୍ରଶାସନ ସହ ଉଦ୍ଧାର କାର୍ଯ୍ୟ ଚାଲୁଅଛି । ତେବେ ଏଠାରେ ପ୍ରଶ୍ନ ଉଠେ ଯେ ଆଜି ପର୍ଯ୍ୟନ୍ତ କିଭଳି ଭାବେ ପ୍ରଶାସନ ଏଭଳି ଏକ ବେଆଇନ କାର୍ଯ୍ୟକୁ ନଜର ଅନ୍ଦାଜ୍ କରି ଚୁପ୍ ହୋଇ ବସିରହିଥିଲେ ।ଏବେ ସାଧାରଣରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତକାଲି ରାତିରେ ଅଘଟଣ ଘଟିଲା ପରେ ପ୍ରଶାସନ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇବାର ବ୍ୟବସ୍ଥା ଗ୍ରହଣ କରିଥିବା ବେଳେ ଛାତ ତଳେ ଚାପିହୋଇ ରହିଥିବା ଦୁଇ ଜଣଙ୍କୁ ଅକ୍ଲାନ୍ତ ପରିଶ୍ରମ ବଳରେ ମୃତକଙ୍କୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ତେବେ ଆଜି ସକାଳୁ ସାଇଣ୍ଟିଫିକ ସ୍କ୍ୱାର୍ଡ ଆସି ତାର ତଦନ୍ତ ଚଳାଇଛନ୍ତି। ମାନ୍ୟବର ବିଧୟକଙ୍କ କ୍ଷେତ୍ର ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏଭଳି ବିସ୍ଫୋରଣ ହେଲାଯେ ସାରା ଅଞ୍ଚଳକୁ ଦୋହଲାଇ ଦେଲା। ଏପର୍ଯ୍ୟନ୍ତ କେହି ସଠିକ୍ ତଥ୍ୟ ପ୍ରଦାନ କରୁ ନଥିବାରୁ ସାଧାରଣ ଜନତା ଦ୍ୱନ୍ଦରେ ଅଛନ୍ତି।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଚଳିତ ଖରିଫ ୨୦୨୪-୨୫ ବର୍ଷ ନିମନ୍ତେ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୬.୩୦ ଘଟିକା ସମୟରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଯୋଗଦେଇ ମନ୍ତ୍ରୀ, ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ, ଜଗତସିଂହପୁର, ଅମରେନ୍ଦ୍ର ଦାସ, ବିଧାୟକ, ତିର୍ତ୍ତୋଲ, ଡ ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଅଦିନିଆ ବର୍ଷା ହେତୁ ଜିଲ୍ଲା ର ବିଭିନ୍ନ ସ୍ଥାନରେ ଧାନର ଅମଳ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ, ଜିଲ୍ଲା ରେ ଧାନ ସଂଗ୍ରହ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଦିନକୁ ଘୁଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ମଣ୍ଡି ରେ ଧାନର ମାନ ନିର୍ଦ୍ଧାରଣ ସମୟରେ ଧାନର ସ୍ଥିତି ଅନୁଧାନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପ୍ରଥମେ ଜିଲ୍ଲା କୃଷି ଅଧିକାରୀଙ୍କୁ ଜିଲ୍ଲାରେ ଧାନ ଅମଳ ଏବଂ ଅଦିନିଆ ବର୍ଷା ଯୋଗୁଁ ହୋଇଥିବା ଫସଲ କ୍ଷୟ ସମ୍ପର୍କରେ ପଚାରିଥିଲେ। କୃଷି ଅଧିକାରୀଙ୍କ ମତାମତ ପରେ ବୈଠକରେ ଉପସ୍ଥିତ ବରିଷ୍ଠ ଅଧିକାରୀ, ଚାଷୀ ଏବଂ ମିଲରମାନଙ୍କ ଠାରୁ ମଧ ସେମାନଙ୍କର ମତ ନେଇଥିଲେ। ପରେ ସର୍ବ ସମ୍ମତି କ୍ରମେ ପୂର୍ବରୁ ରଘୁନାଥପୁର, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକ୍ ପାଇଁ ନିର୍ଦ୍ଧାରିତ ହୋଇଥିବା ଜାନୁଆରୀ ୮ ପରିବର୍ତ୍ତେ ଜାନୁଆରୀ ୧୭ ତାରିଖ ଏବଂ ଜଗତସିଂହପୁର, ନାଉଗାଁ, ବିରିଡି, ବାଲିକୁଦା ଓ ଏରସମା ବ୍ଲକ୍ ରେ ଧାର୍ଯ୍ୟ ହୋଇଥିବା ଜାନୁଆରୀ ୧୫ ତାରିଖ ପରିବର୍ତ୍ତେ ଜାନୁଆରୀ ୨୧ ତାରିଖକୁ ଅନୁମୋଦିତ କରିଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ବିଆଇ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର




ମାଲକାନଗିରି (ଭାସ୍କର ନ୍ୟୁଜ): ଶୁକ୍ରବାର ପି.ଏମ୍.ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ମାଲକାନଗିରି ଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଗୋଟିଏ ଏକ ଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ୯୦ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମଟିର ଆୟୋଜନ କରାଯାଇଥିଲା । 'ଜାନକାରି ବନାୟିଏ-ସତର୍କ ରହିଏ' ଏହି ନାରାକୁ ନେଇ ଛାତ୍ରଛାତ୍ରୀଙ୍କ ଭଳି କୋମଳ ବୟସରୁ ପିଲାମାନେ କିପରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବେ ସେଥିପାଇଁ ସଞ୍ଚୟ ବିନିଯୋଗ ଆଦି ବହୁ ବିଷୟ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମଟିରେ ଦୁଇ ଶହରୁ ଅଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ସଞ୍ଚୟ ବିନିଯୋଗ ଆଦି ବହୁ ଦିଗରେ ଜ୍ଞାନ ଲାଭ କରି ଆନନ୍ଦିତ ହୋଇଥିଲେ । ଜବାହର ନବୋଦୟ ବିଦ୍ୟାଳୟ, ମାଲକାନଗିରି, ଅଧ୍ୟକ୍ଷ, ଶ୍ରୀ ଅରବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟିରେ ମୁଖ୍ୟ ଅତିଥି ରୂପେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରରୁ ଆଗତ ଶ୍ରୀ ନୀଳାଞ୍ଚଳ ସୁବୁଦ୍ଧି, ମୁଖ୍ୟବକ୍ତା ରୂପେ ଶ୍ରୀ ଚକ୍ରଧର ନାଏକ (ଏଲ୍.ଡି.ମ୍ ,ଏସ୍.ବି. ଆଇ, ମାଲକାନଗିରି ), ସମ୍ମାନିତ ଅତିଥି ରୂପେ ହୀରାନାଥ ପଣ୍ଡା (ଏଫ୍.ଏଲ୍.ସି, ଏସ୍.ବି.ଆଇ, ମାଲକାନଗିରି) ଏବଂ ସରକାରୀ ମହାବିଦ୍ୟାଳୟ, ମାଲକାନଗିରି ବାଣିଜ୍ୟ ବିଭାଗର ମୁଖ୍ୟ ଅଧାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇଥିଲେ । ବିଦ୍ୟାଳୟର ଇଂରାଜୀ ଶିକ୍ଷିକା ଅନ୍ୱେଷା ଭରଦ୍ୱାଜ କାର୍ଯ୍ୟକ୍ରମଟିରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର କଳା ଶିକ୍ଷିକା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ କର୍ମକର୍ତ୍ତାଙ୍କ ତରଫରୁ ପିଲାମାନଙ୍କୁ ନୋଟବୁକ୍,ପେନ୍ ଓ ଜଳଖିଆ ପ୍ୟାକେଟ୍ ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ କନିଷ୍ଠ ରେଡକ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଡିଏନ ହାଇସ୍କୁଲ ପ୍ରାଙ୍ଗଣରେ ୩୪ତମ ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୦୮ ଟି ବିଦ୍ୟାଳୟରୁ ୨୩୫ ଜଣ ଜେଆରସି ସ୍ୱେଚ୍ଛାସେବୀ, ୧୦୮ଜଣ ଜେଆରସି କାଉନସିଲର ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ଶାରୀରିକ ଶିକ୍ଷାଅଧିକାରୀ ଫକୀର ମୋହନ ମହାନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ଆକାଶବାଣୀ କେନ୍ଦ୍ର ସହନିର୍ଦ୍ଦେଶକ ଆତମେଶ୍ୱର ଝା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସମାଜ ସେବା ଦ୍ୱାରା ହିଁ ମାନବ କଲ୍ୟାଣ ସାଧିତ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ରେଡକ୍ରସ ହିଁ ଉପଯୁକ୍ତ ମାଧମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ କହିଲେ ଯେ ରେଡକ୍ରସ ପୃଥିବୀର ସବୁ ପ୍ରାନ୍ତରେ ନିଜର ଉପସ୍ଥିତି ଜାହିର କରି ମାନବ ସେବା ନିରବିଚ୍ଛିନ୍ନ ଭାବେ କରିଚାଲିଛି। ପୃଥିବୀର ଏକମାତ୍ର ସଂସ୍ଥା ଯେକି ଦୁଇଥର ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛି। ଡିଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଶିକ୍ଷାନବିଶମାନେ ଶିକ୍ଷା ସହିତ ସେବା ପାଇଁ ବ୍ରତୀ ହେବାକୁ ଆହ୍ୱାନ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ଶ୍ରୀ ବାରିକ କହିଲେ ଯେ ଶିକ୍ଷାମଣ୍ଡଳରେ ନିୟମିତ ଭାବେ ଶିକ୍ଷା ସହିତ ଅନ୍ୟାନ୍ୟ ଶିକ୍ଷଣୀୟ ଉପାଦେୟ କାର୍ଯ୍ୟକ୍ରମ କରାଯାଇ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି କରାଯାଇ ପାରୁଛି। ଜୁନିଅର ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରକଳା, ତର୍କ ପ୍ରତିଯୋଗିତା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା। ଉଦଘୋଷିକା ସମୟଶ୍ରୀ ଚାଟର୍ଜି କାର୍ଯ୍ୟକ୍ରମ ପରିଚାଳନା କରିଥିବେଳେ, ପ୍ରଶାନ୍ତ ପରିଡା, ସଂଯୁକ୍ତା ନାଥ, ପ୍ରଫୁଲ୍ଲ ଘୋଷ,ପ୍ରଦୀପ ବାରିକ, ତପନ କୁମାର ପଣ୍ଡା,ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# କ୍ଷତିଗ୍ରସ୍ତ ଆଖୁଚାଷ ଅଞ୍ଚଳ ପରିଦର୍ଶନ କଲେ ଚିନି ଶିଳ୍ପ ପରିଚାଳନା ପରିଷଦ ସଭାପତି



ଆସିକା(ଭାସ୍କର ନ୍ୟୁଜ): ଭଞ୍ଜନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ହାତୀ ପଲ ନଷ୍ଟ କରିଦେଇଥିବା ଆଖୁ ଓ ଆଖୁ ଚାଷ ସ୍ଥଳୀ ପରିଦର୍ଶନ କରିଛନ୍ତି ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଆଖୁ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳ ପରିଦର୍ଶନ ସହିତ ବନବିଭାଗ ତୁରନ୍ତ କ୍ଷୟ କ୍ଷତି ଅକଳନ କରି ଶୀଘ୍ର ସହାୟତା ପ୍ରଦାନ କରିବା ପାଇଁ କହିଛନ୍ତି। ବନବିଭାଗ ଦ୍ୱାରା ଯେଉଁ ସହାୟତା ଚାଷୀ ମାନଙ୍କୁ ପ୍ରଦାନ କରୁଛନ୍ତି ତାହା ଅତି ସ୍ୱଳ୍ପ ଅଟେ ତେଣୁ ସେହି ସହାୟତା ରାଶିଙ୍କୁ ବୃଦ୍ଧି କରିବା ସହ ରାଜ୍ୟ ସରକାର ଆଖୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ମଧ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ସହାୟତା ଯୋଗାଇଦେବା ପାଇଁ ଆଲୋଚନା କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ପ୍ରକାଶ ଥାଉକି ଆସିକା ସମବାୟ ଚିନି ଶିଳ୍ପ କାରଖାନାକୁ ଚିନି ଉତ୍ପାଦନ ପାଇଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ହଜାର ଟନ ଆଖୁ ଆସିଥାଏ। ଦୀର୍ଘ ବର୍ଷ ହେବ ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମରେ ଆଖୁ ଫସଲ ଚାଷ କରାଯାଇଥାଏ। ଚଳିତ ବର୍ଷ ମଧ ମୁଜାଗଡ଼ ପଞ୍ଚାୟତ,ଗୁରୁଣ୍ଡିବାଡି ପଞ୍ଚାୟତ, ସାନକୋଦଣ୍ଡା ପଞ୍ଚାୟତର ନିଧିଆପଲ୍ଲୀରେ ୪ ଏକର,ଜୟ ମଙ୍ଗଳରେ ୩ ଏକର,ଜଉମୁଣ୍ଡିଆ ରେ ୧ ଏକର,ଗୁରୁଣ୍ଡିବାଡ଼ି ରେ ୧୨.୮୦ ଏକର,ଖଣ୍ଡିକୋଟରେ ୫ ଏକର,ବାଡ଼ିଆ ଗାଆ ରେ ୬ ଏକର ଆଖୁ ଚାଷ କରାଯାଇଥିଲା। ହେଲେ ଚଳିତ ବର୍ଷ ୩୬ ପଟିଆ ଓ ୨୨ ପଟିଆ ହାତୀପଲ ଆଖୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ବର୍ତ୍ତମାନ ଆଖୁ ପେଡା ଆରମ୍ଭ ହେବାକୁ ଆଉ ମାତ୍ର ୧୦ଦିନ ଥିଲା ବେଳେ ବର୍ତ୍ତମାନ ବିଲରେ ଆଉ ଆଖୁ ନାହିଁ ତେଣୁ ଆଖୁ ଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ଆଖୁ ଚାଷୀମାନେ ଚାଷ ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ଓ ଜାତୀୟ ବ୍ୟାଙ୍କ୍ ମାଧମରେ ଆଖୁ ଚାଷ ପାଇଁ ଋଣ ନେଇ ବର୍ତ୍ତମାନ ହତାଶ ହୋଇ ବସିଛନ୍ତି । ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ ଆଗାମୀ ଋତୁରେ ଆଖୁ ଚାଷ ହେବା ନେଇ ସଂପୂର୍ଣ୍ଣ ଆଶଙ୍କା ରହିଅଛି। ଭଞ୍ଜନଗର ବ୍ଲକରେ ଚାଷୀ ମାନଙ୍କର ଆଖୁ ଚାଷ ପାଇଁ ଜଳ ଅଭାବ ସହିତ ବନ୍ୟଜନ୍ତୁ ଆକ୍ରମଣ ଦ୍ୱାରା ଆଖୁ ଚାଷ ଆଗାମୀ ଦିନ ମାନଙ୍କ ରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା କରି ଆଜି ଚିନି ଶିଳ୍ପ ପରିଚାଳନା ସଭାପତି ଙ୍କ ସମେତ ଏକ ଟିମ ପରିଦର୍ଶନ କରି ଆଗାମୀ ଦିନରେ ଚାଷୀ ମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବ ପାଇଁ ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

# ଅଧିକାଂଶ ପଞ୍ଚାୟତକୁ ଗଡୁନି ଗ୍ରାମୀଣ ପରିବହନ ସେବା



ବସ୍ ଷ୍ଟପ୍ ସାଜିଛି
ଅସାମାଜିକ ଆଡ଼ାସ୍ଥଳୀ

ଧାମନଗର(ଭାସ୍କର ନ୍ୟୁଜ): ପୂର୍ବତନ ରାଜ୍ୟ ସରକାର ଗ୍ରାମାଞ୍ଚଳର ମହିଳା ଓ ପୁରୁଷ ମାନେ ବ୍ଲକକୁ ଆସିବା ପାଇଁ ଲକ୍ଷ୍ମୀ ବସ ଯୋଜନାରେ ବସ ସେବା ଯୋଗାଇ ଦେଇଥିଲେ। ସେଥିରେ ମହିଳାଙ୍କ ପାଇଁ ୫ ଟଙ୍କା ଓ ପୁରୁଷ ଙ୍କ ପାଇଁ ୧୦ ଟଙ୍କା ବସ ଟିକେଟ ଧାର୍ଯ୍ୟ କରାଯାଇଛି। ପଂଚାୟତ ହେଡ କ୍ୱାର୍ଟର ଠାରୁ ବ୍ଲକ ହେଡ କ୍ୱାର୍ଟରକୁ ଏହି ବସ ଯାଉଛି। ପ୍ରକାଶ ଥାଉକି ଧାମନଗର ବ୍ଲକରେ ମୋଟ୍ ୩୭ ଟି ବସ ଷ୍ଟପ ନିର୍ମାଣ ହେବାକୁ ଯୋଜନା ହୋଇଥିଲା। ନୂଆ ବସଷ୍ଟପ ଲାଗି ୫ ଲକ୍ଷ ୩୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ସେହିପରି ୪ ଟି ବସଷ୍ଟପକୁ ମରାମତି କରାଯିବା ପାଇଁ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ଧାମନଗର ବ୍ଲକର ୩୧ ଟି ପଞ୍ଚାୟତରେ ବସ ଷ୍ଟପ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା ସେଥି ମଧ୍ୟରୁ ସମସ୍ତ ପଂଚାୟତରେ ପାଖାପାଖି ବସଷ୍ଟପ ସରିଯାଇ ଥିବାବେଳେ ତିନି ରୁ ଚାରୋଟି ପଂଚାୟତରେ ଅଧା କାମ ହୋଇ ରହିଛି। ସେହିପରି ମୁସ୍ତାଫାପୁର ଓ ଦୋବଲ ପଂଚାୟତ ଇଟା ଖଣ୍ଡେ ବି ଯୋଡ଼ା ଯାଇନି। ତେବେ ରାଜ୍ୟର ମୋହନ ସରକାର ଦାୟିତ୍ୱ ନେବାପରେ ଲକ୍ଷ୍ମୀ ବସର ନାମ ପରିବର୍ତ୍ତନ ସହ ବସର ରଙ୍ଗ ମଧ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ ସେବା ନାମ କରଣ କରା ଯାଇଥିବାବେଳେ ପୁଣି ନାମ ପରିବର୍ତ୍ତନ କରାଯାଇ ଗ୍ରାମୀଣ ପରିବହନ ସେବା ନାମରେ ଏବେ ବସ ଚାଲିଛି । ପ୍ରଥମେ ଧାମନଗର ବ୍ଲକ କୁ ଗୋଟିଏ ବସ ଚାଲି ଥିବା ବେଳେ ଏବେ ଚାରୋଟି ବସ ଧାମନଗର ରେ ଚାଲିଚି। ଧାମନଗର ରୁ ବାଙ୍କସାହି, ଧାମନଗର ରୁ ପଧାନୀ,ଧାମନଗର ରୁ କାସିନ୍ଦିପୁର ଓ ଧାମନଗରରୁ କୁବେରାକୁ ଏହି ବସ ଯାଉଛି। ପୂର୍ବ ଅପେକ୍ଷା ଏବେ ଏହି ବସ ଉପରେ ଅଧିକ ମହିଳା ଓ ପୁରୁଷ ନିର୍ଭର କରୁଛନ୍ତି । ହେଲେ ସରକାରଙ୍କ ଏହି ଯୋଜନା ପ୍ରତ୍ୟେକ ପଂଚାୟତକୁ ଯିବ ମାତ୍ର ଅନେକ ପଂଚାୟତକୁ ବିଭିନ୍ନ କାରଣ ବଶତ ବସ ଯାଇ ପାରୁନି ।ବିଶେଷ କରି ଆନନ୍ଦପୁର,ଖଡ଼ିପଦା,ଦୋବଲ,କରଦା, ଆଦି ପଂଚାୟତ ବସ ଷ୍ଟପକୁ ବସ ଯାଉନାହିଁ । ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବସ ଷ୍ଟପ ନିର୍ମାଣ କରା ଯାଇଥିବା ବେଳେ ଏହି ବସ ଷ୍ଟପ ଏବେ ଅସାମାଜିକ ଲୋକଙ୍କ ଆଖଡ଼ା ସ୍ଥାନ ପାଲଟିଛି । ଏ ଦିଗର ରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ଦିଗରେ ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା କହିଛନ୍ତି ଯେ କିଛି ସ୍ଥାନରେ ରାସ୍ତା ଅବସ୍ଥା ଭଲ ନ ଥିବାରୁ ବସ ଯାଇପାରୁନି। ତେବେ ଖୁବ ଶୀଘ୍ର ସମସ୍ୟା ର ସମାଧାନ କରାଯିବ ବୋଲି ବିଡ଼ିଓ କହିଛନ୍ତି।

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୭ Vol. 21 No-277 5 JANUARY 2025 SUNDAY BHUBANESWAR ରବିବାର, ୫ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର,୪।୧(ଭାସ୍କର ନ୍ୟୁଜ): ୨୦୦୬ ବ୍ୟାଚ୍‌ର ଇଣ୍ଟର କ୍ୟାଡର ଡେପୁଟେସନରେ ଆସିଥିବା ମନୋଜ କୁମାର ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଅରିନ୍ଦମ ଡାକୁଆଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଥିଲେ।

### ଲୁଟେରାଙ୍କ ଗୁଳିରେ ୨ ମୃତ

ଯାଜପୁର,୪।୧(ଭାସ୍କର ନ୍ୟୁଜ): ଶନିବାର ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ଏକ ବଡ଼ ଅଘଟଣ ଘଟିଛି। ଲୁଟେରାଙ୍କ ଗୁଳିମାଡ଼ରେ ସୁନା ଦୋକାନର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ବ୍ୟକ୍ତିଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଦୁଇଟି ବାଇକ୍‌ରେ ଆସିଥିବା ଲୁଟେରାମାନେ ସୁନା ଦୋକାନ କର୍ମଚାରୀଙ୍କୁ ଟାର୍ଗେଟ କରିବା ପରେ ଏହି ଅଘଟଣ ଘଟିଥିଲା।

## ଉତ୍କର୍ଷ ଓଡିଶା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ‘ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର’



- ୨୮ରେ ଆସିବେ ପ୍ରଧାନମନ୍ତ୍ରୀ
- ତ୍ରୁଟିଶୂନ୍ୟ ପରିଚାଳନା ଉପରେ ଗୁରୁତ୍ୱ
- ସୁଁଭଦ୍ରାରୁ ମୁଦ୍ରା ନାମରେ ସ୍ୱତନ୍ତ୍ର ସେସନ୍

ଭୁବନେଶ୍ୱର,୪।୧(ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶନିବାର ଏ ସମ୍ପର୍କରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ପ୍ରସ୍ତୁତି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନ କରି ଜଣାଇଛନ୍ତି । ସମସ୍ତ କାର୍ଯ୍ୟକ୍ରମକୁ ତୃଟିଶୂନ୍ୟ ଓ ଆକର୍ଷଣୀୟ ଭାବରେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକ ମାନଙ୍କ ପାଖରେ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଦୀର୍ଘ ସମୟ ପାଇଁ ଓଡିଶା ପୁଞ୍ଜିନିବେଶକ ମାନଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉପସ୍ଥାପନାରୁ ଜଣାଯାଇଛି ଯେ, ଜାନୁଆରୀ ୨୭ ତାରିଖରେ କନଫେଡେରେସନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏହାର ନ୍ୟାସନାଲ ଏକଜିକ୍ୟୁଟିଭ୍ କାଉନସିଲ୍ ର ବୈଠକ ଅନୁଷ୍ଠିତ ହେବ । ଜାନୁଆରୀ ୨୮-୨୯ ଦୁଇ ଦିନ ଧରି ୪ଟି ପ୍ଲେନାରୀ ସେସନ, ୧୬ଟି ସେକ୍ଟରାଲ୍ ସେସନ୍ ଓ ୪ଟି ରାଉଣ୍ଡ ଟେବୁଲ୍ କନଫରେନସ୍ ଅନୁଷ୍ଠିତ ହେବ । ଏହି ଦୁଇ ଦିନରେ ପ୍ରାୟ ୩୦୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି, ପୁଞ୍ଜିନିବେଶକାରୀ, ଷ୍ଟାର୍ଟଅପ ଉଦ୍ୟୋଗୀ ଓ ଶିଳ୍ପସଂସ୍ଥା ସହିତ ଜଡିତ ବ୍ୟକ୍ତିମାନେ ଯୋଗଦେବେ । ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଆସି ଉପସ୍ଥିତ ଶିଳ୍ପପତି ଓ ପୁଞ୍ଜିନିବେଶକାରୀ ମାନଙ୍କୁ ଉଦବୋଧନ ଦେବେ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ସେସନ୍ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତି ମାନଙ୍କ ଅଭିଭାଷଣ, ମୁଖ୍ୟମନ୍ତ୍ରୀଙ୍କ ସହିତ ବଡ ବଡ ଶିଳ୍ପସଂସ୍ଥାର ସିଇଓମାନଙ୍କ ରାଉଣ୍ଡ ଟେବୁଲ, ଓଡିଆ ଉଦ୍ୟୋଗୀ ମାନଙ୍କ ସ୍ୱତନ୍ତ୍ର ସେସନ୍ ଏବଂ ମହିଳା ବିଜିନେସ୍ ଲିଡର୍ସ ମାନଙ୍କ ପାଇଁ ମଧ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ଏହା ସହିତ ‘ସୁଭଦ୍ରାରୁ ମୁଦ୍ରା’ ନାମରେ ଓଡିଆ ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ ମଧ ଏକ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ଜାନୁଆରୀ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିଆଲ୍ ଏକଜିବିସନ୍ ଅନୁଷ୍ଠିତ ହେବ । ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ୧୦ ତାରିଖ ଦିନ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୭ଜଣ ପ୍ରବାସୀ ଭାରତୀୟଙ୍କୁ ପୁରସ୍କୃତ କରିବେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଦେଶର ଅତିଥିମାନେ ଏହି ସମ୍ମିଳନୀରେ ଯୋଗ ଦେବେ। ବିଭିନ୍ନ ଦେଶରୁ ଆସୁଥିବା ପ୍ରତିନିଧିଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିବ ଓଡ଼ିଶା ଥିମ୍ ପ୍ୟାଭିଲିଅନ। ଓଡ଼ିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଶିଳ୍ପ ବିକାଶ ଏହି ପ୍ୟାଭିଲିଅନରେ ପ୍ରଦର୍ଶିତ ହେବ। ଏହି ପ୍ୟାଭିଲିଅନ ଓଡ଼ିଆ ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ଭାବେ କାର୍ଯ୍ୟ କରିବ। ୪୦୦ ବର୍ଗମିଟର ପରିମିତ ଅଞ୍ଚଳରେ ନିର୍ମିତ ପ୍ୟାଭିଲିଅନର ନାଁ ରହିଛି ଗ୍ଲୋରିଅସ ଓଡ଼ିଶା।

## ଚଳିତ ମାସରେ ଦୁଇଥର

# ଓଡ଼ିଶା ଆସିବେ ମୋଦୀ



ଭୁବନେଶ୍ୱର,୪।୧(ଭାସ୍କର ନ୍ୟୁଜ): ରାଜଧାନୀରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆସନ୍ତା ୮ ତାରିଖ ରାତି ୮ଟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିଧାସଳଖ ରାଜଭବନ ଯାଇ ରାତ୍ରୀଯାପନ କରିବେ। ୯ ତାରିଖ ସକାଳ ୯.୪୫ ସମୟରେ ସେ ରାଜଭବନରୁ ବାହାରି ଜନତା ମଇଦାନରେ ଆୟୋଜିତ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମରେ ସାମିଲ ହେବେ। ସେଠାରେ ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଶ୍ରୀମତୀ ମୁର୍ମୁ ୧୦ ତାରିଖରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବେ । ପ୍ରଧାନମନ୍ତ୍ରୀ ଆସନ୍ତା ୨୮ ତାରିଖରେ ପୁଣିଥରେ ଓଡ଼ିଶା ଗସ୍ତରେ ଆସିବେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ସାମିଲ ହେବେ। ଗୋଟିଏ ମାସରେ ପ୍ରଧାନମନ୍ତ୍ରୀଙ୍କ ଦୁଇଥର ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ୭ ହଜାରରୁ ଅଧିକ ପ୍ରବାସୀଙ୍କ ସହ ମୋଟ ୧୦ ହଜାର ଅତିଥି ଯୋଗଦେବେ। ଭୁବନେଶ୍ୱରରେ ଥିବା ଡିଜିପିଙ୍କ କ୍ୟାମ୍ପ ଅଫିସରେ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ପହଞ୍ଚିଛନ୍ତି। ସେମାନଙ୍କ ପାଖରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିଛି। ଅନ୍ୟପକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପୋଲିସ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଅତିଥିଙ୍କ ରହଣି ସ୍ଥାନ, କାର୍ଯ୍ୟକ୍ରମ ସ୍ଥଳ, କଟକ ଓ ପୁରୀର ପର୍ଯ୍ୟଟନସ୍ଥଳ ଉପରେ କଡ଼ା ନଜର ରଖିବାକୁ ମଧ୍ୟ କୁହାଯାଇଛି।








ନୂଆଦିଲ୍ଲୀ : ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଶନିବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି ବିଜେପି। ଏହି ପର୍ଯ୍ୟାୟରେ ୨୯ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ଦଳ। ତା' ମଧ୍ୟରେ ରହିଛି ପୂର୍ବତନ ଲୋକସଭା ସାଂସଦ ପ୍ରବେଶ ସାହିବ ସିଂହ ବର୍ମା ଓ ରମେଶ ବିଧୂଡ଼ୀଙ୍କ ନାଁ। ନୂଆଦିଲ୍ଲୀ ଆସନରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିପକ୍ଷରେ ପ୍ରବେଶଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିପକ୍ଷରେ କାଲକାଜୀରେ ବରିଷ୍ଠ ନେତା ରମେଶ ବିଧୂଡ଼ୀଙ୍କୁ ଛିଡ଼ା କରିଛି। ସେହିପରି ଆପ୍ ଛାଡ଼ି ବିଜେପିରେ ମିଶିଥିବା ପୂର୍ବତନ ମନ୍ତ୍ରୀ ରାଜ କୁମାର ଆନନ୍ଦ ଓ କୈଳାଶ ଗହଲୋତଙ୍କୁ ମିଳିଛି ଟିକେଟ। ରାଜ କୁମାର ଆନନ୍ଦଙ୍କୁ ପଟେଲ ନଗରରୁ ପ୍ରାର୍ଥୀ କରାଯାଇଥିବା ବେଳେ କୈଳାଶ ଗହଲୋତଙ୍କୁ ବିଜୱାସନରୁ ଟିକେଟ ଦିଆଯାଇଛି। ଆପ୍‌ରୁ ବିଜେପିକୁ ଡେଇଁଥିବା ବିଧାୟକ କରତାର ସିଂହ ତନୱରଙ୍କୁ ଛତରପୁର ଆସନରୁ ପ୍ରାର୍ଥୀ କରାଯାଇଛି।

## ଗ୍ରାମୀଣ ଭାରତ ମହୋତ୍ସବ ଉଦ୍‌ଘାଟିତ

# ଭାରତକୁ ସଶକ୍ତ କରିବା ଆମର ଲକ୍ଷ୍ୟ: ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଗ୍ରାମୀଣ ଭାରତ ମହୋତ୍ସବ ୨୦୨୫କୁ ଉଦଘାଟନ କରିଛନ୍ତି । ବିକଶିତ ଭାରତ ୨୦୨୪ ପାଇଁ ଏକ ସୁଦୃଢ଼ ଗ୍ରାମୀଣ ଭାରତ ଗଠନ ଏହି ମହୋତ୍ସବର ବିଷୟବସ୍ତୁ । ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉପସ୍ଥିତ ସମସ୍ତ ଲୋକଙ୍କୁ ୨୦୨୫ର ଶୁଭେଚ୍ଛା ଜଣାଇଥିଲେ । ବର୍ଷ ପ୍ରାରମ୍ଭରେ ଗ୍ରାମୀଣ ଭାରତ ମହୋତ୍ସବର ଭବ୍ୟ ଆୟୋଜନ ଭାରତର ବିକାଶ ଯାତ୍ରାର ଝଲକ ଦେଉଛି ଏବଂ ଏହାର ଏକ ପରିଚୟ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ମୁଁ ଗାଁର ସମସ୍ୟାକୁ ଅନୁଭବ କରିଛି ଏବଂ ଗାଁର ସମ୍ଭାବନା ବିଷୟରେ ମଧ୍ୟ ଅବଗତ ଅଛନ୍ତି, ପ୍ରଧାନମନ୍ତ୍ରୀ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ପିଲାଦିନରୁ ସେ ଦେଖିଥିଲେ ଯେ ଗାଁର ଲୋକମାନେ ପରିଶ୍ରମୀ ହୋଇଥିଲେ ମଧ୍ୟ ପୁଞ୍ଜି ଅଭାବରୁ ସେମାନେ ଉପଯୁକ୍ତ ସୁଯୋଗରୁ ବଞ୍ଚିତ ହୁଅନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଗ୍ରାମବାସୀଙ୍କର ବିଭିନ୍ନ କ୍ଷେତ୍ରରେ ବିବିଧ ଶକ୍ତି ଥିଲେ ମଧ୍ୟ ସେମାନଙ୍କ ମୌଳିକ ସୁବିଧାକୁ ପୂରଣ କରିବା ପାଇଁ ଏହା ହଜିଯାଉଛି। କୃଷକମାନଙ୍କ ଆଗରେ ପ୍ରାକୃତିକ ବିପର୍ଯ୍ୟୟ, ବଜାରର ଅଭାବ ଭଳି ବିଭିନ୍ନ ଆହ୍ୱାନ ରହିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସ୍ୱଚ୍ଛ ଭାରତ ମିଶନରେ ପ୍ରତ୍ୟେକ ଘରକୁ ଶୌଚାଳୟ ଯୋଗାଇ ଦିଆଯାଇଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମୀଣ ଭାରତର କୋଟି କୋଟି ଲୋକଙ୍କୁ ପକ୍କା ଘର ଦିଆଯାଇଛି ଏବଂ ଜଳ ଜୀବନ ମିଶନ ମାଧ୍ୟମରେ ଗାଁର ଲକ୍ଷ ଲକ୍ଷ ଘରକୁ ସୁରକ୍ଷିତ ଏବଂ ବିଶୁଦ୍ଧ ପାନୀୟ ଜଳ ସୁନିଶ୍ଚିତ କରାଯାଇଛି ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ। ଆଜି ୧.୫ ଲକ୍ଷରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଡିଜିଟାଲ ଟେକ୍ନୋଲୋଜି ସହାୟତାରେ ଟେଲିମେଡିସିନ୍ ଗାଁକୁ ଶ୍ରେଷ୍ଠ ଡାକ୍ତର ଓ ହସ୍ପିଟାଲର ବିକଳ୍ପ ସୁନିଶ୍ଚିତ କରିଛି ବୋଲି ସେ କହିଥିଲେ। ଇ-ସଞ୍ଜୀବିନୀ ମାଧ୍ୟମରେ ଗ୍ରାମାଞ୍ଚଳର କୋଟି କୋଟି ଲୋକ ଟେଲିମେଡିସିନ ଦ୍ୱାରା ଉପକୃତ ହୋଇଛନ୍ତି।



ଗତ ୧୦ ବର୍ଷ ମଧ୍ୟରେ ଗାଁର ପ୍ରତ୍ୟେକ ବର୍ଗ ପାଇଁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ସହ ନିଷ୍ପତ୍ତି ନେଇଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଗତ ୧୦ ବର୍ଷ ମଧ୍ୟରେ କୃଷି ଋଣ ପରିମାଣ ୩.୫ ଗୁଣ ବୃଦ୍ଧି ପାଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ ବର୍ତ୍ତମାନ ପଶୁସମ୍ପଦ ଏବଂ ମତ୍ସ୍ୟ ଚାଷୀମାନଙ୍କୁ କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ କରାଯାଉଛି। ସ୍ୱାମୀତ୍ୱ ଯୋଜନା ଭଳି ଅଭିଯାନର ଶୁଭାରମ୍ଭ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଥିଲେ, ଯାହା ମାଧ୍ୟମରେ ଗ୍ରାମବାସୀ ଜମି କାଗଜପତ୍ର ପାଉଛନ୍ତି। ଗ୍ରାମୀଣ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସମବାୟ ସମିତିର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। କୃଷି ବ୍ୟତୀତ ଆମ ଗାଁରେ କମାରକାମ, ବଢ଼େଇକାମ ଓ କୁମ୍ଭାର କାମ ଭଳି ଅନେକ ପାରମ୍ପରିକ କଳା ଓ କୌଶଳ ପ୍ରଚଳିତ ରହିଛି ବୋଲି ଶ୍ରୀ ମୋଦୀ ପ୍ରକାଶ କରିଥିଲେ । ଗ୍ରାମୀଣ ଏବଂ ସ୍ଥାନୀୟ ଅର୍ଥନୀତିରେ ଏହି ବ୍ୟବସାୟଗୁଡ଼ିକର ଯଥେଷ୍ଟ ଅବଦାନ ରହିଛି, କିନ୍ତୁ ପୂର୍ବରୁ ଏହାକୁ ଅଣଦେଖା କରାଯାଇଥିଲା । ସେମାନଙ୍କ ଦକ୍ଷତା ବୃଦ୍ଧି ଏବଂ ସୁଲଭ ସହାୟତା ପ୍ରଦାନ ଲାଗି ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରାଯାଉଛି, ଯାହା ଲକ୍ଷ ଲକ୍ଷ ବିଶ୍ୱକର୍ମା କାରିଗରଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେଉଛି ।

## ଚାଇନାରେ ବଢୁଛି ଏଚ୍‌ଏମଢ଼ପିଭି ଭୂତାଣୁ

# ଭାରତ ପକ୍ଷରୁ ଗାଇଡ୍ ଲାଇନ ଜାରି

ନୂଆଦିଲ୍ଲୀ: ଚାଇନାରେ ହ୍ୟୁମାନ ମେଟାନିମୋଭାଇରସ (hMPV) ର ଦ୍ରୁତ ବିସ୍ତାର ଭୟକୁ ଆହୁରି ବଢାଇ ଦେଇଛି ଯେ ଏହା କରୋନା ଜୀବାଣୁ ପରି ମହାମାରୀ ରୂପ ନେଇପାରେ। ଭାରତରେ ମଧ୍ୟ ଏହା ଉପରେ କଡା ନଜର ରଖାଯାଇଛି। ଅତ୍ୟାଧୁନିକ ବିକାଶରେ ତେଲଙ୍ଗାନା ସରକାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ତେବେ ଏପର୍ଯ୍ୟନ୍ତ ରାଜ୍ୟରେ କୌଣସି ମାମଲା ରୁଜୁ ହୋଇନାହିଁ। ତେଲଙ୍ଗାନା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଚାଇନାରୁ ମାନବ ମେଟାନିମୋଭାଇରସ (ଏଚଏମପିଭି) ଖବରକୁ ନେଇ ରାଜ୍ୟ ସଜାଗ ରହିଛି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସହଯୋଗରେ ପରିସ୍ଥିତି ଉପରେ ନଜର ରଖିଛି। ଗୁଜବକୁ ଏଡ଼ାଇବା ପାଇଁ ଏବଂ ସତର୍କତା ଅବଲମ୍ବନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ନାଗରିକମାନଙ୍କୁ ନିବେଦନ କରିଛି। ତେଲଙ୍ଗାନା ସ୍ୱାସ୍ଥ୍ୟ ବିଭାଗ ରାଜ୍ୟରେ ଥିବା ଶ୍ୱାସକ୍ରିୟା ସଂକ୍ରମଣ ସମ୍ବନ୍ଧୀୟ ତଥ୍ୟ ବିଶ୍ଳେଷଣ କରି ଜାଣିବାକୁ ପାଇଛି ଯେ ଡିସେମ୍ବର ୨୦୨୩ ତୁଳନାରେ ଡିସେମ୍ବର ୨୦୨୪ରେ ସଂକ୍ରମଣ କ୍ଷେତ୍ରରେ କୌଣସି ବିଶେଷ ବୃଦ୍ଧି ଘଟିନାହିଁ।



ଶ୍ୱାସକ୍ରିୟା ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନାଗରିକମାନଙ୍କୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିଛି ଏବଂ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରାଯାଇଛି। କାଶ କିମ୍ବା ଛିଙ୍କିବା ସମୟରେ ପାଟି ଏବଂ ନାକକୁ ରୁମାଲ କିମ୍ବା ଟିସୁରେ ଘୋଡାନ୍ତୁ। ସାବୁନ ଏବଂ ପାଣିରେ ବାରମ୍ବାର ହାତ ଧୋଇ ଦିଅନ୍ତୁ କିମ୍ବା ଏକ ଆଲକୋହଲ ଭିତ୍ତିକ ସାନିଟାଇଜର ବ୍ୟବହାର କରନ୍ତୁ। ଜନଗହଳି ପୂର୍ଣ୍ଣ ସ୍ଥାନରୁ ଦୂରେଇ ରୁହନ୍ତୁ ଏବଂ ସ୍ୱାଇନ ଫ୍ଲୁରେ ଆକ୍ରାନ୍ତ ଲୋକଙ୍କଠାରୁ ଦୂରତା ବଜାୟ ରଖନ୍ତୁ। ଯଦି ଆପଣଙ୍କର ଜ୍ୱର, କାଶ କିମ୍ବା ଛିଙ୍କ ଅଛି ତେବେ ସର୍ବସାଧାରଣ ସ୍ଥାନକୁ ଯିବା ଠାରୁ ଦୂରେଇ ରୁହନ୍ତୁ। ପର୍ଯ୍ୟାପ୍ତ ପରିମାଣର ପାଣି ପିଅନ୍ତୁ ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ସମସ୍ତ ସ୍ଥାନରେ ପର୍ଯ୍ୟାପ୍ତ ଭେଣ୍ଟିଲେସନ ନିଶ୍ଚିତ କରନ୍ତୁ। ଯେତେବେଳେ ଆପଣ ଅସୁସ୍ଥ ଅଛନ୍ତି ସେତେବେଳେ ଘରେ ରୁହନ୍ତୁ ଏବଂ ଅନ୍ୟମାନଙ୍କ ସହିତ ସମ୍ପର୍କ ସୀମିତ କରନ୍ତୁ। ଯଥେଷ୍ଟ ପରିମାଣରେ ଶୁଅନ୍ତୁ। ସେହିପରି ବାରଣ କରାଯାଇଛି ଯେ, ହାତ ମିଳାଇବା ଠାରୁ ଦୂରେଇ ରୁହନ୍ତୁ। ବାରମ୍ବାର ଟିସୁ ପେପର କିମ୍ବା ରୁମାଲ ବ୍ୟବହାର କରନ୍ତୁ ନାହିଁ। ଅସୁସ୍ଥ ଲୋକଙ୍କ ସଂସ୍ପର୍ଶରେ ଆସନ୍ତୁ ନାହିଁ । ବାରମ୍ବାର ଆଖି, ନାକ ଏବଂ ପାଟି ଛୁଇଁବା ଠାରୁ ଦୂରେଇ ରୁହନ୍ତୁ । ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଠାରୁ ଦୂରେଇ ରୁହନ୍ତୁ । ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଗ୍ରହଣ କରନ୍ତୁ ନାହିଁ । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଡିଜିଏଚଏସ ଏବଂ ନ୍ୟାସନାଲ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ (ଏନସିଡିସି) ର ନିର୍ଦ୍ଦେଶକ ଚାଇନାରେ ମାନବ ମେଟାନୋମୋଭାଇରସ ବିସ୍ତାର ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛନ୍ତି। ବିବୃତ୍ତିରେ କୁହାଯାଇଛି ଯେ ମେଟାନୋମୋଭାଇରସ ହେଉଛି ଏକ ସାଧାରଣ ଶ୍ୱାସକ୍ରିୟା ସଂକ୍ରମଣ ଜୀବାଣୁ, ଯାହା ଶୀତ ଋତୁରେ ଥଣ୍ଡା ଏବଂ ଫ୍ଲୁ ଭଳି ଲକ୍ଷଣ ସୃଷ୍ଟି କରିଥାଏ। ଏହା ବିଶେଷତଃ ଛୋଟ ପିଲା ଏବଂ ବୟସ୍କ ଲୋକଙ୍କୁ ପ୍ରଭାବିତ କରିଥାଏ। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ (ଡିଜିଏଚଏସ) ଡକ୍ଟର ଅତୁଲ ଗୋୟଲ କହିଛନ୍ତି ଯେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ମେଟାନୋମୋଭାଇରସ ଅନ୍ୟ ଶ୍ୱାସକ୍ରିୟା ଜୀବାଣୁ ପରି ଯାହା ସାଧାରଣ ଥଣ୍ଡା ସୃଷ୍ଟି କରେ; ଏହା ଅତ୍ୟଧିକ ବୃଦ୍ଧ ଏବଂ ଯୁବକମାନଙ୍କଠାରେ ଫ୍ଲୁ ଭଳି ଲକ୍ଷଣ ସୃଷ୍ଟି କରିପାରେ।

# ୬ରେ ରାୟଗଡା ରେଳମଣ୍ଡଳର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ଜାନୁଆରୀ ୨୦୨୫ ପୂର୍ବାହ୍ନ ୧୧ ଘଟିକାରେ ରାୟଗଡା ରେଳ ମଣ୍ଡଳ ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନୂତନ ଜାମ୍ମୁ ରେଳ ରେଳ ମଣ୍ଡଳ ଏବଂ ଚର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନକୁ ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ଓଡିଶାର ରାୟଗଡା ରେଳ ମଣ୍ଡଳ ପାଇଁ ମଧ୍ୟ ଶିଳାନ୍ୟାସ କରିବେ। କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାମ୍ମୁ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ରାୟାଗଡା ରେଳ ମଣ୍ଡଳ ମୁଖ୍ୟାଳୟ ଭବନର ନିର୍ମାଣ ପାଇଁ ପ୍ରକଳ୍ପର ଆନୁମାନିକ ମୂଲ୍ୟ ୧୦୭ କୋଟି ଟଙ୍କା। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର ରେଳ ଭିତ୍ତିଭୂମି ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଅନେକ ପ୍ରମୁଖ ଉପାଦାନ ଅନ୍ତର୍ଭୁକ୍ତ ହେବ । ରାୟଗଡା ରେଳ ମଣ୍ଡଳ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହ ଓଡ଼ିଶାର ରାୟାଗଡାଠାରେ ଅନୁଷ୍ଠିତ ହେବ ଏବଂ ପ୍ରଧାନମନ୍ତ୍ରୀ ଜାମ୍ମୁରୁ ଭିଡିଓ କନଫରେନସିଂ ମାଧ୍ୟମରେ ଅଂଶଗ୍ରହଣ କରିବେ । ରାୟଗଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର କମ୍ଭମପତି ହରି ବାବୁ, ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝି ଏବଂ ରେଳବାଇ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ବିଟୁଙ୍କ ସମେତ ଦକ୍ଷିଣ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ।

# ଏକଜାମ୍ ୱାରିଅର୍ସ ଚିତ୍ରକଳାରେ ଯୋଗଦେଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ: କେନ୍ଦ୍ର ସୂଚନା ଏବଂ ପ୍ରସାରଣ, ରେଳ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୁସ୍ତକ ଦ୍ୱାରା ଅନୁପ୍ରାଣିତ ହୋଇ ଆୟୋଜିତ ନୂଆଦିଲ୍ଲୀ ମ୍ୟୁନିସିପାଲିଟି କାଉନସିଲ୍ (ଏନଡିଏମସି) ର ଏକଜାମ୍ ୱାରିଅର୍ସ ଚିତ୍ରକଳା ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସକାରାତ୍ମକତା, ଆତ୍ମବିଶ୍ୱାସ ଏବଂ ସୃଜନଶୀଳତା ସୃଷ୍ଟି କରିବାରେ ସାହାଯ୍ୟ କରିବା, ଯାହାଦ୍ୱାରା ସେମାନେ ଶାନ୍ତ ଓ ସନ୍ତୁଳିତ ମାନସିକତାରେ ପରୀକ୍ଷା ଦେଇପାରିବେ। ପୁସ୍ତକର ବାର୍ତ୍ତା ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରାୟ ୪,୦୦୦ ଛାତ୍ରଛାତ୍ରୀ କଳା ମାଧ୍ୟମରେ ସେମାନଙ୍କ ଦୃଷ୍ଟିକୋଣ ପରିପ୍ରକାଶ କରିଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ଶିକ୍ଷକମାନେ ସମଗ୍ର କାର୍ଯ୍ୟକ୍ରମରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେକର୍ଡ ବାର୍ତ୍ତା ଜରିଆରେ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ । ସଫଳ ହେବା ପରିବର୍ତ୍ତେ କର୍ମ କରିବା ଲାଗି ସ୍ୱପ୍ନ ଦେଖିବାକୁ ସେ ତାଙ୍କ ବାର୍ତ୍ତାରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜତିନ୍ ଦାସ (ପଦ୍ମଭୂଷଣ ପୁରସ୍କାର ପ୍ରାପ୍ତ), ଜୟ ପ୍ରକାଶ (ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ), କାଞ୍ଚନ ଚନ୍ଦର, ହର୍ଷବର୍ଦ୍ଧନ, କଲ୍ୟାଣ ଯୋଶୀ, ପ୍ରଦୋଷ ସ୍ୱାଇଁ, ବିଜୟ ଭୋରେ, ରୀନା ସିଂହ, ଅନସ ସୁଲତାନ, ମନୋଜ କୁମାର ମହାନ୍ତି, ନରେନ୍ଦ୍ର ପାଲ୍ ସିଂହ, କାହ୍ନୁ ବେହେରା, ଅସିତ କୁମାର ପଟ୍ଟନାୟକ ଏବଂ ଅଙ୍କିତ ଶର୍ମାଙ୍କ ଭଳି ପ୍ରସିଦ୍ଧ କଳାକାରମାନେ ଅଂଶଗ୍ରହଣ କରିଥିଲେ।



ସେମାନଙ୍କ କଳାକୃତି ଏବଂ ଭାବ ବିନିମୟ ଛାତ୍ରଛାତ୍ରୀମାନଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଥିଲା। ଏହା ସେମାନଙ୍କୁ ଆତ୍ମବିଶ୍ୱାସ ଓ ସକାରାତ୍ମକ ମାନସିକତାର ସହ ପରୀକ୍ଷାର ସମ୍ମୁଖୀନ ହେବାକୁ ଅନୁପ୍ରାଣିତ କରିଥିଲା। ଅଶ୍ୱିନୀ ବୈଷ୍ଣବ ମଧ୍ୟ ବିଦ୍ୟାର୍ଥୀମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ବିଶିଷ୍ଟ କଳାକାରମାନଙ୍କ ସହିତ ଏକ ଚିତ୍ରକଳା ପ୍ରସ୍ତୁତ କରିଥିଲେ। ପରୀକ୍ଷା ସମୟରେ ଚାପ ଏଡ଼ାଇବା ପାଇଁ ବର୍ଷସାରା ନିରନ୍ତର ଅଧ୍ୟୟନ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏନଡିଏମସିର ଅଧ୍ୟକ୍ଷ କେଶବ ଚନ୍ଦ୍ର, ଉପାଧ୍ୟକ୍ଷ କୁଲଜିତ ଚହଲ ଏବଂ ସାଂସଦ ସୁଶ୍ରୀ ବାଁସୁରୀ ସ୍ୱରାଜ ମଧ୍ୟ ଉପସ୍ଥିତ ଥିଲେ।



ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ସ୍ପିନର ଯୁଜବେନ୍ଦ୍ର ଚହଲ ଓ ତାଙ୍କ ପତ୍ନୀ ଧନଶ୍ରୀ ବର୍ମାଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁଯାୟୀ, ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇପାରେ। ଧନଶ୍ରୀ ଓ ଚହଲଙ୍କ ମଧ୍ୟରେ ବୈବାହିକ ଜୀବନ ଦୀର୍ଘ ସମୟରୁ ଠିକ୍ ନ ଥିଲା। ଏହା ମଧ୍ୟରେ ଚହଲ ଧନଶ୍ରୀଙ୍କ ସହ ସବୁ ଫଟୋକୁ ଇନଷ୍ଟାଗ୍ରାମରୁ ହଟାଇ ଦେଇଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ଅନୁଯାୟୀ, ଏହି ଖବରର ସତ୍ୟତା ରହିଛି। ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ନିଶ୍ଚିତ ହେଉଥିବା ବେଳେ ଏହାର କେବଳ ଆନୁଷ୍ଠାନିକ ଘୋଷଣା ବାକ ରହିଛି। ଉଭୟଙ୍କ ଅଲଗା ହେବାର ପ୍ରକୃତ କାରଣ ଜଣା ପଡ଼ି ନ ଥିଲେ ହେଁ ଉଭୟ ପରସ୍ପରକୁ ଛାଡ଼ପତ୍ର ଦେବାକୁ ନିଷ୍ପତ୍ତି ନେଇ ସାରିଛନ୍ତି। ଏ ସଂପର୍କିତ ଖବର ୨୦୨୩ରେ ସେହି ସମୟରେ ଆରମ୍ଭ ହେଲା ଯେତେବେଳେ ଧନଶ୍ରୀ ନିଜର ଇନଷ୍ଟାଗ୍ରାମରୁ 'ଚହଲ' ହଟାଇ ଦେଇଥିଲେ। ଏହାର ଗୋଟିଏ ଦିନ ପରେ ଯୁଜବେନ୍ଦ୍ର ଚହଲ ଏକ ରହସ୍ୟମୟୀ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଲେଖିଥିଲେ ଯେ, ନୂଆ ଜୀବନ ଆରମ୍ଭ ହେଉଛି। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଖବରକୁ ଗୁଜବ କହି ଖାରଜ କରିଥିଲେ ଚହଲ। ସେ ନିଜର ପ୍ରଶଂସକଙ୍କୁ ଏମିତି ଗୁଜବ ଉପରେ ବିଶ୍ୱାସ ନ କରିବାକୁ କହିଥିଲେ। ଛାଡ଼ପତ୍ର ମାମଲାରେ ସବୁ କିଛି କୋର୍ଟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଚହଲ ଓ ଧନଶ୍ରୀ ଉଭୟଙ୍କ ଆର୍ଥିକ ସ୍ଥିତି ବେଶ ସ୍ୱଚ୍ଛଳ। ଯଦି ଛାଡ଼ପତ୍ର ହୁଏ ତେବେ ଏହା ଧନଶ୍ରୀଙ୍କ ଉପରେ ନିର୍ଭର କରେ ଯେ ସେ ସଂପତ୍ତିରୁ କେତେ ଅଂଶ ଚାହାନ୍ତି। ଯଦି ସେ ଚାହିଁବେ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ପାରିବେ।

## ସର୍ବଭାରତୀୟ ବିଚାରପତିଙ୍କ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



କଟକ (ଭାସ୍କର ନ୍ୟୁଜ୍) : କଟକରେ ଆରମ୍ଭ ହୋଇଯାଇଛି ପ୍ରଥମ ସର୍ବଭାରତୀୟ ବିଚାରପତି ବ୍ୟାଡମିଣ୍ଟନ ପ୍ରତିଯୋଗିତା। ଓଡ଼ିଶା ହାଇକୋର୍ଟ ପକ୍ଷରୁ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଦୁଇ ଦିନ ବ୍ୟାପି ସର୍ବ ଭାରତୀୟ ବିଚାରପତିମାନଙ୍କ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଖେଳାଯିବ। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ହାଇକୋର୍ଟରୁ ୨୦ ଜଣ ବିଚାରପତି ଅଂଶ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଓଡିଶା ହାଇକୋର୍ଟର ୮ ଜଣ ବିଚାରପତି ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରି ଶରଣ ସିଂ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦେଶରେ ପ୍ରଥମ ଥର ପାଇଁ ଓଡିଶା ହାଇକୋର୍ଟ ପକ୍ଷରୁ ସର୍ବ ଭାରତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ହାଇକୋର୍ଟର ବିଚାରପତିଙ୍କୁ ଏହିଭଳି ପ୍ରତିଯୋଗିତାରେ ସାମିଲ କରାଯିବ। ଆଗମୀ ଦିନରେ ଓଡିଶା ହାଇକୋର୍ଟ ଭଳି ଅନ୍ୟ ରାଜ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେଲେ ବିଚାରପତିମାନେ ଅଧିକ ମାତ୍ରାରେ ଅଂଶ ଗ୍ରହଣ କରିବେ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସାବିତ୍ରୀ ରଥ। ପ୍ରଥମ ଥର ପାଇଁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇ ଅନ୍ୟ ହାଇକୋର୍ଟ ବିଚାରପତିମାନେ ଆନନ୍ଦ ଅନୁଭବ କରିବା ସହ ଆୟୋଜନକୁ ନେଇ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅନ୍ୟ ହାଇକୋର୍ଟମାନେ ଏହି ପ୍ରତିଯୋଗିତା ଆୟୋଜନ କରିବେ ବୋଲି ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ଜଷ୍ଟିସ ଆନନ୍ଦ ସେନ କହିଛନ୍ତି। ଆଜିର ଏହି ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି ଓ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ଖୋ ଖୋ ଟିମ୍‌ର ପ୍ରାୟୋଜକ ହେବ ଓଡ଼ିଶା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଜାତୀୟ ହକି ଖେଳକୁ ଓଡିଶା ସ୍ପନସର୍ କରୁଥିବାବେଳେ, ଏବେ 'ଖୋ ଖୋ' ଖେଳକୁ ମଧ ପ୍ରୋତ୍ସାହନ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଜାତୀୟ 'ଖୋ ଖୋ' ଟିମକୁ ଆଗାମୀ ୩ ବର୍ଷ ପାଇଁ ସ୍ପନସର କରିବେ। ଏହି ସ୍ପନସରଶିପର ଅବଧି ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ରହିବ। ଏଥିପାଇଁ ବର୍ଷକୁ ୫ କୋଟି ଟଙ୍କା ଲେଖାଏଁ ୩ ବର୍ଷରେ ସମୁଦାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡିଶା ଖଣି ନିଗମ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯିବ। ଏହାଦ୍ୱାରା ଭାରତୀୟ 'ଖୋ ଖୋ' ଖେଳାଳୀ ପ୍ରୋତ୍ସାହନ ପାଇବା ସହିତ ଓଡିଶା ମଧ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜଳ କରିପାରିବ ବୋଲି ଆଶା କରାଯାଉଛି।

# ରୋମାଞ୍ଚକର ସ୍ଥିତିରେ ସିଡ୍‌ନୀ ଟେଷ୍ଟ : ଭାରତ ୧୪୧/୬



ନୂଆଦିଲ୍ଲୀ : ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ସିଡ୍‌ନୀରେ ଖେଳା ଯାଉଥିବା ବେଳେ ଏହା ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ଶୁକ୍ରବାର ଭାରତ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିବା ବେଳେ ଶନିବାର ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୮୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଅନ୍ୟପକ୍ଷରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୪୧ ରନ୍ କରି ୬ ୱିକେଟ୍ ହରାଇଛି। ତେଣୁ ରବିବାର ତୃତୀୟ ଦିବସରେ ମ୍ୟାଚ୍‌ର ଫଳାଫଳ ହୋଇଯିବାର ଅନୁମାନ କରାଯାଉଛି। ତେବେ ପଲା କାହାର ଭାରି ରହିବ, କିଏ ମ୍ୟାଚ୍ ଜିତିବ ଖାଲି ଦେଖିବାକୁ ବାକି ରହିଲା। ଭାରତର ୧୮୫ ରନ୍‌ର ଜବାବରେ ଅଷ୍ଟ୍ରେଲିଆ ଶୁକ୍ରବାର ପ୍ରଥମ ଇନିଂସରେ ଗୋଟିଏ ୱିକେଟ୍ ହରାଇ ୯ ରନ୍ କରିଥିବା ବେଳେ ଷ୍ଟମ୍ପ ଅପସାରଣ କରି ନିଆଯାଇଥିଲା। ଆଜି ଇନିଂସକୁ ଆଗେଇ ନେବାକୁ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆର ବ୍ୟାଟରମାନଙ୍କ ମଧ୍ୟରୁ ବଉ ୱେବଷ୍ଟରଙ୍କ ବ୍ୟତୀତ ଅନ୍ୟ କେହି ଦୀର୍ଘ ସମୟ ଧରି କ୍ରିଜ୍‌ରେ ତିଷ୍ଠି ପାରି ନଥିଲେ। ମାର୍ନସ ଲାବୁଶେନ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିବା ବେଳେ ଟ୍ରାଭିସ ହେଡ୍ ୪, ସାମ କୋନଷ୍ଟାସ ୨୩ (୩୮ ବଲ୍), ଆଲେକ୍ସ କେରୀ ୨୧(୩୬ ବଲ୍), ପାଟ୍ କମିନ୍ସ ୧୦ (୨୦ ବଲ୍), ମିଚେଲ ଷ୍ଟାର୍କ ୧ (୪ ବଲ୍) ଓ ସ୍କଟ ବୋଲାଣ୍ଡ ୯ ରନ୍ (୯ ବଲ୍) କରି ଆଉଟ୍ ହୋଇଥିଲେ। ଷ୍ଟିଭ୍ ସ୍ମିଥ୍ ୫୭ଟି ବଲ୍‌ରୁ ୩୩ ରନ୍ କରି ପ୍ରସିଦ୍ଧ କୃଷ୍ଣଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ୱେବଷ୍ଟର ସର୍ବାଧିକ ୧୦୫ଟି ବଲ୍ ଖେଳିବାକୁ ସମର୍ଥ ହୋଇଥିବା ବେଳେ ୫ଟି ଚୌକା ସହାୟତାରେ ୫୭ ରନ୍ ସଂଗ୍ରହ କରିଥିଲେ। ନାଥନ ଲିୟନ ୭ ରନ୍ (୧୭ ବଲ୍) କରି ଅପରାଜିତ ରହିଥିଲେ। ୫୧ ଓଭରରେ ୧୮୧ ରନ୍ କରି ପୂରା ଟିମ୍ ପ୍ୟାଭିଲିୟନକୁ ଫେରି ଯାଇଥିଲା। ଏହାପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭.୩ ଓଭରରେ ପ୍ରଥମ ୱିକେଟ ହରାଇଥିଲା ଦଳ। କେଏଲ ରାହୁଲ ୧୩ ରନ୍ କରିଥିବା ବେଳେ ସ୍କଟ ବୋଲାଣ୍ଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହା ପରେ କିଛି କିଛି ଓଭର ବ୍ୟବଧାନରେ ଦଳର ଗୋଟିଏ ପରେ ଗୋଟିଏ ୬ଟି ୱିକେଟ୍ ପଡ଼ିଥିଲା। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଭଲ ଖେଳିଥିଲେ ଋଷଭ ପନ୍ତ। ସେ ୩୩ଟି ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୬୧ ରନ୍ କରିଥିଲେ। ପାଟ୍ କମିନ୍ସଙ୍କ ବଲରେ ଆଲେକ୍ସ କେରୀଙ୍କ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ। ଯଶସ୍ୱୀ ଜୈସୱାଲ ୩୫ଟି ବଲ୍‌ରୁ ୨୨ ରନ୍ କରିଥିବା ବେଳେ ରାହୁଲ ୧୩, ଶୁବମନ ଗିଲ ୧୩, ବିରାଟ କୋହଲି ୬ ଓ ନୀତୀଶ କୁମାର ରେଡ୍ଡୀ ୪ ରନ୍ କରି ଆଉଟ୍ ହୋଇଯାଇଥିଲେ। ରବୀନ୍ଦ୍ର ଜାଡେଜା ୮ ରନ୍ (୩୯ ବଲ୍) ଓ ୱାଶିଂଟନ ସୁନ୍ଦର ୬ ରନ୍ (୧୭ ବଲ୍) କରି ଅପରାଜିତ ଅଛନ୍ତି। ଜାଡେଜାଙ୍କଠାରୁ ଦଳ ଏକ ଭଲ ଇନିଂସ ଆଶା କରୁଛି। ଭାରତର ସ୍କୋର ଏହି ଦୁଇ ଜଣଙ୍କ ସହିତ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣଙ୍କ ଉପରେ ନିର୍ଭର କରୁଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍ ଜିତାଇବାର ଦାୟିତ୍ୱ ଏବେ ବୋଲରମାନଙ୍କ କାନ୍ଧକୁ ଯାଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ଯେଉଁଭଳି ବୋଲିଂ କରି ଧରାଶାୟୀ କଲେ, ତା'ଠାରୁ ବି ଅଧିକ ପ୍ରଭାବଶାଳୀ ବୋଲିଂ କଲେ ହୁଏତ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ୨-୨ରେ ବରାବର ସ୍ଥିତିକୁ ନେଇଯାଇପାରେ।

## ୨୬ରୁ ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ୍




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଚ୍ଛପଡିଆ ନରେନ୍ଦ୍ର ଷ୍ଟାଡିୟମରେ ଜାନୁୟାରୀ ୨୬ତାରିଖରୁ ଶାରଳା ସ୍ପୋର୍ଟିଂ ଆନୁକୂଲ୍ୟରେ ୩୨ତମ ରାଜ୍ୟ ସ୍ତରୀୟ ଶାରଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଶନିବାର ଅପରାହ୍ନରେ ଆୟୋଜନ କ୍ଲବ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ନରେନ୍ଦ୍ର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୨୬ରୁ ଉକ୍ତ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଫେବୃଆରୀ ୨ତାରିଖରେ ଉଦ୍‌ଯାପିତ ହେବ ବୋଲି କ୍ଲବର ସଭାପତି ଯୁଗଳକିଶୋର ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେବାକୁ ଥିବା ବେଳେ ଚାମ୍ପିଅନ ଦଳକୁ ଶାରଳା କପ୍ ସହ ୩୨ ହଜାର ୨ଶହ ୨୨ଟଙ୍କା ଏବଂ ରନର୍ସ ଦଳକୁ କପ୍ ସହ ୨୨ ହଜାର ୨ଶହ ୨୨ଟଙ୍କା ପୁରସ୍କୃତ ଦିଆଯିବାକୁ ଆୟୋଜନ କ୍ଲବପକ୍ଷରୁ ଘୋଷଣା କରାଯାଇଛି। ଏହି ମ୍ୟାଚ କର୍କ ବଲରେ ଖେଳାଯିବ ଓ ପ୍ରତ୍ୟେକ ରନ ଅନୁଯାଇ ଆକର୍ଷଣୀୟ ଉପହାର ରଖାଯାଇଛି ବୋଲି ସୂଚନା ଦେଇଛନ୍ତି କ୍ଲବର ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା। ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା (ବାବୁଲି ), ସମ୍ପାଦକ ସନ୍ତୋଷ କୁମାର କାଣ୍ଡି, କୋଷାଧକ୍ଷ ଦ୍ରୁପଦ କୁମାର ଭୋଳ, ମିଡ଼ିଆ ସେଲ ସହ ସମ୍ପାଦକ ପ୍ରକାଶ ନାୟକ, କ୍ରୀଡା ସମ୍ପାଦକ ମିଥୁନ ବେହେରା, ସଂଯୋଜକ ଦୁର୍ଗାଚରଣ ମହାରଣା, ସହ ସଂଯୋଜକ ରମା ରଞ୍ଜନ ବସ୍ତିଆ, ରବୀନ୍ଦ୍ର ପରିଡା ସମେତ କ୍ଲବର ଅନ୍ୟ ସଦସ୍ୟ ମାନେ ଯୋଗଦେଇଥିଲେ।

### ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

## ବେନ୍ଦ୍ରାବାହାଲକୁ ହରାଇ ଗାନ୍ଧୀନଗର ଚାମ୍ପିଅନ୍




ଖଡ଼ିଆଳ (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା ଗ୍ରାମ ପଂଚାୟତ ବୈଦେହି ସାଗର ଖେଳ ପଡିଆଠାରେ ସ୍ୱର୍ଗତ ଭଗବାନ ଦୁରିଆଙ୍କ ନବମତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୨୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳର ୧୬ ଗୋଟି ଦଳ ଯୋଗଦେଇଥିବା ବେଳେ, ଫାଇନାଲ ମ୍ୟାଚ୍‌ରେ ବେନ୍ଦ୍ରାବାହାଲ ଓ ଗାନ୍ଧୀନଗର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେନ୍ଦ୍ରାବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ନଅ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ଗାନ୍ଧୀ ନଗର ଦଳ ମାତ୍ର ୧୧ ଓଭରରେ ତିନି ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଆବାହକ କ୍ଷେତ୍ରମୋହନ ଦୂରିଆ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଉପ-ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, କଂଗ୍ରେସ ବିଧାୟକ ପ୍ରାର୍ଥୀ କମଲ ଚରଣ ତାଣ୍ଡି, ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ପଟ୍ଟନାୟକ, ନୂଆପଡ଼ା ଗୋଷ୍ଠୀ ଶିକ୍ଷାଅଧିକାରୀ ହେମସାଗର ମହାନନ୍ଦ, କଳିଙ୍ଗ ଟିଭି ଜିଲ୍ଲା ପ୍ରତିନିଧି କୁନୁ କରୁଆଁ, ଚିନ୍ଦାଗୁଡ଼ା ସରପଞ୍ଚ ଜେମାମଣି ରଣା, ଶିକ୍ଷାବିତ ଶରତ ପଣ୍ଡା, ହେମନ୍ତ ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଡ଼ାଃ ଶିବ ପ୍ରସାଦ ବେହେରା ଯୋଗଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାସହିତ କ୍ରିକେଟ ଖେଳରେ ବିଭିନ୍ନ ବିଭାଗର ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଶାନ୍ତ ସାଗର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଭାବରେ ନିରୁ ପୁରସ୍କୃତ ହୋଇଥିଲେ। ଶେଷରେ ଗାଁର ଶତାଧିକ ନିସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସ୍ଥାନୀୟ କଣ୍ଠଶିଳ୍ପୀ ଯୌତିକା ବିଶି ତାଙ୍କ ସୁମଧୁର ଗୀତ ମାଧ୍ୟମରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ଦୀର୍ଘ ନଅ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟକୁ ଆୟୋଜକ ସଭାପତି ପିଙ୍ଗଳ ମାଝୀଙ୍କ ସହ ଚୁମନଲାଲ ବାଗ, କେଶରୀ ମାଝୀ, ଦିଗାମ୍ବର ବାଗ, ଯୌତିପ୍ରକାସ ମାଝୀ, ରୋଶନ ପ୍ରଧାନୀ, ଟିକେରାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ମୁହଁ ଖୋଲିଲେ ରୋହିତ : ଅବସର ନେବାର ସମୟ ଆସିନି

ନୂଆଦିଲ୍ଲୀ : ଚର୍ଚ୍ଚା, ଆଲୋଚନା ଭିତରେ ପ୍ରଥମ ଥରି ମୁହଁ ଖୋଲିଲେ କ୍ୟାପଟେନ୍ ରୋହିତ ଶର୍ମା। ସିଡନୀ ଟେଷ୍ଟ ନଖେଳିବା ନେଇ ମୁହଁ ଖୋଲିଛନ୍ତି ରୋହିତ । କହିଛନ୍ତି ଦଳର ହିତ ଦୃଷ୍ଟିରୁ ମୁଁ ନେଇଛି ବଡ଼ ନିଷ୍ପତ୍ତି । ହେଲେ ଏବେ ମୁଁ ସନ୍ନ୍ୟାସ ନେଉନାହିଁ, ଗୋଟିଏ ମ୍ୟାଚ୍‌ରୁ ନେଇଛି ବିଶ୍ରାମ। ସିଡନୀ ଟେଷ୍ଟ ନଖେଳିବା, ତାଙ୍କ ନିଜସ୍ୱ ନିଷ୍ପତ୍ତି ବୋଲି କହିଛନ୍ତି ରୋହିତ। ପୁଣିଥରେ ପରିଶ୍ରମ କରି କମ୍‌ବ୍ୟାକ୍ କରିବେ । ଏବେ ରନ୍ ଆସୁନାହିଁ ହେଲେ ୫ ମାସ ପରେ ରନ୍ ଆସିବ ନାହିଁ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ଷ୍ଟାର ସ୍ପୋର୍ଟସ୍‌କୁ ସାକ୍ଷାତକାର ଦେଇ କହିଛନ୍ତି ରୋହିତ ଶର୍ମା । ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିନଥିଲେ ରୋହିତ । ଏହାପରେ ଖେଳିଥିବା ତିନିଟି ଟେଷ୍ଟରେ ରୋହିତଙ୍କ ବ୍ୟାଟ୍ ଚାଲିନଥିଲା । ଫଳରେ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ରୋହିତଙ୍କୁ । ଏହା ପରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳୁନାହାନ୍ତି ରୋହିତ। ଶେଷ ଟେଷ୍ଟରୁ ଅଧିନାୟକ ରୋହିତ ବାଦ୍ ପଡ଼ିବା ପରେ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଥିଲା। ଏହାରି ଭିତରେ ଆଜି ରୋହିତ ଶର୍ମା ମୁହଁ ଖୋଲିଛନ୍ତି।

## ବୁମ୍‌ରା ଆହତ : ଭାରତ ପାଇଁ ସମସ୍ୟା

ସିଡନୀ: ସିଡନୀରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ର ପଞ୍ଚମ ତଥା ଶେଷ ଟେଷ୍ଟ ମଧ୍ୟରେ ଟିମ ଇଣ୍ଡିଆର ସମସ୍ୟା ବଢ଼ିଛି। ଏହି ମ୍ୟାଚରେ ଦଳର ଅଧିନାୟକ ଥିବା ଜସପ୍ରୀତ ବୁମ୍ରା ହଠାତ୍ ପଡ଼ିଆ ଛାଡିଥିଲେ। ପ୍ରାୟ ଅଧ ଘଣ୍ଟା ପରେ ସେ ମେଡିକାଲ ଟିମ ସହିତ ବାହାରକୁ ଆସିଥିଲେ। ଏହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ସେ ଏକ ସ୍କାନ ପାଇଁ ମେଡିକାଲ ଦଳ ସହ ବାହାରକୁ ଯାଇଥିଲେ। ମେଡିକାଲ ଟିମ ସହିତ ବୁମରା କାରରେ ଯାଉଥିବାର ମଧ ନଜର ଆସିଥିଲେ। କମେଣ୍ଟ୍ରି ଦେଉଥିବା ରବି ଶାସ୍ତ୍ରୀ ମଧ ଅନୁମାନ କରିଛନ୍ତି, ବୋଧହୁଏ ବୁମରାଙ୍କୁ ସ୍କାନ ପାଇଁ ନିଆଯାଇଛି। ସିଡନୀ ଟେଷ୍ଟର ଦ୍ୱିତୀୟ ଦିନରେ ବୁମରା ୧୦ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। ତେବେ ଏବେ ବୁମ୍‌ରାଙ୍କୁ ଦ୍ୱିତୀୟ ଦିନରେ ବୋଲିଂ ଦେଖିବାକୁ ମିଳବ ନାହିଁ। ବୁମ୍‌ରା ଏହିପରି ବାହାରକୁ ଯିବା ଟିମ ଇଣ୍ଡିଆ ପାଇଁ ଚିନ୍ତାର ବିଷୟ। ତେବେ ହଠାତ୍ କାହିଁକି ସେ ପଡ଼ିଆ ଛାଡିଛନ୍ତି ସେନେଇ ବୁମରାଙ୍କ ସମ୍ପର୍କରେ ସରକାରୀ ସୂଚନା ଏପର୍ଯ୍ୟନ୍ତ ଆସିନାହିଁ। ବୋଲିଂ ବେଳେ ବୁମରା ଆଦୌ ସହଜ ମନେ ହେଉ ନ ଥିଲେ।

## ନୂଆବର୍ଷ ଉପଲକ୍ଷେ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ଟିମ୍‌ର ବାଜିମାତ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, ଭୁବନେଶ୍ୱର ତରଫରୁ ନୂଆବର୍ଷ ଉପଲକ୍ଷେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ଜାନୁଆରୀ ୧ରେ ବାଙ୍କୁଆଳ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର, କଟକ, ବାରିପଦା ତଥା ବ୍ରହ୍ମପୁରର ଟିମ ଗୁଡିକ ଭାଗ ନେଇଥିଲେ। ୬ ଗୋଟି ଲିଗ ମ୍ୟାଚରୁ ଭୁବନେଶ୍ୱର ଓ ବ୍ରହ୍ମପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଟିମର ବିଶ୍ୱଜିତ ଦାସଙ୍କର ଚିତାକର୍ଷକ ବ୍ୟାଟିଂ ବଳରେ ଭୁବନେଶ୍ୱର ଟିମ ଫାଇନାଲ ମ୍ୟାଚ୍‌କୁ ଜିତି ନେଇଥିଲା। ମ୍ୟାନେଜେମେଣ୍ଟର ଅଧକ୍ଷ ଅନୁପମ ଲାହିରୀଙ୍କ ଦ୍ୱାରା ଭୁବନେଶ୍ୱର ଟିମର ବିଶ୍ୱଜିତ ଦାସଙ୍କୁ ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ତଥା ସୁନୀଲ କୁମାର ଷଣ୍ଡଙ୍କୁ ବେଷ୍ଟ ବୋଲର ଭାବରେ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଟିମର ଅଧିନାୟକ ଗୌତମ କୁମାର ବିଶ୍ୱାଳଙ୍କୁ ବିଜେତା ଟ୍ରଫି, ତଥା ବ୍ରହ୍ମପୁର ଟିମର ଅଧିନାୟକ ପ୍ରଦୋତ କୁମାର ବେହେରାଙ୍କୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟଟିକୁ ସୁଚାରୁରୂପେ ପରିଚାଳନା ତଥା ସହଯୋଗ କରିଥିବାରୁ ସମସ୍ତ ସହକର୍ମୀ ବୃନ୍ଦ, ଆମ୍ପାୟାର, ବାଙ୍କୁଆଳ ଗ୍ରାମବାସୀଙ୍କୁ ଉପ ମହାନିର୍ଦ୍ଦେଶକ ଅନୁପମ ଲାହିରୀ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଘୋଷକ ଭାବରେ ସୁଧୀର ସ୍ୱାଇଁ ଓ ପ୍ରିତମ କୁମାର ରାଉତ ରାୟଙ୍କୁ ମଧ୍ୟ ପ୍ରଶଂସା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପି. କେ. ମଲ୍ଲିକ, ଏସ. କେ. ନାୟକ, ସି. ଏସ. ମହାପାତ୍ର, ଏନ. ବୋଡ଼େକ ଆଦି ଉପସ୍ଥିତ ଥିଲେ।

## ଶିଶୁମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

କାକଟପୁର(ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଅନ୍ତର୍ଗତ ଓଥକା ସରସ୍ୱତୀ ଶିଶୁମନ୍ଦିରର ଷୋଡ଼ଷତମ ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ ତଥା କବି ହୃଦାନନ୍ଦ ସାସମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିନୟ କୁମାର ମିଶ୍ର କ୍ରୀଡା ପରିଚାଳନା କରିଥିଲେ। ଏହି ବାର୍ଷିକ କ୍ରୀଡ଼ାରେ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ : ଆଜି ପ୍ରଥମ ସେମିଫାଇନାଲ



ତିହିଡି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସୟା ପଞ୍ଚାୟତ ଅଧିନ ଧୂଳିପଦାରେ ମା' ବାସନ୍ତୀ ସ୍ୱେଚ୍ଛାସେବୀ ଯୁବ ସଂଗଠନ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳ କ୍ୱାଟର ଫାଇନାଲ ମ୍ୟାଚ ଶେଷ ହୋଇଯାଇଛି। ଆଜି ଜାରକା ଜଗୁଆର, ଭୁବନେଶ୍ୱର ଓ ମୁନ ଲାଇଟ ବନ୍ତ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୧୧ତାରିଖରେ ଜେ ଜେ ସ୍ପୋର୍ଟିଂ ଦେଉଳା ଏବଂ ପୁରୁଣା ବଜାର ଭଦ୍ରକ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ। ଏହି ଅବସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା ବେଳେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବେପାର ଏବଂ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୧ତାରିଖରେ ବିଭିନ୍ନ କୃତି ପ୍ରତିଯୋଗୀ ଏବଂ ସୟା ଗ୍ରାମପଞ୍ଚାୟତ ଉନ୍ନତି କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଥିବା 'ସୟା ରତ୍ନ' ଉପାଧିରେ ସମ୍ମାନୀତ କରାଯିବ। ଆଜିର ଶେଷ କ୍ୱାଟର ମ୍ୟାଚରେ ମୋନ ଲାଇଟ ବନ୍ତ ଏବଂ ବ୍ଲୁ ଷ୍ଟାର ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୋନ ଲାଇଟ ବନ୍ତ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିବା ବେଳେ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୩୬୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବ୍ଲୁ ଷ୍ଟାର ୧୮ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୨୩୨ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ପ୍ରଶାନ୍ତ କୁମାର ମହାନ୍ତି ଏବଂ ବସନ୍ତ କୁମାର ମଳିକ ଖେଳ ପରିଚାଳନା କରିଥିବା ବେଳେ ଶିଶିର କୁମାର ନାୟକ, ତପନ ମହାଳିକ, ସୁଶାନ୍ତ ମଳିକ ଏବଂ ଅଶୋକ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରିଙ୍ଗରେ ସ୍ୱାଗତ ରାଉତ, ପ୍ରବୋଧ ରଞ୍ଜନ ସାହୁ, ବିକାଶ ନାୟକ ଥିବା ବେଳେ ଥାଡ୍ ଆମ୍ପୟାର ଭାବେ ସଞ୍ଜୟ ସେଠି, ଲକ୍ଷ୍ମଣ ନାୟକ ତୁଲାଇ ଥିଲେ। ଅନୁଷ୍ଠାନର ସଭାପତି ପ୍ରହଲ୍ଲାଦ ନାୟକ, ଲଲାଟେନ୍ଦୁ ମଲ୍ଲିକ, ପୂର୍ବତନ ସଭାପତି କାହ୍ନୁ ଚରଣ ଶତପଥି, ସୌମ୍ୟ ରଞ୍ଜନ ନାୟକ, କାଳନ୍ଦୀ ସେଠି, ମଳୟ ସେଠି, ସନ୍ତୋଷ କୁମାର ନାୟକ, ଉଜ୍ଜଳ ନାୟକ, କହେଁଇ ନାୟକ, ପ୍ରଶାନ୍ତ ସାମଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଜିନ୍ଦଲ ଷ୍ଟେନଲେସ, ଯାଜପୁର ସହଯୋଗରେ ତଥା ସ୍ଥାନୀୟ ଚଣ୍ଡୀମାତା କ୍ଲବ, କାଳିଆପାଣି ଆନୁକୂଲ୍ୟରେ ସୁକିନ୍ଦା କାଳିଆପାଣିଠାରେ ଏକ ଛ'ଦିନିଆ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁକିନ୍ଦା ପଞ୍ଚାୟତ ସମିତି ଅଧିନସ୍ଥ ବିଭିନ୍ନ ଗ୍ରାମର ୧୨ଟି ଫୁଟବଲ ଟିମ ଭାଗ ନେଇ ସେମାନଙ୍କର ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚରେ ପେନାଲ୍ଟି ସୁଟଆଉଟ୍ ରାଉଣ୍ଡ ସମୟରେ ହେ ବାବା ଫୁଟବଲ୍ କ୍ଲବ୍, କାଟେପୁର୍ତି ନଗର ଚାମ୍ପିଅନ୍ ହୋଇଥିବା ବେଳେ ମହାବୀର ଆଣ୍ଡ ମହାବୀର ଫୁଟବଲ ଟିମ, ସୁକରଙ୍ଗୀ ରନର୍ସଅପ ହୋଇଥିଲା। ରେଫରି ଭାବରେ ଦୁଖାବନ୍ଧୁ ମାଝୀ, ଉବନ ମାଝୀ, ହରି ସୋରେନ, ରଞ୍ଜନ ଦେହୁରୀ ଓ ବାସୁଦେବ ଦେହୁରୀ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ସ୍ଥାନୀୟ ଲୋକ ମାନଙ୍କର ବହୁଳ ସମାଗମ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ କାଳିଆପାଣିର ସରପଞ୍ଚ ବିକାଶ ପାତ୍ର ଏବଂ ଯୁବ ସମାଜସେବୀ ଆଶିଷ କୁମାର ଜେନା ଉଦଘାଟନ କରିଥିବା ବେଳେ ଫାଇନାଲ ମ୍ୟାଚରେ ଜିନ୍ଦଲ ଷ୍ଟେନଲେସ ତରଫରୁ ଖଣି ମୁଖ୍ୟ ରାମୀୟ ରଞ୍ଜନ ରାୟ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ଜିନ୍ଦଲ ଷ୍ଟେନଲେସ ସୁକିନ୍ଦା ତଥା ଦାନଗଦି ବ୍ଲକ ର ୧୦୦ ଜଣ ଫୁଟବଲ ଖେଳାଳୀଙ୍କର ପ୍ରତିଯୋଗିତା ଆୟୋଜନ କରାଇ ସେମାନଙ୍କ ମଧ୍ୟରୁ ୫ ଜଣ ଅସାଧାରଣ ଖେଳାଳିଙ୍କୁ ମନୋନୀତ କରାଯାଇ ସେମାନଙ୍କର ଫୁଟବଲ ଖେଳର ଦକ୍ଷତା ବୃଦ୍ଧି ସକାଶେ ଦିଲ୍ଲୀ ସ୍ଥିତ ସୁଦେବା ଫୁଟବଲ ପ୍ରଶିକ୍ଷଣ ସଂସ୍ଥାରେ ପ୍ରଶିକ୍ଷିତ କରାଇଥିଲେ। ସେଇ ପାଞ୍ଚ ଜଣ ପ୍ରଶିକ୍ଷିତ ଖେଳାଳି ଭାରତ ର ବିଭିନ୍ନ ସୁଦକ୍ଷ ଟିମ ଯଥା ଦିଲ୍ଲୀ ,ପଞ୍ଜାବ ,ଗୋଆ , କୋଲକାତା ଇତ୍ୟାଦି ଙ୍କ ବିପକ୍ଷରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳି ନିଜ ନିଜର ଖେଳ ପରାକାଷ୍ଠା ପ୍ରଦର୍ଶନ କରିପାରିଛନ୍ତି ଓ ଅଧୁନା ସେଇ ପାଞ୍ଚ ଜଣ ପ୍ରଶିକ୍ଷିତ ଖେଳାଳି ମାନଙ୍କୁ ନେଇ ଜିନ୍ଦଲ କମ୍ପାନୀ ଏହାର ସାମାଜିକ ଦାୟିତ୍ୱ ବିଭାଗ ମାଧ୍ୟମରେ ପାଞ୍ଚ ଟି ଗ୍ରାମରେ ୯ ରୁ ୧୫ ବର୍ଷ ବୟସର ଶହେ ଜଣ ପିଲାମାନଙ୍କୁ ଫୁଟବଲ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଫୁଟବଲ ଖେଳ ଉପରେ ସେମାନଙ୍କର ପାରଦର୍ଶିତା ବୃଦ୍ଧି ପାଇଁ ପ୍ରୟାସ ଜାରି ରଖିଛନ୍ତି।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଖରିଡା ଚାମ୍ପିଅନ୍



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ ମାଧପୁର ଶ୍ୟାମାକାଳୀ ଯୁବକ ସଂଘ ତରଫରୁ ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଖରିଡା ଓ ଖମ୍ବେଶ୍ୱରୀ ସ୍ପୋର୍ଟିଙ୍ଗ କ୍ଲବ (ଭଂଜନଗର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଖରିଡା ୩-୨ ରେ ବିଜୟ ଲାଭ ଚମ୍ପିୟାନ ହୋଇଥିଲା। ଚାମ୍ପିଅନ ଦଳଙ୍କୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ସେହିପରି ରନର ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉଦଯାପନି ଦିବସରରେ ମୁଖ୍ୟ ଅତିଥି ରୂପେ ନିହାର ରଞ୍ଜନ ନାୟକ, ପୂର୍ବତନ ସରପଂଚ ଶରତ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଯୁଧିଷ୍ଠିର ରେଡି, ସମ୍ପାଦକ ଶିବ ରଞ୍ଜନ ସାହୁ, ରମେଶ ପାତ୍ର, ରଘୁନାଥ ବେହେରା, ମହେନ୍ଦ୍ର ଗୌଡ଼, ଟି କିଶୋର ରେଡି, ପଦ୍ମ ନାଭ ସାହୁ ଏବଂ ବଉଳ ଗାଁ ଗ୍ରାମର ରାଜ୍ୟସ୍ତରୀୟ ଖେଳାଳି ନରସିଂହ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଆନ୍ତଃ ମହାବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

## ସେମିଫାଇନାଲ୍‌ରେ କୋକସରା



ନୂଆପଡ଼ା (ଭାସ୍କର ନ୍ୟୁଜ୍) : ଶନିବାରନୂଆପଡ଼ା ମହାମାୟା ମହାବିଦ୍ୟାଳୟରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତ ମହାବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରି କ୍ରୀଡ଼ାବିତ୍ ତଥା ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଉଦ୍‌ଘାଟନୀ ସଭାରେ ଅନୁଷ୍ଠାନ ନିର୍ଦ୍ଦେଶକ ଟଙ୍କଧର ସାହୁ ସଭାପତି ଏବଂ ସମ୍ମାନୀତ ଅତିଥି ଭାବରେ ଅଧକ୍ଷା ସାଗରିକା ପ୍ରଧାନ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ଯୋଗ ଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୧ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଆଜି କ୍ୱାର୍ଟର ଫାଇନାଲରେ ସାନଚେର ଗାଁ କଲେଜ୍, ମହାମାୟା କଲେଜ୍, ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଖେଳି ଥିବା ବେଳେ କୋକସରା ମହାବିଦ୍ୟାଳୟ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ପ୍ରକାଶ ସାହୁ କ୍ରୀଡ଼ା ଅଧାପକ ନେସନାଲ କଲେଜ୍, ଏମ୍ କୁମାର୍ ଖର୍ସେଲ, ପରୀକ୍ଷିତ ଖର୍ସେଲ, ଚନ୍ଦ୍ର ମୋହନ ବିଶ୍ୱାଳ, ମଳୟ କୁମାର ବିଶ୍ୱାଳ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ଅଭୁଲା ସ୍ମୃତି

**ସୁହଂସ ଭୋଇ**

ବରଷା ବୈଶାଖ କେତେ ଯେ ବସନ୍ତ
ଜୀବନେ ଗଲାଣି ବିତି
ଅନାବନା ସବୁ ଅନୁଭୂତି ଏବେ
ଗୋଟିଏ ଗୋଟିଏ ସ୍ମୃତି

କାନକୁ ଶୁଭୁଛି ଚାଟଶାଳୀ ଘଣ୍ଟି
ସକାଳ ପ୍ରାର୍ଥନା ଗୀତି
ମନେ ପଡେ ଅବଧାନ ବେତ ମାଡ
ଛାଡିନି ଏ ଯାଏଁ ଭୀତି

ସାଙ୍ଗ ସାଥି ମିଳାମିଶା ରୁଷାଫୁଲା
ରାଗ କଥା କଟା କଟି

ଅଭିମାନ ଛାଡି ଘଡିକେ ଏକାଠି
ହସି କହୁଥିଲୁ ମିଟି

ଖରାଛୁଟି ମଜା ବାରଗୋଳା ଖଜା
ବଡ ଖୁସି ବଣଭୋଜି
ଗୁଡି ଉଡା ମାଛ ଧରା ନଈ ବୁଡା
ସପନ ହେଲାଣି ଆଜି

ସାଉଁଟି ଆଣି କି ସାଇତି ରଖିଛି
ପାରୁନି ତାହାକୁ ଭୁଲି
ଠିକଣା ବେଳରେ ପୋଛି ମୁଁ ଦେଉଛି
ସ୍ମୃତିର ଦେହରୁ ଧୂଳି

*ପହଣ୍ଡି, ବିଜେପୁର ବରଗଡ*
*ମୋ- ୯୪୩୭୫୨୨୪୫୫*



# ନିର୍ଯାତିତ

**ରତ୍ନକାନ୍ତି ମିଶ୍ର**

ନିଶାର୍ଦ୍ଧ ପ୍ରାୟ। ମହାନଦୀ ବ୍ରିଜ ଉପରେ ଠିଆ ହୋଇଥିଲା ସରୋଜ। ଟାଣୁଥିବା ସିଗାରେଟ ଖଣ୍ଡିକ ସରିଲା ପରେ ଆଉ ଗୋଟିଏରେ ନିଆଁ ଲଗାଇଲା। ବିପର୍ଯ୍ୟସ୍ତ କେଶ ବିନ୍ୟାସ, ଅଯତ୍ନ ଦାଢ଼ି, ଗୋଟେ ହାଫ ପ୍ୟାଣ୍ଟ ପିନ୍ଧି କେମିତି ଗୋଟେ ବେଖାତିର ଢଙ୍ଗରେ ବ୍ରିଜର ବାଡ଼ ଉପରେ ଗୋଟିଏ ଗୋଡ଼ ଥୋଇ ବସିଛି । ଏସବୁ ଦୃଶ୍ୟ ଦୂରରୁ ଥାଇ ଦେଖୁଥିଲେ ଜଣେ ଭଦ୍ରବ୍ୟକ୍ତି। ସେ ଚାଲଚାଲ ହୋଇ ସରୋଜ ପାଖରେ ଯାଇ ଠିଆ ହେବାଟା ତା' ଉପରେ କିଛି ପ୍ରଭାବ ପଡିଲା ଭଳି ଲାଗିଲାନି। ହୁଏତ ତା' ଦୁନିଆରେ ସେ ହଜି ଯାଇଛି ।

ସରୋଜର ସିଗାରେଟ ଟାଣିବା ସରି ଯାଇଥିଲା ।ଉପରକୁ ଅନେଇ କିଛି ଭାବିଲା, ବେଶ ବିବ୍ରତ ଜଣାପଡୁଥିଲା।

ଭଦ୍ରବ୍ୟକ୍ତି ପଚାରିଲେ-' ତୁମ ଘର କ'ଣ ଏଇଠି କେଉଁଠି..? -'ହଁ...!' ଏତିକିରେ କଥା ସାରିଲା ସରୋଜ। ପୁଣି ଆନମନା।

- 'ପଢୁଛ ନାଁ କ'ଣ କରୁଛ ? 'ଧୀରେ ପଚାରିଲେ ଭଦ୍ରବ୍ୟକ୍ତି।

-' ସଫ୍ଟୱେର ଇଞ୍ଜିନିୟର ଅଛି, ବାଙ୍ଗାଲୋରରେ ଚାକିରି। ବାହା ହୋଇ ପୁଅଟିଏ। ଘରେ ବାପା ମା' ଆଉ ଛୋଟ ଭଉଣୀ। ବାପା ଚାକିରି କରୁଥିଲେ, ରିଟାୟାର୍ଡ଼ ହେଇଛନ୍ତି। ସାନ ଭଉଣୀ କଲେଜରେ ପଢୁଛି। ଆଉ କିଛି ଜାଣିବାର ଅଛି କି? 'ବିରକ୍ତି ଭାବ ପ୍ରକାଶ କରି କହିଲା ସରୋଜ ।

ଆଗନ୍ତୁକ କହିଲେ -' ମୁଁ ଏମିତି ଟିକେ ବୁଲି ଆସିଥିଲି। ପ୍ରକୃତରେ ମୋ ମନରେ ଉପୁଜିଥିବା କିଛି ଦୁଃଖ ଦୂର କରିବାକୁ ଇଆଡେ ଆସିଥିଲି। ତୁମକୁ ଦୂରରୁ ଦେଖିଲି, ଏକା ବସିଛ। ଭାବିଲି ତୁମ ସହିତ ଟିକିଏ କଥାବାର୍ତ୍ତା ହେଲେ ଭଲ ଲାଗିବ କାଳେ ! କିନ୍ତୁ ଦେଖୁଛି ମୋର କଥା ହେବାଟା ତୁମକୁ ବିଲକୁଲ ବି ଭଲ ଲାଗୁନି।'

-' କ'ଣ କଥା ହେବେ ଆପଣ? ନିଜ କଥା ତ ନିଜକୁ ଭାରି ହେଉଛି ମୋତେ। ବହୁତ ପ୍ରବଚନ ଶୁଣିଲିଣି କେତେ କାହାଠାରୁ। ଆଉ ଶୁଣିବାକୁ ଇଚ୍ଛା ନାହିଁ। ମୁଁ ତ ମୋର ବସିଛି, ଆପଣ ଏବେ ଆପଣଙ୍କ ବାଟରେ ଯାଇ ପାରନ୍ତି।'

ପରିସ୍ଥିତିକୁ ଟିକିଏ ହାଲୁକା କରିବା ପାଇଁ ଭଦ୍ରବ୍ୟକ୍ତି କହିଲେ - 'ନା...ନା,ମୋର ପ୍ରବଚନ ଦେବାର ନାହିଁ, ମୁଁ ବହୁତ ଅସୁବିଧାରେ ପଡିଯାଇଛି, ଭାବୁଥିଲି କାଳେ ତୁମେ କିଛି ସାହାଯ୍ୟ କରିପାରିବ, କିନ୍ତୁ ତୁମେ ତ ରାଗରେ ମୋ ଉପରକୁ ତମତମ ହେଉଛ,ଛାଡ଼...'।

ଟିକିଏ ନରମ ହୋଇ ସରୋଜ କହିଲା-' ଦେଖ, ଟଙ୍କା ପଇସା ସାହାଯ୍ୟ ପାଇଁ ଯଦି ଭାବୁଛ, ମୋ ପାଖରେ କିଛି ଟଙ୍କା ପଇସା ନାହିଁ।'

- 'ମୋର ଟଙ୍କା ଦରକାର ନାହିଁ।'

- 'ତେବେ ମୋ ଠୁ ଚାହୁଁଛନ୍ତି କ'ଣ? ଟିକିଏ ଧୀରେ କହିଲା ସରୋଜ।'

- 'କିଛି ନାହିଁ। ମୋ ନାଁ ବିମଳ। ଏକା ଲୋକଟେ। ଯାହାକୁ ପାଏ ତା' ସାଥିରେ ଟିକେ କଥା ହୁଏ, ଭାବ ଦେବାନେବା ର ସ୍ୱାର୍ଥୀ ଲୋକଟେ ମୁଁ।'

ଧୀରେ ଧୀରେ ସହଜ ହୋଇଆସିଲା ସରୋଜ। ତା'ର ଚାହାଣୀରେ ଟିକିଏ ଆତ୍ମୀୟତାର ଆଭାସ ।

-' ବିମଳ ବାବୁ, ଆପଣଙ୍କର ପରିବାର ନାହିଁ? ଆପଣ କ'ଣ ବାହା ହେଇ ନାହାନ୍ତି?' ପଚାରିଲା ସରୋଜ।'

-' ନା'।

-' କାହିଁକି ବାହା ହେଲେନି? 'କିଛିଟା ଉତ୍ସୁକତା ଥିଲା ତା' ମନରେ।

-'ତୁମେ ଅନୁମାନ ଲଗାଅ ...ଆଉ କୁହ..! 'ଅଳ୍ପ ହସି କହିଲେ ବିମଳ ବାବୁ।

-'ଭାଇ,ତୁମର ବି ସେଇ ପ୍ରେମ ବ୍ୟାପାର ନା କ'ଣ ?

-' ଠିକ୍ ଧରିଛ। ତେବେ ମୋ କଥା ଛାଡ଼ । ଅତୀତକୁ ଘାଣ୍ଟିଲେ ମନଟା କ୍ଷତାକ୍ତ ହେବ ସିନା..କିଛି ମିଳିବନି..ତୁମ କଥା କୁହ..'

-'ହଁ ଭାଇ, ମୁଁ ଗୋଟେ ଝିଅକୁ ଭଲ ପାଉଥିଲି । ଅବଶ୍ୟ ଭଲ ପାଇବାଟା ତା' ଆଡୁ ଆରମ୍ଭ ହୋଇଥଲା। ତାକୁ ହିଁ ମ୍ୟାରେଜ କଲି ବି..। ହେଲେ ବହୁତ ବଡ଼ ଧୋକ୍କା ଦେଇଛି ଏବେ ମୋତେ ସେ ।ମୋ ଲାଇଫ ପୁରା ବର୍ବାଦ ହେଇଗଲା । ଘରେ କାହା କଥା ନମାନି ଆଜି ଏ ଦଶା ମୋର। ଆଉ ବଞ୍ଚିବାକୁ ଚାହୁଁନି।' ସରୋଜ ଭାଙ୍ଗି ପଡୁଥିଲା।

-' ତୁମେ ଏମିତି ଆତ୍ମହତ୍ୟା ଭଳି କିଛି ଖରାପ ଉଦ୍ଦେଶ୍ୟ ନେଇ ଏଠାକୁ ଆସିନା ତ ! ମୋତେ ଟିକିଏ ଖୋଲିକି କହିବ ସବୁ କଥା ? କାଳେ ମୁଁ କିଛି ସାହାଯ୍ୟ କରିପାରେ।'

-' ଭାଇ, ଯେଉଁ ଝିଅ ମୋ ସହିତ ସମ୍ପର୍କରେ ରହିବା ପରେ ନିଜ ଆଡୁ ଶୀଘ୍ର ବାହାଘର ପାଇଁ ଉତ୍ସୁକତା ପ୍ରକାଶ କରିଥିଲା , ସେଇ ପୁଣି ପୁଅଟିଏ ହେବା ପରେ ଏବେ ଡାଇଭର୍ସ ପାଇଁ କେସ୍ ଫାଇଲ କରିଛି। ମୁଁ ତାକୁ ବହୁତ ବୁଝେଇବାକୁ ଚେଷ୍ଟା କରିଛି। ହେଲେ ସେ ନିଜ ଜିଦ୍ ରେ ଅଟଳ।'

- ' ସବୁ ପ୍ରକାର ଚେଷ୍ଟା କରି ଯଦି ବିଫଳ, ତେବେ ତାକୁ ତା' ବାଟରେ ଛାଡ଼ିଦେବା ଭଲ। 'ଭଦ୍ରବ୍ୟକ୍ତି ସରୋଜକୁ ବୁଝାଇବାକୁ କହିଲେ।

-' କ'ଣ କହୁଛ ତୁମେ? ମୋତେ ତଳିତଳାନ୍ତ କରିସାରିଲାଣି ସେ। ଯୌତୁକ ନିର୍ଯାତନାର କେସରେ ମୋତେ ଫସେଇଛି। ମାମଲା ରଫାଦଫା କରିବା ପାଇଁ ତିନି କୋଟି ଟଙ୍କାର ଭରଣ ପୋଷଣ ଖର୍ଚ୍ଚ ନେବା ପାଇଁ କେସ୍ କରିଥିଲା। କୋର୍ଟ କିନ୍ତୁ ମାସିକ କୋଡ଼ିଏ ହଜାର ଟଙ୍କାର ଫଇସଲା ଶୁଣାଇ ଥିଲେ।

ଏବେ ପୁଣି ସେ ହାଇକୋର୍ଟ ରେ କେସ୍ ଫାଇଲ କରିଛି।

ଭଦ୍ରବ୍ୟକ୍ତି ସରୋଜକୁ ଏକ ଲୟରେ ଚାହିଁଲେ କେବଳ।

-' ମୋ ଦୁଃଖ ତୁମକୁ ବି କଷ୍ଟ ଦେଉଛି ନା ଭାଇ ! ମୁଁ ନାଚାର ।ଆଉ ସହିବା ଶକ୍ତି ମୋ ପାଖରେ ନାହିଁ। ଯାହା କିଛି ରୋଜଗାର କରିବି ତ ଏଇ ମାଲି ମକଦ୍ଦମାରେ ଖର୍ଚ୍ଚ ହେବ ଜୀବନ ସାରା। ପରିବାରକୁ ସାହାଯ୍ୟ କରିବା ଦୂରର କଥା ସେମାନଙ୍କ ଉପରେ ବୋଝ ହେଲିଣି। ମୋ ପାଇଁ ଭଉଣୀର ବାହାଘର ହୋଇପାରୁନାହିଁ। ବାପା ମା' ବହୁତ ଡିପ୍ରେସନରେ ବଞ୍ଚିଛନ୍ତି। ଏ ଜୀବନରୁ ମୁକୁଳିଗଲେ ହିଁ ସବୁ ସମାଧାନର ସମାଧାନ ହୋଇଯିବ।'

-' ଗୋଟିଏ କଥା କହିବି ? ମୋତେ କାହିଁକି କେଜାଣି ଲାଗୁଛି ତୁମ ଅସୁବିଧାର ସମାଧାନ ପଥଟିଏ ଅଛି। ତୁମ କପାଳ ରେଖାରେ ମୁଁ ଦେଖି ପାରୁଛି ସେମିତି କଥା।'

-' ତୁମେ କ'ଣ ଜ୍ୟୋତିଷ ଶାସ୍ତ୍ର ବିଷୟରେ କିଛି ଜାଣିଛ କି ଭାଇ!' ବିକଳ ହୋଇ ପଚାରିଲା ସରୋଜ।

-' ଅଳ୍ପ, ଅଳ୍ପ.. ସେଇମିତି କିଛି।'

-' ଆଉ କିଛି ଜାଣିପାରୁଛ କି? ପ୍ଲିଜ୍ ମୋତେ କୁହ।'

-' ନା, ବିଶେଷ କିଛି ନୁହେଁ। ତୁମ ଆତ୍ମହତ୍ୟା ପରେ ବାପା ମା' ଭଉଣୀଙ୍କ ଅବସ୍ଥା ଗୁରୁତର ହୋଇଯିବ। ସେମାନେ ବି ତୁମ ପଥ ଅନୁସରଣ କରିପାରନ୍ତି।'

ଏଥର ସରୋଜ ଆଖିରେ ଲୁହ ଟଳମଳ ହେଉଥିବାର ଦେଖିପାରିଲେ ବିମଳ ବାବୁ।

-' ଉପାୟ କ'ଣ ତେବେ କୁହ।'

- ' ତୁମ ମିସେସଙ୍କର କୌଣସି ଜିନିଷ ନାହିଁ ତୁମ ପାଖରେ ?'

-' ହଁ କିଛି ପ୍ରସାଧନ ସାମଗ୍ରୀ, କେତେ ଗୁଡିଏ ପୋଷାକ। ହଁ ଆଉ ଗୋଟିଏ ମୋବାଇଲ, ଯେଉଁଟା ମୁଁ ତାକୁ ଗିଫ୍ଟ ଦେଇଥିଲି। ଘଣ୍ଟା ଘଣ୍ଟା ଧରି କାହା ସହିତ ଫୋନରେ ଗପି ସମୟ କାଟେ ବୋଲି ମୁଁ ବାରମ୍ବାର ବାରଣ କରେ। ସେଥିପାଇଁ ସେ ରାଗିଯାଇ ମୁଁ ଦେଇଥିବା ଉପହାର ସେଇ ମୋବାଇଲକୁ ଫୋପାଡି ଦେଇ ଯାଇଥିଲା।' ଉତ୍ସାହିତ ହୋଇ କହିଲା ସରୋଜ।

-' ମୋତେ ଲାଗୁଛି, ସେତିକି ଜିନିଷ ଭିତରେ ତୁମେ ସମାଧାନ ପଥ ପାଇଯିବ ।'

ଦୁହେଁ ଏଥର କଥାବାର୍ତ୍ତା ହୋଇ ଫେରିଲେ ପ୍ରେସ ଛକ ପର୍ଯ୍ୟନ୍ତ। ନିଜ ନିଜର ଠିକଣା ଆଦାନ ପ୍ରଦାନ କରି ବିଦାୟ ନେବା ପୂର୍ବରୁ, ଭଦ୍ରବ୍ୟକ୍ତି ସରୋଜକୁ ବେଷ୍ଟ ଅଫ୍ ଲକ୍ ଜଣାଇଲେ।

ସରୋଜ ବାଙ୍ଗାଲୋରରେ ପହଞ୍ଚି ମିସେସର ସବୁ ଜିନିଷକୁ ଖୋଜି ସାରିବା ପରେ ସେଇ ମୋବାଇଲଟିକୁ ଶେଷ ଆଶା ଭାବି ଚାର୍ଜରେ ବସେଇଲା।

ମୋବାଇଲ ଲକ୍ ଥିଲା ତ ଘନିଷ୍ଠ ବନ୍ଧୁର ସହଯୋଗରେ ଅନଲକ୍ କଲା। କଲ୍ ରେକର୍ଡକୁ ଯାଞ୍ଚ କଲା ତ ଗୋଟିଏ ନମ୍ବର ଉପରେ ତା'ର ସନ୍ଦେହ ହେଲା। ବାରମ୍ବାର ବ୍ୟବହାର କରାଯାଇଥିବା ନମ୍ବରକୁ ଫଲୋ କଲା। ବନ୍ଧୁଙ୍କ ଫୋନ୍ ନମ୍ବରରୁ କଲ କରି ଯେଉଁ ତଥ୍ୟ ପାଇଲା ସେଥିରେ ବିସ୍ମୟବିଭୂତ ହେଲା ସରୋଜ। ସୋସିଆଲ ମିଡ଼ିଆର ସାହାଯ୍ୟ ନେଇ ଶେଷରେ ସିଦ୍ଧାନ୍ତରେ ପହଞ୍ଚିଲା ଯେ 'ରୁବି ରଏ' ନାମ୍ନୀ ମହିଳା ହେଉଛନ୍ତି ସେଇ ଫୋନ୍ ନମ୍ବରର ବ୍ୟକ୍ତିଙ୍କର ପତ୍ନୀ।

ସେଇ ଆଧାରରେ କେସ୍‌ର ଗତିପଥ ବଦଳିଗଲା। ପୁତ୍ର ସନ୍ତାନଟି ବି ସରୋଜର ନୁହେଁ ବୋଲି ପ୍ରମାଣିତ ହୋଇଗଲା। ରୁବି ରଏ ନାମ୍ନୀ ମହିଳା ସରୋଜ ସହ ଆଉ ଜଣଙ୍କୁ ବାହା ହୋଇଥିଲେ ବୋଲି ପ୍ରମାଣିତ ହୋଇଗଲା। ସରୋଜ ଠକାମିର ଶିକାର ହୋଇଥିବା କଥା ହୃଦ୍‌ବୋଧ କଲେ ମାନ୍ୟବର ନ୍ୟାୟାଳୟ।

ସରୋଜ ବିପଦରୁ ମୁକୁଳି ଆସିଲା ଆଶ୍ଚର୍ଯ୍ୟଜନକ ଭାବରେ। ନିଜର ଆନୁଗତ୍ୟ ପ୍ରକାଶ କରିବାକୁ ଚାହିଁଲା ତ ଫୋନ୍ ନମ୍ବର୍ ନଥିଲା ବିମଳ ବାବୁଙ୍କର। ପହଞ୍ଚିଲା ସେ କହିଥିବା ଠିକଣାରେ।

ସେଇ ଠିକଣାରେ ଥିଲେ ବିମଳ ବାବୁଙ୍କ ବାପା ମା' ଓ ଭଉଣୀ ।

କୋହ ଜର୍ଜରିତ ବୃଦ୍ଧ ଦୁଇ ବର୍ଷ ଆଗରୁ ଏକମାତ୍ର ପୁଅ ବିମଳର ଆତ୍ମହତ୍ୟା ସମ୍ବନ୍ଧୀୟ ଘଟଣା କହିଲା ବେଳେ ଘର ଭିତରୁ ଶୁଭୁଥିଲା ଦୁଇଟି କଇଁକଇଁ କାନ୍ଦର କରୁଣ ସ୍ୱର। ପ୍ରେମରେ ପ୍ରତାରଣା ପାଇ ବିମଳ ବାବୁ ଯେ ମହାନଦୀରେ ଜୀବନ ଉତ୍ସର୍ଗ କରିଥିଲେ ଜାଣି ସରୋଜ ଶୋକାଭିଭୂତ ହୋଇ ପଡୁଥିଲା...।

*ଆଳି, କେନ୍ଦ୍ରାପଡା*

## କବିତା ଗୁଚ୍ଛ

### ନୂଆବରଷ ଖୁସି ପରଷ

**ନଳିନୀ ଦାଶ**

ନୂଆବରଷ ହେ ନୂଆବରଷ
ସବୁରି ମନରେ ଖୁସି ପରଷ
ହସୁ ଆମର ଏ ଦେଶ
ଧରାରେ ଢାଳ ଅମୃତ କଳସ
ଉଡୁ ମୋ ମାଆର ବିଜୟ ଯଶ ।

ନୂଆବରଷ ହେ ନୂଆ ବରଷ
ତୁମ ପାଇଁ ହେଉ ସବୁ ସରସ
ଶୁଭ ହେଉ ବର୍ଷ ମାସ
ଶିଶୁଙ୍କ ଓଠରେ ଫୁଟାଅ ହସ
ମହକାଇ ଦେବେ ଜଗତେ ବାସ।

ନୂଆବରଷ ହେ ନୂଆ ବରଷ
ସ୍ୱାଗତ କରୁଛୁ ସୁଖ ବରଷ
ଉପହାର ଆଣି ଆସ
ଦୂର ହେଇଯାଉ ଦୁଃଖ ଦିବସ
ଝରି ଯାଉ ତୁମ ଶୁଭ ଆଶିଷ ।

ନୂଆବରଷ ହେ ନୂଆବରଷ
ଅପସରି ଯାଉ ଯାତନା କ୍ଳେଶ
ସବୁ ଓଠେ ଫୁଟୁ ହସ
ତୁମ ଆଗମନେ ଲାଗେ ହରଷ
ଝରିଲାଣି ସବୁ ଓଠୁ ପିୟୁଷ ।

ନୂଆବରଷ ହେ ନୂଆବରଷ
ମଗଦେଶ ଯବାନ ଲଭନ୍ତୁ ଯଶ
ହସି ଗୀତ ଗାଉ ଦେଶ
ଦୁଃଖୀଜନେ ଭରି ଦିଅ ସାହାସ
ଅନାଥଙ୍କ ଓଠେ ଫୁଟାଅ ହସ ।

ନୂଆବରଷ ହେ ନୂଆବରଷ
ନୂତନ ବାରତା ନେଇକି ଆସ
ଭୁଲି ହିଂସା ରାଗ ରୋଷ
ମନେ ନୂଆ ଆଶାଫୁଲ ବରଷ
ପୁଲକରେ ନାଚି ଉଠୁ ମଗ ଦେଶ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ- ୯୨୩୮୯୯୭୬୪୯*

## ବେଶୀ ଶୀତ ଏବେ

**ନୀଳମଣି ଚାନ୍ଦ**

ଦାରିଙ୍ଗବାଡିରେ ବରଫ ପଡୁଛି
କେନ୍ଦୁଝର ଥରେ ଜାଡରେ
ପଚାରିଲେ କେତେ ଶୀତ ଧେନୁଆରେ
କହେ ସେ କଥାକୁ ଛାଡ଼ରେ।

ପାରଦ ଖସୁଛି ତଳକୁ ତଳକୁ
ଥଣ୍ଡା ଯେ ଆହୁରି ବଢୁଛି
ନଳବଣ ଗଲେ ବିଦେଶୀ ଚଢ଼େଇ
ଆମ ନଜରରେ ପଡୁଛି।

ଯାହା ଘରେ ଅଛି କମ୍ବଳ, ରେଜେଇ
ସେ କିଆଁ ଶୀତକୁ ଡରିବ
ଦୁଃଖ ଶୋଚନାଟି ରହିଛି ତାଙ୍କର
ଯିଏ ନିଆଶରା,ଗରିବ।

ସୁଏଟର,କୋଟ୍,ସାଲ୍,ମଫଲର
ଲୋଡା ପଡ଼ିଲାଣି ଶୀତକୁ
ଖୋଜା ପଡ଼ିଲାଣି ଖରା, ନିଆଁ ପରି
ଦୁଇ ଉପକାରୀ ମିତକୁ।

ରାସ୍ତା କଡ଼େ ଯେଉଁ ଲୋକଙ୍କ ଆଶ୍ରୟ
ନାହିଁ ବୋଲି ଖଣ୍ଡେ ଘରରେ
ମୁକୁଳେଇବାକୁ ତାଙ୍କୁ ଏ ଶୀତରୁ
କମ୍ବଳ କେତୋଟି ଧରରେ।

ଧନୀ ଘରେ ଥାଏ ହିଟର,ଗିଜର
ଶୀତ ପଶେନାହି ପାଖରେ
ଗରିବର ମନେ ଡର ପଶିଯାଏ
ଉତ୍ତରା ପବନ ଡାକରେ।

ପଉଷ ମାଘ ସେ ରାଜୁତି କରିବ
ରହି ଶୀତ ଆମ୍ଭ ଧରାରେ
ସହି ହେଉନାହିଁ ,ରହି ହେଉନାହିଁ
ବେଶୀ ଶୀତ ଏବେ ପରାରେ।

ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

## ବୁଲି ଯିବା ଆମେ

**ସୁନୀଲ କୁମାର ପ୍ରଧାନ**

ବୁଲି ଯିବା ଆମେ ଏଥର
ରହିଛି ଐତିହ୍ୟ କୀର୍ତ୍ତି ତାର
ରଷିକୂଲ୍ୟା ନାଁ ଯାହାର
ଆମ ପାଖେ କରି ଘର ।

ବୁଲି ଯିବା ଆମେ ଏଥର
ସମୁଦ୍ର ନଈ ମଠ ମନ୍ଦିର
ପୋତାଗଡ ଜଉଗଡ
ସୋନପୁର ବଟେଶ୍ୱର ।

ବୁଲି ଯିବା ଆମେ ଏଥର
ତାରାତାରିଣୀ ମା ନାରାୟଣୀ
ଦର୍ଶନ କରିବା ଯାଇ
ମାଆଙ୍କୁ ପ୍ରଣାମ ହୋଇ ।

ବୁଲି ଯିବା ଆମେ ଏଥର
ଗୋପାଳପୁରରେ ବେଳାଭୂମି
ରମ୍ଭାର ଚିଲିକା ତୀର
ତା ନିକଟେ ଦନ୍ତପୁର ।

ବୁଲି ଯିବା ଆମେ ଏଥର
ବ୍ରହ୍ମପୁର ଠାକୁରାଣୀ ଦେଖି
ପୁଣ୍ୟ ହେବ ଦୁଇ ଆଖି
ମନ ଆମ ଯିବ ଲାଖି ।

ବୁଲି ଯିବା ଆମେ ଏଥର
ବୁଗୁଡ଼ାରେ ପ୍ରଭୁ ସୂର୍ଯ୍ୟ ଦେବ
ବୁଦ୍ଧଙ୍କ ଆସ୍ଥାନ ଅଛି
ପ୍ରକୃତି ମନ ମୋହୁଛି ।

*ଝାଟିପଦର, ପାଲୁର, ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ଏ ଜୀବନ ମୋର ପତଳା କାଗଜ

**ପ୍ରଶାନ୍ତ କୁମାର ଦାଶ**

ତୁମେ ଦେଇଥିବା ଆୟୁଷରୁ କିଛି
କାଟିତ ନେଉଚ ହରି
କରିଚି ପ୍ରତୀକ୍ଷା ଫେରିବା ଦିନକୁ
ଅଳିକ ଜୀବନ ଧରି ।।

ଏ ଜୀବନ ମୋର ପତଳା କାଗଜ
ପାଣି ଓ ନିଆଁକୁ ଡର
ଅଦିନ ଝଡରେ ଭାଙ୍ଗିଯାଏ ମୋର
ହାତେ ଗଢିଥିବା ଘର ।।

ଆଶା କରିଥିଲି ପାଇବି ପ୍ରଭୁହେ
ତୁମରି ଆଶିଷବାରି
ଦେଲନାହିଁ କିଛି ନେଲ ସବୁ ବାଛି
ନିଷ୍ଠୁର ନିୟତି ପରି ।।

ପାଇଲିନି ତୁମ ଚରଣର ରେଣୁ
ସଂସାରେ ଅଲୋଡ଼ା ହେଲି
ମରୀଚିକା ପଛେ ଧାଇଁ ଧାଇଁ ଶେଷେ
ଦୁଃଖକୁ ନିଜର କଲି ।।

ହାତଧରି ଯିଏ ଥିଲା ପାଖେ ପାଖେ
ଜୀବନର ସାଥୀ ସାଜି
ସେତ କଲା ପରବାଟ ଚାଲୁଚି ମୁଁ
ନିସଙ୍ଗ ବାଟୋଇ ଆଜି ।।

ଜୀବନ ଦୀପରୁ ଶେଷ ହେଇଗଲେ
ଆୟୁଷ ତଇଳ ମୋର
ସରିଯିବ ସବୁ ମିଛ ଅଭିନୟ
ଫେରିବ ଅଫେରା ପୁର ।।

*କୁଞ୍ଜର ସଙ୍ଗଲାଇ,ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

## ଏହି ଅଳି ତୁମ ପାଶେ......

ଚବିଶି ମସିହା ବିଦାୟ ନେଇଛି
ତୁମେ ଆଜି ଉପନୀତ
ସୁଖ ଦୁଃଖ ଭରା ଦରଦୀ ପରାଣେ
ନୂଆ ଆଶା ଅଙ୍କୁରିତ
ତବ ଶୁଭ ଆଗମନେ
ଆଶା ଓ ବିଶ୍ୱାସ କରି ଏକାକାର
ଉଲ୍ଲସିତ ସର୍ବ ଜନେ।

ତୁମେ ପଦଘାତେ ସଭିଂକ ପରାଣେ
ବହୁଛି ଖୁସିର ବାଆ
ପାହାଡ ଝରଣା ନଦୀ ତୋଟାମାଳ
ସବୁ ଲାଗେ ନୂଆ ନୂଆ
ନୂଆ ସମ୍ଭାବନା ନେଇ
ନିରାଶା ପଣକୁ ଦୂରେଇବା ପାଇଁ
ଆସିଅଛ ତୁମେ ଧାଇଁ।

ଶାନ୍ତିର ମଧୁର ସଂଗୀତ ପରଶେ
ହସୁଛି ଗାଆଁ ସହର
ସତ୍ୟ ନ୍ୟାୟ ଧର୍ମ ନୀତି ଆପଣାଇ
ସର୍ବେ ଆଜି ଆପଣାର
କରନ୍ତି ସ୍ୱାଗତ ତୁମ
ନୂତନ କିରଣେ ଉଭାସିତ କର
ପବିତ୍ର ଧରାକୁ ଆମ।

ପର ଉପକାର ଉତ୍ତମ ବିଚାର
ଭରିଛି ସଭିଙ୍କ ପ୍ରାଣେ
ହିଂସା ଦ୍ୱେଷ ତେଜି କରୁଛନ୍ତି ସେବା
ଦୁଃଖୀ ଅସହାୟ ଜନେ
ଭୁଲି ମନୁ ଭେଦଭାବ
ଦେଶ ହିତ ପାଇଁ ସଭିଙ୍କ ହୃଦୟେ
ଜନମିଛି ଭାତୃଭାବ।

ବାଡି ବଗିଚାରେ ନାନା ବିଧ ପୁଷ୍ପେ
ଧରା ଆଜି ସୁଶୋଭିତା
ସୋରିଷ ଫୁଲର ରୂପ ଲାବଣ୍ୟରେ
ନଈପଠା ବିମଣ୍ଡିତା
ତୁମରି ଶୁଭ ଆଶିଷେ
ଯୁଦ୍ଧ ବିଭିଷିକା ଦୂର ହେଉ ବିଶ୍ୱେ
ଏହି ଅଳି ତୁମ ପାଶେ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୭୩୫୩୪୬*

## ଜାନୁଆରୀ

ଆସେ ନୂଆବର୍ଷ ଦୀର୍ଘ ପ୍ରତୀକ୍ଷାନ୍ତେ ସସାଗରା ପୁଲକିତ
ନୂଆ ସପନରେ ନୂଆ ଭାବନାରେ ପ୍ରତି ପ୍ରାଣ ଉଦବୁଦ୍ଧିତ,
ଦୃଶ୍ୟ ରାସ୍ତାଘାଟେ କାନ୍ଥ ବାଡ଼ରେ ଝୋଟି ଚିତାର ସମ୍ଭାର
ସେଥିପାଇଁ କି'ବା ସ୍ୱାଗତ ମୁଦ୍ରାରେ ସୁସଜ୍ଜିତ ଚକ୍ରବାଳ ।।

ଚିନ୍ତା ଚେତନାରେ ନୂତନ ଜିଜ୍ଞାସା ସମ୍ଭାବନା ସଞ୍ଚରଣ
ଧନୁଯାତ୍ରା ମଞ୍ଚ ନାଟ୍ୟାଭିନୟେ ଐତିହ୍ୟର ଉତ୍ତରଣ ,
ଶ୍ରଦ୍ଧା ସଂଯୋଜିତ ମକର ଚାଉଳେ ପରମ୍ପରା ଉଜ୍ଜୀବିତ
ଶାମ୍ବ ଦଶମୀର ସୂର୍ଯ୍ୟ ପୂଜା ବିଧି ଜନମାନସରେ ବ୍ୟାପ୍ତ ।।

ସାର୍ବଭୌମତ୍ୱରେ ଦୀକ୍ଷିତ ହେବାରେ ଉତ୍ସବ ମୁଖର ଦେଶ
ଲାଲ୍ କିଲ୍ଲାରେ ସ୍ୱୀୟ ସ୍ୱାଭିମାନେ ଅଙ୍ଗୀକାରବଦ୍ଧ ଦୃଶ୍ୟ,
ଉଛୁଳି ପଡୁଛି ' ଜନ ଗଣ ମନ..' ଉଚ୍ଛ୍ୱାସର ସାରେଗାମା
ସତେ ଉନ୍ମେଷିତ ଜୀବନ ଜିଜ୍ଞାସା ପୁଲକିତ ଭୂମି ଭୂମା ।।

ପାର୍ଟି ପିକନିକ୍ ଗ୍ରୀଟିଙ୍ଗସ୍ ସାଥେ ଦୋସ୍ତି ମସ୍ତି ଅସୁମାରୀ
ଆହା କି ଉଲ୍ଲାସ ପାର୍ବଣ ସର୍ବସ୍ୱ ସତେ ଏଇ ଜାନୁଆରୀ ।।

*ଆଦ୍ୟାଶା ମହାପାତ୍ର, ନୂଆପଡା, କଟକ*

## ସନ୍ଧ୍ୟା

**ରାଧାରାଣୀ ପଟ୍ଟନାୟକ**

ଅସ୍ତ ହୁଏ ସୂର୍ଯ୍ୟ ପଶ୍ଚିମ ଦିଗରେ
ଦୂର ଦିଗ୍‌ବଳୟକୁ ଘେରି
ମଧୁର ସନ୍ଧ୍ୟାଟି ନୀଳ ଆକାଶରେ
ଧୂମ୍ର ବର୍ଣ୍ଣ ଦିଶେ ପୂରି ।।

ମଧୁଝରା ଜ୍ୟୋତ୍ସ୍ନାର ମହକିତ ବାସ୍ନାରେ
ବିଛେଇ ହୋଇ ସେ ପଡିଛି
ସନ୍ଧ୍ୟାରାଣୀର ଆଗମନ ପରେ ସୁନ୍ଦର
ସୁଶୀତଳ ସମୀର ବହୁଛି ।।

କି ସୁନ୍ଦର ଦିଶେ ବିହଙ୍ଗର ଫେରା
ଥଣ୍ଟେ ଥାଏ ଖାଦ୍ୟ ଭାର
ତରୁ କନ୍ଦରରେ ଶାବକ ଛାଡି ସେ
ଉଠିଯାଏ ବହୁ ଦୂର
ଭାନୁ ଅବସାନେ ଘଟେ ଅନ୍ଧକାର
ଗୋଧୂଳି ଲଗ୍ନେ ବାହାର ।।

ମହକି ଉଠଇ ବାସନ୍ତୀ ସନ୍ଧ୍ୟାରେ
ସନ୍ଧ୍ୟାରାଣୀ ଯେବେ ଫୁଟେ
ସୁବାସିତ ଫୁଲ ମହକ ବିସ୍ତାରେ
ଚଉଦିଗ ବାସ ଛୁଟେ ।।

ମନ୍ଦିର ଭିତରେ ବାଜେ ଘଣ୍ଟ ଘଣ୍ଟି
ଦେଇଥାନ୍ତି ସଞ୍ଜବତୀ
ଘରର ଗୃହିଣୀ ତୁଳସୀ ମୂଳରେ
ଦୀପ ଦାନ କରି ନିତି
ଲାବଣ୍ୟ ସୁଷମା ଭରେ ସେ ମନରେ
ସୁନ୍ଦର ପ୍ରୀତିର ଫୁଲ
ସନ୍ଧ୍ୟାରାଣୀ ଡାକେ ଜହ୍ନକୁ ଆଦରି
ଜହ୍ନ ହୁଅଇ ଉତ୍‌ଫୁଲ୍ ।

*ଚନ୍ଦନ ନଗର, ବରଗଡ଼*
*ମୋ-୮୯୧୭୨୩୭୧୩୭*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଏକବିଂଶତମ ବର୍ଷ ସଂଖ୍ୟା-୨୭୭ Vol. 21 No-277 5 JANUARY 2025 SUNDAY BHUBANESWAR

ରବିବାର, ୫ ଜାନୁଆରୀ ୨୦୨୫ ପୃଷ୍ଠା-୮+୮ ମୂଲ୍ୟ: ୭.୦୦


# ସେନା ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

# ୪ ଯବାନ ସହିଦ୍



ଶ୍ରୀନଗର,୪।୧: ଜାମ୍ମୁକାଶ୍ମୀରର ବାନ୍ଦିପୁର ଜିଲ୍ଲାରେ ଏକ ବଡ଼ଧରଣର ଅଘଟଣ ଘଟିଛି। ସେନାର ଏକ ଟ୍ରକ୍ ଘାଟି ତଳକୁ ଖସି ପଡ଼ିବାରୁ ୪ଜଣ ଯବାନ ସହିଦ ହୋଇଛନ୍ତି। ଅନ୍ୟ ୫ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ମଧ୍ୟ ଗୁରୁତର ଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ପାହାଡ଼ ଉପରେ ବୁଲାଣି ରାସ୍ତାରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଗୁରୁତରଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସ୍ଥିର ରହିଛି। ଘଟଣାସ୍ଥଳରେ ସେନାର ଯବାନ ଓ ପୋଲିସ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ସହ ଘଟଣାର ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ଗତମାସ ୨୪ ତାରିଖରେ ଜାମ୍ମୁକାଶ୍ମୀରର ପୁଞ୍ଚ ଜିଲ୍ଲାରେ ସେନାର ଏକ ଗାଡ଼ି ୩୫୦ ଫୁଟ ଖାଇକୁ ଖସିପଡ଼ିବା ଫଳରେ ୫ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା ଓ ୫ଜଣ ଆହତ ହୋଇଥିଲେ। ସେହିପରି ତା ପୂର୍ବରୁ ନଭେମ୍ବର ୪ ତାରିଖରେ ରାଜୌରୀ ଜିଲ୍ଲାରେ ସେନାର ଏକ ଗାଡ଼ି ଖାଇକୁ ଖସିପଡ଼ିବାରୁ ଜଣେ ଯବାନ ସହିଦ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିଲେ। ସୂଚନାଯୋଗ୍ୟ ଯେ ଜାମ୍ମୁକାଶ୍ମୀରରେ ବାରମ୍ବାର ସେନାଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଉଜୁଡ଼ିଗଲା ଫସଲ ଜୀବନ ହାରିଲେ ଚାଷୀ

କେନ୍ଦ୍ରାପଡ଼ା,୪।୧(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳଡିହ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଫସଲହାନି ଯୋଗୁ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ କୈଳାଶ ଚନ୍ଦ୍ର ଧଳ। ସେ ୮ ଏକର ଜମିରେ ଧାନଚାଷ କରିଥିଲେ। ଏଥିପାଇଁ ବିଭିନ୍ନ ସଂସ୍ଥା ଓ ଲୋକଙ୍କଠାରୁ ଅଢେଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ତେବେ ଏଥର ଭଲ ଫସଲ ହେବ ବୋଲି ସେ ମଧ୍ୟ ଆଶା ବାନ୍ଧିଥିଲେ। କିନ୍ତୁ ଅଦିନିଆ ବର୍ଷା ତାଙ୍କର ସବୁ ସ୍ୱପ୍ନକୁ ମାଟିରେ ମିଶାଇ ଦେଇଥିଲା। ଉଜାଡ଼ି ଦେଇଥିଲା ସୁନାର ଫସଲ। ଏହାଦେଖି କୈଳାଶ ଚିନ୍ତାଗ୍ରସ୍ତ ହେବା ସହ ଖାଇବା ପିଇବା ଛାଡ଼ି ଦେଇଥିଲେ। ବର୍ଷଯାକର ପରିଶ୍ରମ ପାଣିରେ ଚାଲିଯିବାରୁ ସେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥିଲେ। ତେଣୁ ସେ ବିଷ ପିଇ ଦେଇଥିବା ପରିବାର ଲୋକେ କହିଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସହାୟତା ରାଶି ଯୋଗାଇ ଦେବାକୁ ଦାବି ହେଉଛି। ଏଥିପୂର୍ବରୁ ଫସଲହାନି ପାଇଁ ଚାଷୀମାନେ ମଧ୍ୟ ଆତ୍ମହତ୍ୟା କରିବାରେ ଲାଗି ପଡ଼ିଛନ୍ତି।


PATANJALI®





ଯେବେ ସୁଶ୍ରୁତ, ଚରକ ଏବଂ ଚ୍ୟବନ ମହର୍ଷିଙ୍କ ପରମ୍ପରାର ସଠିକ୍ ନିର୍ବାହନ କରି ଆୟୁର୍ବେଦ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ସଂସ୍ଥା ପତଞ୍ଜଳି ଦ୍ୱାରା

୫୧ ଜଡ଼ି-ବୁଟି ଏବଂ କେଶରରେ ପ୍ରସ୍ତୁତ ଶ୍ରେଷ୍ଠତମ ପତଞ୍ଜଳି ସ୍ପେଶାଲ ଚ୍ୟବନପ୍ରାସ

ଉପଲବ୍ଧ, ତେଣୁ ୪୦ ଜଡ଼ି-ବୁଟିରେ ପ୍ରସ୍ତୁତ ସାଧାରଣ ଚ୍ୟବନପ୍ରାସ କାହିଁକି ?

ସର୍ଦ୍ଦି-କାଶ, କଫ-ଥଣ୍ଡା ଆଦିରୁ ରକ୍ଷା କରି ରେସ୍ପିରେଟରୀ ସିଷ୍ଟମକୁ ଦୃଢ଼ କରେ, ଶତାଧିକ ରୋଗ ସହ ଲଢ଼ିବା ପାଇଁ ଶକ୍ତି ଯୋଗାଇଥାଏ ।

ଇମ୍ୟୁନିଟି ବୃଦ୍ଧି ପାଇଁ ଆୟୁର୍ବେଦିକ ସୁପରଫୁଡ୍, ଯାହା ରୋଗରୁ ମୁକ୍ତି ଦେଇ ସର୍ବଦା ଯୁବକ ରଖିଥାଏ ।

ଶିଶୁମାନଙ୍କର ସମ୍ପୂର୍ଣ୍ଣ ଶାରୀରିକ ପୋଷଣ, ତୀକ୍ଷ୍ଣ ସ୍ମରଣ ଶକ୍ତି, ସୁପର ଇମ୍ୟୁନିଟି ପାଇଁ ବାଲପ୍ରାସ୍ ଅବଶ୍ୟ ଖୁଆନ୍ତୁ ।

ମଧୁମେହ ରୋଗୀଙ୍କ ପାଇଁ ଚ୍ୟବନପ୍ରଭା (ସୁଗର ମୁକ୍ତ) ଉପଲବ୍ଧ ଅଟେ ।




ବିଶ୍ୱରେ ପ୍ରଥମଥର ପାଇଁ ପ୍ରତିଷ୍ଠିତ ରିସର୍ଚ୍ଚ ଜର୍ଣ୍ଣାଲ 'ଫ୍ରଣ୍ଟିୟର ଇନ୍ ଫାର୍ମାକୋଲୋଜି'ରେ କେବଳ ପତଞ୍ଜଳି ଚ୍ୟବନପ୍ରାସ୍ ଉପରେ ରିସର୍ଚ୍ଚ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି । ଏହି ପେପର ପତଞ୍ଜଳି ସ୍ପେଶାଲ ଚ୍ୟବନପ୍ରାସ୍‌କୁ ଶ୍ରେଷ୍ଠତମ ପ୍ରମାଣିତ କରିଛି, ଯାହା ଇନ୍‌ଫ୍ଲେମେସନ୍‌କୁ ଦୂର କରି ରୋଗ ସହ ଲଢ଼ିବା ପାଇଁ ଶକ୍ତି ଦେଇଥାଏ ।

www.ncbi.nlm.nih.gov/pmc/articles/PMC8633414/

Shop Online- www.patanjaliayurved.net | Customer Care Number - 18001804108

ଅର୍ଡର ମି ଆପ୍ ମାଧ୍ୟମରେ ମଧ୍ୟ ଅନ୍‌ଲାଇନ୍‌ରେ ପତଞ୍ଜଳି ଉତ୍ପାଦନ ଅର୍ଡର କରିପାରିବେ ।

Scan to know the process of making Chyawanprash.





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଦିବାସୀ ମେଳା ୨୦୨୫

୦୫ - ୧୬ ଜାନୁଆରୀ, ୨୦୨୫ | ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍ ୩, ଭୁବନେଶ୍ୱର

ଶୁଭ ଉଦ୍‌ଘାଟନ

୫ ଜାନୁଆରୀ ୨୦୨୫ (ରବିବାର) ଅପରାହ୍ନ ୦୪.୩୦ ଘଟିକା

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟୀ ଉପସ୍ଥିତି

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା ସରକାର

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର





ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

DSPL - 292

OIPR 26011/13/0012/2425

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






କେନ୍ଦୁଝର (ଭାସ୍କର ନ୍ୟୁଜ): ଗାନ୍ଧୀ ବିଚାର ପରିଷଦ, ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଓ କ୍ଷିତିଜ୍ୟୋତିଃ ଆଶ୍ରମ, ଘଟଗାଁର ମିଳିତ ସହଯୋଗିତାରେ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଗାନ୍ଧୀ କଥା ଅନୁଷ୍ଠିତ ହୋଇ ଯାଇଛି । ଆଶ୍ରମର ପରିଚାଳକ ଅର୍ଜ୍ଜୁନ ଚରଣ ମହାନ୍ତ ଏହି ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି ଯୋଗ ଦେଇଥିଲେ । ସେ କେନ୍ଦୁଝର ଜିଲ୍ଲାର ସୁନ୍ଦର ପ୍ରାକୃତିକ ଜୈବ ବିବିଧତା କଥା କହିଥିଲେ,ଯାହା ଏବେ ଧ୍ୱଂସ ହେଉଥିବାରୁ ଦୁଃଖ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ଆଶ୍ରମର ସଂଗଠକ ସାଧୁ ଚରମା ନନ୍ଦ ଦାସ ଯୋଗ ଦେଇ ମାତୃ ଶକ୍ତିର ଅଭ୍ୟୁଦୟ ଉତ୍ଥାନ ଉପରେ ବୁଝାଇ ଥିଲେ । ସବୁ ମାଆ ଏକାଠି ହେଲେ ଗ୍ରାମ ଗ୍ରାମରୁ ମଦ ବନ୍ଦ ହେବ ନିଶା ନିବାରଣ ସମ୍ପୂର୍ଣ୍ଣ ହେବ । ଫଳରେ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ହୋଇ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ରାମରାଜ୍ୟ ଗଠନ ସମ୍ଭବ ହେବ । ସେହିପରି ଗାନ୍ଧୀ ବିଚାର ପରିଷଦର ଉପସଭାପତି କର୍ଣ୍ଣାଟ କିଶୋର ଜେନା କହିଥିଲେ ଯେ, ଗାନ୍ଧୀ ବିଚାର ଜାଣିବାକୁ ସମସ୍ତେ ଉତ୍କଳ ସର୍ବୋଦୟ ମଣ୍ଡଳର ପାକ୍ଷିକ ପତ୍ରିକା ସର୍ବୋଦୟ କିଣି ପଢ଼ନ୍ତୁ । ଏଥିରୁ ସୂକ୍ଷ୍ମ ଭାବେ ଗାନ୍ଧୀ ବିଚାର ବିଷୟରେ ସମସ୍ତେ ଜାଣି ପାରିବେ । ସାମାଜିକ କର୍ମୀ ସୁବାସିନୀ ସ୍ୱାଇଁ,ନିହାର ରଞ୍ଜନ ବେଜ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ମଦର ହବ୍ ପାଲଟିଛି ଜଳସଂପଦ ବିଭାଗ କାର୍ଯ୍ୟାଳୟ

# ଗଦା ହୋଇଛି ବସ୍ତା ବସ୍ତା ମଦ ବୋତଲ



ଗୋପ (ଭାସ୍କର ନ୍ୟୁଜ): ମଦର ହବ ପାଲଟିଛି ଗୋପ ଜଳସଂପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଅଧିନ ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ । ଏହା ଦିନ ରାତି ପାଲଟିଛି ନିଶାଡିଙ୍କ ଆଡ୍ଡାସ୍ଥଳୀ । କାର୍ଯ୍ୟାଳୟ ପରିସରରେ ଏଣେ ତେଣେ କୁଢକୁଢ ମଦ ବୋତଲ ଗଡୁଥିବା ବେଳେ ଗଦା ହୋଇଛି ବସ୍ତାବସ୍ତା ମଦ ବୋତଲ । ଯାହାକୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି ଉକ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ । ଏହାକୁ ନେଇ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହା ଉପରେ ତଦନ୍ତ କରାଯାଇ ବିଭାଗୀୟ ଉଚ୍ଚପଦସ୍ତ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି । ସୂଚନାଥାଉକି ଦୁର୍ନିତି ଓ ଅରାଜଗତାର ଗନ୍ତାଘର ପାଲଟିଛି ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ । କେତେବେଳେ ମୋଟା ଅଙ୍କର ଅର୍ଥ ପକାଇ ଠିକାଦାରଙ୍କୁ ନିମ୍ନମାନର କାର୍ଯ୍ୟ କରିବାପାଇଁ ପ୍ରୋତ୍ସାହନ ଦେବାରେ ତ କେତେବେଳେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଆଗୋଚରରେ କାର୍ଯ୍ୟାଳୟ ପରିସରରେ ଛତୁ ଚାଷୀଙ୍କୁ ବାର୍ଷିକ ୩୦ ହଜାର ଟଙ୍କାରେ ଲିଜ୍ ଦେଇ ପକେଟ୍ ଗରମ କରିବା ଭଳି ଅଭାବନୀୟ ଘଟଣାକୁ ନେଇ ଚର୍ଚ୍ଚା କୁ ଆସିଥିବା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ଏବେ ମଦକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି । ମଦ ବାର ପାଲଟିଥିବା ଏବଂ ମଦ୍ୟପ ଓ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଏହି କାର୍ଯ୍ୟାଳୟ କେତେ ଯେ ରାସ୍ତାରେ ଯାଉଥିବା ଜନସାଧାରଣ ଏବଂ ବିଭିନ୍ନ କାର୍ଯ୍ୟ ନେଇ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀଙ୍କ ପାଇଁ ସୁରକ୍ଷିତ ତାହା କାର୍ଯ୍ୟାଳୟ ପରିସରରେ ଏଣେ ତେଣେ ପଡିଥିବା ପୁଳାପୁଳା ମଦ ବୋତଲ ଏବଂ ଗଦା ହୋଇଥିବା ବସ୍ତା ବସ୍ତା ମଦ ବୋତଲକୁ ଦେଖିଲେ ବେଶ ବୁଝା ପଡୁଛି । ଏହି କାର୍ଯ୍ୟାଳୟ ଅଧିନରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା , କେନାଲ ସଫେଇରେ ଦୁର୍ନିତି ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକ୍ଷଣଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀ କେତକ କାର୍ଯ୍ୟ ଉପରେ ତଦନ୍ତ କରି ସତ୍ୟାସତ୍ୟ ଜାଣିଥିଲେ ମଧ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନନେବାରୁ ସାଧାରଣେ ଅସନ୍ତୋଷ ପ୍ରକାଶ ପାଇଛି । କାର୍ଯ୍ୟାଳୟ ପରିସରରେ ପଡିଥିବା କୁଢକୁଢ ମଦ ବୋତଲକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତ୍ରୀବ ଉତେଜନା ଦେଖାଦେଇଥିବା ବେଳେ ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଦୁର୍ନିତି ନିବାରଣ ମଂଚର ଆବାହକ ଗଙ୍ଗାଧର ପାଇକରାୟ ଦାବି କରିଛନ୍ତି । ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନହୁଏ ତେବେ ଆଗାମୀ ଦିନରେ ଦୁର୍ନୀତି ନିବାରଣ ମଞ୍ଚ ଉକ୍ତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବ ବେଲି ଚେତାବନୀ ଦେଇଛି ।

# ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଏବେ ଅନ୍ତରଙ୍ଗ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଦୁଇ ପ୍ରତିଦ୍ୱନ୍ଦ୍ୱୀ ବର୍ତ୍ତମାନ ଅନ୍ତରଙ୍ଗ । କ୍ଷଣ କ୍ଷଣକେ ନିମାପଡ଼ାରେ ବଦଳୁଛି ପାଣିପାଗ । ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବର୍ତ୍ତମାନ ଅନ୍ତରଙ୍ଗ ଘଟଣାକୁ ନେଇ ରାଜନୈତିକ ପାଣିପାଗ ଉଷ୍ମତା ଦେଖିବାକୁ ମିଳିଛି । ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ଓ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଲୁପ୍ତାଙ୍କ ସଂପର୍କରେ ଆଲୋଚନା ଜୋର ଧରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ପୌର ନିର୍ବାଚନ ସମୟରେ ବିଜେପି ଦଳର ବିଲୁପ୍ତା ପ୍ରିୟଦର୍ଶନୀ ଓ ବିଜେଡ଼ିର ସସ୍ମିତା ସାହୁ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ବେଳେ ବିଲୁପ୍ତାଙ୍କ ପାଇଁ ପ୍ରଚାର ମଙ୍ଗ ଧରିଥିଲେ ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା । ସସ୍ମିତାଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଥିଲେ ସେତେବେଳର ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ଏହି ପୌର ନିର୍ବାଚନ ବେଶ୍ ଚିତାକର୍ଷକ ଥିଲା । ସସ୍ମିତା ସାହୁଙ୍କ ଠାରୁ ସାମାନ୍ୟ କେତେ ଖଣ୍ଡ ଭୋଟରେ ବିଲୁପ୍ତା ପ୍ରିୟଦର୍ଶନୀ ପରାଜୟ ବରଣ କରିଥିଲେ । ଏହି ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଏକାଠି ଦେଖିବାକୁ ମିଳୁଛି । ଏକ ସ୍କୁଲ ଉଦ୍‌ଘାଟନ ସମୟରେ ବିଲୁପ୍ତା ଯୋଗ ଦେଇଥିବା ବେଳେ ସସ୍ମିତା ସାହୁ ମଧ ଯୋଗ ଦେଇଥିଲେ । ସ୍କୁଲର ନୂତନ ଗୃହ ଉଦ୍‌ଘାଟନ ବେଳେ ସସ୍ମିତାଙ୍କ ହାତ ଧରିଛନ୍ତି ବିଲୁପ୍ତା ପ୍ରିୟଦର୍ଶିନୀ । ଏପରି ଅନ୍ତରଙ୍ଗ ଫଟୋକୁ ଦେଖି ବିଭିନ୍ନ ଦଳ ଆଶ୍ଚର୍ଯ୍ୟ ପ୍ରକଟ କରିଛି । ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦୀ ଏବେ ଅନ୍ତରଙ୍ଗ ସାଜିଛନ୍ତି । ଦଳୀୟ କର୍ମୀଙ୍କ ମଧ୍ୟରେ ବାଦ ବିବାଦ ଦେଖା ଦେଇଥିବା ବେଳେ ଏହି ଦୁଇ ମୁଖ୍ୟ ପ୍ରତିଦ୍ୱିନ୍ଦୀଙ୍କୁ ଏପରି ଦେଖିଲା ପରେ ନିମାପଡ଼ା ପୌର ପରିଷଦ ଅଞ୍ଚଳରେ ନିମାପଡ଼ା ପାଣିପାଗ ବିଗିଡ଼ିବାରେ ଲାଗିଛି । କିଏ କେଉଁ ଦଳକୁ ସମର୍ଥନ କରିବ ତାହା ଏବେ ଠାରୁ ବାରି ହୋଇପଡୁଛି । ଆଗାମୀ ଭବିଷ୍ୟତ କହିବ କିଏ କେଉଁ ଦଳକୁ ଆଗଉଛି ।

## ଚୋରା ଦେଶୀ ମହୁଲି ଜବତ, ଜଣେ ଗିରଫ



ବାଲୁଗାଁ (ଭାସ୍କର ନ୍ୟୁଜ): ଶନିବାର ଦିନ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ପାଟ୍ରୋଲିଂ କରୁଥିବା ବେଳେ ବାଣପୁର ଥାନା ଅନ୍ତର୍ଗତ ଅନ୍ତରକିଆରୀ ନିକଟରେ ଏକ ମୋଟର ସାଇକେଲ(ଗାଡି ନଂ ଓଡି ୦୨ ବିଜି ୬୩୧୦) ଦ୍ରୁତ ଗତିରେ ଯାଉଥିବା ଦେଖି ତାର ପିଛା କରିଥିଲେ । ନିକଟରେ ଥିବା ମେଘେଶ୍ୱରି ମନ୍ଦିର ଠାରେ ଅଟକାଇ ଥିବାବେଳେ ଗାଡି ପଛରେ ଏକ ବସ୍ତା ବନ୍ଧାଯାଇଥିବା ଦେଖି ତଲାସୀ ନେବାରୁ ସେଥିରୁ ୫୦୦ ପ୍ୟାକେଟ ମହୁଲି (୨୫୦ ଲିଟର) ମହୁଲି ସମେତ ମୋଟର ସାଇକେଲ ଜବତ କରାଯାଇଛି । ଅଭିଯୁକ୍ତ ଜଣକ ବାଣପୁର ଥାନା ଅନ୍ତର୍ଗତ ବଡସିରେଇପୁର ଗ୍ରାମର ସୁରେନ୍ଦ୍ର ଦାସଙ୍କ ପୁଅ ଭଗବାନ ଦାସ । ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି ।

## ବାଲି ଚୋରା ଚାଲାଣ ବେଳେ ମାଡ଼ି ବସିଲେ ଖଣି ଅଧିକାରୀ, ଥାନାରେ ମାମଲା

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଅଂଚଳରୁ ବ୍ୟାପକ ପରିମାଣରେ ବାଲି ମାଟି ଚୋରା ଚାଲାଣ ହେଉଥିବା ବେଳେ ଖଣି ବିଭାଗ ଚଢ଼ଉ କରି ଏକ ହାଇଓ୍ୱାକୁ ଜବତ କରିବା ସହ ଥାନାରେ ଖଣି ଅଧିକାରୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ସଂଗୀନ୍ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ପ୍ରତ୍ୟେକ ଦିନ ଶହ ଶହ ହାଇଓ୍ୱା ଓ ଟ୍ରାକ୍ଟର ସାହାଯ୍ୟରେ ବାଲି ମାଟି ଚୋରା ଚାଲାଣ ହେଉଥିବାରୁ ସରକାରଙ୍କର ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି । ଏହାକୁ ଦୃଷ୍ଟିରେ ରଖି ପୁରୀ ଖଣି ଅଧିକାରୀ ଏକ ହାଇଓ୍ୱାକୁ ଧରି ଥିବା ବେଳେ ତା' ନାମରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ ବ୍ୟାପକ ପରିମାଣରେ ବାଲି ମାଟି ଚୋରା ଚାଲାଣ ହେଉଛି । ଗତ ୩ ତାରିଖ ଦିନ ପୁରୀ ଖଣି ଅଧିକାରୀ ସମୀର କୁମାର ମିଶ୍ର ଗୋଲେଇ ଛକରେ ଚଢ଼ଉ କରି ଏକ ହାଇଓ୍ୱାକୁ ଜବତ କରିବା ସହ ତା' ନାମରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ପ୍ରତ୍ୟେକ ଦିନ କୁଶଭଦ୍ରା ନଦୀରୁ ଶହ ଶହ ଟ୍ରାକ୍ଟର ସାହାଯ୍ୟରେ ବାଲି ମାଟି ଚୋରା ଚାଲାଣ ହେଉଥିବାରୁ ସରକାରଙ୍କର ରାଜସ୍ୱ କ୍ଷତି ଘଟୁଛି । ଏହାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଚଢ଼ଉ କରୁଥିବା ବେଳେ ପୁନରାୟ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ସେହିପରି ପିପିଲି, ବଳଙ୍ଗା ଅଂଚଳରୁ ବ୍ୟାପକ ପରିମାଣରେ ବାଲି ଓ ମାଟି ଚୋରା ଚାଲାଣ କରାଯାଉଛି । ଭାର୍ଗବୀ ନଦୀ, ଦୟା ନଦୀ ଆଦି ନଦୀରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟକ ଟ୍ରାକ୍ଟର ଓ ଜେସିବି ମେସିନ୍ ସାହାଯ୍ୟରେ ବାଲି ଓ ମାଟି ତଡ଼ା ଯାଇ ଚାଲାଣ କରାଯାଉଥିଲେ ମଧ ଏ ଦିଗରେ ଅଧିକାରୀ ଦୃଷ୍ଟି ଦେବାକୁ ଦାବୀ ହୋଇଛି । ଯାହାଦ୍ୱାରା ସରକାରଙ୍କର ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି ।

## ହାତୀ ଆକ୍ରମଣରେ ଜଣେ ମୃତ

ବାରିପଦା (ଭାସ୍କର ନ୍ୟୁଜ): ବାରିପଦା ସହର ଉପକଣ୍ଠରେ ହାତୀପଲର ଆତଙ୍କ ଥାଇଥିବା ବେଳେ ଶନିବାର ସକାଳୁ ହାତୀ ଆକ୍ରମଣରେ ଜଣେ ଗ୍ରାମବାସୀ ଜୀବନ ହାରାଇଛନ୍ତି । ମୃତକ ହେଲେ ମଧୁସୂଦନ ପାଣ୍ଡେ (୪୫) ବାରିପଦା ବନଖଣ୍ଡର ଶ୍ୟାମାଖୁଣ୍ଟା ଅଞ୍ଚଳର ଦାଡଦୁଡ ଗ୍ରାମର ନିବାସୀ । ପ୍ରକା ଯେ, ଶ୍ୟାମାଖୁଣ୍ଟା ଅଞ୍ଚଳରେ ଗତ ଏକାଦିନ ହେଲାରୁ ୪୦ଟିକିଆ ହାତୀ ପଲ ଚଳପ୍ରଚଳ କରୁଥିବା ସୂଚନା ମିଳିଛି । ଶନିବାର ସକାଳୁ ମଧୁସୂଦନ ସଂଧାବେଳି ଶୌଚ କାମରେ ବିଲକୁ ଯାଇଥିବା ବେଳେ ହାତୀ ସହିତ ମୁହାଁମୁହିଁ ହୋଇଥିଲେ । ଆକସ୍ମିକ ହାତୀ ଆକ୍ରମଣରେ ସେ ଗୁରୁତର ଭାବେ ଆହତ ହୋଇଥିଲେ । ପରେ ସ୍ଥାନୀୟ ଲୋକମାନଙ୍କ ସାହାଯ୍ୟରେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନେଇ ଯାଇଥିଲା । ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମଧୁସୂଦନଙ୍କୁ ମୃତ ଘୋଷଣା କରିଥିଲେ । ଅଞ୍ଚଳରେ ହାତୀ ପଲ ଚଳପ୍ରଚଳ କରୁଥିବା ଘଟଣାରୁ ଲୋକମାନଙ୍କ ମଧ୍ୟରେ ଭୟ ବ୍ୟାପିଛି । ଘଟଣାକୁ ନେଇ ଗ୍ରାମବାସୀମାନେ ବନବିଭାଗ ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଞ୍ଚାୟତ ମହାଜନପୁର ଗ୍ରାମରେ ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ଜଣାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ରିଶୋ ଗ୍ରାମର ଶିଶିର କୁମାର ସ୍ୱାଇଁ ପ୍ରାୟ ୧୭ ବର୍ଷ ତଳେ ତାଙ୍କର କନ୍ୟା ବନ୍ଦନା ଅର୍ଚ୍ଚନା ସ୍ୱାଇଁ(୩୪)ଙ୍କୁ ଜିଗ୍ନିପୁର ଗ୍ରାମପଞ୍ଚାୟତ ମହାଜନପୁର ଗ୍ରାମର ନିରଞ୍ଜନ ଲେଙ୍କାଙ୍କ ସହ ବୈଦିକ ରୀତିରେ ବିବାହ ଦେଇଥିଲେ । ତେବେ ଗତ କିଛି ଦିନ ହେଲା ତାଙ୍କ ପରିବାରରେ ବିଭିନ୍ନ କାରଣକୁ ନେଇ ମାନସିକ ଅଶାନ୍ତି ଲାଗି ରହିଥିଲା । ଏଥିରେ ମାନସିକ ସ୍ତରରେ ଆଘାତ ପାଇ ଗତ କାଲି ରାତ୍ରରେ ମହିଳା ଜଣଙ୍କ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ତାଙ୍କ ପରିବାର ତରଫରୁ କୁହାଯାଇଛି । ଏସମ୍ପର୍କରେ ମହିଳାଙ୍କ ପିତା ଶିଶିର ସ୍ୱାଇଁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି ।

## ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟର ବାର୍ଷିକ କ୍ରୀଡା



ପାରାଦୀପ (ଭାସ୍କର ନ୍ୟୁଜ): ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦଯାପନୀ ଉତ୍ସବ ଶନିବାର ଦିନ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଯଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ବରିଷ୍ଠ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବିଦ୍ୟାଳୟ ଯର ସଭାପତି ବାବାଜୀ ଚରଣ ପୃଷ୍ଟି, କୁଜଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଞ୍ଜନ ଦାସ, କୁଜଙ୍ଗ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ମନୋଜ କୁମାର ବେହେରା, ପଙ୍କପାଳ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ସ୍ମୃତି ରଞ୍ଜନ ମହାପାତ୍ର, ସତ୍ୟ ସାଇ ସେବା ସଂଗଠନର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ତଥା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଠ୍ୟ ସହ କ୍ରୀଡାର ଉପକାରିତା ବିଷୟରେ ଆଲୋକପାତ କରି କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ।

## ରାସ୍ତା ଶିଳାନ୍ୟାସ କଲେ ସାଂସଦ ଓ ବିଧାୟକ



କଣାସ (ଭାସ୍କର ନ୍ୟୁଜ): ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ଏବଂ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର କଣାସ ବ୍ଲକର ଦୁଇଟି ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାଶ କରିଛନ୍ତି । ନିରାକାରପୁର ବଜାର ଠାରୁ ଅତାଲ, ଗୋପିନାଥପୁର ଦେଇ କରମଳାକୁ ସଂଯୋଗ କରୁଥିବା ରାସ୍ତାକୁ ଗଡଖାରଦା ଠାରେ ସାଂସଦ ଓ ବିଧାୟକ ଶିଳାନ୍ୟାଶ କରିଥିବା ବେଳେ ଦ୍ୱିତୀୟ ରାସ୍ତା କଣାସ ଠାରୁ ନାନାକେରା ଶିମିଳିପାଟଣା ଦେଇ ଗଡସାନପୁଟକୁ ସଂଯୋଗ କରୁଥିବା ରାସ୍ତାର ଗଡସାନପୁଟ ଠାରେ ନିର୍ମାଣ ପାଇଁ ଶିଳାନ୍ୟାଶ କରିଛନ୍ତି । ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ସମସ୍ତ ଉଚ୍ଚ ଅଧିକାରୀ, ରାସ୍ତା ନିର୍ମାଣ କରୁଥିବା ଠିକାଦାର ଏବଂ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ ।

## କାଳିଆହତାରେ ହାତୀ ପଲଙ୍କ ଉପଦ୍ରବ

କେନ୍ଦୁଝର (ଭାସ୍କର ନ୍ୟୁଜ): ତେଲକୋଇ ରେଞ୍ଜ ଅଧୀନ କାଳିଆହତା ଫରେଷ୍ଟ ବିଟ୍ ନୂଆଗାଁ କବାଟ ମୁଣ୍ଡା ସାହିରେ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି । ଲୋକେ ଘରେ ଶୋଇଥିବା ବେଳେ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଆସି ଗାଁ ରେ ପଶି ଘରେ ଥିବା ଧାନକୁ ଖାଇ ଯାଉଛନ୍ତି । ମୁଣ୍ଡଝ ।ଳ ତୁଣ୍ଡରେ ମାରି ଅମଳ କରିଥିବା ଫସଲକୁ ଝରକାରେ ଶୁଣ୍ଢ ପୁରାଇ ଅତି ସନ୍ତର୍ପଣରେ ଘରେ ଥିବା ଚାଷୀର ଧାନକୁ ଖାଉଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ଗତକାଲି ବିଳମ୍ବିତ ରାତିରେ କବାଟ ମୁଣ୍ଡା ସାହିରେ ମଧୁସୂଦନ ପିଙ୍ଗୁଆଙ୍କ ଘରେ ପଶି ଝରକାକୁ ତାଡି ଶୁଣ୍ଢ ସାହାଯ୍ୟରେ ଧାନକୁ ଖାଇବା ସମୟରେ ଶବ୍ଦ ଶୁଣି ଘର ଲୋକ ଉଠିଥିଲେ ଏବଂ ଟର୍ଚ୍ଚ ମାରି ଦେଖିଲାବେଳକୁ ହାତୀ ଧାନ ଖାଉଛି । ଏହା ଦେଖି ଘର ଲୋକ ପାଟି କରିଥିଲେ ମଧ ହାତୀ ସେଠାରୁ ନଯାଇ ଧାନକୁ ଖାଇ ଚାଲିଥିଲା । ଫଳରେ ଘର ଲୋକ ଭୟଭିତ ଅବସ୍ଥାରେ ସାହି ଲୋକଙ୍କୁ ଡାକ ପକାଇଥିଲେ । ପରେ ସାହି ଲୋକଙ୍କ ସହାୟତାରେ ହାତୀକୁ ଘଉଡା ଯାଇଥିଲା ।

## ଅଗ୍ନିବିପନଙ୍କୁ ସହାୟତା କଲେ ପୂର୍ବତନ ବିଧାୟକ



ନିଆଳି (ଭାସ୍କର ନ୍ୟୁଜ): ସାରା ଦେଶ ୨୦୨୫କୁ ସ୍ୱାଗତ କରୁଥିବା ବେଳେ ନୂଆ ସକାଳର ପହିଲି ସୂର୍ଯ୍ୟ କିରଣ ନପଡୁଣୁ କଟକ ଜିଲ୍ଲା ନିଆଳି ବ୍ଲକ୍ ମାଧବ ପ୍ରଧାନ ସାହିରେ ଘଟିଛି ଅଗ୍ନିକାଣ୍ଡ ଜନିତ ଅଘଟଣ । ନିଆଁ ଆଁରେ ପାଞ୍ଚ ପରିବାରର ଆଠ ଘର, ଉକ୍ତ ପରିବାର ତାଙ୍କ ବାସ ହରେଇବା ସହ ଘରେ ଥିବା ସମସ୍ତ ଆସବାପତ୍ର ସହ ଧନ ସମ୍ପତି ଜଳିଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢାଇ ଥିବା ବେଳେ ଶନିବାର ପୂର୍ବତନ ବିଧାୟକ ପ୍ରଫେସର ଡ଼ା. ପ୍ରମୋଦ କୁମାର ମଲ୍ଲିକ ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ଉକ୍ତ ପରିବାରକୁ ଶାନ୍ତ୍ୱନା ଦେବା ସହ ପ୍ରତ୍ୟେକ ପରିବାରକୁ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ସହ କମ୍ବଳ ପ୍ରଦାନ କରିଥିଲେ ।

## କାମ କରୁଥିବା ବେଳେ ଶ୍ରମିକ ମୃତ୍ୟୁ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତେଳାପଶି ଗ୍ରାମ ପଞ୍ଚାୟତର ଅଲଣାପଦା ଗ୍ରାମରେ ଭାରତ ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷାଜଳ ଅମଳ ପ୍ରକଳ୍ପ କାମ ଚାଲୁଅଛି । ଉକ୍ତ ପ୍ରକଳ୍ପରେ ଗ୍ରାମର ଜବକାର୍ଡଧାରୀ ଶ୍ରମିକମାନେ କାମ କରି ନିଜ ନିଜର ପରିବାର ପ୍ରତିପୋଷଣ କରୁଅଛନ୍ତି । କେଶବ ନାଏକ ପିତା ବିଟୁ ନାଏକ ନାମକ ଶ୍ରମିକ ତା୨/୧/୨୦୨୫ରିଖ ଦିନ ସମସ୍ତ ଅଣକୁଶଳୀ ଶ୍ରମିକ ମାନଙ୍କ ସହିତ ମିଶି ମାଟି ଖୋଳୁ ଥିବା ସମୟରେ ହଠାତ ଅସୁସ୍ଥ ହୋଇ ଯାଇଥିଲେ । ଏହା ଦେଖି କାମ କରୁଥିବା ଶ୍ରମିକ ଓ ମେଟ ତୁରନ୍ତ ମେଡିକାଲ ପଠାଇ ଥିଲେ କିନ୍ତୁ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି । ଦିନମଜୁରିଆ ଭାବେ କାମ କରି ଗୁଜୁରାଣ ମେଣ୍ଟାଉ ଥିବା କେଶବ ନାଏକଙ୍କ ପରିବାରରେ ଦୁଃଖର ପାହାଡ ଏବେ ଠିଆହୋଇ ଯାଇଅଛି । ବର୍ତ୍ତମାନ କେଶବଙ୍କ ଶୁଦ୍ଧକର୍ମ ପାଇଁ ସରକାରଙ୍କ ମନରେଗାର ଆଇନ ଅନ୍ତର୍ଗତ ସରକାରୀ ସହାୟତା ପ୍ରଦାନ କରିବାକୁ ଶ୍ରମିକ ସଂଗଠନ ଅନୁରୋଧ କରିଛନ୍ତି ।

## ଦୁଇଭାଇଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ମାମଲା

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ପୂର୍ବ ବିବାଦକୁ ନେଇ ଦୁଇ ଭାଇଙ୍କ ଉପରେ ଧାନ ଗହୀରରେ ମାରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ରଟିଲୋ ଗ୍ରାମର ଦିପ୍ତୀ ରଂଜନ ପ୍ରଧାନ ଓ ଜ୍ୟୋତି ରଂଜନ ପ୍ରଧାନ ଦୁଇ ଭାଇ ଧାନ ଗହୀରରେ ଧାନ କାଟୁଥିବା ବେଳେ ପୂର୍ବ ବିବାଦର ରାଗ ରଖି ଗତ ୩ ତାରିଖ ଅପରାହ୍ନ ସମୟରେ ରଟିଲୋ ଗ୍ରାମର କ୍ଷୀରୋଦ ପ୍ରଧାନ ଓ ତାଙ୍କର ସହଯୋଗୀ ଅଭିମନ୍ୟୁ ପ୍ରଧାନ ହାତରେ ଲୁହାରଡ୍ ଠେଙ୍ଗା ଆଦି ମାରଣାସ୍ତ୍ର ଧରି ଧାନ ଗହୀରେ ପହଂଚି ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଆକ୍ରମଣରେ ଦିପ୍ତୀ ରଂଜନ ପ୍ରଧାନଙ୍କ ହାତ ଓ ଶରୀରରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କ ଭାଇ ଜ୍ୟୋତି ରଂଜନ ପ୍ରଧାନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ବାଉଁଶ ଠେଙ୍ଗା ବେକରେ ପକାଇ ଆକ୍ରମଣକାରୀ ଦୁଇଜଣ ଦୁଇ ଭାଇଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିବା ବେଳେ ଗହୀରରେ ଧାନ କାଟୁଥିବା ଅନ୍ୟ କେତେକ ବ୍ୟକ୍ତି ସେମାନଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ସାମାନ୍ୟ ଆଶ୍ୱସ୍ତି ଲାଭ କରିବା ପରେ ଏ ସଂପର୍କରେ ଜ୍ୟୋତି ରଂଜନ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୧୦୯ରେ ମାମଲା ରୁଜୁ କରିଅଛି ।

## ସମାଜସେବୀ ଅଞ୍ଜନ ସାହୁ ସମ୍ମାନିତ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ରାଜ୍ୟର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ 'ଓଡ଼ିଶା ପ୍ରତିଭା ପୂଜା ସଂସଦ'ର ଚତୃବିଂଶତମ ରାଜ୍ୟସ୍ତରୀୟ ସାରସତ୍ୱ ସମାରୋହ, କବି ସମ୍ମିଳନି ଓ ସମ୍ବର୍ଦ୍ଧନା ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ଦୀର୍ଘ ୪୫ ବର୍ଷରୁ ଉର୍ଦ୍ଧ୍ୱ ଧରି ଦୈବିଦୃର୍ବିପାକ, କରୋନା ମହାମାରି, ବିଭିନ୍ନ ସମୟରେ ସାନ୍ଧ୍ୟ ଆଇନ ଜାରି ସତ୍ୱ ସେ ସବୁକୁ ଭୃକ୍ଷେପ ନକରି ନିରବିଚ୍ଛିନ୍ନ ଭାବେ ଖବର କାଗଜ ବିତରଣ କରି ଲୋକମାନଙ୍କର ପ୍ରିୟଭାଜନ ହେବା ସହ ସାଧାରଣ ଲୋକ ଓ ଖବର କାଗଜ ପାଠକଙ୍କର ଅତି ବିଶ୍ୱାସ ଭାଜନ ହୋଇଥିବାରୁ ଅଞ୍ଜନ କୁମାର ସାହୁ (ମୂଷା ଭାଇ)ଙ୍କୁ ତାଙ୍କର ନିଷ୍ଠାପର ସମାଜସେବା ଲାଗି ପ୍ରତିଭା ପୂଜା ସଂସଦ ପକ୍ଷରୁ ମୁଖ୍ୟଅତିଥି ରାଜ୍ୟ ସୂଚନା କମିଶନର ସୁଶାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, ବିଶିଷ୍ଟ ଉପନ୍ୟାସିକ ଉମାଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ କଟକ ବଡ଼ମେଡ଼ିକାଲର ଡ଼ାକ୍ତର ରବି ନାରାୟଣ ପଣ୍ଡା, ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ, କାର୍ଯ୍ୟକ୍ରମ ସଂଯୋଜକ ଦୀଲ୍ଲିପ କୁମାର ଦାସ ପ୍ରମୁଖ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ସଫେଇ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଶନିବାର ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ବନ ଅଧିକାରୀଙ୍କ ନେତୃତ୍ୱରେ ଟାଟା ଷ୍ଟିଲର ୨୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏକାଠି ହୋଇ କପିଳାସ ପାହାଡ଼ ନିକଟରେ ଏକ ବିଶାଳ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ, ଚନ୍ଦ୍ରଶେଖରଜୀଉ ମନ୍ଦିରକୁ ଯାଉଥିବା ରାସ୍ତା ଏବଂ ଟାଟା ଷ୍ଟିଲ କପିଳାସ ହାଫ୍ ମାରାଥନର ପ୍ରସ୍ତାବିତ ସ୍ଥାନଠାରେ ଏହି ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ କମ୍ପାନୀ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ୧୦ ଟନରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫା କରିଥିଲେ । ସୂଚନାଯୋଗ୍ୟ, କର୍ମଚାରୀ ସ୍ୱେଚ୍ଛାସେବୀତା ଉପକ୍ରମ ଜରିଆରେ କର୍ମଚାରୀମାନେ ବିଭିନ୍ନ ସମୟରେ କମ୍ପାନୀ ପରିସର ଓ ଏହାର ଆଖପାଖ ଅଞ୍ଚଳରେ ଏହିପରି ସ୍ୱେଚ୍ଛାସେବୀ ଗୋଷ୍ଠୀ କଲ୍ୟାଣ କାର୍ଯ୍ୟକ୍ରମମାନ କରିଆସୁଛନ୍ତି । ହାତୀମାନଙ୍କ ସୁରକ୍ଷା ସହ ଏକ ସୁସ୍ଥ ସବୁଜ ପରିବେଶ ବଜାୟ ରଖିବା ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆସନ୍ତା ୧୧ ତାରିଖରେ କପିଳାସ ହାଫ୍ ମାରାଥନ୍-୨୦୨୫ କପିଳାସ ପାହାଡ଼ ପାଦଦେଶରେ ହେବାକୁ ଯାଉଛି । ଏହି ବିଶାଳ ଗଣଦୌଡ଼କୁ ଦୃଷ୍ଟିରେ ରଖି ସଫେଇ ଅଭିଯାନ ଆୟୋଜିତ ହୋଇଛି । ଏହି ଗଣଦୌଡ଼ ସମସ୍ତଙ୍କ ପାଇଁ ଶାରିରୀକ ଫିଟ୍‌ନେସ୍‌ର ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି । ପ୍ରକାଶଥାଉ କି, ପରିବେଶ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଥିବା କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟର ସବୁଜିମା ବଜାୟ ରଖିବା ପାଇଁ ଏବଂ ଗଜରାଜଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଗତବର୍ଷଠାରୁ ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଗଣଦୌଡ଼ର ଆୟୋଜନ କରାଯାଇଆସୁଛି ।

## ଚିଲିକାରେ ବିଳାସପୂର୍ଣ୍ଣ ୪୦ ସିଟ୍ ବିଶିଷ୍ଟ କ୍ରୁଜ୍

ବାଲୁଗାଁ (ଭାସ୍କର ନ୍ୟୁଜ): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ 'ସ୍ୱଦେଶ ଦର୍ଶନ ଯୋଜନାର ଉପକୂଳ ସର୍କିଟ ବଡକୁଲର ବିକାଶ' ଅଧୀନରେ 'ଲେକ୍ କୁଇନ' ଏବଂ 'ଡାଇମଣ୍ଡ ପ୍ରିନ୍ସେସ୍' ନାମକ ଦୁଇଟି ବିଳାସପୂର୍ଣ୍ଣ ୪୦ ସିଟ୍ ବିଶିଷ୍ଟ କ୍ରୁଜ୍ ବୋଟର ଶୁଭ ଉଦଘାଟନ କରିଛନ୍ତି । ପର୍ଯ୍ୟଟକମାନଙ୍କ ଆରାମଦାୟକ ଏବଂ ସ୍ମରଣୀୟ ଯାତ୍ରା ସୁନିଶ୍ଚିତ କରିବା ନିମନ୍ତେ ଏହି କ୍ରୁଜ୍ ଡଙ୍ଗା ଗୁଡିକରେ ଏୟାର କଣ୍ଡିସନ୍ କ୍ୟାବିନ ଠାରୁ ଆରମ୍ଭ କରି ଅନ୍-ବୋର୍ଡ ଫୁଡ୍ ସର୍ଭିସ ପର୍ଯ୍ୟନ୍ତ ସର୍ବୋତ୍ତମ ସୁବିଧା ଉପଲବ୍ଧ କରାଯାଇଛି । କ୍ରୁଜରେ ଯାତ୍ରା



କରିବା ସମୟରେ ପର୍ଯ୍ୟଟକମାନେ କାଳିଜାଇ ଦ୍ୱୀପ ଏବଂ ନଳବଣ ପକ୍ଷୀ ଅଭୟାରଣ୍ୟର ମନୋରମ ଦୃଶ୍ୟକୁ ଉପଭୋଗ କରିପାରିବେ । ବିଶ୍ୱସ୍ତରରେ କ୍ରୁଜ୍ ପର୍ଯ୍ୟଟନର ଚାହିଦା ବୃଦ୍ଧି ପାଉଛି ଓ ଓଡ଼ିଶାରେ ଏହାର ସମ୍ଭାବନା ଯଥେଷ୍ଟ ଅଧିକ ଅଛି ଏବଂ ଏହି କ୍ରୁଜ୍ ପର୍ଯ୍ୟଟନ ଓଡ଼ିଶାରେ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ । ପର୍ଯ୍ୟଟନର ଭିତିଭୂମିର ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମାନ୍ୟବର ମନ୍ତ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ ।

## ଗାତରୁ ହାତୀ ଛୁଆ ଉଦ୍ଧାର, ଚିକିତ୍ସା ଜାରି



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ପକାମୁଣ୍ଡା ଜଙ୍ଗଲରେ ହାତୀ ପଲ ପାରିହେବା ସମୟରେ ଏକ ଗାଡରେ ଗତକାଲି ଏକ ଛୁଆ ହାତୀ ଖସି ପଡିଥିବା ଖବର ମିଳିଥିଲା । ଖବର ପାଇ ସଙ୍ଗେ ସଙ୍ଗେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ସମସ୍ତ ଅଧିକାରୀଙ୍କ ସହିତ ଘଟଣା ସ୍ଥଳରେ ପହଁଚି ସ୍ଥିତି ପରଖିଥିଲେ ଓ ସକାଳୁ ହାତୀ ଛୁଆକୁ ଉଦ୍ଧାର କରିବାକୁ ପ୍ରୟାସ କରାଯାଇଥିଲେ ମଧ ଆହତ ହାତୀଛୁଆ ନିକଟରେ ମାଆ ହାତୀ ଓ ଅନ୍ୟ ୪ ଟି ହାତୀ ଉପସ୍ଥିତ ରହିଥିବାରୁ ହାତୀଛୁଆ ନିକଟକୁ ଯିବା ସମ୍ଭବ ହୋଇପାରିନଥିଲା । ଛୁଆ ହାତୀ ଓ ତାର ମାଆ କୁ ଖାଇବାକୁ କୋବି, କଦଳୀ ଓ ପତ୍ର ଦିଆଯିବା ସହିତ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ କରାଯାଇଥିଲା । ପରେ କେନ୍ଦୁଝର ଓ ଶିମିଳିପାଳର ବନ୍ୟ ପ୍ରାଣୀ ଚିକିତ୍ସା ବିଶେଷଜ୍ଞଙ୍କୁ ଟିମ ପହଂଚି ସ୍ଥିତି ପରଖିଥିଲେ । ବନଖଣ୍ଡ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନେ ବହୁ ବିଚାର ବିମର୍ଶ ପରେ ମାଆହାତୀକୁ କୌଣସି କ୍ରମେ ଛୁଆ ନିକଟରୁ ଘୋଉଡାଇ ଛୁଆ ହାତୀକୁ ଟ୍ରଙ୍କୁଲାଇଜ କରାଯିବାକୁ ନିଷ୍ପତି ନିଆଯାଇଥିଲା । ୨ଟି ଜେସିବି ଓ ଗାଜସାଥି ଅନ୍ୟ କର୍ମଚାରୀଙ୍କ ଦ୍ୱାରା ମାଆ ହାତୀକୁ ନିକଟସ୍ଥ ଜଙ୍ଗଲ କୁ ଘୋଉଡା ଯାଇଥିଲା । କେନ୍ଦୁଝର ଓ ଶିମିଳିପାଳରୁ ଆସିଥିବା ବିଶେଷଜ୍ଞଙ୍କ ଦ୍ୱାରା ଟ୍ରଙ୍କୁଲାଇଜ କରାଯାଇ ପ୍ରାଥମିକ ଚିକିତ୍ସା ପରେ କରଞ୍ଜିଆ ବନବିଭାଗର ଉଦ୍ୟାନକୁ ଚିକିତ୍ସା ନିମନ୍ତେ ନିଆଯାଇଛି ସେଠାରେ ଛୁଆ ହାତୀର ଚିକିତ୍ସା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ସୂଚନା ଦେଇଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୃଷ୍ଟିବାଧିତଙ୍କ ଲେଖା ପଢ଼ା ପାଇଁ ଲୁଇସ୍ ବ୍ରେଲ୍ ବ୍ରେଲ ଲିପି ସୃଷ୍ଟି କରି କୋଟି କୋଟି ଦୃଷ୍ଟିବାଧିତଙ୍କ ଚକ୍ଷୁରେ ଭରି ଦେଇଛନ୍ତି ଆଲୋକ । ଯଦ୍ୱାରା ଦୃଷ୍ଟିବାଧିତମାନେ ସାଧାରଣ ଲୋକଙ୍କ ପରି ପାଠ ପଢ଼ି ଉଚ୍ଚ ଶିକ୍ଷିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁଛନ୍ତି । ଛଅଟି ବିନ୍ଦୁକୁ ନେଇ ସେ ଲିପି ସୃଷ୍ଟି କରି ତାହାକୁ ବ୍ୟାଖ୍ୟା କରି ଦୃଷ୍ଟିବାଧିତଙ୍କ ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ ଲୁଇସ୍ ବ୍ରେଲ୍ । ସେ ହେଉଛନ୍ତି ଛଅ ବିନ୍ଦୁର ଯାଦୁକର ବୋଲି ବିଶ୍ୱ ବ୍ରେଲ୍ ଦିବସ ପାଳନ ଅବସରରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଅତିଥି ରୂପେ ଯୋଗଦେଇ ମତ ପ୍ରକାଶ କରିଥିଲେ । ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟରତ ସାମାଜିକ ଅନୁଷ୍ଠାନ 'ବ୍ଲୁସ୍‌ଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଥିଲେ, ବ୍ରେଲ୍ ଲିପି ଦୃଷ୍ଟିବାଧିତମାନଙ୍କୁ ସବୁ କ୍ଷେତ୍ରରେ ପାରଙ୍ଗମ କରିବାରେ ସହାୟତା ପ୍ରଦାନ କରିଥାଏ । କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ଓ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

### ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବ ଉଦ୍‌ଘାଟିତ

## ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁରକ୍ଷିତ ଘରକୁ ଫେରନ୍ତୁ । 'କମ୍ ହୋମ ସେଫ୍' । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ସ୍ଲୋଗାନ ଦେଇଛନ୍ତି । ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ସଡ଼କ ସୁରକ୍ଷାକୁ ଏକ ଜନ ଅଭିଯାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ସଡ଼କ ସୁରକ୍ଷାର ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । କାର୍ଯ୍ୟକ୍ରମକୁ ପ୍ରଭାବୀ କରିବାକୁ ମାଷ୍ଟରକ୍ୟାଂଟିନ ଛକରୁ ଶ୍ରୀରାମ ମନ୍ଦିର ଯାଏଁ ପଦଯାତ୍ରା କରିଛନ୍ତି ମୁଖ୍ୟମନ୍ତ୍ରୀ ।କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ମାସେ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟସ୍ତରୀୟ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରିଥିଲେ । ପ୍ରତି ଜିଲ୍ଲାରେ ଏଭଳି ସଚେତନତା ରଥ ମାସବ୍ୟାପୀ ପରିକ୍ରମା କରିବ । ସଡ଼କ ସୁରକ୍ଷା ସଂପର୍କିତ ବିଭିନ୍ନ ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଯାନ ଚାଳକ, ଏନସିସି କ୍ୟାଡେଟ୍ ଓ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଶପଥ ପାଠ କରାଇଥିଲେ । କିଭଳି ସମସ୍ତ ନିୟମ ମାନି ସୁରକ୍ଷିତ ଯାତ୍ରା କରିବା ଏବଂ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବାନ ହେବା ସେ ସଂପର୍କରେ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବାକୁ ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ଶ୍ରୀରାମ ମନ୍ଦିର ଯାଏଁ ଅନ୍ୟ ଅତିଥିଙ୍କ ସହ ପଦଯାତ୍ରା କରିଥିଲେ । ଯାହା ଛାତ୍ରଛାତ୍ରୀ, ଯାନ ଚାଳକ ତଥା ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରି ଦେଇଥିଲା । ଏହି ଅବସରରେ ସଡକ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ୨୦୦୦ ନୂତନ ଟ୍ରାଫିକ୍ ପୋଲିସ୍ ପଦବୀ ସୃଷ୍ଟି କରାଯିବା ସହ ଚଳିତ ବର୍ଷ ୫୦୦ ଟ୍ରାଫିକ୍ ପୋଲିସ୍ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର୍ ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଓଏସଆରଟିସି ସିଏମଡି ଦୀପ୍ତେଶ ପଟ୍ଟନାୟକ, କୁଟ୍ ଏମଡି ଏନ୍. ତିରୁମାଲା ନାଏକ, ସିନେ ତାରକା ସବ୍ୟସାଚୀ ମିଶ୍ରଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ ।

## ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ଶନିବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କରିଛନ୍ତି । ସମ୍ପ୍ରତି ବଲାଙ୍ଗିର ଓ ସୋନପୁର ଜିଲ୍ଲାର ଗ୍ରାମାଞ୍ଚଳରେ ମୋଟ ୨୦ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ଚାଲୁଛି । ସେଥିରୁ ୧୪ଟି ଏବଂ ୬ଟି ସୋନପୁରରେ ଚାଲୁଛି । ଏହି ଦୁଇ ଜିଲ୍ଲାର ସହରାଞ୍ଚଳରେ ମୋଟ ୮ଟି ପ୍ରକଳ୍ପ ଚାଲୁଛି । ରାଜ୍ୟ ସରକାର ସର୍ବଦା କୃଷକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆସିଛନ୍ତି । ଏସବୁ ପ୍ରକଳ୍ପ ଯଥାଶୀଘ୍ର ଶେଷ ହେଲେ ଉପରୋକ୍ତ ଦୁଇଟି ଜିଲ୍ଲାର ଚାଷ ଜମିକୁ ଜଳ ସେଚନ ସୁବିଧା ସହ ଜିଲ୍ଲାବାସୀଙ୍କ ପାନୀୟ ଜଳର ଅସୁବିଧା ଦୂର ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ପ୍ରକଳ୍ପର କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବିଭାଗୀୟ ଅଧିକାରୀଙ୍କୁ ସହର ତଥା ଗ୍ରାମାଞ୍ଚଳକୁ ଯାଇ ପ୍ରତ୍ୟକ୍ଷ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ । ଚଳିତବର୍ଷ ଶେଷ ସୁଦ୍ଧା ପ୍ରାୟ ସମସ୍ତ ପ୍ରକଳ୍ପ ଶେଷ ହେବ ବୋଲି ସମୀକ୍ଷାରୁ ଜଣାପଡ଼ିଛି । ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ ଏନ ଗିରିଶ, ପାନୀୟ ଜଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ଅଗ୍ରଗତି ଓ ବାସ୍ତବ ରୂପରେଖ ବାବଦରେ ସୂଚନା ପ୍ରଦାନ କରିଥିଲେ ।

## ପଞ୍ଚମୁଖି ହନୁମାନ ମନ୍ଦିରରରୁ ଚୋରି

କଟକ(ଭାସ୍କର ନ୍ୟୁଜ୍): ଖାନନଗରସ୍ଥିତ ପଞ୍ଚମୁଖୀ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ଆଜି ପୁଲିସ ସନ୍ଧାନୀ କୁକୁର ସହ ତନାଘନା ଆରମ୍ଭ କରିଛି। ଦୁର୍ବୃତମାନେ ମନ୍ଦିରର ଲୁହା ଗେଟ୍‌କୁ ଭାଙ୍ଗି ମହାବୀରଙ୍କ ସୁନା, ରୂପାର ଗହଣା ଲୁଟି ନେଇଛନ୍ତି। ଖବର ପାଇ କଟକ ସଦର ବିଧାୟକ ପ୍ରକାଶ ସେଠୀ, ଡିସିପ ଜଗମୋହନ ମୀନା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସୂଚନା ମୁତାବକ ଗତକାଲି ରାତିରେ ମନ୍ଦିର ପୂଜକ ମନ୍ଦିରର କବାଟ, ମୁଖ୍ୟ ଦ୍ୱାର ଆଦି ବନ୍ଦ କରି ଯାଇଥିଲା ବେଳେ ଆଜି ପ୍ରାତଃରୁ ମନ୍ଦିରରେ ପହଁଚିବା ପରେ ସେ ମନ୍ଦିର ଦ୍ୱାର କୋଲା ଥିବା ଦେଖି କମିଟିକୁ ଜଣାଇଥିଲେ। ଭିତରକୁ ଯିବା ପରେ ମହାବୀରଙ୍କ ମୁଣ୍ଡରେ ଥିବା ମୁକୁଟ, ଗଦା ସମେତ ଅନ୍ୟାନ ଗହଣା ଚୋରି ହୋଇ। ମନ୍ଦିର ତଥା ମନ୍ଦିର ବାହାରେ ସ୍ଥାନରେ ସିସିଟିଭି ଲାଗିଥିବାରୁ ଏହାର ଫୁଟେଜକୁ ନେଇ ପୋଲିସ ଛାନ୍‌ଭିନ୍ କରୁଛି। ଚୋରମାନେ ଖୁବ୍ ଶୀଘ୍ର ଧରାପଡିବେ ବୋଲି ପୋଲିସ କହିଛି।

## ମହାନଦୀରୁ ମୃତ ଦେହ ଉଦ୍ଧାର

କଟକ(ଭାସ୍କର ନ୍ୟୁଜ୍): ମହାନଦୀରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ବାଲିଯାତ୍ରା ପଡିଆ ନିକଟରେ ମହାନଦୀରେ ଭାସୁଥିବାବେଳେ ଅଗ୍ନିଶମ ବିଭାଗ ମୃତଦେହକୁ ଉଦ୍ଧାର କରିଛି। ମୃତକଙ୍କ ନାଁ ଦୁଖୀରା ସ୍ୱାଇଁ। ସେ କଟକ ଖଟବିନ ସାହି ଅଞ୍ଚଳର ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି । ସେ ଗତ ୨ ତାରିଖରୁ ନିଖୋଜ ଥିଲେ। ଅନ୍ୟପଟେ ମୃତ୍ୟୁର କାରଣ ଜଣାପଡି ନାହିଁ । ପୋଲିସ ଘଟଣାସ୍ଥଳରେ ପହଁଚି ଏହାର ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିବା ଜଣାପଡିଛି।











କଟକ, (ଭାସ୍କର ନ୍ୟୁଜ୍) : ଫ୍ରେଣ୍ଡସ ଇଲେଭେନ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକୀ ଉତ୍ସବ ଏବଂ ଇଂରାଜୀ ନବବର୍ଷ ଅଟଳା ସ୍ଥିତ 'ମୋହିନୀ ପ୍ରମିଳା ଜରାଶ୍ରମ' ଠାରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି । ଆଶ୍ରମରେ ଥିବା ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟପେୟର ବ୍ୟବସ୍ଥା କରାଯିବା ସହ ଅନ୍ତେବାସୀ ମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଟ୍ରଷ୍ଟର ସମ୍ପାଦକ ରୁଦ୍ର ନାରାୟଣ ଦାସ , ସଭାପତି ବିଶ୍ୱରଞ୍ଜନ ରାଉତ, କୋଷାଧ୍ୟକ୍ଷ ସତ୍ୟଜିତ ରାୟ ଏବଂ ଉପଦେଷ୍ଟା ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୋହିନୀ ପ୍ରମିଳା ଜରାନିବାସର ଅଧକ୍ଷ ରମାନାଥ ନାୟକ, ସମସ୍ତ କର୍ମକର୍ତ୍ତା ଏବଂ ଟ୍ରଷ୍ଟର ସଦସ୍ୟ ମାନଙ୍କର ସହଯୋଗରେ କାର୍ଯକ୍ରମ ଟି ସାଫଲ୍ୟ ମଣ୍ଡିତ ହୋଇଥିଲା । ପରିଶେଷରେ ଟ୍ରଷ୍ଟ ସଦସ୍ୟ ସତ୍ୟ ପ୍ରକାଶ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପିଛା ଛାଡୁନି ଦୁଃଖ

# ୪ ଦିବ୍ୟାଙ୍ଗ ଝିଅଙ୍କ ଚିନ୍ତାରେ ବୃଦ୍ଧ ନଟବର

କେନ୍ଦୁଝର,(ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲାର କୋଡ଼ିପଶା ପଞ୍ଚାୟତର ଘୁଙ୍ଗି ଗ୍ରାମରେ ରହନ୍ତି ଗରିବ ଆଦିବାସୀ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ନଟବର ଜୁଆଙ୍ଗ। ଦୁଃଖ ଯେମିତି ତାଙ୍କ ଭାଗ୍ୟରେ ଲେଖା। ନଟବର ଯୁବାବସ୍ଥାରେ ଗ୍ରାମ ନିକଟରେ ଥିବା କୁନ୍ଦି ଜୁଆଙ୍ଗଙ୍କୁ ବିବାହ କରିଥିଲେ। ଦୁହେଁ ଦୁଃଖ କଷ୍ଟରେ ମୁଲ ଲାଗି ଓ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ କରି ସୁରୁଖୁରୁରେ ପରିବାର ଚଳାଉଥିଲେ। ବିବାହର କିଛି ଦିନ ପରେ ଘରେ ସୁଖ ବାଣ୍ଟିବା ପାଇଁ ଝିଅ ଜନ୍ମ ହେଲା । ବଡ ଖୁସିରେ ତା ନାଁ ଦେଲେ ଯମୁନା। ଯମୁନାର ହସକାନ୍ଦରେ ପରିବାର ପୁରି ଉଠୁଥିଲା। ଯମୁନା ବଡ ହେବା ପରେ ସ୍କୁଲ ଯିବ ପାଠ ପଢିବ ଆଉ ଚାକିରୀ କରି ଜୁଆଙ୍ଗ ସମ୍ପ୍ରଦାୟର ଉଦାହରଣ ସୃଷ୍ଟି କରିବ ବୋଲି ଚିନ୍ତା କରିଥିଲେ। ଯମୁନାର ପାଞ୍ଚ ବର୍ଷ ହେବା ବେଳକୁ ତାର ଚାଲିବା ବୁଲିବା ବନ୍ଦ ହୋଇଗଲା। ସେ ଭିନ୍ନକ୍ଷମ ହୋଇ ଘରେ ପଡି ରହିଲା। ପରେ ବୃଦ୍ଧ ବୟସରେ ପରିବାର ପ୍ରତିପୋଷଣ ପାଇଁ ପୁଅ ଆଶାରେ ଘରେ ଗୋଟିଏ ପରେ ଗୋଟିଏ ଆଉ ତିନି ଝିଅ ଜନ୍ମ ନେଲେ ସେମାନେ ହେଲେ ସବିତା ଜୁଆଙ୍ଗ, ମିତା ଜୁଆଙ୍ଗ ଓ ଗୀତା ଜୁଆଙ୍ଗ। ହେଲେ ସେମାନେ ବି ଯମୁନା ଭଳି ବୟସ ବଢ଼ିବା ସହ ଭିନ୍ନକ୍ଷମ ହୋଇ ଚାଲିବା ବୁଲିବାରେ ଅକ୍ଷମ ହୋଇଗଲେ। ସାନ ଝିଅ ଜନ୍ମ ହେବାର ଅଳ୍ପ ଦିନ ପରେ କୁନ୍ଦି ଆରପାରିକୁ ଚାଲିଗଲା । ଚାରି ଭିନ୍ନକ୍ଷମ ଝିଅଙ୍କ ଉପରୁ ମାଆର ଆଶ୍ରା ସବୁଦିନ ପାଇଁ ହଜିଗଲା। ବହୁ ଦୁଃଖକଷ୍ଟରେ ଚାରି ଭିନ୍ନକ୍ଷମ ଝିଅଙ୍କ କାମ ସହ ପରିବାର ଚଳାଉଥିଲେ। ଦିନେ ନଟବର ସଂଧ୍ୟାରେ ସଉଦା ଆଣି ଘରକୁ ଫେରୁଥିବା ବେଳେ ବାଟରେ ହାତୀ ହାବୁଡ଼ରେ ପଡିଗଲେ। ହାତୀ ଆକ୍ରମଣର ଶିକାର ହୋଇ ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ସୁସ୍ଥ ହେଲେ ସତ କିନ୍ତୁ ଆଉ କାମ ଧନ୍ଦା କରିବା କିମ୍ବା ଯିବା ଆସିବା କରିବାରେ ଅସୁବିଧା ଭୋଗିବା ସହ ରୋଜଗାରର ବାଟ ବନ୍ଦ ହୋଇଗଲା। ଭିନ୍ନକ୍ଷମ ଝିଅଙ୍କୁ କାହା ଭରସାରେ ଘରେ ଛାଡ଼ି କାମ କରିବା ପାଇଁ ଯିବେ। ହାତୀ ଆକ୍ରମଣ ପରେ ସେ ବି ଆଉ ଭିଡ଼ କାମ କରିପାରୁ ନାହାନ୍ତି। ଏବେ ପରିବାରରେ ଚାରି ଭିନ୍ନକ୍ଷମ ଝିଅଙ୍କ ସହ ନିଜ ରୋଜଗାରର ଅକ୍ଷମତା ସହ ଭାଗ୍ୟକୁ ନିନ୍ଦିବା ସହ ନଟବର ପାଖରେ ଆଉ କିଛି ବାଟ ନାହିଁ । ଦଇବ ଯଦି ଦାଉ ସାଧିବ ତ ରକ୍ଷା କରିବ କିଏ ବୋଲି ଦୁଃଖର ସହ କହନ୍ତି ନଟବର। ଘର ଚଳିବା ପାଇଁ ତ ଟଙ୍କା ମିଳୁନି ଆଉ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଝିଅ ମାନଙ୍କ ଚିକିତ୍ସା ବା କରାଇବେ କିପରି ? ପିଲାଙ୍କୁ ଆଉ ପାଠ ପଢ଼ାଇବେ କଣ ସେମାନଙ୍କୁ ତ ପିନ୍ଧିବା ପାଇଁ କପଡା କି ପେଟ ପାଇଁ ଦାନା ପହଞ୍ଚାଇବାରେ ସକ୍ଷମ ହୋଇ ପାରୁ ନାହାନ୍ତି। ଭିନ୍ନକ୍ଷମ ଝିଅ ମାନଙ୍କୁ ତ ସହରକୁ ଆଣି ଚିକିତ୍ସା କରାଇବା ପାଇଁ ବି ଅର୍ଥର ଆବଶ୍ୟକତା ରହିଛି, ତାହା ପୁଣି ବାରମ୍ବାର ଆଣି ଡାକ୍ତରଙ୍କୁ ଦେଖାଇବାକୁ ପଡିବ। କେମିତି ଆଣି ଚିକିତ୍ସା କରାଇବେ, ଆଉ କେତେଥର ଆଣିବେ? ଅର୍ଥ ସାଜିଛି ପ୍ରତିବନ୍ଧକ। ଝିଅ ମାନଙ୍କ ଭବିଷ୍ୟତ ଚିନ୍ତା ତାଙ୍କୁ ଯେମିତି ମାନସିକ ସ୍ତରରେ ଦୁର୍ବଳ କରି ସାରିଲାଣି। ସାହାଯ୍ୟ ଅପେକ୍ଷାରେ ଅନେଇ ରହି ଭଗବାନଙ୍କୁ ଡାକି ଚାଲିଛନ୍ତି ନଟବର। ପ୍ରଶାସନ ତରଫରୁ ସେମାନଙ୍କୁ ଭତ୍ତା ଓ ଚିକିତ୍ସା ସହାୟତା ମିଳିପାରିଲେ ନଟବରଙ୍କ ପରିବାରରେ କିଛିଟା ଖୁସି ଫେରି ପାରନ୍ତା।



- ମିଳୁନି ସରକାରୀ ସହାୟତା
- ଗୋଟେ ପଟେ ପେଟ ଚିନ୍ତା ଅନ୍ୟ ପଟେ ଦିବ୍ୟାଙ୍ଗ ଝିଅଙ୍କ ଚିନ୍ତା
- ଚିକିତ୍ସା ପାଇଁ ସମ୍ବଳ ନାହିଁ
- ହାତୀ ଆକ୍ରମଣ ପରେ କାମ କରିପାରୁନାହାନ୍ତି ନଟବର

# ଅଞ୍ଚଳର ଉନ୍ନତି ପାଇଁ ସମସ୍ତଙ୍କର ସାହାଯ୍ୟ ଲୋଡିଲେ ବିଧାୟକ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍ ) : ବଡ଼ଚଣା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ପରିଷଦ ବୈଠକ ପଞ୍ଚାୟତ ସଭାଗୃହରେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଏହି ବୈଠକକୁ ପରିଚାଳନା କରିଥିଲେ। ଏଥିରେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ବିକଶିତ ବଡ଼ଚଣା ଗଠନ ପାଇଁ ଦଳ ବଳ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାମ କରିବା ଉଚିତ। ବିଭିନ୍ନ ବିଭାଗର ଅଧିକାରୀ ମାନେ କାର୍ଯ୍ୟାଳୟରେ ସବୁ କାମକୁ ଉତ୍ତମ ଭାବେ କରି ଜନସାଧାରଣଙ୍କର କଥାକୁ ଶୁଣି ସେମାନଙ୍କର କାମକୁ ଠିକ ସମୟରେ ସମ୍ପାଦନ କରିବା ପାଇଁ ବିଧାୟକ ଶ୍ରୀ ନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ପାଇଁ ଏହା ପ୍ରଥମ ପରିଷଦ ବୈଠକ ହୋଉଥିବାରୁ ସେ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଥମେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ କୃତଜ୍ଞତା ଜଣାଇଥିଲେ। ଏଥିରେ ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ପଞ୍ଚାୟତ ସମିତି ଉପାଦକ୍ଷ ବିଭାସ ଚନ୍ଦ୍ର ନନ୍ଦ ପ୍ରମୁଖ ପ୍ରଥମେ ଅଭିଭାଷଣ ଦେଇ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଠିକ ଭାବେ କାମ କରୁନାହାନ୍ତି। ଏହି ବୈଠକରେ କିଛି ବିଭାଗ୍ୟ ଅଧିକାରୀ ମାନେ ଅନୁପସ୍ଥିତ ରହିବାର ଦେଖାଦେଇଥିଲା । ବିଶେଷ କରି ପାନୀୟ ଜଳ ବିଭାଗର ଅଧିକାରୀ ମାନେ ପ୍ରାୟ ସମୟ କାମରେ ଅବହେଳା କରୁଛନ୍ତି ସେଥିପାଇଁ ସେମାନଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି ରଖିଥିଲେ। ପରେ ନିର୍ବାଚିତ ପ୍ରତିନିଧି ଜଗନ୍ନାଥ ମୁଦୁଲି, ମଧୁସୂଦନ ବଳ, ଦୀପକ ସାହୁ, ରବୀନ୍ଦ୍ର ସେଠି, ଜୟନ୍ତୀ ସ୍ୱାଇଁ, ଅକ୍ଷୟ କୁମାର ରାଉତରାୟ, ସରପଞ୍ଚ ଯଯାତି କେଶରୀ ରାଉତ, ନବଦ୍ୱୀପ ନାୟକ, ବେଣୁଧର ବିଶ୍ୱାଳ, ବିଭୁତି ଭୂଷଣ ସାମଲ, ସାଗରୀକା ବିହାରୀ, ସମିରି ରାଉତ, ବିଜୟ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ଦାସ, ବିଳାସିନୀ ଖୁଣ୍ଟିଆ, ସୁଲଚନା ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇ ଆଗାମୀ ଦିନରେ ବଡ଼ଚଣା ପଞ୍ଚାୟତ ସମିତିକୁ ସୁରୁଖୁରୁରେ ଚଳାଇବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଜନ ପ୍ରତିନିଧି ମାନଙ୍କ ସମସ୍ୟା ଗୁଡିକୁ ଶୁଣିବା ସହ ଗ୍ରାମାଞ୍ଚଳରୁ ଆସୁଥିବା ଅଭିଯୋଗ କାରିଙ୍କ କଥାକୁ ଗ୍ରହଣ କରିବା ପାଇଁ ଦାବି ଜଣାଇଥିଲେ। ଏଥିସହ ଗ୍ରାମାଞ୍ଚଳର ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଗମନା ଗମନ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି କରିଥିଲେ। ଏଥିରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ,ବଡ଼ଚଣା ଥାନା ଅଧିକାର ଅସିତ କୁମାର ବଳବନ୍ତରାୟ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ବେହେରା, ସହକାରୀ ଯନ୍ତ୍ରୀ ସରେନ୍ଦ୍ର ନାରାୟଣ ସାମଲ, ପାର୍ଥ ସାରଥୀ ପଣ୍ଡା, ମଣ୍ଡଳ ଶିକ୍ଷା ଅଧିକାରୀ ସବିତା ସାହୁ , ବଡ଼ଚଣା ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀକାନ୍ତ କୁମାର ଜେନା, ଆରଡି ଏସଡ଼ିଓ ଅନିଲ୍ କୁମାର ସେଠୀ , ବୈରୀ ବାନ ବିଭାଗ ଅଧିକାରୀ ଆଦିତ୍ୟ କୁମାର ପ୍ରଧାନ, ସିଡିପି ଓ ଭାରତୀ ବଳା ଭୁଇୟା, ପ୍ରମୁଖ ଯୋଗଦେଇ ଲୋକ ମାନଙ୍କର ସମସ୍ୟାକୁ ଶୁଣିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ କୁମାର ଜେନା ପୂର୍ବ ବିବରଣୀ ପାଠ କରିଥିଲେ। ଏଥିସହ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଜନ ପ୍ରତିନିଧି ମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଶେଷରେ ବଡ଼ଚଣା ବ୍ଲକ କର୍ମଚାରୀ ମାନସ କୁମାର ନାୟକ ଓ ବିଜୟ କୁମାର ପଣ୍ଡା ସହଯୋଗ କରିଥିଲେ।

# ହାଇୱା ଧକ୍କାରେ ଦୁଇ ଗୁରୁତର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଟିମା ଝୋଲା ଛକ ନିକଟ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ହାଇୱା ଧକ୍କାରେ ମଟର ସାଇକଲ ଚାଳକ ସମେତ ଜଣେ ନାବାଳିକା ଗୁରୁତର ହୋଇଥିବା ବେଳେ ଅନ୍ୟ ଏକ ନାବାଳିକା ଓ ଜଣେ ମହିଳା ବର୍ତ୍ତୀ ଯାଇଛନ୍ତି। ଏନେଇ ଲକ୍ଷ୍ମୀପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଜଣା ପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଦଶମନ୍ତପୁର ଥାନା ବିରିଗୁଡା ଗ୍ରାମର କାର୍ତିକ ହିକକା ଏକ ମଟର ସାଇକଲ ଧରି ସମ୍ପର୍କୀୟ ଜଣେ ନାବାଳିକା ସମେତ ନିଜର ଆଠ ମାସର ଝିଅ ଓ ସ୍ତ୍ରୀକୁ ଧରି କୌଣସି କାମରେ ଲକ୍ଷ୍ମୀପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ଲକ୍ଷ୍ମୀପୁର ପଟରୁ ଦ୍ରୁତ ଗତିରେ ଯାଉଥିବା ଏକ ହାଇୱା ଗାଡ଼ି ଟିମା ଝୋଲା ଛକ ଠାରେ ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ କାର୍ତିକ ଓ ତାଙ୍କ ସମ୍ପର୍କୀୟ ନାବାଳିକା ଆହତ ହୋଇଥିବା ବେଳେ ନିଜର ଆଠ ମାସର ଝିଅ ଓ ସ୍ତ୍ରୀ ଅଳ୍ପକେ ବର୍ତ୍ତୀ ଯାଇଥିଲେ। ଏହା ଦେଖି କିଛି ଲୋକ ସେମାନଙ୍କୁ ଉଧାର କରି ଆମ୍ବୁଲାନ୍ସ ଯୋଗେଁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ କୋରାପୁଟ ଜିଲ୍ଲା ଏସ୍ଏଲେନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା।

# ପୋଲର ନିର୍ମାଣ କାର୍ଯ୍ୟ ଶେଷ, ସରୁନି ଅପ୍ରୋଚ୍ ରୋଡ୍ କାମ



ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଡୋଲିଆମ୍ବ ଗ୍ରାମରେ ନିର୍ମାଣ ହେଉଥିବା ପୋଲ କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିଛି। ପୋଲର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଆପ୍ରୋଚ୍ ରୋଡ କାମ ସରୁନଥିବାରୁ ଲୋକେ ଯାତାୟାତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୨୧ ମସିହାରେ ଧୂଳିପୁଟ ପଞ୍ଚାୟତକୁ ଯାତାୟତ ପାଇଁ ଏହି ପୋଲର ନିର୍ମାଣ ଆରମ୍ଭ କରାଯାଇଥିଲା। ଯାହା ଆଜି ସୁଦ୍ଧା ବି ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଫଳରେ ଧୂଳିପୁଟ ପଞ୍ଚାୟତର ୨୨ ଖଣ୍ଡ ଖଣ୍ଡ ଗ୍ରାମବାସୀ ନିଜ ଗାଁକୁ ଯିବା ପାଇଁ ୮ କିମି ରାସ୍ତା ବୁଲି ଯନ୍ତାପାଇ ଗ୍ରାମ ଦେଇ ଯିବା ଆସିବା କରୁଛନ୍ତି। ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ପୋଲର ଆପ୍ରୋଚ କାମ ସରିପାରୁନଥିବା ପଞ୍ଚାୟତବାସୀ କହିଛନ୍ତି। ବିଜୁଳି ଖୁଣ୍ଟ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀଙ୍କ ସହମତି ଦରକାର ବୋଲି ବିଦ୍ୟୁତ୍ ବିଭାଗ କହୁଛି। ଏପଟେ ବିଦ୍ୟୁତ୍ କଟିଯିବା ଭୟରେ ଗ୍ରାମବାସୀ ଦସ୍ତଖତ କରୁ ନଥିବାରୁ ଖୁଣ୍ଟ ସ୍ଥାନାନ୍ତର ହୋଇପାରୁନି। ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରିବା ସହ ଆପ୍ରୋଚ୍ ରୋଡ ନିର୍ମାଣ ଶେଷ କରିବାକୁ ଦାବି ହୋଇଛି।

# ପର୍ଯ୍ୟଟନ ଗାଁର ମାନ୍ୟତା ପାଇବ ମାମୁଡ଼ିଅ ଗ୍ରାମ



ଆସିକା, (ଭାସ୍କର ନ୍ୟୁଜ୍ ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଦେବଭୂମି ପଞ୍ଚାୟତ ମାମୁଁଡିଅ ଗ୍ରାମ ପାଇବାକୁ ଯାଉଛି ପାରମ୍ପରିକ ପିତଳ କାରୁକାର୍ଯ୍ୟ ଗ୍ରାମର ମାନ୍ୟତା । ଏଥି ପାଇଁ ପ୍ରାଥମିକ ବୈଠକ ଆସିକା ତହସିଲଦାର ସଂଗୀତା ସେନ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛନ୍ତି । ଆୟୋଜିତ ଗ୍ରାମ ସଭା ରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱ ରଞ୍ଜନ କର,ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ନାୟକ,ରାଜସ୍ୱ ସୁପରଭାଇଜର ବିଶ୍ୱନାଥ ଲେଙ୍କା,ରାଜସ୍ୱ ନିରୀକ୍ଷକ ବିଷ୍ଣୁ ପ୍ରିୟା ରାଉତ,ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ପ୍ରକାଶ ଥାଉକି ଆସିକା ବ୍ଲକର ମାମୁଡ଼ିଅ ଗ୍ରାମ ବିଗତ ଶହେ ବର୍ଷ ପୂର୍ବରୁ ପିତଳ ସାମଗ୍ରୀ ରେ ଅନେକ କାରୁକାର୍ଯ୍ୟ ମାଧ୍ୟମ ରେ ଛୋଟ ବଡ଼ ପ୍ରାୟ ୫୦୦ ପ୍ରକାରରୁ ଉର୍ଦ୍ଧ ବିଭିନ୍ନ ପିତଳ ସାମଗ୍ରୀ ନିର୍ମାଣ କରି ସାରା ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପିତଳ ମୂର୍ତ୍ତି, ଘଣ୍ଟ,ଘଣ୍ଟି,ମନ୍ଦିର ସାମଗ୍ରୀ, ଘରସଜା ସାମଗ୍ରୀ, ପୁରସ୍କାର ସାମଗ୍ରୀ, ସୁନ୍ଦର ସୁନ୍ଦର ଫୁଲ, ସିଂହାସନ, ରଥ, ପିତଳ ଖଟୁଲି ଆଦି ଅନେକ ପ୍ରକାର ସାମଗ୍ରୀ ତିଆରି କରି ନିଜର କୌଳିକ ବୃତ୍ତି ପରମ୍ପରା ଅନୁସାରେ କାର୍ଯ୍ୟ କରିଆସୁଛନ୍ତି କ୍ଷ ପରିବାରର ପୁରୁଷ, ମହିଳା, ପୁଅ, ଝିଅ ମାନେ ମିଳି ମିଶି ଏହି ସୁନ୍ଦର ସୁନ୍ଦର ର ଥାଳିଆ, ଗିନା, ଢାଳ, ଦୀପାଳି, ହାଣ୍ଡି, ମାଠିଆ ଆଦି ତିଆରି କରି ଘର ପ୍ରତି ପୋଷଣ କରୁଛନ୍ତି କ୍ଷ ଏହି ପରମ୍ପରିକ କାରୁକାର୍ଯ୍ୟକୁ ପର୍ଯ୍ୟଟନ କ୍ଷେତ୍ର କରିବାକୁ ଆସିକା ତହସିଲଦାର ସଂଗୀତା ସେନ ଚେଷ୍ଟା କରୁଛନ୍ତ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଛତ୍ରପୁର, (ଭାସ୍କର ନ୍ୟୁଜ୍): କର୍ମଚାରୀ ନେତା ସୁଜିତ କୁମାର ନାୟକଙ୍କ ପ୍ରତି ଅନ୍ୟାୟ ଭାବରେ ଉତ୍ପୀଡ଼ନ ଦିର୍ଘଦିନ ହେଲା କରାଯାଉଅଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଏ ବିଷୟରେ ବ୍ୟକ୍ତିଗତ ଭାବରେ ଏବଂ ସଂଘ ମାଧ୍ୟମରେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଥିପାଇଁ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଆହ୍ୱାନରେ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ମଧ୍ୟାହ୍ନ ବିରତି ସମୟରେ ଦିଆଯାଇଛି । ଏଥିରେ ଦାବି କରାଯାଇଛି ଯେ ସୁଜିତ କୁମାର ନାୟକଙ୍କୁ ତୁରନ୍ତ ୩୦ ମାସର ବକେୟା ଦରମା ଦିଆଯାଉ ଓ ତାଙ୍କ ବିରୁଦ୍ଧରେ ହୋଇଥିବା କପୋଳ କଳ୍ପିତ ଉଦ୍ଦେଶ୍ୟ ପ୍ରଣୋଦିତ ଓ ମିଥ୍ୟା ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସମଗ୍ର ଦେଶରେ ଶ୍ରୀ ନାୟକଙ୍କ ଘଟଣା ନେଇ ଆଲୋଚନ ସୃଷ୍ଟି ହେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଯଦି ଘଟଣାର ତୁରନ୍ତ ସମାଧାନ ନ ହୁଏ ତେବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ ବୋଲି କାନପୁର ଠାରେ ଅନୁଷ୍ଠିତ ମହାସଂଘର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଗୃହିତ ହୋଇଛି ।

## ବଢୁଛି ମହୁମାଛି ଆକ୍ରମଣ

# ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟରେ ଅଂସଖ୍ୟ ମହୁଫେଣା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଏବେ ରାଜ୍ୟରେ କିଛିଦିନ ହେଲା ଲଗାତର ମହୁମାଛି ଆକ୍ରମଣ ଖବରକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବି ସେଥିରୁ ବାଦ ପଡିନି। କାରଣ ନିକଟରେ ହୋଇଥିବା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସିରିପୁର ଓ ନଗର ଅଞ୍ଚଳରେ ମହୁମାଛି ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଆହତ ହେବା ସମସ୍ତଙ୍କୁ ଚିନ୍ତିତ କରିଦେଇଥିଲା। ଏତେ ବଡ଼ ଅଘଟଣ ପରେ ମଧ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ହାଲୁକା ଭାବେ ନେବାକୁ ନେଇ ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ତଥା ବଜାର ବିଭିନ୍ନ ଜାଗାରେ ଥିବା ସ୍କୁଲ, କଲେଜ, ସରକାରୀ, ବେସରକାରୀ କୋଠା ତଥା ଜନବସତି ନିକଟରେ ଥିବା ଗଛରେ ବର୍ଷ ବର୍ଷ ଧରି ମହୁମାଛି ବସା କରି ରହୁଛନ୍ତି। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ଆସିଲେ ଅବା ବିପଦର ଆଭାସ ପାଇଲେ ସେମାନେ ଲୋକଙ୍କୁ ଦଂଶନ କରୁଛନ୍ତି। ପ୍ରଶାସନିକ ସ୍ତରରେ ସାଧାରଣଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସେସବୁ ପ୍ରତି କାହାର ନଜର ରହୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ପରିତ୍ୟକ୍ତ ବହୁତଳ କୋଠାରେ ଅସଂଖ୍ୟ ମହୁମାଛି ଦୀର୍ଘଦିନ ଧରି ବସା ବାନ୍ଧି ରହିଛନ୍ତି। ଏହି ସ୍ଥାନ ମାନଙ୍କରେ ପ୍ରାୟ ୫୦ରୁ ଉର୍ଦ୍ଧ ବଡ଼ ମହୁଫେଣା ମୁଖ୍ୟରାସ୍ତା ଆଡକୁ ମୁହଁକରି ଝୁଲି ରହିଛି। ସେହିବାଟ ଦେଇ ଶହ ଶହ ଗାଡିମଟରରେ ଲୋକେ ଯା' ଆସ କରୁଛନ୍ତି। ଏହା ଶହ ବିଭିନ୍ନ ଗ୍ରାମାଞ୍ଚଳ ବ୍ୟତୀତ ବିଦ୍ୟାଳୟ ଓ ଜନବସତି ରହିଛି ଏହି ସ୍ଥାନ ମାନଙ୍କରେ ବଡ଼ବଡ଼ ମହୁମାଛି ବାସ କରିବାକୁ ସେମାନଙ୍କ ନିରାପଦ ସ୍ଥାନ ପାଲଟିଛି। ବିପଦ ଆସିବା ପୂର୍ବରୁ ସତର୍କ ପରିବର୍ତ୍ତେ ବିପଦ ଆସିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରୁନି। କୌଣସି କାରଣ ହେଉ କିମ୍ବା ସେମାନଙ୍କ ଉପରେ କେହି ଆକ୍ରମଣ ଜଦି କରେ ଏହା ଦ୍ୱାରା ଅଞ୍ଚଳରେ ମହୁମାଛି ଆକ୍ରମଣ ହେଲେ ସ୍ଥାନୀୟ ବାଟ ଦେଇ ଯାଉଥିବା ଶହ ଶହ ଯାତ୍ରୀ, ଛାତ୍ରଛାତ୍ରୀ ଓ ନିକଟରେ ବାସ କରୁଥିବା ଲୋକ କେହି ବି ତ୍ରାହି ପାଇବେନି। ସାଧାରଣ ଲୋକ ଅଥବା ଦେଖଣାହାରୀ ମତ ଅନୁଯାୟୀ ସପ୍ତଫେଣି, ମାଙ୍କେଡିଆ, ବାଘୁଆ, ସାନମାଙ୍କେଡିଆ ଆଦି ବିଭିନ୍ନ ପ୍ରଜାତିର ମହୁମାଛି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ ଦେଖାଯାଉଛନ୍ତି। ବାଘୁଆ ପ୍ରଜାତି ମହୁମାଛି ଅଧିକ ଆକ୍ରମଣତ୍ମକ। ଯେଉଁମାନେ ଏହି ସବୁ ଜନବସତି ଅଞ୍ଚଳରେ ସୁପ୍ତ ଭାବରେ ରହିଥାନ୍ତି। ଅନେକ ସମୟରେ ଆକ୍ରମଣାତ୍ମକ ହୋଇ ଲୋକଙ୍କ କ୍ଷତି କରିଥାନ୍ତି। କିଛି ମାସ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗରରେ ମହୁମାଛି ଆକ୍ରମଣରେ ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହେବା ଘଟଣା ପରେ ସମସ୍ତଙ୍କୁ ଏଥିରୁ ସତର୍କତା ଅବଲମ୍ବନ କରିବା ପାଇଁ ଏକ ଶିକ୍ଷା ଦେଇଥିଲା। କିଛି ମାସ ତଳେ ସିରିପୁର ଅଞ୍ଚଳରେ ଗୋଟିଏ ସ୍ଥାନରେ ଚାରିରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ପରେ ଡକ୍ଟର ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଗ୍ରାମାଞ୍ଚଳ ଶହ ଅସ୍ତରଙ୍ଗ ବଜାର ଏଭଳି ଅନେକ ଜନବସତି ରେ ଶହ ଶହ ମହୁଫେଣା ରହିଛି। ପ୍ରଶାସନିକ ସ୍ତରରେ ଏହାକୁ ଗୁରୁତର ମନେ କରି ବିପଦ ଆସିବା ପୂର୍ବରୁ ଆଗୁଆ ପଦକ୍ଷେପ ନେବାକୁ ଦାବୀ ହୋଇଛି। ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ କୌଣସି ବିଭାଗରେ ସେମିତି ପଦକ୍ଷେପ ନେବା ଭଳି ଦେଖାଯାଇନାହିଁ।

# ପ୍ରବାସୀ ଭାରତୀୟ ଦିବସ ପାଳନ ଉପଲକ୍ଷେ ବ୍ଲକ ସ୍ତରୀୟ ପ୍ରତିଯୋଗିତା




କଣିହାଁ, (ଭାସ୍କର ନ୍ୟୁଜ୍ ) : ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ଉପଲକ୍ଷେ କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ ବ୍ଲକ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମଙ୍ଗୁଲୁ ଚରଣ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ପ୍ରଧାନ ଓ ସୁଜନ କୁମାର ସାହୁ ଏବଂ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ଜାନୁୟାରୀ ୮ ତାରିଖରୁ ୧୦ ତାରିଖ ଭୁବନେଶ୍ୱର ଠାରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଆଜି ବ୍ଲକ ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳନ ପୂର୍ବକ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଷ୍ଟମ ଶ୍ରେଣୀ, ନବମ ଓ ଦଶମ ଶ୍ରେଣୀ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ନେଇ ତିନୋଟି ସ୍ତରରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତ୍ୟେକ ସ୍ତରରେ ପ୍ରବନ୍ଧ ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉଚ୍ଚ ମାଧ୍ୟମିକ ସ୍ତରରେ ଅଧିକ ଏକ ପ୍ରତିଯୋଗିତା ସାଇକେଲ ରେସ ଅନୁଷ୍ଠିତ ହୋଇଥିଲା। ୧୭ଟି କ୍ଲଷ୍ଟରରୁ ପୂର୍ବରୁ ମନୋନୀତ ହୋଇ ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ଆଜିର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ସ୍ତରର ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜାନୁୟାରୀ ୭ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଇଓ କାର୍ଯ୍ୟାଳୟର ମୁକେଶ ସାମନ୍ତରାୟ, ଶ୍ରୀକାନ୍ତ ଗଡନାୟକ, ସିଆରସିସି ଗଗନ ବିହାରୀ ନାଏକ ଓ ଗୌତମ ମାଝି ସହଯୋଗ କରିଥିଲେ।

# ଅନାଥ ଶିଶୁଙ୍କୁ ସାହାଯ୍ୟର ହାତ ବଢ଼ାଇଲେ କାହ୍ନା ଚାରିଟେବୁଲ ଟ୍ରଷ୍ଟ



ଚିକିଟୀ, (ଭାସ୍କର ନ୍ୟୁଜ୍) : ଜିଲ୍ଲାର ଚିକିଟି ବ୍ଲକରେ ଦୁଇ ନିଷ୍ପାପ ଛୁଆ ଜେଜେବାପା ସାହାରରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ଏହି ବ୍ଲକର ଗୋବିନ୍ଦନଗର ପଞ୍ଚାୟତର ଗୋବିନ୍ଦ ନଗର ଗ୍ରାମର ନରସିଂହ ଦାସ ବତିଶି ବର୍ଷ ବୟସରେ ପ୍ରାଣ ହରାଇଥିଲେ। ସେତେବେଳକୁ ତାଙ୍କର ଦୁଇଟି ସନ୍ତାନ ଥିଲା। ସେ ଦୁଇଟି ସନ୍ତାନକୁ ତାଙ୍କ ସ୍ତ୍ରୀ ଶୈଳ ଦାସ ଜମି ବାଡ଼ି, ଛତୁ ଫାର୍ମରେ କାମ କରି ପିଲାଙ୍କୁ ଭରଣ ପୋଷଣ କରି ଆସୁଥିଲେ। ଏମିତି କିଛି ବର୍ଷ ବିତିବା ପରେ ଗତ ସାତମାସ ତଳେ ଶୈଳ ଦାସ ଇହଧାମ ତ୍ୟାଗ କରିଥିଲେ। ଉକ୍ତ ମହିଳାଙ୍କ ମୃତ୍ୟୁ ପରେ ନରସିଂହଙ୍କ ଗୋଟିଏ ପୁଅ ଆଉ ଝିଅ ବର୍ତ୍ତମାନ ବୁଢ଼ା ଜେଜେବାପାଙ୍କ ନିକଟରେ ରହୁଥିବା ବେଳେ ଜେଜେବାପା ପରିଣତ ବୟସରେ ରିକ୍ସା ଚଳାଇ ଦୁଇ ଛୁଆଙ୍କ ପେଟ ପୋଷୁଥିବା ଦେଖିବାକୁ ମିଳୁଛି। ପରିଣତ ବୟସରେ ଜେଜେବାପା ନିଜର ରୋଗିଣା ଦେହରେ କେତେଯେ କଷ୍ଟ ସହି ଉକ୍ତ ଶୈଶବର ଭବିଷ୍ୟତ ଗଢ଼ିବେ। ଉକ୍ତ ବ୍ୟକ୍ତିଙ୍କ ଆର୍ଥିକ ସ୍ୱଚ୍ଛଳତା ମଧ ନାହିଁ ଯଦିଓ ଲୋକଟିର ଶେଷ ନିଶ୍ୱାସ ହୋଇଯାଏ ତେବେ ଦୁଇ ଶିଶୁଙ୍କ ଅବସ୍ଥା କଣଯେ ହେବ ତାହା କଳ୍ପନାର ବାହାରେ। ଏଣୁ ଉକ୍ତ ନିଷ୍ପାପ ଶିଶୁଙ୍କୁ ପ୍ରଶାସନ ନିଜର ଅଧୀନକୁ ନେଲେ ଦୁଇ ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଆଜି ଅର୍ଥାତ ବ୍ରହ୍ମପୁର ସ୍ଥିତ କାହ୍ନା ଚାରିଟେବୁଲ ଟ୍ରଷ୍ଟ ନିଷ୍ପାପ ଶିଶୁଙ୍କ ଘରେ ପହଁଚି କିଛି ନିତ୍ୟ ବ୍ୟବାହାର୍ଯ୍ୟ ସାମଗ୍ରୀ ସହ ହଜାରେ ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିଲେ। ଅନେକ ଅସହାୟ ବ୍ୟକ୍ତି ବିଶେଷଙ୍କୁ ସବୁବେଳେ ଏହି କାହ୍ନା ଚାରିଟେବୁଲ ଟ୍ରଷ୍ଟ ନିଜର ସାମର୍ଥ୍ୟ ହାତ ବଢ଼ାଇ ଆସୁଛି ବୋଲି ସଂସ୍ଥାର ସଭାପତି ରଞ୍ଜନା ମିଶ୍ର ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରବୀନ୍ଦ୍ର ନାଥ ମିଶ୍ର, ସୁଦୀପ୍ତ ପଟ୍ଟନାୟକ, ସୁମନ ଦାସ, ପ୍ରିତମ ଚାନ୍ଦ ତ୍ରିପାଠୀ, ବିଶ୍ୱନାଥ ପାତ୍ର, ସୁନୀଲ ମହାନ୍ତି, ରାଗିଣୀ ସାହାଙ୍କ ସହ ସଂଯୁକ୍ତା ତ୍ରିପାଠୀ, ଅଲେଖ ପାଳ, ସନ୍ତୋଷ ପାଣିଗ୍ରାହି, ପାର୍ଥ ପାଢ଼ୀ, ରିତାଞ୍ଜଳୀ ସ୍ୱାଇଁ, ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗ ଦାନ କରି ଉକ୍ତ ମହତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଦୃଶ୍ୟକୁ ଦେଖି ଉକ୍ତ ଅଞ୍ଚଳ ବାସି ଚାରିଟେବୁଲ ଟ୍ରଷ୍ଟ କୁ ଭୁରି ଭୁରି ପ୍ରଶଂସା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କଟକ(ଭାସ୍କର ନ୍ୟୁଜ): କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ କଟକ ଜିଲ୍ଲା କଂଗ୍ରେସ ର ପ୍ରାକ୍ତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତି ବିଶାରଦ ଡ଼କ୍ଟର ମନମୋହନ ସିଂହଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ସର୍ବ ପ୍ରଥମେ ସ୍ୱର୍ଗତ ସିଂହଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ସମୃଦ୍ଧ ଭାରତ ବର୍ଷ ଗଠନ ପାଇଁ ତାଙ୍କ ଅବଦାନ ଅତୁଳନୀୟ । ବିଶେଷ କରି ସୂଚନା ଅଧିକାର ଆଇନ୍, ଖାଦ୍ୟ ସୁରକ୍ଷା ଆଇନ୍, ମନରେଗା, ନୂତନ ଜମି ଅଧିଗ୍ରହଣ ବିଲ୍, ସବୁ ବ୍ୟାଙ୍କ୍ ଜରିଆରେ ସବସିଡ ପ୍ରଦାନ ସହ ତାଙ୍କ ଶାସନକାଳ ସମୟରେ ୭୧ ହଜାର କୋଟି ଟଙ୍କା କୃଷି ଋଣ ଛାଡ କରିବା ଇତ୍ୟାଦି ପାଇଁ ଦେଶବାସୀ ତାଙ୍କୁ ନିଶ୍ଚୟ ମନେରଖିବେ ବୋଲି ବକ୍ତା ମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ମନୋଜ ବିଶ୍ୱାଳ, ରାଜେଶ୍ ସ୍ୱାଇଁ, କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମ ଚନ୍ଦ୍ର ଗୋଛାୟତ, କଟକ ନଗର (ଜିଲ୍ଲା)କଂଗ୍ରେସର ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା ଓ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, କଟକ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ,ପ୍ରାକ୍ତନ ବ୍ଲକ୍ କଂଗ୍ରେସ ସଭାପତି ଆଶୁତୋଷ ବରାଳ, ବରିଷ୍ଠ କଂଗ୍ରେସ ନେତା ରଜନୀ ବସ୍ତିଆ, ବିକି ଜେଠୀ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଉଗ୍ରସେନ ଭୂୟାଁ, ଯୁବନେତା ପ୍ରତ୍ୟୁଷ ସାହୁ, ସୀତାକାନ୍ତ ପଣ୍ଡା, ନିହାର ରଞ୍ଜନ ନନ୍ଦ, ଋଷି କାଣ୍ଡି, ଜୟନାରାୟଣ ତ୍ରିପାଠୀ, ଉମେଶ ଛାଟୋଇ, ସୁବ୍ରତ ସ୍ୱାଇଁ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମନମୋହନ ସିଂହଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।



## ଏଥର ଦିଲ୍ଲୀରେ ଗଡିବନି ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତବର୍ଷ ଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ନ ଗଡିବା ଏକ କ୍ଷୋଭର ବିଷୟ ବୋଲି ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଏକ ପ୍ରେସ ବିବୃତିରେ କହିଛନ୍ତି । ଓଡ଼ିଆ ଅସ୍ମିତା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବା ବେଳେ ଓ ଡବଲ ଇଞ୍ଜିନ ସରକାର ଶାସନ ସମୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ୱୀକୃତି ନମିଳିବା ନିଶ୍ଚିତ ଭାବେ ଉଦ୍ବେଗର ବିଷୟ । ତେଣୁ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଉଲ୍ଲେଖଯୋଗ୍ୟ, ଗତବର୍ଷ କର୍ତ୍ତବ୍ୟପଥରେ ଐତିହ୍ୟ ଗ୍ରାମ ରଘୁରାଜପୁର ହସ୍ତକଳାକୁ ନେଇ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା । ପଟ୍ଟଚିତ୍ର ସହିତ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପକୁ ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ କରାଯାଇଥିଲା ଓ ଓଡ଼ିଶାର ଏହି ମେଢ଼ ପ୍ରଥମ ପୁରସ୍କାର ହାସଲ କରିଥିଲା । ୨୦୨୫ ଜାନୁଆରୀ ୨୬ ତାରିଖରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଓଡିଶା ତରଫରୁ ମାଣିଆବନ୍ଧ ଶାଢ଼ୀ, ହସ୍ତଶିଳ୍ପ ଓ ମନ୍ଦିର ମାଳିନୀ ଭୁବନେଶ୍ୱରକୁ ମଡେଲ ଭାବେ ପ୍ରସ୍ତାବ ଦିଆଯାଇଥିଲା । ତେବେ ଏ ବର୍ଷ ମନୋନୀତ ହୋଇଥିବା ପ୍ରଜ୍ଞାପନ ମେଢ଼ ମଧ୍ୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ଥାନ ମିଳି ନାହିଁ । କିନ୍ତୁ କେଉଁ କାରଣରୁଏହାକୁ ମନୋନୀତ କରାଯାଇନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

## ମଠ ପାଇଁ ଆଇନ ଆଣନ୍ତୁ ସରକାର: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଇନ ମନ୍ତ୍ରୀଙ୍କୁ ଜବାବ ଦେଲେ ବରିଷ୍ଠ ବିଜେଡ଼ି ନେତା ଦେବୀ ମିଶ୍ର। ୭ ମାସ ପରେ ବି କହୁଛନ୍ତି ପୂର୍ବ ସରକାରର ତ୍ରୁଟି । ଦୋଷ ଦର୍ଶୀ ବଦଳରେ ଦୂରଦର୍ଶୀ ହୁଅନ୍ତୁ । ମଠ ପାଇଁ କଣ ଆଇନ ଆଣୁଛନ୍ତି ଆଗ ଆଣନ୍ତୁ । ମଠ ମନ୍ଦିର ବିକାଶ ସହ ସଂସ୍କୃତି ରକ୍ଷା କରିବାକୁ ଆମ ସରକାରରେ ବହୁ ପ୍ରୟାସ କରାଯାଇଛି । ୨୪ ବର୍ଷ ଶାସନରେ ସେମାନେ ଆମ ସହ ୯ ବର୍ଷ ଥିଲେ ।

## ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି ବିରୋଧୀ ଦଳ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି ବିରୋଧୀ ଦଳ । ବଡ ବଡ଼ କାର୍ଯ୍ୟକ୍ରମ ହେଲେ କିଛି ଅସୁବିଧା ରହିବ । ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ସୁନ୍ଦର ହେବା ଦରକାର ବୋଲି କହିଛନ୍ତି ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ । ସେଥିପାଇଁ କିଛି ରାସ୍ତା କଡରେ ଥିବା ଦୋକାନୀଙ୍କୁ ଉଠା ଯାଇଛି । ସରକାର ସେମାନଙ୍କ ସହ ଅଛନ୍ତି ଉପଯୁକ୍ତ ବ୍ୟବସ୍ଥା ଏବଂ ଥଇଥାନ କରିବେ । କଂଗ୍ରେସ ସେମାନଙ୍କ ଚିନ୍ତା ନକରି ଦଳ ଚିନ୍ତା କରୁ ବୋଲି ସୁରଥ ବିଶ୍ୱାଳ କହିଛନ୍ତି।

## ଖୁବ୍‌ଶୀଘ୍ର ଜୈବିକ ପଦ୍ଧତିରେ ଉତ୍ପାଦିତ ଚାଉଳରେ ହେବ ଅବଢ଼ା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୁବ୍‌ଶୀଘ୍ର ଜୈବିକ ପଦ୍ଧତି ଦେଇ ଉତ୍ପାଦିତ ହେଉଥିବା ଚାଉଳରେ ତିଆରି ହେବ ଅବଢ଼ା। ଏନେଇ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏବେ ଅବଢ଼ାରେ ବ୍ୟବାହର ହେଉଥିବା ଚାଉଳ ରାସାୟନିକ ସାର ପ୍ରୟୋଗ ଦ୍ୱାରା ପ୍ରସ୍ତୁତ ହେଉଛି। ତେଣୁ ଜୈବିକ ପଦ୍ଧତି ଦ୍ୱାରା ଉତ୍ପାଦିତ ଚାଉଳ ବ୍ୟବହାର ହେଲେ ଭଲ ହେବ ବୋଲି କହିଛନ୍ତି ପ୍ରମୁଖ କୃଷି ସଚିବ ଅରବିନ୍ଦ ପାଢୀ। ଜୈବିକ ପଦ୍ଧତି ଚାଷ ପାଇଁ ସରକାର ପ୍ରୋତ୍ସାହନ ଦେବାକୁ ଗୁରୁତ୍ୱ ଦେଉଛନ୍ତି। କୃଷି ମେଳାରେ ଯୋଗ ଦେଇ ଅରବିନ୍ଦ ପାଢୀ ଏହା କହିଛନ୍ତି। ଏହାଛଡା ସେ ଜଗନ୍ନାଥଙ୍କ ମୂଳିଆ ବୋଲି କହିଛନ୍ତି ଡ. ଅରବିନ୍ଦ ପାଢୀ।

## ଧାଡ଼ି ବ୍ୟବସ୍ଥାରେ ଶୃଙ୍ଖଳିତ ହେବ ଦର୍ଶନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାଡ଼ି ବ୍ୟବସ୍ଥାରେ ଦର୍ଶନ ଶୃଙ୍ଖଳିତ ହେବ । ଭକ୍ତ ମାନଙ୍କୁ ଦର୍ଶନ କରିବାରେ ସୁବିଧା ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଦର୍ଶନ କଲା ବେଳେ କୌଣସି ବାଧାବିଘ୍ନ ରହିବ ନାହିଁ । ସେହିଭଳି ଆଧାରରେ ଧାଡି ବ୍ୟବସ୍ଥା କରାଯାଉଛି । ରାମ୍ପ ମାଧ୍ୟମରେ କୌଣସି ଭକ୍ତ ଦର୍ଶନ ନକରି ଫେରିବେ ନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।



### OFFICE OF THE BLOCK DEVELOPMENT OFFICER, DHENKANAL SADAR, DHENKANAL

i-400

Mail Id.ori-bdhenkanal@nic.in

Tender Call Notice No..BDO/DHENKANAL SADR/01/2024-25

| Sl No. | Name of the Work | Approximate value of work (In Rs.) | Concerned T.I.A | Cost of Bid Document | Class Of Bidder | EMD 1% | Period of Completion (In Month) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Addl. Class Room at Govt. PS Rangiapala, Bhapur of Sadar Block | Rs.1229451.60 | BDO Dhenkanal Sadar, Dhenkanal | Rs.6000.00 | 'C' & 'D' Class | Rs.12300.00 | 4(Four Calendar Month) |
| 2 | Construction of Addl. Class Room at Govt.High School, Kaimati of Sadar Block | Rs.1310954.50 | BDO Dhenkanal Sadar, Dhenkanal | Rs.6000.00 | 'C' & 'D' Class | Rs.13100.00 | 4(Four Calendar Month) |

For detailed information please visit the website http//dhenkanal.odisha.gov.in

Block Development Officer
Dhenkanal Sadar

OIPR 19433/11/0001/2425

### कार्यपालक अभियंता का कार्यालय ग्रामीण विकास विशेष प्रमंडल, साहेबगंज।

#### अति अल्पकालीन ई0–निविदा आमंत्रण सूचना

ई– पुनर्निविदा सूचना संख्या – RDD/SD/SAHIBGANJ /04/4th CALL/2024-25

1. कार्य की विस्तृत विवरणी:

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के साहेबगंज प्रखण्ड अंतर्गत गंगा प्रसाद पूरब पंचायत के पत्थरघाट (गंगोटा टोला के पास) उच्चस्तरीय पुल निर्माण। | 592.22100 लाख रूपये | 11,84,500/- रूपये | 10,000.00 रूपये | 24 माह |

2. वेबसाइट में निविदा प्रकाशन की तिथि – 07.01.2025
3. ई–निविदा प्राप्ति की तिथि एवं समय– दिनांक 07.01.2025 से दिनांक 16.01.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 18.01.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
साहेबगंज।

PR 343556 (Rural Development) 24-25 (D)

### झारखण्ड सरकार ग्रामीण कार्य विभाग, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा

#### ई0 निविदा आमंत्रण सूचना।

ई0–निविदा संख्याः– 12/2024-25/RWD/EE/CHAIBASA दिनांक : 04.01.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/CHAIBASA/19/2024-25 | कुसमिता बोतरगुटू स्वास्थ्य केन्द्र से आसनपाठ टोला एदेल साई भाया बड़ा कुसमिता पोखरपी तक पथ निमार्ण कार्य। (लं0– 6.450 कि0मी0) | 67740300 | छः करोड़ सतहत्तर लाख चालीस हजार तीन सौ रू0 मात्र | 15 माह |
| 2 | RWD/CHAIBASA/20/2024-25 | एन0एच0–75 जितेन जामुदा घर से अरगुण्डी तक पथ निमार्ण कार्य। (लं0– 2.000 कि0मी0) | 27996500 | दो करोड़ उनासी लाख छियानवे हजार पाँच सौ रू0 मात्र | 15 माह |
| 3 | RWD/CHAIBASA/21/2024-25 | इचापी से एदेलबेड़ा गाँव तक पथ निमार्ण कार्य। (लं0– 1.250 कि0मी0) | 17796000 | एक करोड़ सतहत्तर लाख छियानवे हजार रू0 मात्र | 12 माह |

1. वेबसाईट में निविदा प्रकाशन की तिथि :– 08.01.2025
2. ई–निविदा प्राप्ति की अंतिम तिथि एवं समय :– 18.01.2025 अपराह्न 05:00 बजे तक।
3. निविदा खोलने की तिथि एवं समय :– 20.01.2025 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोश्ठ का दूरभाश सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, चाईबासा।

PR.NO.343593 West Singhbhum(24-25):D

### MINISTRY OF ROAD TRANSPORT & HIGHWAYS, NEW DELHI OFFICE OF THE EXECUTIVE ENGINEER, NATIONAL HIGHWAYS DIVISION,Deoghar.

E-mail:eenhdeoghar@gmail.com

#### Notice Inviting Bid

Bid/ Package no.-**NH/Deoghar/EPC/01/2024-25** Dated- **03.01.2025**

RFP for **Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). (Job No. – NH-114A/JHR/2024-25/05)**

The Ministry of Road Transport & Highways through **Chief Engineer, National Highway Wing, Jharkhand, Ranchi** is engaged in the development of National Highways and as part of this endeavour, it has been decided to undertake **Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). (Job No. – NH-114A/JHR/2024-25/05).**through an Engineering, Procurement and Construction (EPC) Contract.[The Ministry of Road Transport & Highways/ State Public Works Department/represented by its DG(RD)&SS/CE (NH) PWD State] now invites bids from eligible contractors for the following project:-

| State | NH No. | ICB No. | Name of Work | Estimated Civil Cost (In Rs. Cr.) | Completion Period | Maintenance Period |
|---|---|---|---|---|---|---|
| Jharkhand | 114A | | Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). **(Job No. – NH-114A/JHR/2024-25/05)** | **22.59** (Including Labour Cess,all taxes,GST etc. & Utility Shifting) | 12 (Twelve Months) | 5 (Five years) after Completion |

The complete BID document can be viewed / downloaded from official portal of the CPPP website https:// eprocure.gov.in/eprocure/appfrom **10.01.2025** to **24.02.2025**(upto17:00 Hrs. IST). Bidder must submit its Financial bid and Technical Bid at https:// eprocure.gov.in/eprocure/app on or before **24.02.2025**(upto 17:00 Hrs). Bids received online shall be opened on **25.02.2025**(after 15:00 hours IST).

Bid through any other mode shall not be entertained. However, Bid Security in form of Insurance Surety Bond, Account Payee Demand Draft, Banker's Cheque or Electronic Bank Guarantee (e- Bank Guarantee), receipt of document fee, Power of Attorney and Joint Bidding Agreement etc. shall be submitted physically by the Bidder within 2 days from the bid due date. In case of Original BGs in confirmation of scanned copies are not submitted within this period by the bidder, the bidder will be debarred for one year from bidding for National Highways/other Centrally Sponsored works of Ministry of Road Transport & Highways and its implementing agencies. Please note that the Ministry/Authority/ Executing Agency reserve the right to accept or reject all or any of the BIDs without assigning any reason whatsoever.

Sd/-
Executive Engineer
National Highway Division, Deoghar

PR 343567 Deoghar(24-25)#D

### ଇନ୍ ଦି ଡେବ୍‌ଟ ରିକଭରି ଆପିଲେଟ ଟ୍ରିବ୍ୟୁନାଲ, କୋଲକାତା

୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା - ୭୦୦୦୦୧
ବିବିଧ ଅପିଲ ନଂ.: ୮୨/୨୦୨୪
ଏନଡିଏନ ନଂ.: ୬୪୩/୨୦୨୪ ଡିଆରଟି, କଟକ ରୁ ଉଦ୍ଧୃତ
(ଏସଏ/୧୩୨/୨୦୨୪)

ମୁକେଶ ମିତ୍ତଲ ...ଅଭିଯୋଗକାରୀ

ବନାମ

ସଂଗ୍ରାମ କେଶରୀ ବିନୋଦ ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୧) **ସଂଗ୍ରାମ କେଶରୀ ବିନୋଦ,** ବୟସ: ପ୍ରାୟ ୬୧ ବର୍ଷ, ପିତା: ୰ ଗଙ୍ଗାଧର ବିନୋଦ, ସା: ଆଇଟି କଲୋନୀ, ପୋଷ୍ଟ: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ-୭୭୦୦୧୭, ଓଡ଼ିଶା (ପ୍ରତିବାଦୀ ନଂ.୧)

#### ସମନ

୧) ଆପଣଙ୍କୁ ଅବଗତ କରାଇଦିଆଯାଉଛି କି, ଅଭିଯୋଗକାରୀ ମାନ୍ୟବର ପ୍ରିଜାଇଡିଂ ଅଫିସର, ଡିଆରଟି, କଟକ ଏବଂ ଅନ୍ୟ ସହାୟତାଙ୍କ ଆଦେଶ ବିରୁଦ୍ଧରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୮ ଅନୁଯାୟୀ ପୁର୍ନବିଚାର ପାଇଁ ଅଭିଯୋଗ ଦାୟର କରିଛନ୍ତି। ଏତଦ୍‌ଦ୍ୱାରା ଆପଣଙ୍କୁ ସମନ କରାଯାଉଛି କି ଆପଣ ମାନ୍ୟବର ଟ୍ରିବ୍ୟୁନାଲଙ୍କ ଇଜଲାସରେ **ତା୦୯.୦୧.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ** ହାଜର ହୋଇ କିମ୍ବା ଟ୍ରିବ୍ୟୁନାଲଙ୍କ ଏପରି ଏକ ସୁବିଧାଜନକ ସମୟରେ ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଲିଖିତ ଭାବେ ପ୍ରଦାନ କରିବେ।
୨) ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଫାଇଲ୍ କରିବାକୁ ଇଚ୍ଛା କରନ୍ତି, ଆପଣ ଏହାକୁ ଲିଖିତ ବିବରଣୀ ସହିତ ତାଲିକାଭୁକ୍ତ କରି ଫାଇଲ୍ କରିପାରନ୍ତି।
୩) ଆପଣ ଟ୍ରିବ୍ୟୁନାଲ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିର୍ଦ୍ଦେଶିତ ଓକିଲଙ୍କ ମାଧ୍ୟମରେ ଉପସ୍ଥିତ ହେବା ପୂର୍ବରୁ ଆପଣଙ୍କ ପଞ୍ଜିକୃତ ଠିକଣା ଏବଂ ଉପସ୍ଥିତିର ମେମୋ ଫାଇଲ୍ କରିବା ଆବଶ୍ୟକ।
୪) ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ଉପରଦର୍ଶିତ ତାରିଖରେ ଆପଣ ଟ୍ରିବ୍ୟୁନାଲ (ଅଦାଲତ)ରେ ହାଜିର ନହେଲେ, ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମାର ଶୁଣାଣି କରାଯାଇ ଫଏସଲା କରାଯିବ।

ମୋର ଦସ୍ତଖତ ଏବଂ ଟ୍ରିବ୍ୟୁନାଲଙ୍କ ସହି ମୋହର ସହ ଅଦ୍ୟ **୨୦୨୫ ମସିହା ଜାନୁୟାରୀ ମାସ ୨ ତାରିଖରେ** ଆଦିଷ୍ଟ।

ସ୍ୱା/- ରେଜିଷ୍ଟ୍ରାର୍
ଡେବଟ୍ସ ରିକଭରି ଆପିଲେଟ ଟ୍ରିବ୍ୟୁନାଲ
କୋଲକାତା

### GOVT OF ODISHA OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI.

A-814

AT/PO: PARALAKHEMUNDI, DIST: GAJAPATI.
PHONE NO: 06815-222365, e-mail- eemi_gajapati@yahoo.co.in

e-Procurement Notice No. 3381 Date. 30/12 /2024
BID IDENTIFICATION NO. MIDGJP- 09/2024-2025

The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single Cover System** in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work: **Improvement to Check Dam under "Imp. To Check Dam Scheme 2024-25".**
2. No of works: **27 Nos. (Twenty Seven )**
3. Estimated cost: Varies approximately from **Rs. 5.00 Lakhs. To 7.0 Lakhs**
4. Period of completion: **2 (Two) Calendar months.**
5. Date and time of availability of bid documents in the portal: from **10.00 Hours of 07.01.2025 to 17.00 Hours of 15.01.2025.**
6. Last date/ time for receipt of bids in the portal: **17.00 Hours of 15.01.2025.**
7. Date of opening of Bid: **11.00 Hours on 16.01.2025.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200.

Further details can be seen from the e-procurement portal **https://tendersodisha.gov.in**

Er.Kiran Kumar Subudhy
Superintending Engineer
MI Division, Gajapati
Paralakhemundi

OIPR 32013/11/0015/2425

### GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION-II,SUNDARGARH

E.Mail – rw_rourkela@yahoo.co.in

O-1108

#### TENDER CALL NOTICE
BID IDENTIFICATION NO. ONLINE-EERKL-29 of 2024-25

1. Name of the Work :- Building Works
2. Total No. of works :- 04(Four) Nos.
3. Estimated cost :- Rs .3.73 to 4.66 Lakhs
4. Class of contractor :- "D" & "C" Class
5. Period of completion :- 01 (One) Calendar Month
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II, Sundargarh | Online - EERKL-29 of 2024-25 | 06.01.2025 from 11.00 AM | 15.01.2025 upto 05.00 PM | 14.01.2025 upto 1.00 PM | 17.01.2025 at 11.00 AM |

Further details can be seen from the website www.tendersorissa.gov.in & for more information please visit the office.

Sd/-Additional Chief Engineer
RW Division-II,Sundargarh

OIPR 25193/11/0049/2425

### ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)

CAD-2053

OHPC

#### OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-217 (Vol.-II)/28 Date: 02.01.2025

#### TENDER CALL NOTICE NO.-CHEP-54/2024-25

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers / Manufacturer's Authorized Dealers meeting eligibility criteria only for the following works;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Manufacturing, DP Testing, Drilling, Painting, Packing along with Supply & Fitting of Inlet / Outlet side Water Box of existing 9 Nos. of Generator Air Coolers of Unit-1, CHEP, Chiplima | Rs.4,720/- (Rs.4,000/- + GST @18%) | Rs.8,550/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.06.01.2025 up to 12:30 PM of dtd.20.01.2025.

OIPR 04006/11/0052/2425 Sd/- C & P Head, CHEP, Chiplima

### कार्यपालक अभियंता का कार्यालय राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड

#### सूचना

इस कार्यालय द्वारा आमंत्रित ई–निविदा प्रसंग सं0– NH/Deoghar/EPC/01/2024-25 दिनांक 17.12.2024 [PR No. 342331 Deoghar(24-25)_D] [Work of widening to two lanes with paved shoulder (except in flyover part of 500m) from Km 122.15 to Km 138.20 of NH-114A within available RoW in the State of Jharkhand under EPC mode (working length of the project as per TCS – 14 Km). (Job No. – NH-114A/JHR/2024-25/05)] को अपरिहार्य कारणवश रद्द किया जाता है।

ह0/–
कार्यपालक अभियंता
राष्ट्रीय उच्च पथ प्रमंडल,देवघर

PR 343581 Deoghar(24-25).D

### कार्यालय अधीक्षण अभियंता, लोक निर्माण विभाग, बिलासपुर मंडल, बिलासपुर

#### ई–प्रोक्योरमेंट निविदा सूचना

Portal : http://eproc.cgstate.gov.in

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई–पंजीयन में पंजीकृत ठेकेदार हेतु सरल क्र. 1 से 5 हेतु दिनांक 14.01.2025 तक एवं सरल क्र. 6 से 13 हेतु दिनांक 20.01.2025 तक निविदा आमंत्रित की जाती है:–

| क्र. | नि.आ.सू. क्र. / दिनांक | कार्य का नाम | लागत (लाख मे) |
|---|---|---|---|
| 1 | 310 | देवरहट से हरनाचाका तक पहुंच मार्ग लंबाई 1.75 कि.मी. का निर्माण कार्य। द्वितीय आमंत्रण। मुंगेली संभाग। | 168.75 |
| 2 | 311 | गैजी गांव से चितावर तक पहुंच मार्ग लंबाई 1.735 कि.मी. का निर्माण कार्य। द्वितीय आमंत्रण। मुंगेली संभाग। | 177.33 |
| 3 | 312 | जिला मुंगेली के हथनीकला से ढोढमा मार्ग का निर्माण कार्य लंबाई 3.00 कि. मी. (वा.लं. – 1.75 कि.मी.)। द्वितीय आमंत्रण। मुंगेली संभाग। | 135.62 |
| 4 | 313 | जिला मुंगेली के विकासखण्ड लोरमी के मनकी डबरी से उरईहा नवरंगपुर पहुंच मार्ग लंबाई 3.00 कि.मी. का निर्माण कार्य। द्वितीय आमंत्रण। मुंगेली संभाग। | 102.87 |
| 5 | 314 | जिला मुंगेली के डोमनपुर से ढोढमा मार्ग का निर्माण कार्य लंबाई 1.60 कि.मी. (वा.लं. 1.65 कि.मी.)। द्वितीय आमंत्रण। मुंगेली संभाग । | 164.04 |
| 6 | 315 | लमती से मचहा मार्ग लंबाई 1.75 कि.मी. का निर्माण कार्य। प्रथम आमंत्रण। मुंगेली संभाग। | 147.90 |
| 7 | 316 | परसदा से केवाईया पहुंच मार्ग लंबाई 1.40 कि.मी. का निर्माण कार्य। प्रथम आमंत्रण। मुंगेली संभाग। | 116.18 |
| 8 | 317 | मुख्य मार्ग से लगरा हाईस्कूल तक पहुंच मार्ग लंबाई 1.00 कि.मी. का निर्माण कार्य। प्रथम आमंत्रण। मुंगेली संभाग। | 171.87 |
| 9 | 318 | उपसंभाग क्र. 1, बिलासपुर के अंतर्गत् जिला अस्पताल भवन एवं प्रसूति तथा शिशु वार्ड में ए.आर. एवं एम.ओ.डब्ल्यू. कार्य। प्रथम आमंत्रण। संभाग क्र. 1 बिलासपुर । | 25.00 |
| 10 | 319 | शासकीय औद्योगिक प्रशिक्षण संस्था, में सी.ओ.ई. भवन एवं लघुमूल / मरम्मत कार्य। प्रथम आमंत्रण। रायगढ़ संभाग। | 23.42 |
| 11 | 320 | जिला गौरेला पेण्ड्रा मरवाही में नवीन प्रस्तावित सेन्ट्रल लाईब्रेरी का निर्माण कार्य विद्युतीकरण सहित। प्रथम आमंत्रण। पेण्ड्रा संभाग। | 138.55 |
| 12 | 321 | विश्रामगृह जांजगीर में किचन एवं बाउण्ड्रीवाल कार्य एवं जिला न्यायालय भवन जांजगीर चांपा में बाउण्ड्रीवॉल का मरम्मत कार्य। प्रथम आमंत्रण। चांपा संभाग। | 24.29 |
| 13 | 322 | जिला जेल जांजगीर में 1 बैरक (50 बंदी क्षमता भू–तल + 50 बंदी क्षमता प्रथम तल) अतिरिक्त बंदी बैरक निर्माण कार्य। प्रथम आमंत्रण। चांपा संभाग। | 117.26 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

अधीक्षण अभियंता
लो.नि.वि. बिलासपुर मण्डल, बिलासपुर

G-242505036/ 7

### "e" Tender Notice PANCHAYAT SAMITI, BALIANTA

i-399

E-mail- ori-balianta@nic.in

No- 3792 Date: 31.12.2024

DETAIL TENDER CALL NOTICE NO. 01/PSB/2025-26

1. Number of Civil works : 07 (Seven)
2. Estimated Cost : Rs 8,70,948/- to 12,29,000/-
3. Period of completion : 03(Three) Calender Months
4. Availability of Tender online for biding: 03.01.2025 at 11.00 AM to 10.01.2025 up to 5.00 P.M.
5. Last Date /Time of seeking Tender Clarification: 10.01.2025 up to 5.00 P.M.
6. Date & time of opening of Tender: 13.01.2025 at 11.00 A.M.
7. Further the details can be seen from the web site(http://www.tenderodisha.gov.in)

Sd/- Block Development Officer,
Balianta

OIPR 19265/11/0005/2425

### GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

O-1139

Letter No. 12 / Date 01.01.2025

2nd Corrigendum to Bid Identification No. Tender Online 07 JJPT of 2024-25 invited this office Letter No. 5621, Dtd. 04.12.2024.

The Change as detailed below are hereby made in the above N.I.T

| Procurement Officer | Bid Identification No. | Availability of Tender on-line for bidding | | | | Last date & time of seeking tender clarification | | Date & Time of opening of Technical Bid | | Financial Bid |
|---|---|---|---|---|---|---|---|---|---|---|
| | | From | | To | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | As earlier | Modified | As earlier | Modified | As earlier | Modified | As earlier | Modified | |
| Superintending Engineer, Rural Works Division, Jajpur. | Tender Online 07 JJPT of 2024-25 | 26.12.24 at at 10.00 AM | 06.01.2025 at 10.00 AM | 06.01.2025 up to 5.00 PM | 16.01.2025 up to 5.00 PM | 4.01.2025 up to 1.00PM | 15.01.2025 up to 2.00 PM | 07.01.2025 at 11.30 AM | 17.01.2025 at 11.30 AM | To be Intimated later |

Sd/-Superintending Engineer
R.W. Division, Jajpur

OIPR 25047/11/0019/2425

### GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION RAIRANGPUR (MAYURBHANJ)

O-1074

E-mail ID: - eerwrairangpur@yahoo.com

Letter No. // Date-

"e" Procurement Notice for Road Works
Bid Identification No – RWDRRP –13 / 2024-25

1. Name of the work : **Special repair of roads for the year 24-25**
2. Estimated Cost : From Rs. **20.00 to Rs 23.09 lakhs** (approximately).
3. Class of Contractor : **'D' & 'C' & 'C' & 'B' Class** of works license.
4. Period of Completion : **01 (one) calendar months.**
5. Tender Paper Cost : As per Annexure
: The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Rairangpur. | RWDRRP-13/2024-25 | 06.01.2025 at 11.00 A.M. | 17.01.2025 up to 5.00 P.M. | 16.01.2025 up to 5.00 P.M. | 18.01.2025 at 11.30 A.M. |

Further details can be seen from the website www.tendersodisha.gov.in

-Sd-
Er. D.Behera
Superintending Engineer
R.W.Division,Rairangpur

OIPR 25107/11/0017/2425



ନୂଆଦିଲ୍ଲୀ : ଗହମ ଦର ଲଗାତାର ବଢ଼ିବାରେ ଚାଲିଛି। ଗହମ ମୂଲ୍ୟ ବୃଦ୍ଧି ଯୋଗୁ ଅଟା ଦର ମଧ ବଢ଼ି ଚାଲିଛି। ଫଳରେ ସାଧାରଣ ଗ୍ରାହକ ଏବେ ଚିନ୍ତାରେ ପଡିଛନ୍ତି। ଗହମ ଦର ନିୟନ୍ତଣ ପାଇଁ ସରକାରୀ ସ୍ତରରେ ମଧ ଉଦ୍ୟମ ହୋଇଛି। ତେବେ ସରକାରଙ୍କ ସମସ୍ତ ଉଦ୍ୟମ ବିଫଳ ହୋଇଛି। ଏଣୁ ଆକଳନ କରାଯାଉଛି ଏବେ କିଛି ମାସ ପର୍ଯ୍ୟନ୍ତ ଗହମ ଦର ଆକାଶ ଛୁଆଁ ରହିବ। କାରଣ ମଣ୍ଡି ସମେତ ଖୋଲା ବଜାରରେ ମଧ ଗହମ ମୂଲ୍ୟ ଅଧିକ ରହିଛି। ଉତ୍ତରପ୍ରଦେଶ, ଦିଲ୍ଲୀ, ଗୁଜରାଟ ଓ ଗୋଆ ମଣ୍ଡିମାନଙ୍କରେ ଗହମ କ୍ୱିଣ୍ଟଲ ପିଛା ଦର ୫,୮୧୧ଟଙ୍କାକୁ ପହଞ୍ଚିଛି। ଯାହା ସରକାର ଗତବର୍ଷ ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ର ୨ଗୁଣ ରୁ ବି ଅଧିକ ହୋଇଯାଇଛି। ସରକାରୀ ତଥ୍ୟ ମୁତାବକ ହାରାହାରି ଦର କେଜି ପିଛା ୩୩ ଟଙ୍କା ହେଲେ ସର୍ବାଧିକ ମୂଲ୍ୟ ଏବେ କେଜି ପିଛା ୫୯ ଟଙ୍କାରେ ପହଞ୍ଚିଛି।

# କୋଲକାତାରେ ଟିପିସିଓଡିଲ୍ ସମ୍ବର୍ଦ୍ଧିତ



କୋଲକାତା : ଟିପିସିଓଡିଏଲକୁ କୋଲକାତାରେ ଆୟୋଜିତ ସିଆଇଆଇ ଏନର୍ଜି କନକ୍ଲେଭ ୨୦୨୪ରେ ସମ୍ମାନଜନକ ୪-ତାରକା ମାନ୍ୟତା ପ୍ରଦାନ କରାଯାଇଛି। ଏହା ପୂର୍ବ ଭାରତର ସଂସ୍ଥାନ ଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରେ ଯାହା ଶକ୍ତି ସଂରକ୍ଷଣ ପାଇଁ ଅତୁଳନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରନ୍ତି। ଏନକନ୍ ଫୋରମ୍ ଗୁଡିକ ଶିଳ୍ପଗୁଡିକରେ ଶକ୍ତି ଦକ୍ଷତା ପଦକ୍ଷେପ ଏବଂ ପ୍ରକୃତି ପ୍ରତି ସକରାତ୍ମକ ଅଭ୍ୟାସ ଆପଣାଉଥିବ ସଂସ୍ଥାକୁ ସମ୍ମାନିତ କରେ। ଉତ୍ପାଦନ ଓ ସେବା କ୍ଷେତ୍ରରେ ଥିବା ୬୨ ସଂସ୍ଥା ଏଥିରେ ଅଂଶ ଗ୍ରହଣ କରିଥିଲେ। ଆଇଟିସି ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପ, ଆଇଏଫଏଫସିଓ, ଏକ୍ସାଇଡ୍ ଇଣ୍ଡଷ୍ଟ୍ରିଜ୍, ଜିନ୍ଦଲ ଷ୍ଟିଲ୍ସ, ନାଲକୋ, ରାମକ୍କୋ ସିମେଣ୍ଟ, ଟାଟା ଷ୍ଟିଲ୍ ଭଳି ପ୍ରସିଦ୍ଧ କମ୍ପାନୀ ସହିତ ଟିପିସିଓଡିଏଲ ପ୍ରତିଦ୍ୱନ୍ଦ୍ୱିତା କରି ଏହି ସମ୍ମାନ ଲାଭ କରିଛି।

# ମନପୁରମ୍ ଫାଇନାନ୍ସ ଶାଖାରୁ ଚୋରି

MANAPPURAM FINANCE LIMITED
Make Life Easy

ସମ୍ବଲପୁର (ଭାସ୍କର ନ୍ୟୁଜ୍) : ଓଡ଼ିଶାର ସମ୍ବଲପୁରର ବୁଢାରଜା ଅଞ୍ଚଳରେ ଅବସ୍ଥିତ ମନାପୁରମ ଫାଇନାନ୍ସ ଶାଖାରେ ଦିବା ସମୟରେ ଏକ ଡକାୟତି ହୋଇଯାଇଛି। ସଶସ୍ତ୍ର ଡକାୟତମାନେ ପରିସର ମଧ୍ୟକୁ ପ୍ରବେଶ କରି, କର୍ମଚାରୀମାନଙ୍କୁ ଧମକ ଦେବାସହିତ ଷ୍ଟ୍ରଂରୁମରୁ ଉଲ୍ଲେଖନୀୟ ପରିମାଣର ସୁନା ଗହଣା ଏବଂ ନଗଦ ଅର୍ଥ ଲୁଟିନେଇ ପଳାଇ ଯାଇଥିଲେ। କର୍ତ୍ତୃପକ୍ଷ ତୁରନ୍ତ ଏହି ଘଟଣା ସମ୍ପର୍କରେ ଏତଲା (ଏଫଆଇଆର) ଦାଖଲ କରିବାକୁ ପଦକ୍ଷେପ ନେଇଥିଲେ ଏବଂ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏହି ଡକାୟତି ଘଟଣା ସମ୍ପର୍କରେ ତତ୍କ୍ଷଣାତ ପୂର୍ଣ୍ଣାଙ୍ଗ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ଅନୁସନ୍ଧାନରୁ ଜଣାଯାଇଛି ଯେ ଚୋରୀ ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ। ସୌଭାଗ୍ୟକୁ ଏହି ଡକାୟତି ସମୟରେ ଉପସ୍ଥିତ ଥିବା କୌଣସି କର୍ମଚାରୀ ଅଥବା ଗ୍ରାହକଙ୍କର କୌଣସି କ୍ଷତି ପହଞ୍ଚିନାହିଁ। ଏହି ଘଟଣା ପରିପ୍ରେକ୍ଷୀରେ ପ୍ରଭାବିତ ବ୍ୟକ୍ତିବିଶେଷଙ୍କୁ ଆଶ୍ୱାସନା ଓ ସମର୍ଥନ ଯୋଗାଇ ଦିଆଯାଉଥିବାବେଳେ ତଦନ୍ତ ଜାରି ରହିଛି। ଶାଖାର ସମସ୍ତ ପ୍ରଭାବିତ ଗ୍ରାହକଙ୍କ ସମ୍ପତ୍ତି ବାବଦରେ କମ୍ପାନୀ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ କୁହାଯାଇଛି।

# ଆର୍‌ଏସ୍‌ପି ଓ ଆଇଟିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ସେଲ , ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ, ରାଉରକେଲା ସରକାରୀ ଆଇଟିଆଇ, ସହିତ 'ଡୁଆଲ୍ ସିଷ୍ଟମ୍ ଅଫ୍ ଟ୍ରେନିଂ' (ଡି ଏସ ଟି) ଯୋଜନା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ତିନି ବର୍ଷ ଅବଧି ବିଶିଷ୍ଟ ଏହି ଏମଓୟୁରେ ଆରଏସପି ପକ୍ଷରୁ ଏମଏସ ଓ ଏଚଆର-ଏଲ ଆଣ୍ଡ ଡି ବିଭାଗର ସିଜିଏମ ପି କେ ସାହୁ ଏବଂ ରାଉରକେଲା ସରକାରୀ ଆଇଟିଆଇର ଅଧ୍ୟକ୍ଷ ଦମନ ସୋରେନ ସ୍ୱାକ୍ଷର କରିଥିଲେ। ଏଚଆର-ଏଲ ଆଣ୍ଡ ଡି ବିଭାଗର ଜିଏମ ସୁଶ୍ରୀ ଚୈତାଳି ଦାସଙ୍କ ସମେତ ଉଭୟ ଅନୁଷ୍ଠାନର ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବୁଝାମଣା ପତ୍ର ଅନୁଯାୟୀ, ଡିଏସ୍‌ଟି କାର୍ଯ୍ୟକ୍ରମ ନିୟମିତ ଆଇଟିଆଇ ଛାତ୍ରଛାତ୍ରୀ ମାନଙ୍କୁ ଆଇଟିଆଇରେ ସେମାନଙ୍କର ପ୍ରଥମ ବର୍ଷ ତାତ୍ତ୍ୱିକ ତାଲିମ ନେବାକୁ ଅନୁମତି ସହିତ ଦ୍ୱିତୀୟ ବର୍ଷରେ ନଅ ମାସ ଶିଳ୍ପ ତାଲିମ ଅନୁମତି ଦିଆଯିବ। ଏହି ଯୋଜନା ଶିଳ୍ପ ଆବଶ୍ୟକତା ଏବଂ କୁଶଳୀ ମାନବ ଉପଲବ୍ଧତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି ଯାହା ଶିଳ୍ପରେ ପ୍ରାକ୍ଟିକାଲ୍ ଟ୍ରେନିଂ ସହିତ ଆଇଟିଆଇରେ ତତ୍ତ୍ୱଗତ ତାଲିମକୁ ଏକୀକୃତ କରିବ। ଏହା ଛାତ୍ର ଛାତ୍ରୀ ମାନଙ୍କୁ ଅତ୍ୟାଧୁନିକ ଶିଳ୍ପ ପ୍ରଯୁକ୍ତିବିଦ୍ୟା ସହିତ ଏକ୍ସପୋଜର୍ ପ୍ରଦାନ କରିବ, ଯାହା ସେମାନଙ୍କୁ ବାସ୍ତବ ଦୁନିଆରେ ବ୍ୟବହାରିକ କୌଶଳ ହାସଲ କରିବାକୁ ସକ୍ଷମ କରିବ। ଏହି ଡିଏସ୍‌ଟି କାର୍ଯ୍ୟକ୍ରମ ସମାପ୍ତ କରୁଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଜାତୀୟ ବାଣିଜ୍ୟ ସାର୍ଟିଫିକେଟ୍ (ଏନଟିସି) ପ୍ରଦାନ କରାଯିବ, ଯାହା ସେମାନଙ୍କୁ ଶିଳ୍ପରେ ନିଯୁକ୍ତି ଏବଂ ବୃତ୍ତି ସୁଯୋଗ ଦୃଷ୍ଟିରୁ ନିୟମିତ ଆଇ ଟି ଆଇ ପାସ୍ ଆଉଟ୍ ଉପରେ ଏକ ସୁଯୋଗ ଦେବ। ଏହି ପଦକ୍ଷେପ ଆଧୁନିକ ଶିଳ୍ପଗୁଡିକର କୁଶଳୀ କର୍ମଜୀବୀ ଚାହିଦା ପୂରଣରେ ସହାୟକ ହେବ। ଏହି ସହଭାଗିତା ଏକ ଦକ୍ଷ ଏବଂ ଶିଳ୍ପ-ପ୍ରସ୍ତୁତ କର୍ମଜୀବୀ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଆଇଟିଆଇ ମାନଙ୍କୁ ଡିଏସଟି ଯୋଜନା ଗ୍ରହଣ କରିବାକୁ ଉତ୍ସାହିତ କରିବାର ବିକାଶ ଜେନେରାଲ୍ ଟ୍ରେନିଂ (ଡିଜିଟି) ଦୃଷ୍ଟିକୋଣ ସହିତ ଉକ୍ତ ଏମଓୟୁ ଅନୁରୂପ ଅଟେ ।

# ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ୨୦୨୪ର ବିକ୍ରୟ ଘୋଷଣା

HONDA

ଗୁରୁଗ୍ରାମ: ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମଏସଆଇ) ଶନିବାର ଏହାର ମାସ ଡ଼ିସେମ୍ବର ୨୦୨୪ ବିକ୍ରୟ ସଂଖ୍ୟାର ଘୋଷଣା କରିଛି।

ଡ଼ିସେମ୍ବର ୨୦୨୪ ନିମେନ୍ତ କମ୍ପାନୀର ସମୁଦାୟ ବିକ୍ରୟ ୩,୦୮,୦୮୩ ୟୁନିଟ୍ ରହିଛି। ଘରୋଇ ବିକ୍ରୟ ତଥା ରପ୍ତାନୀ ଯଥାକ୍ରେମ ୨,୭୦,୯୧୯ ୟୁନିଟ୍ ଏବଂ ୩୭,୧୬୪ ୟୁନିଟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଏଠାରେ ଉେଲ୍ଲଖନୀୟ ଯେ ଏଚ୍‌ଏମଏସଆଇର ସମୁଦାୟ ବିକ୍ରୟ କ୍ୟାଲେଣ୍ଡର ବର୍ଷ ୨୦୨୪ ପାଇଁ ୫୮,୦୧,୪୯୮ ୟୁନିଟ୍ ରହିଛି ଯାହାକି କ୍ୟାଲେଣ୍ଡର ବର୍ଷ ୨୦୨୩ ତୁଳନାରେ ବର୍ଷ ପେର ବର୍ଷ (ୱାଇଓୱାଇ) ବୃଦ୍ଧି ହାରେର ୩୨ ପ୍ରତିଶତର ପଞ୍ଜୀକରଣ ହୋଇଛି। ଏଥିରେ ସାମିଲ ରହିଛି ୫୨,୯୨,୯୭୬ ୟୁନିଟର ଘେରାଇ ବିକ୍ରୟ ସହିତ ୫,୦୮,୫୨୨ ୟୁନିଟର ରପ୍ତାନୀ। ହୋଣ୍ଡା ମୋଟରସାଇେକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମଏସଆଇ) ପରବର୍ତ୍ତୀ ଯୁଗର ବ୍ୟବହାରକାରୀ ଗତିଶୀଳନ ସହିତ ବୈଦ୍ୟୁତିକ ଯାନ ବିଭାଗର ଦୁଇଟି ନୂତନ ଆକ୍ଟିଭା ଇ: ଏବଂ କ୍ୱିସି୧ର ଉପସ୍ଥାପନ କରିଛି। ଜାନୁୟାରୀ ୧, ୨୦୨୫ରୁ ଏହାର ବୁକିଙ୍ଗ ଆରମ୍ଭ ହୋଇଥିବା ବେେଳ ବିତରଣର ବ୍ୟବସ୍ଥା ଫେବୃୟାରୀ ୨୫ ପରେ ଆରମ୍ଭ ହେବ। ଗ୍ରାହକମାନଙ୍କୁ ଖୁସି କରିବା ପାଇଁ ଏଚ୍‌ଏମଏସଆଇ ଓବିଡ଼ି୨ବି ଅନୁରୂପ ମେଡ଼ଲ ଆଧୁନିକତମ ବୈଶିଷ୍ଟ୍ୟ ସହିତ ଶୁଭାରମ୍ଭ କରିଛି ଯାହା ମଧ୍ୟରେ ରହିଛି ଆକ୍ଟିଭା ୧୨୫, ଏସପି ୧୨୫, ଏସପି ୧୬୦ ଏବଂ ୟୁନିକନ ହୋଣ୍ଡାର ପ୍ରିମିୟମ ମୋଟରସାଇେକଲ ବ୍ୟବସାୟ 'ବିଗୱିଙ୍ଗ'। ଏଚ୍‌ଏମଏସଆଇ ୬ କୋଟି ୟୁନିଟ ଘରୋଇ ବିକ୍ରୟ ସହିତ ଭାରତେର ଏକ ଐତିହାସିକ ସଫଳତାକୁ ଯୋଡ଼ି ପାରିଛି।

# ଗୁପଚୁପ୍ ବ୍ୟବସାୟୀଙ୍କୁ ଜିଏସ୍‌ଟିର ନୋଟିସ୍



ଚେନ୍ନାଇ : ଦିନକୁ ଦିନ ଗୁପଚୁପ୍ ବ୍ୟବସାୟର ଚାହିଦା ବଢ଼ିବାରେ ଲାଗୁଛି। ଏଣୁ ଗୁପଚୁପ୍ ଦୋକାନରେ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଧାଡି ବାନ୍ଧିଥାନ୍ତି। ତେବେ ଆଖିକୁ ଦେଖାଯାଉଥିବା ଏହି ଛୋଟ ବେପାରରେ ଲକ୍ଷଲକ୍ଷ ଟଙ୍କାର କାରବାର ହେଉଥିବାର ଅନେକ ଜାଣି ନଥିବେ। ତାମିଲନାଡୁର ଜନୈକ ଗୁପଚୁପ୍ ବେପାରୀ ବର୍ଷକରେ ୪୦,୧୧,୦୧୯ ଟଙ୍କା ଆୟ କରିଥିବାର ଆୟକର ଅଧିକାରୀ ତା ଅନଲାଇନ ପେମେଣ୍ଟ ରେକର୍ଡରୁ ଜାଣିବାକୁ ପାଇଛନ୍ତି। ତେବେ ସେ ନଗଦ କେତେ କାରବାର କରିଥିବ ତାହା ଏବେ ଅଧିକାରୀଙ୍କୁ ଚିନ୍ତାରେ ପକାଇଛି। ବ୍ୟବସାୟୀଙ୍କ 'ଫୋନପେ' ଓ 'ରାଜରପା' ପେମେଣ୍ଟ ରେକର୍ଡ ଦେଖି ଆୟକର ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଣୁ ଏହି ଗୁପଚୁପ୍ ବେପାରୀଙ୍କୁ ଜିଏସଟି ନୋଟିସ୍ ପଠାଇଛନ୍ତି। ଭାରତରେ ଉଚ୍ଚ ପଦପଦବୀରେ ଅବସ୍ଥାପିତ ସରକାରୀ ଅଥବା ଘରୋଇ ଅଧିକାରୀ ବି ବର୍ଷକରେ ଏତିକି ଆୟ କରିପାରୁ ନାହାନ୍ତି। ହେଲେ ତାମିଲନାଡୁର ଏହି ଗୁପଚୁପ୍ ବେପାରୀ ଆୟର ମାଇଲଖୁଣ୍ଟ ସ୍ଥାପନା କରିଛନ୍ତି। ଯଦି ଅନଲାଇନରେ ଏତିକି କାରବାର କରିଛନ୍ତି ତେବେ ନଗଦରେ ସେ କେତେ କାରବାର କରିନଥିଲେ ସେ ନେଇ ଏବେ ପ୍ରଶ୍ନ ଉଠୁଛି। ଅନୁମାନ କରାଯାଉଛି ଗୁପଚୁପ୍ ବେପାରୀ ପୁରା ବର୍ଷରେ ୭୦ରୁ ୮୦ ଲକ୍ଷ ଟଙ୍କା ଆୟ କରିଛନ୍ତି। ତାମିଲନାଡୁର ଗୁପଚୁପ ବେପାରୀ ମଧ ତାଙ୍କ ଗ୍ରାହକଙ୍କୁ ଏହି ସୁବିଧା ଦେଉଥିଲେ। ଗ୍ରାହକ ତାଙ୍କଠାରୁ ଗୁପଚୁପ୍ ଖାଇ ଅନଲାଇନରେ ଦେୟ ପୈଠ କରୁଥିଲେ। ଏହି ଗୁପଚୁପ ବିକ୍ରେତାଙ୍କ ଫୋନ ପେ ଓ ରାଜରପାରେ ବର୍ଷକରେ ୪୦ଲକ୍ଷ ୧୧ ହଜାର ୧୯ ଟଙ୍କା ପ୍ରାପ୍ତ ହୋଇଛି। ୨୦୨୩-୨୪ର ଏହି ରେକର୍ଡ ସହାୟତାରେ ଗୁପଚୁପ ବିକ୍ରେତାଙ୍କୁ ଜିଏସଟି ଆଇନରେ ନୋଟିସ ପଠାଇଛନ୍ତି। ଟିଏନଜିଏସଟି/ସିଜିଏସଟି ଅଧିନିୟମ ୨୦୧୭ର ଧାରା ୨୩ ଉପଧାରା ୨ ଅନୁସାରେ ସରକାରୀ ଅଧିସୂଚନା ମାଧ୍ୟମରେ ଏହି ଗୁପଚୁପ୍ ବ୍ୟବସାୟୀଙ୍କୁ ଜିଏସଟି ପଞ୍ଜିକରଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି।

# ପୁଣି ବଢ଼ିଲା ସୁନା ଓ ରୂପାର ଦାମ

ନୂଆଦିଲ୍ଲୀ: ଚଳିତ ସପ୍ତାହରେ ସୁନା ଓ ରୁପା ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ର ତଥ୍ୟ ଅନୁଯାୟୀ ଗତ ଶୁକ୍ରବାର ଅର୍ଥାତ୍ ୨୭ ଡିସେମ୍ବର ୨୦୨୪ ରେ ୧୦ ଗ୍ରାମ ୨୪ କ୍ୟାରେଟ ସୁନା ମୂଲ୍ୟ ୭୬,୪୩୬ ଟଙ୍କା ଥିଲା, ଯାହା ସପ୍ତାହ ପରେ ଅର୍ଥାତ ଶୁକ୍ରବାର (୩ ଜାନୁଆରୀ ୨୦୨୫)୧,୦୬୮ ଟଙ୍କା ବୃଦ୍ଧି ହୋଇ ୭୭,୫୦୪ ଟଙ୍କା ହୋଇଛି। ସେହିପରି ଚଳିତ ସପ୍ତାହରେ ରୂପା ମୂଲ୍ୟରେ ମଧ ସାମାନ୍ୟ ବୃଦ୍ଧି ଘଟିଛି। ଡିସେମ୍ବର ୨୭ରେ, ୧ କେଜି ରୂପା ଦାମ ୮୭,୮୩୧ ଟଙ୍କାରେ ବିକ୍ରି ହେଉଥିଲା। ସପ୍ତାହ ମଧରେ ୩ ଜାନୁୟାରୀ ୨୦୨୫ ରେ ଏହା ମୂଲ୍ୟ ୨୯୦ ଟଙ୍କା ବଢି କେଜି ୮୮,୧୨୧ ଟଙ୍କା ହୋଇ ଯାଇଛି।ସୂଚନା ଥାଉକି ଅକ୍ଟୋବର ୨୩ ରେ, ରୂପା ସର୍ବକାଳୀନ ଉଚ୍ଚା ସ୍ତର ୯୯,୧୫୧ ଟଙ୍କାରେ ପହଞ୍ଚିଥିଲା। ଏବଂ ୩୦ ଅକ୍ଟୋବରରେ ସୁନା ସର୍ବକାଳୀନ ଉଚ୍ଚା ମୂଲ୍ୟ ୭୯,୬୮୧ ଟଙ୍କା ହୋଇଥିଲା। ଗତ ବର୍ଷ ଅର୍ଥାତ୍ ୧ ଜାନୁଆରୀ ୨୦୨୪ ରୁ ୩୧ ଡିସେମ୍ବର ୨୦୨୪ ମଧରେ ସୁନା ମୂଲ୍ୟ ୨୦.୨୨% ବଢ଼ିଛି। ୧ ଜାନୁଆରୀ ୨୦୨୪ ରେ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପ୍ରତି ମୂଲ୍ୟ ୬୩,୩୫୨ ଟଙ୍କା ଥିଲା, ଯାହା ବର୍ଷକରେ ୧୨,୮୧୦ ବଢ଼ି ୭୬,୧୬୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଗତବର୍ଷ ଜାନୁଆରୀ ୧ ରେ, ରୂପା କେଜି ୭୩,୩୯୫ ଟଙ୍କାରେ ବିକ୍ରି ହେଉଥିଲା,ହେଲେ ବର୍ଷ ଶେଷକୁ ଏଥିରେ ୧୨,୬୨୨ ଟଙ୍କା ବୃଦ୍ଧି ହୋଇ ବର୍ଷର ଶେଷ ଦିନରେ ୮୬,୦୧୭ ଟଙ୍କାରେ ପହଞ୍ଚିଥିଲା। ଗୋଟିଏ ବର୍ଷରେ ରୂପା ମୂଲ୍ୟ ୧୭.୧୯% ବୃଦ୍ଧି ପାଇଛି।








ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଆଜି ଏନ୍‌ସିସି ଆର୍ମୀ କ୍ୟାଡେଟମାନଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଏନ୍‌ସିସି 'ଏ' ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ନିମନ୍ତେ ପୁନର୍ବାର ୨ ଓଡ଼ିଶା ବାଟାଲିୟନ ଏନ୍‌ସିସି, ବ୍ରହ୍ମପୁର ୟୁନିଟ ତରଫରୁ ପିଆଇ ଷ୍ଟାଫ୍ ଦ୍ୱାରା ତାଲିମ୍ ଦିଆଯାଇଛି। ବିଦ୍ୟାଳୟର ଏନ୍‌ସିସି ଆର୍ମୀ ଉଇଙ୍ଗ୍ ସେକେଣ୍ଡ୍ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ୍ କର୍ମଶାଳାରେ ୨ ଓଡ଼ିଶା ବାଟାଲିୟନ ଏନ୍‌ସିସି ଦ୍ୱାରା ପ୍ରେରିତ ପି.ଆଇ. ଷ୍ଟାଫ ଭାରତୀୟ ସ୍ଥଳ ସେନାର ନାଏବ୍ ସୁବେଦାର୍ ବିରେନ୍ଦ୍ର ସିଙ୍ଗ୍ ଉପସ୍ଥିତ ହୋଇଥିଲେ। ଉଭୟ ପ୍ରଶିକ୍ଷକ ଏବଂ ଏ.ଏନ୍.ଓ. ଶ୍ରୀ ମିଶ୍ର ଏହି କ୍ୟାଡେଟମାନଙ୍କୁ ଡ୍ରିଲ୍ ପ୍ୟାରେଡ, ୱିପନ୍ ଟ୍ରେନିଂ ଏବଂ ଅନ୍ୟାନ୍ୟ କେତେକ ଏନ୍‌ସିସି ସମ୍ବନ୍ଧୀୟ ବିଷୟରେ ଉଭୟ ତତ୍ତ୍ୱ ଭିତ୍ତିକ ଓ ଅଭ୍ୟାସ ଭିତ୍ତିକ ତାଲିମ୍ ପ୍ରଦାନ କରିଥିଲେ। ପିଆଇ ଷ୍ଟାଫ୍ ଶ୍ରୀ ସିଂ ବିଭିନ୍ନ ଡ୍ରିଲ୍ ଅବସ୍ଥାନ ସମୂହର ପ୍ରଦର୍ଶନ ମୂଳକ ଅଭ୍ୟାସ କରାଇଥିଲେ। ଏଥିରେ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର କ୍ୟାଡେଟ ଭାଗ ନେଇଥିଲେ। ତତ୍ ପରେ ସଡ଼କ ସୁରକ୍ଷା ମାସ ପାଳନ ନିମିତ୍ତ ଏକ ରାଲିରେ ଯୋଗଦେଇଥିଲେ। ପରିଶେଷରେ ସମସ୍ତ କ୍ୟାଡେଟଙ୍କୁ ସାମାନ୍ୟ ଜଳପାନ ବଣ୍ଟନ କରାଯାଇଥିଲା। ଏଥି ନିମିତ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ ୨ ଓଡ଼ିଶା ବାଟାଲିୟନ ଏନ୍‌ସିସିର କମାଣ୍ଡିଙ୍ଗ୍ ଅଫିସର୍ ଓ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍‌ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ

## ଟାଙ୍ଗିଆ ଚୋଟରେ ଦମ୍ପତି ଗୁରୁତର



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାମାକ୍ଷାନଗର ଥାନା ସିଆରିମାଳିଆ ଗାଁରେ ଜମି ବାଡ଼ି ବିବାଦକୁ ନେଇ ଦମ୍ପତିଙ୍କୁ ଟାଙ୍ଗିଆରେ ହାଣି ଲହୁ ଲୁହାଣ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଦମ୍ପତି ହେଉଛନ୍ତି ସିଆରିମାଳିଆ ଗାଁର ଗୁରୁ ନାଏକ ଏବଂ ସ୍ତ୍ରୀ ରଞ୍ଜିତା ନାଏକ। ରଞ୍ଜିତାଙ୍କ ଅବସ୍ଥା ସଂକଟାପନ୍ନ ଥିବାବେଳେ, ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଗାଁରେ ଘରଡିହ ବିବାଦକୁ ନେଇ ବଟିଆ ନାଏକଙ୍କ ପରିବାର ସହିତ ଗୁରୁଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଯାହା ରକ୍ତପାତର ରୂପ ଧାରଣ କରିଥିଲା। ଏ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

## ମାଲୁଦ ଗ୍ରାମ୍ୟବ୍ୟାଙ୍କ ଉପଭୋକ୍ତା ହନ୍ତସନ୍ତ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମାଲୁଦ ଶାଖାର ଉପଭୋକ୍ତା ହନ୍ତସନ୍ତ। ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମାଲୁଦ ଶାଖା ବ୍ୟାଙ୍କ ଉପରେ ମାଲୁଦ ବୁଦ୍ଧିବର ସିଆଳ ଓ ସିଆଣ୍ଡି ଚାରୋଟି ପଞ୍ଚାୟତର ପ୍ରାୟ କୋଡିଏ ହଜାରରୁ ଅଧିକ ମହିଳା-ପୁରୁଷ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ମାଲୁଦ ବଜାର ବ୍ୟବସାୟୀମାନେ ନିର୍ଭର କରୁଥିଲେ ମଧ୍ୟ ଅଧିକାଂଶ ସମୟ ଲିଙ୍କ ଫେଲ୍ ସାଙ୍ଗକୁ ବିଦ୍ୟୁତ ବିଚ୍ଛିନ୍ନ ଯୋଗୁ ଦଶ ପନ୍ଦର କିଲୋମିଟର ଆସିଥିବା ଉପଭୋକ୍ତା ବହୁ ସମୟରେ ହନ୍ତସନ୍ତ ହେବା ସହ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀ ବ୍ୟାଙ୍କ ଦେଣନେଣ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଆଜି ସକାଳ ଦଶଟାରୁ ବିଦ୍ୟୁତ ସେବା ବ୍ୟାଙ୍କରେ ବିଚ୍ଛିନ୍ନ ଥିବାରୁ ବହୁ ଦୂରଦୂରାନ୍ତରୁ ଆସିଥିବା ଦୀର୍ଘ ସମୟ ଧରି ଅପେକ୍ଷା କରି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ଏପରି କି ବ୍ୟାଙ୍କରେ ଜେନେଟର କିମ୍ବା ଇନଭର୍ଟର ନଥିବା ଯୋଗୁ ବିଦ୍ୟୁତ ସେବାରୁ ବ୍ୟାଙ୍କ ଗ୍ରାହକ ସେବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

### 'ସଡ଼କ ସୁରକ୍ଷା ପରିବାର ରକ୍ଷା' କାର୍ଯ୍ୟକ୍ରମ

## ଟ୍ରାଫିକ ନିୟମ ନମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ପାରାଦୀପ (ଭାସ୍କର ନ୍ୟୁଜ୍) : ସଡ଼କ ସୁରକ୍ଷା ମାସ ୨୦୨୫ ପରିପ୍ରେକ୍ଷୀରେ ଏବଂ 'ସଡ଼କ ସୁରକ୍ଷା ପରିବାର ରକ୍ଷା' ଅଭିଯାନ ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ପାରାଦୀପର ଆଦର୍ଶ ଥାନା ନିକଟସ୍ଥ ପ୍ରେସ ଛକ ଠାରେ ଶନିବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବେହେରା ସମସ୍ତେ ସଚେତନ ହୋଇ ଟ୍ରାଫିକ ନିୟମ ପାଳନ କରି ସୁରକ୍ଷିତ ଭାବେ ଗାଡି ଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଆଇଓସିଏଲ ମୁଖ୍ୟ ସୁରକ୍ଷା ଅଧିକାରୀ ଏମ.ବି. ସୋହେଲା, ଶିକ୍ଷ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ୯ ନମ୍ବର ୱାର୍ଡ ପାରିଷଦ ସୁବ୍ରତ ପ୍ରଧାନ, ୧୫ ନମ୍ବର ୱାର୍ଡ ପାରିଷଦ ସୌଦାମିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରକ୍ଷିତ ଗାଡିଚାଳନା ଓ ଟ୍ରାଫିକ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଧାର୍ଯ୍ୟସୀମାରୁ ଅଧିକ ବେଗରେ ଗାଡି ନଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡି ନଚଳାଇବା, ଗାଡି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନକରିବା, ଦୁଇ ଚକିଆରେ ହେଲମେଟ ଓ ଚାରି ଚକିଆ ଯାନରେ ସିଟ୍‌ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରି ବିପରୀତ ଦିଗରେ ଗାଡି ନଚଳାଇବା ଏବଂ ସର୍ବଦା ଟ୍ରାଫିକ ନିୟମ ମାନିବା ନେଇ ସାଧାରଣରେ ଏକ ସଡ଼କ ସୁରକ୍ଷା ଶପଥପାଠ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଶ୍ରୀ ବେହେରା ଏବଂ ଅନ୍ୟ ଅତିଥିମାନେ ଦୁଇଟି ସଡ଼କ ସୁରକ୍ଷା ସଚେତନତା ରଥକୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ମାସେ କାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ପ୍ରଚାର କରିବ। ଏହି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଏକ ସଡ଼କ ସୁରକ୍ଷା ସଚେତନ ପଦଯାତ୍ରାରେ ଅତିଥିମାନଙ୍କ ସମେତ ପାରାଦୀପ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡ଼େଟ୍ସ ଓ ଛାତ୍ରଛାତ୍ରୀ, ପୌରପାଳିକା କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନର ସଦସ୍ୟ ମାନେ ସାମିଲ ହୋଇ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ସୂଚନା ଥାଉକି, ପ୍ରତ୍ୟେକ ବର୍ଷ ଓଡ଼ିଶାରେ ପାଞ୍ଚ ହଜାର ଓ ଦେଶରେ ଦେଢ଼ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି। ଏଣୁ ସାଧାରଣରେ ଏହି ସଚେତନତା କାର୍ଯ୍ୟକ୍ରମ ବେଶ୍ ଗୁରୁତ୍ୱ ବହନ କରୁଛି। ସଚେତନତା ପରେ ଯଦି କୌଣସି ବ୍ୟକ୍ତି ଯେକୌଣସି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରେ ତେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଛନ୍ତି।

## ପାଞ୍ଚ ଏକର ଜମିର ଧାନ ନଷ୍ଟ

ବାଙ୍ଗିରିପୋଷି/ମୟୂରଭଞ୍ଜ (ଭାସ୍କର ନ୍ୟୁଜ୍) : ଥାନା କ୍ଷେତ୍ରର ଡୋରକଣ୍ଡିଆ ଗ୍ରାମର ଜଣେ ଚାଷୀ ଓ ତାଙ୍କ ପରିବାର ଦୃଷ୍ଟିରେ ନ୍ୟାୟ ଅର୍ଜନ କରିବା ପାଇଁ ପ୍ରଶାସନଙ୍କ ଦ୍ୱାର ଦଣ୍ଡାୟ। ଗ୍ରାମବାସୀ ସୁନ୍ଦର ମୋହନ ମାଝୀ, ବିଜୟ ମାଝୀ ଓ କାହ୍ନୁ ଚରଣ ମାଝୀଙ୍କ ମତାନୁସାରେ ସେମାନଙ୍କ ୫ ଏକର ଚାଷ ଜମିର ଧାନ ଫସଲକୁ ଗ୍ରାମର ଏକ ଦଳ ଲୋକ ଦ୍ୱାରା ଚେଷ୍ଟାପୂର୍ବକ ନଷ୍ଟ କରାଯାଇଛି। ଫସଲ କାଟିବାର ଚେଷ୍ଟା କରୁଥିବା ବେଳେ ଏମାନେ ଠେଙ୍ଗା ଓ ଅଶ୍ଳୀଳ ଭାଷା ବ୍ୟବହାର କରି ଚାଷୀଙ୍କୁ ଭୟ ଦେଇଥିଲେ ବୋଲି ଅଭିଯୋଗ କରାଯାଇଛି। ପ୍ରକୃତ ମାମଲାକୁ ନେଇ ସୁନ୍ଦର ମୋହନ ମାଝୀ କହିଛନ୍ତି ଯେ, ପୂର୍ବରୁ ଗ୍ରାମରେ ଏକ ସମାଜିକ ବିବାଦ ହୋଇଥିଲା। ଏହାର ପରିଣତି ସ୍ୱରୂପ, ଜଣେ ଚାଷୀଙ୍କୁ ଜରିମାନା ଲାଗୁଥିବା ପରେ ଜମି ବାବଦ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସମ୍ପ୍ରତି ଏହି ବିବାଦ ଫଳରେ ୫ ଏକର ଧାନ ଜମିର ଫସଲ

**କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀଙ୍କ ଦାବି**




ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଚାଷୀମାନେ କହିଛନ୍ତି ଯେ, ଏହାଦ୍ୱାରା ତାଙ୍କର ପରିବାର ଭରଣପୋଷଣ କରିବାର ସମସ୍ତ ସାଧନ ନାଷ୍ଟ ହୋଇଗଲା। ତେଣୁ ନ୍ୟାୟ ଦାବି କରି ସେମାନେ କ୍ଷତିପୂରଣ ପ୍ରଦାନ ଓ ଦୋଷୀମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ବାଙ୍ଗିରିପୋଷି ଥାନା ପକ୍ଷରୁ ତଦନ୍ତ କରାଯାଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଶ୍ୱାସନ ଦିଆଯାଇଛି।

## ଅସ୍ତରଙ୍ଗରେ ମାଳମାଳ ବେଆଇନ ପାଥୋଲାବ୍

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ବେଆଇନ ପାଥୋଲାବ୍ ପରୀକ୍ଷାଗାର କାମକରୁଛି। କିନ୍ତୁ ଅସ୍ତରଙ୍ଗ ବ୍ଲକର କେତୋଟି ପାଥୋଲାବ୍‌ର ଲାଇସେନ୍ସ ପାଇଛନ୍ତି ତାହା ଅଜଣା ଥିବାବେଳେ ୧୫ରୁ ଉର୍ଦ୍ଧ୍ୱ ବେଆଇନ ଭାବେ ଚାଲିଥିବା ଅଭିଯୋଗ ହେଉଛି। ବର୍ଷ ତମାମ ବେଆଇନ ଭାବେ ଚାଲିଥିବା ଏହି ପାଥୋଲାବ୍ ଗୁଡିକ ପ୍ରତି ଅନୁକମ୍ପା ଥିବାରୁ ତଦନ୍ତ ହେଉନାହିଁ। ଏଭଳି ସ୍ଥଳେ ସରକାର ରାଜସ୍ୱ ହରାଉଛନ୍ତି। ଆଉ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ବେଳେ ବେଳେ ପ୍ରାଣ ମଧ୍ୟ ହରାଉଛନ୍ତି। ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ବଢ଼ି ଚାଲିଛି। ଅଭିଯୋଗ ଅନୁସାରେ ୪ରୁ ୧୫ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍ନିସିଆନ ସାର୍ଟିଫିକେଟ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗ୍ରାମରେ ଏକ ଭଡାଘରେ ହେଉ ଅବା କ୍ୟାବିନି ଖଣ୍ଡେ ପକାଇ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁଁ ବ୍ଲଡ଼ ଗ୍ରୁପ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ଼ ଗ୍ରୁପ ମଧ୍ୟ ଭିନ୍ନ ହୋଇଯାଉଛି। ପାଥୋଲାବ୍ କରିବା ସହ ସପ୍ତାହର ବିଭିନ୍ନ ଦିନରେ ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ବିଭାଗର ଡାକ୍ତର ଡାକି ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି କିଛି ପାଥୋଲାବ ମାଲିକ। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ଚାପି ଦିଆଯାଉଥିବା ଅଭିଯୋଗ ରହିଛି। ଏ ନେଇ ଅସ୍ତରଙ୍ଗ ବ୍ଲକ ଜନସାଧାରଣ ସଦାଶିବ ବେହେରା, ଦୃଜୟ ଖୁଣ୍ଟିଆ କୁହନ୍ତି କେଉଁ ପାଥୋଲାବ ବେଆଇନ ଓ କିଏ ପଞ୍ଜିକୃତ ରୋଗୀ ଜାଣିବେ କିପରି ? ରୋଗୀ ପରୀକ୍ଷା କରି ଶୀଘ୍ର ଡାକ୍ତର ପାଖକୁ ଯିବାକୁ ତରତର ହୋଇଥାଏ। ସବୁ ପାଥୋଲାବ ଲୋକଙ୍କୁ ପରୀକ୍ଷଣ କରୁଛନ୍ତି କିଏ ଅସଲି କିଏ ନକଲି ରୋଗୀ ଜାଣି ନପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ସେହିପରି ଶିଶୁଆ ଗ୍ରାମର ଜୀବନ ମହାନ୍ତି କୁହନ୍ତି ରୋଗୀ କ'ଣ ଜାଣିପାରିବ ପାଥୋଲୋଜି ପରୀକ୍ଷାଗାର ଅସଲି କି ନକଲି। ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଜାଣି ଚୁପ୍ ରହିଛି କିପରି। ଲୋକଙ୍କ ଜୀବନ ସହ ଖେଳୁଥିବା ପାଥୋଲାବ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବା ଦରକାର। ଚଢ଼ାଉ କରି କିଛି ପାଥୋଲାବ ଉପରେ କାର୍ଯ୍ୟାନୁଷ୍ଠାନ କରାଗଲେ ଆଉ ଖୋଲିବନି ବୋଲି କହିଛନ୍ତି। କାଗଜକଲମରେ ପାଥୋଲୋଜି ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ୍ ରହିଛି। କେବେ ସ୍ୱାସ୍ଥ୍ୟ ବିଭାଗ ନଜର ପଡୁଛି ବେଆଇନ ପାଥୋଲାବ ଉପରେ ତାହା ହିଁ ଦେଖିବାକୁ ଅପେକ୍ଷା।



## ୧୭ ଦିନରେ ୩,୯୪,୦୮୫ କ୍ୱିଣ୍ଟାଲ ଧାନ କ୍ରୟ

### ୧୧୮୭୯ ଚାଷୀଙ୍କ ଆକାଉଣ୍ଟକୁ ଗଲା ୭୧,୩୪,୫୬, ୩୪୩ ଟଙ୍କା

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଗତ ୧୬ ତାରିଖରେ ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡିର ଶୁଭାରମ୍ଭ କରି ଥିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ। ଗତ ୧୭ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ମଣ୍ଡିରୁ ୧୧୮୭୯ ଜଣ ଚାଷୀଙ୍କ ଠାରୁ ୩,୯୪,୦୮୫ କ୍ୱିଣ୍ଟାଲ ଧାନ କ୍ରୟ ହୋଇ ସାରିଲାଣି। ଇତି ମଧ୍ୟରେ ୯୩୯୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାରେ ୭୧,୩୪,୫୬, ୩୪୩ ଟଙ୍କା ଜମା ହୋଇଥିବାର ଜଣାପଡିଛି। ସରକାରଙ୍କ ନୂଆ ନୀତି ଓ ଅତ୍ୟାଧୁନିକ ଗ୍ରେନ ଆନାଲାଇଜର ଯନ୍ତ୍ର ଚାଷୀଙ୍କ ପାଇଁ ହୋଇଛି କାଳ। ସରକାର ଧାନ କିଣାରେ ସ୍ୱଚ୍ଛତା ରକ୍ଷା କରିବାକୁ ଅନେକ ନିୟମ କରିଛନ୍ତି। କିନ୍ତୁ ଚାଷୀଙ୍କ ପାଇଁ ଏହି ନିୟମ ବର୍ତ୍ତମାନ ସମସ୍ୟା ସୃଷ୍ଟି କରିଛି। କେତେ ଦିନ ଧରି ଧାନକୁ ଖଳାରେ ଶୁଖାଇବୁ, ବର୍ଷା ଦାଉ ସାଜିଛି, ଧାନ ଚୋରି ସହ ଗାଇଗୋରୁ ପଶିବାର ସମ୍ଭାବନା ରହିଛି। ସରକାର କରିଥିବା ନିୟମକୁ ଦେଖିଲେ ଗୋଟିଏ ଦିନରେ ମାତ୍ର ୨ରୁ ୩ଜଣ ଚାଷୀ ଧାନ ବିକ୍ରି କରିପାରିବେ। ମାଲକାନଗିରି ଜିଲ୍ଲାରେ ଅଧିକାଂଶ ସମୟରେ ଲିଙ୍କ୍ ଫେଲ୍ ସମ୍ଭାବନା ରହୁ ଥିବାରୁ ମଣ୍ଡିକୁ ଗଲେ ସୁଦ୍ଧା ଧାନ ବିକ୍ରି ହୋଇ ପାରିନାହିଁ। ଏମିତି ସ୍ଥିତିରେ ପୁରୁଣା ନିୟମ ଅନୁସାରେ, ଧାନ ଉଠାଇବା ପାଇଁ ଚାଷୀ ଦାବି କରିଛନ୍ତି। ଜିଲ୍ଲାରେ ୧୬ ତାରିଖ ଠାରୁ ମଣ୍ଡି ଆରମ୍ଭ ହୋଇଛି, ଜିଲ୍ଲାରେ ୨୭ମିଲର ଯୋଗାଣ ବିଭାଗ ସହ ଚୁକ୍ତି କରି ମଣ୍ଡିରୁ ଧାନ ଉଠାଇବା ଆରମ୍ଭ କରି ଦେଇଛନ୍ତି, ପ୍ରଥମ ପର୍ଯ୍ୟାୟ ୮ଲକ୍ଷ ୭୩ ହଜାର ୬୮ କ୍ୱିଣ୍ଟାଲ ଧାନ ମଣ୍ଡିରେ କ୍ରୟ ହେବାର ଟାର୍ଗେଟ ଥିବା ବେଳେ, ଇତି ମଧ୍ୟରେ ୩ ଲକ୍ଷ ୯୪ ହଜାର ୮୫ କ୍ୱିଣ୍ଟାଲ ଧାନ ମଣ୍ଡିରେ ୧୧ ହଜାର ୮୭୯ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି। ୩ଲକ୍ଷ ୪୦ହଜାର ୩୯୩ କ୍ୱିଣ୍ଟାଲ ଧାନ ମଣ୍ଡିରୁ ମିଲରମାନେ ଉଠାଇ ସାରିଛନ୍ତି, ୫୩ହଜାର ୬୯୧ କ୍ୱିଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଥିବାର ଜିଲ୍ଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି।



## ଚାନ୍ଦୋଳ କଲେଜରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ 'ସଡ଼କ ସୁରକ୍ଷା' ସପ୍ତାହ ଗତକାଲି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ସଭାରେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମ୍‌ଭିଆଇ କାଜଲ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବରେ ମୁଖ୍ୟ ତାଲିମଦାତା ଦୀପକ କୁମାର ଚୌଧୁରୀ, ଡେରାବିଶ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ ପ୍ରମୁଖ ଯୋଗ ଦେଇ ରାସ୍ତାରେ ଯାନବାହାନ ଚଳାଇବାର ନିୟମକୁ ମାନି ଚଳିଲେ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି କହିଥିଲେ । ୧୮ ବର୍ଷରୁ କମ୍ ବୟସର ବ୍ୟକ୍ତିମାନଙ୍କୁ ଗାଡ଼ି ଚଳାଇବା ନିୟମ ବିରୁଦ୍ଧ। ଏହାଛଡ଼ା ରାସ୍ତାରେ ଯାତାୟତ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ରାସ୍ତାରେ ଦୁର୍ଘଟଣାରେ ଆହାତ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଚିକିତ୍ସା କରି ଡାକ୍ତରଖାନାକୁ ପଠାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ଏବଂ ଡାକ୍ତରଖାନାକୁ ନେବା ପାଇଁ ନିଜ ପାଖରେ ସେଭଳି ସୁବିଧା ନଥିଲେ ସରକାରୀ ଆମ୍ବୁଲାନ୍ସକୁ ଡକାଇବା ସାଧାରଣ କର୍ତ୍ତବ୍ୟ ବୋଲି କହିଥିଲେ। ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମଦାତା ଶ୍ରୀ ଚୌଧୁରୀ କିଛି କୌଶଳ ଶିଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସର କାଉନସେଲର ଅଧ୍ୟାପକ ପ୍ରଭାକର ଦାସ, ଅଧ୍ୟାପିକା ସୁକନ୍ୟା ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବରିଷ୍ଠ ପ୍ରାଧ୍ୟାପିକା ଶ୍ରୀମତୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ମନିଷା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ପ୍ରତାପ ଜେନା, ପ୍ରଦୀପ ରାଉତ, ଦିବ୍ୟ କୁମାର ଦାସ, ସଂଜୟ ନାୟକ, ବରଦା ପ୍ରସାଦ ଜେନା, ରମାକାନ୍ତ ଦାସ, ଶଶିଭୂଷଣ ଜେନା, ଅଧ୍ୟାପିକା ମନିଷା ଦାସ, ଝରାଶ୍ରୀ ପରିଜା, ସ୍ମୃତି ଶ୍ରାବଣୀ ପ୍ରମୁଖ ସହଯୋଗ କରିଥିଲେ।

## ଭିନ୍ନ ଭିନ୍ନ ସ୍ଥାନରେ ବିଧାୟକଙ୍କ ଶିଳାନ୍ୟାସ କାର୍ଯ୍ୟକ୍ରମ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନର ଶୁଭ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ କୁଆଳୁ ଠାରେ ସମବାୟ ସମିତିର ଧାନ ସଂଗ୍ରହ କେନ୍ଦ୍ର, ପରଜଙ୍ଗର ଉପ ନିବନ୍ଧକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟର ବାସଗୃହ, ଲୋଧଣୀ ଠାରେ ସମବାୟ ସମିତି ଧାନ ସଂଗ୍ରହ କେନ୍ଦ୍ର, ସାନ୍ଧା ଠାରେ ସମବାୟ ସମିତି ଧାନ ସଂଗ୍ରହ କେନ୍ଦ୍ର ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ଉପସ୍ଥିତ ଥିବାବେଳେ ଗ୍ରାମ ଉନ୍ନୟନ ବିଭାଗର ଅଧିକାରୀ ଓ ଭିନ୍ନ ଭିନ୍ନ ଶିଳାନ୍ୟାସ ସ୍ଥାନର ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ।



## ଉପଖଣ୍ଡସ୍ତରୀୟ ଖରିଫ୍ ଧାନକିଣା ଶୁଭାରମ୍ଭ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଭାତହାଣ୍ଡି ଭଞ୍ଜନଗର ଉପଖଣ୍ଡରୁ ଶୁକ୍ରବାର ଏ ବର୍ଷର ଖରିଫ ଧାନକିଣା ଆରମ୍ଭ ହୋଇଛି। ଉପଖଣ୍ଡର ଭଞ୍ଜନଗର ବ୍ଲକ ଅଧିନ ମୁଦୁଲିପଲ୍ଲୀର ମା' ବାପାଙ୍ଗୀ ଏସଏଚଜି ପକ୍ଷରୁ ଧାନକିଣାର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଚଳିତ ବର୍ଷ ଖରିଫ ଧାନକିଣା ପ୍ରକ୍ରିୟାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ନାୟକ କହିଥିଲେ, ଆମ ସରକାର ଚାଷୀଙ୍କୁ ଯାହା କଥା ଦେଇଥିଲେ, ତାହା ରଖିଛନ୍ତି। ଚଳିତବର୍ଷ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ଏମଏସପି ଓ ଇନପୁଟ୍ ସହାୟତା ମିଶି ୩୧୦୦ ଟଙ୍କା ମିଳିବ। ନିର୍ଦ୍ଧାରିତ ଦିନରେ ଚାଷୀ ଧାନ ଧରି ମଣ୍ଡିକୁ ଆସିବେ। ମିଲର୍ସମାନେ ଧାନ ଉଠାଇବେ। ଧାନ ବିକ୍ରୟ ସମୟରେ ଚାଷୀ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ମଣ୍ଡି ନୋଡାଲ ଅଫିସର ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଧାୟକ ଶ୍ରୀ ନାୟକ କହିଛନ୍ତି। ଖରିଫ ଧାନ ଅମଳ ସମୟରେ ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ଚାଷୀକୁଳର ବହୁବିଧ କ୍ଷତି ହୋଇଥିଲା। କ୍ଷତିଗ୍ରସ୍ତ ଫସଲର କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ସମସ୍ତଙ୍କ ସମନ୍ୱୟରେ ଚଳିତ ବର୍ଷର ଖରିଫ ଧାନ କିଣାକୁ ସୁରୁଖୁରୁରେ ସମାପନ କରାଯିବ। ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠୁ ସରକାରୀ ଦରରେ ଧାନ କିଣାଯିବା ସହ ଟଙ୍କା ପ୍ରଦାନ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସେଠୀ କହିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ୍ ମହାନ୍ତି, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁମନ୍ତ ସାହୁ, ଯୋଗାଣ ଅଧିକାରୀଣି, ମିଶନଶକ୍ତି ବିପିସି, ମା' ବାପାଙ୍ଗୀ ଏସ୍‌ଏଚ୍‌ଜି ସଭାପତି ସାଇବାଣି ବିଷୋୟୀ, ସମ୍ପାଦକ ଝୁନୁ ବିଷୋୟୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ମିଲର୍ସ, ଚାଷୀ, ପ୍ୟାକ୍ସ ସମ୍ପାଦକ ଓ ଆରଏମସି କର୍ମଚାରୀ ଉପସ୍ଥିତ ଥିଲେ।



## ରାଶିଫଳ

**ରବିବାର, ୦୫ ଜାନୁଆରୀ ୨୦୨୫**



**ମେଷ:** ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବହୁତ ଲାଭ ଦେଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟରେ ବୃଦ୍ଧି ଏବଂ ଅଗ୍ରଗତି ଇଚ୍ଛା ହେବ। ଅଂଶୀଦାରମାନଙ୍କ ସହଯୋଗ ଠିକ୍ ସମୟରେ ଗ୍ରହଣ କରାଯିବ। ଘର ବାହାରେ କିଛି ଟେନସନ ହେବ। ସ୍ୱାସ୍ଥ୍ୟ ଭଲ ରହିବ।



**ବୃଷ:** ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଆଜି, ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ବ୍ୟବସାୟରେ ବୃଦ୍ଧି ହେବ। ଚାକିରିରେ ସୁବିଧା ଆସିପାରେ। ବ୍ୟସ୍ତତା ମଧ୍ୟରେ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଟଙ୍କା ସହଜରେ ଗ୍ରହଣ କରାଯିବ।



**ମିଥୁନ:** ଆପଣ ଦୁଃଖଦ ସୂଚନା ପାଇବେ। ଧୈର୍ଯ୍ୟ ଧରନ୍ତୁ। ବେକାର କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୁସଂଗଠାରୁ ଦୂରରେ ରୁହନ୍ତୁ। ଆପଣଙ୍କର କାମ ଅଧିକ ଧ୍ୟାନ ଆବଶ୍ୟକ କରେ। ଚିନ୍ତା ଏବଂ ଟେନସନ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବ୍ୟବସାୟ ଭଲ କରିବ।



**କର୍କଟ:** ଭୁଲିଯାଇଥିବା ସାଥୀ ଏବଂ ପରିଦର୍ଶକଙ୍କ ଦେଖାମିଳିବ। ସମ୍ମାନ ପାଇଁ ଖର୍ଚ୍ଚ ହେବ। ଆତ୍ମ ସମ୍ମାନ ରହିବ। ପରିବାର ସଦସ୍ୟଙ୍କ ଅଗ୍ରଗତିର ଖବର ଆସିବ। ପରିବାର ସହାୟତା ରହିବ। କୌଣସି ବ୍ୟକ୍ତିର ବିବାଦରେ ପ୍ରବେଶ କର ନାହିଁ।



**ସିଂହ:** ଘର ବାହାରେ ଏକ ମନୋରମ ପରିବେଶ ରହିବ। ଆପଣ ଚାକିରିରେ ଆରାମ ଅନୁଭବ କରିବେ। ବ୍ୟବସାୟରୁ ସନ୍ତୁଷ୍ଟ ହେବ। ପିଲାମାନଙ୍କ ବିଷୟରେ ଚିନ୍ତା କରିବେ। ବିରୋଧୀ ଏବଂ ଶତ୍ରୁମାନେ କ୍ଷତି ଘଟାଇ ପାରନ୍ତି। ଆପଣ ସାଙ୍ଗମାନଙ୍କଠାରୁ ସମର୍ଥନ ଏବଂ ମାର୍ଗଦର୍ଶନ ପାଇବେ। ଏକ ଯାତ୍ରା ଯୋଜନା ହେବ।



**କନ୍ୟା:** ଯାତ୍ରା ଆକର୍ଷଣୀୟ ଏବଂ ଲାଭଦାୟକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ବ୍ୟବସାୟରୁ ବ୍ୟବସାୟ ଲାଭଦାୟକ ହେବ। ପରିବାରରେ ଶାନ୍ତି ରହିବ। କାର୍ଯ୍ୟରେ ଉତ୍ସର୍ଗୀକୃତ ଏବଂ ଉତ୍ସାହ ରହିବ। ଆପଣ ଖୁସିରେ ସାଙ୍ଗମାନଙ୍କ ସହିତ ସମୟ ବିତାଇବେ।



**ତୁଳା:** ସ୍ୱାସ୍ଥ୍ୟ ଦୁର୍ବଳ ହେବ। କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ। ଚିନ୍ତା ଏବଂ ଟେନସନ ରହିବ। ନିଜ ସାଥୀଙ୍କ ସହିତ ଯୋଗାଯୋଗ କରନ୍ତୁ। ବେକାର କାମରୁ ଦୂରେଇ ରୁହନ୍ତୁ। ଅନାବଶ୍ୟକ ଲୋକମାନେ ଅସୁବିଧା ସୃଷ୍ଟି କରିପାରନ୍ତି। ଅନ୍ୟର ବିବାଦ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ।



**ବିଛା:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଲାଭ ସୁଯୋଗ ଆସିବ। ଚାକିରିରେ ଆରାମ ମିଳିବ। ଯେ କୌଣସି ଜରୁରୀ ଜିନିଷ ଶୀଘ୍ର ନଷ୍ଟ ହୋଇପାରେ। ଆଇନଗତ ବାଧା ଉପୁଜିପାରେ। ବିବାଦ କର ନାହିଁ। ବ୍ୟବସାୟ ଭଲ କରିବୃ। ଘର ବାହାରେ ସୁଖ ମିଳିବ।



**ଧନୁ:** ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏହା ହେଉଛି ସର୍ବୋତ୍ତମ ସମୟ। କାର୍ଯ୍ୟ ପଦ୍ଧତିରେ ଉନ୍ନତି ହେବ। ସାମାଜିକ କାର୍ଯ୍ୟ ସଫଳ ହେବ। ସମ୍ମାନ ପାଇବେ। ଚାକିରୀରେ ସଫଳତା ହେବ। ଲାଭ ସୁଯୋଗ ଆସିବ। ଘର ବାହାରେ ଖୁସିର ପରିବେଶ ରହିବ। ପରିବାର ସହାୟତା ଗ୍ରହଣ କରାଯିବ। ବଡ କାମ କରିବାକୁ ଇଚ୍ଛା କରିବେ। ସଫଳତାର ମାଧ୍ୟମ ସଂଗ୍ରହ କରିବ। ବିପଦ କାର୍ଯ୍ୟ କରନ୍ତୁ ନାହିଁ।



**ମକର:** ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ସମର୍ଥନ ପାଇବାର ସମ୍ଭାବନା ଅଛି। ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହୀ ହେବେ। କୌଣସି କୂଟନୀତିଜ୍ଞଙ୍କ ସମର୍ଥନ ମିଳିପାରିବ। ଲାଭର ଦ୍ୱାର ଖୋଲିବ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।ଦିନତମାମ ବ୍ୟସ୍ତ ରହିବେ। ଆପଣ କ୍ଳାନ୍ତ ଏବଂ ଦୁର୍ବଳ ଅନୁଭବ କରିବେ। ବିବାଦରୁ ଦୂରେଇ ରୁହନ୍ତୁ। ଟଙ୍କା ଗ୍ରହଣ କରାଯିବ। ଲଜ୍ଜିତ ହୁଅନ୍ତୁ ନାହିଁ।



**କୁମ୍ଭ:** ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଆୟ ହ୍ରାସ ହୋଇପାରେ। ଘର ବାହାରେ ସହଯୋଗ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଲୋକମାନେ ସେମାନଙ୍କର ମତ ବ୍ୟାଖ୍ୟା କରିବାକୁ ସମର୍ଥ ହେବେ ନାହିଁ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଜଣେ ବରିଷ୍ଠ ବ୍ୟକ୍ତିଙ୍କ ସାହାଯ୍ୟରେ କାର୍ଯ୍ୟ ପ୍ରତିବନ୍ଧକ ହଟାଯିବ ଏବଂ ଲାଭର ପରିସ୍ଥିତି ସୃଷ୍ଟି ହେବ। ପରିବାର ସଦସ୍ୟମାନେ ଭଲ ବ୍ୟବହାର କରିବେ। ବ୍ୟବସାୟ ଭଲ କରିବ। ନୂତନ ଲୋକଙ୍କୁ ଯୋଗାଯୋଗ କରାଯିବ। ଆୟ ବୃଦ୍ଧି ପାଇବ ଏବଂ ସୁସ୍ଥ ରହିବ। ଚିନ୍ତା କମିଯିବ। ତତ୍ପର ହୁଅନ୍ତୁ ନାହିଁ।



ଶ୍ରୀପତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯


Scan to Apply
www.cutm.ac.in
THE RIGHT SKILLS LEAD TO
RIGHT DIAGNOSTIC OBSERVATIONS
MADE IN CENTURION
A+
NAAC
The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.
FOR ADMISSIONS, CALL: 82600 77222
LEARN EXPERIENCE CHANGE
Centurion UNIVERSITY
PARAMEDICS & ALLIED HEALTH COURSES :
Certificate Courses:
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant
Diploma Courses:
- Medical Laboratory Technology
- Medical Radiology Technology
Bachelor Courses:
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy
- Nursing
Masters Courses:
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry
CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE | CHATRAPUR


ବନ୍ଦର, ପୋତ ପରିବହନ ଓ ଜଳମାର୍ଗ ମନ୍ତ୍ରଣାଳୟ ଭାରତ ସରକାର
SAGARMALA
PORT-LED PROSPERITY
ଓଡ଼ିଶାର
ପ୍ରଥମ ବନ୍ଦର
ରଚିଲା
ଆଉ ଏକ
ଇତିହାସ
୨୦୨୩-୨୪
ଆର୍ଥିକ ବର୍ଷରେ ରେକର୍ଡ
୧୪୫.୩୮ ଏମ୍.ଏମ୍.ଟି
ପଣ୍ୟ କାରବାର ସହ
ପାରାଦୀପ ବନ୍ଦର ଏବେ
ଭାରତର ୧ ନମ୍ବର ବୃହତ୍ ବନ୍ଦର
ପାରାଦୀପ ବନ୍ଦର ପ୍ରାଧିକରଣ
ପାରାଦୀପ ବନ୍ଦର - ୭୫୪୧୪୨, ଓଡ଼ିଶା
paradipport.gov.in @paradipport.gov.in @paradipport @paradipportauthority


Where excellence & innovation converge
IMFA is India's leading, fully integrated producer of value added ferro chrome, straddling the value chain from mining to smelting. With 190 MVA installed furnace capacity backed up by 204.55 MW captive power generation capacity (including 4.55 MWp solar) and chrome ore mining tracts, our products are certified through ISO 9001 Quality Management System. Recognised worldwide as a reliable and cost competitive producer, IMFA has long standing relationships with leading international companies besides domestic stainless steel producers.
imfa
INDIAN METALS & FERRO ALLOYS LIMITED
www.imfa.in


SIKSHA 'O' ANUSANDHAN
28 years of Rich Legacy
NIRF INDIA RANKINGS 2024
14th in University category
21st in Medical category
26th in Engineering category
9th in Dental category
9th in Law category
62nd in Management category
50th in Research category
24th in Overall category
Internationally Ranked by
QS WORLD UNIVERSITY RANKINGS
THE WORLD UNIVERSITY RANKINGS
Accredited By NAAC with Highest A++ Grade
Category - 1 Graded Autonomy Status
UGC 12(B) Status
Recognized as SIRO by DSIR, Govt. of India
32 Professors of SOA figure among the Top 2% scientists of the World as listed by Stanford University, United States.
ACCREDITATIONS & RECOGNITIONS
NBA ICAR DSIR NABH NABL ISO 9001:2015
STATUTORY APPROVALS
UGC AICTE PCI NMC INC DCI VCI BCI
SOA Hospitals
IMS AND SUM HOSPITAL
IMS AND SUM HOSPITAL-Campus 2
SUM ULTIMATE MEDICARE
IMS AND SUM HOSPITAL-Campus 3
19 Research centres in niche areas
Atal Incubation Centre
Over 400 foreign students from 30 Countries
Diamond University rating by QS-I-GAUGE
FACULTIES
Engineering and Technology
Medical Sciences
Dental Sciences
Management Sciences
Pharmaceutical Sciences
Nursing
Hospitality & Tourism Management
Legal Studies
Agricultural Sciences
Veterinary Science & Animal Husbandry
MAJOR INTERNATIONAL COLLABORATIONS
Tribhuvan University Nepal
University of Reading United Kingdom
Mayo Clinic USA
The Bindura University of Science Education, Zimbabwe
Makerere University, Uganda
Earth Network Inc, USA
University of Wisconsin Madison, USA
New Jersey Institute of Technology, USA
NHA Trang University, Vietnam
Asia Pacific University of Technology & Innovation, Malaysia
MEMBERSHIP
Association of Universities (AIU)
Indian Institution of Industrial Engineering (IIIE)
American Society of Mechanical Engineering (ASME)
American Society of Civil Engineers (ASCE)
Institute of Electricals & Electronics Engineering (IEEE)
Computer Society of India (CSI)
The Institute of Engineering and Technology (IET)
Indian Medical Association (IMA)
SIKSHA 'O' ANUSANDHAN
DEEMED TO BE UNIVERSITY
BHUBANESWAR, ODISHA, INDIA
www.soa.ac.in

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ମରଦାବାଡ଼ି ଗ୍ରାମର ସୁପରିଚିତ ସମାଜସେବୀ ସ୍ୱର୍ଗତ ବାଲ୍ମୀକି ବଳିୟାରସିଂଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବୋଲଗଡ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସ୍ୱର୍ଗତ ବଳିୟାରସିଂ ଜଣେ ସୁଶିକ୍ଷକ ଦକ୍ଷ ସଂଗଠକ ଓ ସମାଜସେବୀ ଥିଲେ । ସେ ବୋଲଗଡ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ, ବୋଲଗଡ ମହୋତ୍ସବର ସକ୍ରିୟ ସଦସ୍ୟ, ବଳଦ୍ୱର୍ଗ ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ, ବୋଲଗଡ ବରିଷ୍ଠ ନାଗରିକ ମଞ୍ଚ ସମେତ ବହୁ ସାମାଜିକ ଅନୁଷ୍ଠାନ ସହ ଜଡିତଥିଲେ । ତାଙ୍କ ଅବର୍ତ୍ତମାନରେ ବୋଲଗଡ଼ର ଅପୂରଣୀୟ କ୍ଷତି ଘଟିଛି ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟର ଶିକ୍ଷାବିତ ଗୋପୀନାଥ ଖାଡ଼ଙ୍ଗା, ରବିନ୍ଦ୍ର ପରିଡା ରଘୁନାଥ ଦଳବେହେରା, ରାଧେଶ୍ୟାମ ରାୟଗୁରୁ ମହାପାତ୍ର, ଦିବାକର ପରମଗୁରୁ ଭକ୍ତବଲ୍ଲଭ ପଟ୍ଟନାୟକ ପ୍ରମୁଖ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ । ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତିସଭ୍ୟା ନିର୍ମଳା ପ୍ରଧାନ ପ୍ରମୁଖ ସ୍ତୃତିଚାରଣ କରିଥିଲେ ।

# ଲୋକେ ପାଉନାହାଁନ୍ତି , ରାସ୍ତାରେ ଲହଡି ଭାଙ୍ଗୁଛି ପାନୀୟଜଳ

ଗୋପ (ଭାସ୍କର ନ୍ୟୁଜ): ଲୋକେ ପାଉନାହାଁନ୍ତି । ହେଲେ ରାସ୍ତାରେ ଲହଡି ଭାଙ୍ଗୁଛି ପାନୀୟଜଳ । ଦିନେ ନୁହେଁ କି ଦୁଇଦିନ ନୁହେଁ । ଦୀର୍ଘ ୧୫ ଦିନ ହେବ ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ବ୍ଲକ ଠାରୁ ମାତ୍ର ପ୍ରାୟ ୪ଶହ ମିଟର ଦୂର ଗୋପ ମୁଖ୍ୟ ବଜାର ସନ୍ନିକଟ ଲକ୍ଷ୍ମୀ ବଜାର ଗଣେଷ ପୂଜା ମଣ୍ଡପ ସମ୍ମୁଖରେ । ଅଭିଯୋଗ ପରେ ବି ଶୁଣୁନାହାଁନ୍ତି ଗୋପ ଜଳ ଓ ପରିମଳ ବିଭାଗ ଅଧିକାରୀ । କି ମରାମତି ମଧ ହେଉନି । ହେଲେ ମରାମତି ପାଇଁ ଜଣେ ଜୈନିକ କର୍ମଚାରୀ ୨ ହଜାର ଟଙ୍କା ମାଗୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ



ବ୍ୟବସାୟୀ। ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଏହି ବାଟ ଦେଇ ଲୋକମାନେ ଯାତାୟତ କରିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ବସୁଧା ଯୋଜନା ପାନୀୟ ଜଳ ଉପରେ ଗୋପ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ପାଇପ୍ ଫାଟିବା ଯୋଗୁଁ ରାସ୍ତାର ଅଳିଆ ଆବର୍ଜନା ଏହି ପାଣିରେ ମିଶୁଥିବାରୁ ଦଣ୍ଡିସ, ଝାଡାବାନ୍ତି,ପେଟ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ନିମ୍ନମାନର ପାଇପ୍ ପଡିଥିବାରୁ ଏପରି ଅଭାବନୀୟ ଦୃଶ୍ୟ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି । ହେଲେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହାକୁ ତୁରନ୍ତ ମରାମତି କରିବା ପାଇଁ ଗୋପ ବ୍ୟବସାୟୀ ସଂଘ ଓ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି ।

## ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ପରଲୋକ

ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ ଉଫାଲଗଡିଆ ପଞ୍ଚାୟତ ଅଧିନ ଟିଲକପାଳ ଗାଁର କାର୍ତ୍ତିକ ପାତ୍ରଙ୍କର ଆକସ୍ମିକ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ସେ ଶାରସକଣା ବ୍ଲକରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ସେ ନୂଆବର୍ଷ ପୂର୍ବରୁ ଶୁଳିଆପଦା ବ୍ଲକରେ ଯୋଗଦାନ କରିଥିଲେ। ଗତକାଲି ଶୁଳିଆପଦାରୁ ଫେରି ରାତିରେ ଘରେ ଖିଆପିଆ ସାରି ଶୋଇଥିବା ବେଳେ ସକାଳୁ ଘର ଲୋକ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ତାଙ୍କର ଆକସ୍ମିକ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସମାଜସେବୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗ୍ରାମର ସମାଜସେବୀ ସ୍ୱାର୍ଗତ ଶରତ କୁମାର ପରିଡ଼ାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ନିଜ ବାସଭବନ ପରିସରରେ ପାଳିତ ହୋଇଯାଇଅଛି। ଉକ୍ତ ଶ୍ରାଦ୍ଧୋତ୍ସବରେ ସାହାସପୁର ମହାବିଦ୍ୟାଳୟର ଅଧକ୍ଷ ଶ୍ୟାମସୁନ୍ଦର ପଲାଇ, ଅଧାପକ ସରୋଜ ଜେନା, ସଂଗ୍ରାମ କେଶରୀ ବଳ, ଦୀଲ୍ଲିପ କୁମାର ଦେବତା, ପ୍ରଶାନ୍ତ କୁମାର ସାମଲ, ସଂଜୟ କୁମାର ସାହୁ, ଭାଗିରଥି ପ୍ରଧାନ, ପ୍ରଫୁଲ୍ଲ ବାରିକ, ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ, ଆଡ଼ଭୋକେଟ ବିଜୟ କୁମାର ସାହୁ, ମନ୍ମଥ କେଶରୀ ସାହେବରାୟ, ସରୋଜ ମହାନ୍ତି, ଦୀଲ୍ଲିପ କୁମାର କ୍ଷେଣ୍ଟ, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଅନିଲ କୁମାର ସାହୁ, ଲାଲ ବିହାରୀ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଶ୍ରାଦ୍ଧୋତ୍ସବରେ ବଡ଼ଭାଇ ପ୍ରଫୁଲ୍ଲ କୁମାର ପରିଡ଼ା, ସାନଭାଇ କଳିଙ୍ଗ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପରିଡ଼ା, ପୁତ୍ର ଦୂର୍ଗାପ୍ରସାଦ ପରିଡ଼ା, ଝିଅ ଦେବସ୍ମିତା ପରିଡ଼ା, ଜ୍ୱାଇଁ ସତ୍ୟଜିତ୍ ରାଉତ, ସରୋଜକାନ୍ତ ପରିଡ଼ା, ସୁକାନ୍ତ କୁମାର ପରିଡ଼ା, ପ୍ରସନ୍ନଜିତ୍ ପରିଡ଼ା, ଅଶୋକ କୁମାର ପରିଡ଼ା, ସଂଗ୍ରାମଜିତ୍ ପରିଡ଼ା, ନିନିତା ପରିଡ଼ା, ବାସନ୍ତି ମହାପାତ୍ର, ସବିତା ପରିଜା, ସତ୍ୟଜିତ୍ ସ୍ୱାଇଁ, ସୁଚିତ୍ରା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ପାଳିତ

କୋରାପୁଟ (ଭାସ୍କର ନ୍ୟୁଜ): କୋରାପୁଟସ୍ଥିତ ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ଭାରତର ପ୍ରଥମ ମହିଳା ଶିକ୍ଷକ ଏବଂ ସାମାଜିକ କାର୍ଯ୍ୟକର୍ତା ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ମହିଳାଙ୍କୁ ପରଦା ପଛରେ ରଖାଯାଉଥିବା ସମୟରେ ସେ ତାଙ୍କ ସ୍ୱାମୀ ଜ୍ୟୋତିବା ଫୁଲେଙ୍କ ସହାୟତାରେ ନିଜେ ଶିକ୍ଷିତ ହେବା ସହ ଅନ୍ୟ ମହିଳାଙ୍କୁ ପାଠ ପଢିବା ପାଇଁ ପ୍ରେରିତ କରିଥିଲେ । ବାଟ ମଙ୍ଗଳା ଛକରେ ଥିବା ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ପୂର୍ବତନ ବିଧାୟକ ନିମାଇଁ ସରକାର ଓ ରଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଂଯୋଜକ ରୂପକ ତୁରୁକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

# ସକରାତ୍ମକ ମାନସିକତା ହିଁ ଶାନ୍ତି ଦେଇପାରିବ: ବାବା ବଳିଆ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପ□ଦିବସୀୟ ଗୀତାକଥାର ତୃତୀୟ ଦିବସରେ ନିଜ ଭିତରେ ଶାନ୍ତି ପାଇବାର ଉପାୟ ଉପରେ ଆଲୋଚନା କରି ଶ୍ରୀମଦ୍ ବାବା ବଳିଆ କହିଲେ ଯେ, ଶ୍ରୀମଦ୍ ଗୀତାର ପ୍ରତ୍ୟେକ ଶ୍ଳୋକ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ସକରାତ୍ମକ ମାନସିକତା ହିଁ କେବଳ ଆମକୁ ଶାନ୍ତି ଦେଇପାରିବ। ବାବା ଆହୁରି କହିଲେ ଯେ, ମଣିଷ ପାଇଁ ଯେତେବେଳେ ବିପଦ ମାଡ଼ିଆସେ, ଯେପରି ୧୯୯୯ ମସିହାରେ ମହାବାତ୍ୟା ଆସିଥିଲା ଓ ଗତ ୨୦୧୯ ମସିହାରେ ମହାମାରୀ କରୋନା ଯୋଗୁଁ ସମଗ୍ର ଜନସମାଜ ଭୀତତ୍ରସ୍ତ ହୋଇପଡୁଥିଲେ, ସେହି ପରିସ୍ଥିତିରେ କେବଳ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ହିଁ କାର୍ଯ୍ୟ କରିଥାଏ। ମଣିଷ ଯେତେବେଳେ ଦୁଇହାତ



ଟେକିଦିଏ, ପୂର୍ଣ୍ଣ ସମର୍ପଣ କରିଦିଏ, ସେତିକିବେଳେ ପରମାତ୍ମା ହିଁ ସହାୟତାର ହାତ ବଢାଇଥାନ୍ତି। ଦ୍ରୌପଦୀ ଯେତେବେଳେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପୂର୍ଣ୍ଣ ସମର୍ପଣ କଲେ, ପ୍ରଭୁ ଆତ୍ମା ଓ ଆତ୍ମାର ମିଳନରେ ହିଁ ସହଯୋଗର ହାତ ବଢାଇଲେ, ପରମ ଆନନ୍ଦ ମିଳିଥାଏ। ନିଜେ ଶାନ୍ତିରେ ବଞ୍ଚ ଅନ୍ୟକୁ ଶାନ୍ତିରେ ବଞ୍ଚିବାକୁ ଦିଅ। ପ୍ରଭୁଙ୍କ ଇଚ୍ଛାରେ ହିଁ ସଂସାର ଚାଲିଛି, ଏ କଥାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ତୃତୀୟଦିନର ଗୀତାକଥାର ସନ୍ଧ୍ୟା ଅଧିବେଶନକୁ ଆର୍ଯ୍ୟସମାଜ ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ପୂର୍ବତନ ବିଜେପି ସଭାପତି ବିମ୍ବାଧର କୁଅଁର ବାବା ବଳିଆଙ୍କ ପ୍ରତି ଶ୍ରଦ୍ଧା ପ୍ରକଟ କରି ପୂର୍ବାହ୍ନ କାର୍ଯ୍ୟକ୍ରମର ସଫଳତା ପାଇଁ ବାବାଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରାରମ୍ଭରେ ବାବା ପ୍ରଣବାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଡିଜି ଶିଶିର ମିଶ୍ର, ପୂର୍ବ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବାବାଜୀ ରାଧେଶ୍ୟାମ ଦାସ, ବାବା ପରାମାତ୍ମା ଦାସ ଓ ବାବା ତ୍ରୈଲୋକ୍ୟ ଦାସ ପରିଚାଳନା କରିଥିଲେ।

## ଜାତୀୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ମାଲକାନଗିରି ଛାତ୍ରୀ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳର ଛାତ୍ରୀ ଲଳିତା ମାଡି ଜିଲ୍ଲାପାଇଁ ସୁନାମ ଆଣି ଦେଇଛନ୍ତି । ଯାଜପୁର ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ସିନ୍ଧ୍ରିମାଳ ଶିକ୍ଷକ ସନାତନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଲଳିତା ମାଡି ଅଂଶଗ୍ରହଣ କରି ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଆଗାମୀ ଜାନୁଆରି ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପ୍ରତିଯୋଗିତା ତେଲେଙ୍ଗାନା ରାଜ୍ୟ ମେହବୁବନଗରରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଉକ୍ତ ପ୍ରତିଯୋଗିତାରେ ଲଳିତାଙ୍କୁ ନିଜର କ୍ରୀଡା ପ୍ରଦର୍ଶନ କରିବା ପାଇଁ ଚୟନ କରାଯାଇଛି । ଫଳରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଟଲା ଖୁସି ବ୍ୟକ୍ତ କରି ତନକର ସଫଳତା କାମନା କରିଛନ୍ତି ।

# କଟକରେ ପ୍ରଥମ ଥର ବିଚାରପତିଙ୍କ ବ୍ୟାଡମିଣ୍ଟନ ପ୍ରତିଯୋଗିତା

କଟକ(ଭାସ୍କର ନ୍ୟୁଜ): ପ୍ରଥମ ଥର ପାଇଁ ସର୍ବଭାରତୀୟ ବିଚାରପତି ବ୍ୟାଡମିଂଟନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟ ପକ୍ଷରୁ କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଦୁଇ ଦିନ ବ୍ୟାପି ସର୍ବଭାରତୀୟ ବିଚାରପତିମାନଙ୍କ ମଧ୍ୟରେ ବ୍ୟାଡମିଂଟ ପ୍ରତିଯୋଗିତା ହୋଇଛି । ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ୨୦ ଜଣ ବିଚାରପତି ଅଂଶଗ୍ରହଣ କରିଛନ୍ତି । ଓଡ଼ିଶା ହାଇକୋର୍ଟର ୮ ଜଣ ବିଚାରପତି ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଆନୁଷ୍ଠାନିକ ଭାବରେ ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିଛନ୍ତି । ଦେଶରେ ପ୍ରଥମ ଥର ପାଇଁ ହାଇକୋର୍ଟ ପକ୍ଷରୁ ସର୍ବଭାରତୀୟ ବ୍ୟାଡମିନ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ହାଇକୋର୍ଟର ବିଚାରପତିଙ୍କୁ ଏହିଭଳି ପ୍ରତିଯୋଗିତାରେ ସାମିଲ କରାଯିବ। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ବିଚାରପତି ଭି. ନରସିଂହ କହିଛନ୍ତି, ପ୍ରଥମ ଥର ପାଇଁ ଏହିଭଳି ଅଲ ଇଣ୍ଡିଆ ବ୍ୟାଡମିଣ୍ଟନ ଚମ୍ପିଆନସିପ ହେଉଛି। ବାହାର ରାଜ୍ୟରୁ ୧୨ ଜଣ ବିଚାରପତି ଆସିଛନ୍ତି । ଆଗକୁ ଏହି ସଂଖ୍ୟା ଆହୁରି ବଢିବ ବୋଲି ଆଶା କରାଯାଉଛି । ପ୍ରତିଦିନ କର୍ମମୟ ଜୀବନରେ ମାମଲା ବିଚାର କରିବାର ବ୍ୟସ୍ତତା ରହିଥାଏ । ତେଣୁ କର୍ତବ୍ୟ ମଧ୍ୟରେ ବ୍ୟାଡମିନ ଖେଳିବାର ଗୋଟିଏ ସୁଯୋଗ ବିଚାରପତିମାନଙ୍କ ମଧ୍ୟରେ ଏକ ଖୁସି ଆଣିଦେଇଛି । ଏହାବ୍ୟତୀତ ଏହା ବିଚାରପତିମାନଙ୍କ ମଧ୍ୟରେ ଭାଇଚାରାକୁ ବୃଦ୍ଧି କରିବ । ଜଣେ ଅନ୍ୟ ଜଣଙ୍କୁ ଚିହ୍ନି ପାରିବେ, ଜାଣିପାରିବେ । ତେଣୁ ଆଗାମୀ ଦିନରେ ଓଡିଶା ହାଇକୋର୍ଟ ଭଳି ଅନ୍ୟ ରାଜ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେଲେ ବିଚାରପତିମାନେ ଅଧିକ ମାତ୍ରାରେ ଅଂଶଗ୍ରହଣ କରିବେ। ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ଅଧିକାଂଶ ବିଚାରପତି ଉପସ୍ଥିତ ଥିଲେ । ଆସନ୍ତାକାଲି ପ୍ରତିଯୋଗିତା ଉଦଯାପିତ ହୋଇ ବିଜୟୀ ଦଳଙ୍କୁ ପୁରସ୍କୃତ କରାଯିବ । ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ ଉଦ୍‌ଘାଟନ ଉତ୍ସବକୁ ପରିଚାଳନା କରିଥିଲେ ।

## ନଷ୍ଟ ଫସଲ ଦେଖି ଚାଷୀଙ୍କ ମୃତ୍ୟୁ

ଆଳି (ଭାସ୍କର ନ୍ୟୁଜ): ଫସଲହାନି ଯୋଗୁ ଜଣେ ଚାଷୀ ବିଷପିଇ ମୃତ୍ୟୁବରଣ କରିଥିବାର ଅଭିଯୋଗ ହୋଇଛି। ମୃତକ ଚାଷୀ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳଡ଼ିଆ ଗାଁର କୈଳାସ ଚନ୍ଦ୍ର ଧଳ(୫୭ବର୍ଷ) । ସେ ୮ଏକର ଜମିରେ ଧାନଚାଷ କରିଥିଲେ। ଅଦିନିଆ ବର୍ଷାଯୋଗୁଁ ସବୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଚାଷ କରିବା ପାଇଁ କୈଳାସ ବିଭିନ୍ନ ଲୋକଙ୍କ ଠାରୁ ଅଢେଇ ଲକ୍ଷଟଙ୍କା ଧାରକରଜ କରିଥିଲେ। ଫସଲ କ୍ଷତି ଦେଖି କିଛି ଦିନ ହେବ କୈଳାସ ମାନସିକ ଚିନ୍ତାରେ ଥିଲେ। ହେଲେ ଗତ କାଲିରାତିରେ ସେ ବିଷପିଇ ମୃତ୍ୟୁ ବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ନର୍ସରୀ ପରିଚାଳନା ସମ୍ବନ୍ଧୀୟ ତାଲିମ

କୋରାପୁଟ (ଭାସ୍କର ନ୍ୟୁଜ): ସ୍ଥାନିୟ ମୃତ୍ତିକା ସଂରକ୍ଷଣ ତାଲିମ କେନ୍ଦ୍ରର ସମ୍ମିଳନୀ ଗୃହ ଠାରେ କଫି ଚାରା ନର୍ସରୀ ପରିଚାଳନା ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଚଳିତବର୍ଷ କୋରାପୁଟ ଜିଲ୍ଲାରେ ୮୦୦ହେକ୍ଟର ଜମିରେ କଫି ଚାଷ କରାଯିବ । ଏଥି ନିମନ୍ତେ ଆବଶ୍ୟକୀୟ କଫି ଚାରା କିଭଳି ଉନ୍ନତମାନର ହେବେ ଏବଂ ଠିକ୍ ସମୟ ମଧ୍ୟରେ କଫି ଚାରା ରୋପଣ କାର୍ଯ୍ୟ ଶେଷ କରିବାକୁ ଉପସ୍ଥିତ କ୍ଷେତ୍ର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୋରାପୁଟ କଫି ଉନ୍ନୟନ ଟ୍ରଷ୍ଟର ଉପନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଫି ବୋର୍ଡ ଏସଏଲଓ ଉପେନ୍ଦ୍ର କୁମାର ସାହା ଉପସ୍ଥିତ ଥିଲେ । ଏହି ଅବସରରେ କଫି ବୋର୍ଡର ବିଶେଷଜ୍ଞମାନେ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବସ ମାଲିକ ସଂଘ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମସ୍ତ ବସରେ ସ୍ମାର୍ଟ ଡିଭାଇସ ଲଗାଇବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି ବସ ମାଲିକ ସଂଘ । ବସ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଯେ, ୬ ମାସ ଧରି ସଂଘ ଏହି ଡିଭାଇସ ସବୁ ବସ, ୪ ଚକିଆ ଯାନରେ ଲଗାଇବା ପାଇଁ ଅନୁରୋଧ କରିଥିଲା। ରାଜ୍ୟ ସରକାର ଖର୍ଚ୍ଚ ମଧ ବହନ କରିବେ। ସଚେତନ ଅପେକ୍ଷା ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ। ଡ୍ରିଙ୍କ କିମ୍ବା ଫୋନରେ କଥା ହୋଇ ଚଳେଇଲେ ଏକ ଶବ୍ଦ ହେବ ଯାହା ଫଳରେ ସେମାନେ ସଜାଗ ହେବେ। ପରିବହନ ସଚିବ କହିଛନ୍ତି ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ। ତେଣୁ ଦୁର୍ଘଟଣା କମାଇବାକୁ ହେଲେ ଟେକ୍ନୋଲୋଜି ବେଶ କାମ ଦେବ।

# ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ

କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର, ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କ ୧୦୬ତମ ଜୟନ୍ତୀ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥ ପରିଷଦ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଅଛି । ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଉକ୍ତ ଜୟନ୍ତୀ ସଭାରେ ଡ଼ାକ୍ତର ରବି ରଞ୍ଜନ ସାହୁ ଅଧକ୍ଷତା କରିଥିଲେ । ମେୟର ସୁବାସ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସ୍ମୃତି ପରିଷଦ ସଭାପତି ବିରେନ୍ଦ୍ର ପ୍ରତାପ ସ୍ୱାଇଁ, ଚିତ□ରଞ୍ଜନ ମହାନ୍ତି, କର୍ପୋରେଟର ଆରତୀ ସାହୁ, ପ୍ରଦୀପ୍ତ ଖୁଣ୍ଟିଆ, ଅମରେନ୍ଦୁ ମହାନ୍ତି, ପ୍ରଶାନ୍ତ ଦାସ, ପ୍ରଶାନ୍ତ ନାୟକ, ସୁନୀତା ପଣ୍ଡିତ, ମନୋରଞ୍ଜନ ପଣ୍ଡା, ଚୌଧୁରୀ କାଶୀନାଥ ମଲ୍ଲିକ, ଦେବେନ୍ଦ୍ର କାହାଳୀ, ଅଧାପକ ଅଶୋକ ପଣ୍ଡା, ଗୋପାଳ ଚନ୍ଦ୍ର ମିଶ୍ର, ନିବାସ ଚନ୍ଦ୍ର ମିଶ୍ର, ବୈଷ୍ଣବ ପରିଡ଼ା, ଭିକାରୀ ଦାସ, ରମାକାନ୍ତ ନାଥ, ମନମୋହନ ବେହେରା, ହରିବନ୍ଧୁ ନାୟକ, ଧ୍ରୁବେନ୍ଦ୍ର ଦଳେଇ, ବିଜେପି ନେତା ବିଜୟ ଦଳେଇ, ରୀତା ମହାପାତ୍ର, ବିଜୟ ବେହେରା ପ୍ରମୁଖ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ । ମେହେନ୍ତର ସଂଘ ନେତା ରତ୍ନାକର ମୁଖୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଯୁକ୍ତିଭିତ୍ତିକ ସ୍ୱଳ୍ପ ଅବଧି ତାଲିମ ନିମନ୍ତେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର

କଟକ(ଭାସ୍କର ନ୍ୟୁଜ୍): ଦକ୍ଷତା ଭିତିରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ରାଜ୍ୟର ଯୁବଗୋଷ୍ଠୀଙ୍କୁ ନିଯୁକ୍ତିଭିତ୍ତିକ ସ୍ୱଳ୍ପ ଅବଧି ତାଲିମ ପ୍ରଦାନ ନିମନ୍ତେ ବ୍ଲକସ୍ତରୀୟ ପରାମର୍ଶ ଶିବିରମାନ ଆୟୋଜନ କରାଯାଉଛି । ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ କଟକର ମିଳିତ ଉଦ୍ୟମରେ ଜିଲ୍ଲାର ସମସ୍ତ ପଂଚାୟତ ସମିତି କାର୍ଯ୍ୟାଳୟମାନଙ୍କରେ ଏହି ପରାମର୍ଶ ଶିବିର ଆୟୋଜନ ହେବ । ଏଥିରେ ଜିଲ୍ଲାର ପଞ୍ଚମ ଶ୍ରେଣୀ ପାସରୁ ଉର୍ଦ୍ଧ୍ୱ ଏବଂ ଅଧାରୁ ସ୍କୁଲ ଓ କଲେଜ ପାଠ୍ୟକ୍ରମ ଶେଷ କରିନଥିବା ଯୁବକ ଯୁବତୀ (୧୮ରୁ ୩୫ ବର୍ଷ)ମାନଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ କେତେକ ଅଗ୍ରଣୀ ବେସରକାରୀ ସଂସ୍ଥାଗୁଡିକର ସହଭାଗିତାରେ ଚାହିଦା ଥିବା ବିଭାଗ ଗୁଡିକରେ ତାଲିମ ପାଇଁ ପରାମର୍ଶ ଦିଆଯିବ । ଏହି ପରାମର୍ଶ ଶିବିର ଜାନୁଆରୀ ମାସ ୭ ତାରିଖରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ତାଲିମ ସମାପ୍ତ ପରେ ପ୍ରଶିକ୍ଷଣପ୍ରାପ୍ତ ପ୍ରାର୍ଥୀମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥାଗୁଡିକ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବେ । ଇଚ୍ଛୁକ ପ୍ରାର୍ଥୀ ନିଜ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର ଏବଂ ଫଟୋଗ୍ରାଫ ସହ ଏହି ଶିବିରରେ ପରାମର୍ଶ ଗ୍ରହଣ କରିପାରିବେ । ଅଧିକ ସୂଚନା ନିମନ୍ତେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ସହ ଯୋଗଯୋଗ କରାଯାଇପାରିବ ।

## ଓଡ଼ିଶାରେ ମିକା ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବଲିଉଡର ବିଶିଷ୍ଟ ଗାୟକ ମିକ୍କା ସିଂ। ବର୍ତ୍ତମାନ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଛନ୍ତି ମିକ୍କା। ସନ୍ଧ୍ୟାରେ ଧର୍ମଶାଳା ମହୋତ୍ସବରେ ଯୋଗ ଦେବେ । ଏହାପରେ ସେ ପୁରୀ ଯାଇ ନେବେ ଜଗନ୍ନାଥଙ୍କ ଆଶୀର୍ବାଦ । ଏହି ଅବସରରେ ମିକା କହିଛନ୍ତି ଯେ, ପୂର୍ବରୁ ଝାରସୁଗୁଡ଼ା, ରାଉରକେଲା ଆସିଛି ଓଡ଼ିଶାର ଲୋକ ବହୁତ୍ ଭଲ। ଏଥର ଧର୍ମଶାଳା ମହୋତ୍ସବରେ ଭେଟଘାଟ ହେବ ।

# ଆଜିଠାରୁ ବନ୍ଦ ରହିବ ଉଠାଦୋକାନ ଉଚ୍ଛେଦ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱରର ଗରିବ ଲୋକଙ୍କ ସମସ୍ୟା ଲାଗି ରହିଥିବା ବେଳେ ଉଠାଦୋକାନ ଉଚ୍ଛେଦ ବନ୍ଦ କରିବାକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ଶନିବାର ୧୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଭୁବନେଶ୍ୱର ମହାନଗର ନିଗମର କମିଶନରଙ୍କୁ ପ୍ରଦାନ କରାଯାଇଛି। ମହାସଂଘର ସଭାପତି ପ୍ରତାପ କୁମାର ସାହୁ ଓ ଉପଦେଷ୍ଟା ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ବିଏମ୍‌ସି ଅତିରିକ୍ତ ଆୟୁକ୍ତ ଶଶିଭୂଷଣ ମହାନ୍ତି, ଭେଣ୍ଡିଂଜୋନର ଉପାୟୁକ୍ତ ଅଜୟ ମହାନ୍ତି ଏବଂ କମିଶନର ପୋଲିସ୍ ଶୁଭ ନାରାୟଣ ମୁଦୁଲିଙ୍କ ସହ ଆଲୋଚନା ପରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଆଜିଠାରୁ ଉଠାଦୋକାନୀଙ୍କୁ ଉଚ୍ଛେଦ ପରିବର୍ତ୍ତେ ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଥଇଥାନ କରାଯିବ ଓ ମହାସଂଘ ବିଏମ୍‌ସିର ନିୟମକୁ ମାନିବା ପାଇଁ ମଧ ନିଷ୍ପତ୍ତି ନିଆଯାଇଛି। ଭବିଷ୍ୟତରେ



ବିଏମ୍‌ସି ଓ ଉଠାଦୋକାନୀ ମହାସଂଘର ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟପନ୍ଥା ଗ୍ରହଣ କରିବେ। ଉଠାଦୋକାନୀମାନଙ୍କୁ ଉଚ୍ଛେଦ ପରିବର୍ତ୍ତେ ସେହି ଜାଗାରେ ଥଇଥାନ କରିବା ଓ ସମ୍ପୂର୍ଣ୍ଣ ଉଚ୍ଛେଦ ବନ୍ଦ କରିବ, ଉଠାଦୋକାନୀ ଆଇନ ଅନୁଯାୟୀ ଫୁଟପାଥର ଏକତୃତୀୟାଂଶ ଜାଗା ଉଠାଦୋକାନୀମାନଙ୍କୁ ପ୍ରଦାନ କରିବା, ଉଚ୍ଛେଦ ପୂର୍ବରୁ ବିଏମ୍‌ସି କର୍ମଚାରୀ ଯାଇ ଦୋକାନୀ ଓ ମହାସଂଘ ସହ ଆଲୋଚନା କରି ସମାଧାନ କରିବା, ନୂତନ ଟାଉନ ଭେଣ୍ଡିଂ କମିଟି ଗଠନ କରିବା ଓ ଟାଉନ ଭେଣ୍ଡିଂ କମିଟିରେ ଥିବା ମିଛ ଉଠାଦୋକାନୀମାନଙ୍କ ବିରୁଦ୍ଧରେ ବିଏମ୍‌ସି ମାମଲା ରୁଜୁ କରିବା, ଯେଉଁ ଉଠାଦୋକାନୀମାନେ ପରିଚୟ ପତ୍ର ପାଇନାହାଁନ୍ତି, ସେମାନଙ୍କୁ ପରିଚୟ ପତ୍ର ଓ ସାର୍ଟିଫିକେଟ ପ୍ରଦାନ କରିବା, ଥଇଥାନ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା, ମାଷ୍ଟର ପ୍ଲାନରେ ଉଠାଦୋକାନୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଉଚ୍ଛେଦ ସମୟରେ ଯେଉଁ ସଂଘ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଦେଖାଉଛନ୍ତି, ତାକୁ ବିଏମ୍‌ସି କର୍ମଚାରୀ ସମ୍ମାନ ଦେବା, ଯେଉଁମାନଙ୍କର ଉଠାଦୋକାନ ଉଚ୍ଛେଦ କରାଯାଇଛି, ସେମାନଙ୍କ ଆସବାବପତ୍ର ଆକଳନ କରାଯାଇ କ୍ଷତିପୂରଣ ଦେବା ଓ ଟ୍ରେଡ୍ ଲାଇସେନ୍ସ, ଜମି ପଇସା ନେବା ଏବଂ ପାଣି, ଶୌଚାଳୟ, ବିଜୁଳି, ଗାଡ଼ି ରଖିବା ପାଇଁ ପାର୍କିଂ, ରାସ୍ତାର ବ୍ୟବସ୍ଥା କରିବା ଆଦି ୧୦ ଦଫା ଦାବି ମହାସଂଘ ତରଫରୁ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ ଓ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ମିଳିତ ଭାବେ ଅନଧିକୃତ ରାସ୍ତାପାର୍ଶ୍ୱ ଦୋକାନୀମାନଙ୍କୁ ଚିହ୍ନଟ କରିବା ସହ ଥଇଥାନ କରିବା ଲାଗି କ□ୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେବା ପରେ ମହାସଂଘ ତରଫରୁ ୭ ଓ ୮ ତାରିଖରେ ଦିଆଯାଇଥିବା ଆନ୍ଦୋଳନ ଡାକରାକୁ ସାମୟିକ ଭାବରେ ପ୍ରତ୍ୟାହୃତ କରାଯାଇଛି ବୋଲି ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ମହାସଂଘର ଉପସଭାପତି ସୂର୍ଯ୍ୟମଣି ସାହୁ, ବିପିନ ଜେନା, ସମ୍ପାଦକ ଅନୁଜ କୁମାର ପ୍ରଧାନ, ଲଲାଟ କୁମାର ଓଝା, ସସ୍ମିତା ସାହୁ, ପ୍ରଦୀପ କୁମାର ସାହୁ, ଭାରତୀ ସେଠୀ ଓ ସୁମନ ପୃଷ୍ଟି ପ୍ରମୁଖ ସାମିଲ୍ ହୋଇଥିଲେ।

## ଭାଗବତ ଟୁଙ୍ଗୀର ଜନ୍ମୋତ୍ସବ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ମା’ ବୁଢ଼ୀଜାଗୁଳାଇଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ଭାଗବତ ଟୁଙ୍ଗୀର ଦ୍ୱାଦଶତମ ଜନ୍ମୋତ୍ସବ ଗତକାଲି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରୁ ଭାଗବତ ଗାଦିକୁ ପୂଜାର୍ଚ୍ଚନା କରାଯିବା ସହିତ ମା’ ବୁଢ଼ୀ ଜାଗୁଳାଇଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଭାଗବତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ତ୍ରିନାଥ ମେଳା କରାଯିବା ସହିତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଉପସ୍ଥିତ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍



ପୁରୀ (ଭାସ୍କର ନ୍ୟୁଜ): ଆରକ୍ଷୀ ଅଧିକ୍ଷକ ବିନିତୀ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକାଦଶ ବନାମ ସାମ୍ବାଦିକ ଏକାଦଶ ମଧ୍ୟରେ ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ପୋଲିସ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଲ କୁମାର ମିଶ୍ର ପୋଲିସ ଏକାଦଶର ଅଧିନାୟକ ରହିଥିଲେ । ସେହିପରି ସାମ୍ବାଦିକ ଏକାଦଶର ଅକ୍ଷୟ କୁମାର ମିଶ୍ର ଅଧିନାୟକତ୍ୱ କରିଥିଲେ। ପ୍ରଥମେ ପୋଲିସ ଏକାଦଶ ବ୍ୟାଟିଂ କରି ୧୧୭ ରନ କରିଥିଲା । ଜବାବରେ ସାମ୍ବାଦିକ ଏକାଦଶ ବିଜୟଲକ୍ଷ୍ୟ ୧୧୮ ରନର ପିଛା କରି ୧୧୪ ରନ କରିଥିଲେ। ଶେଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ଚରଣ ପତି ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମସ୍ତ ଖେଳର ଆୟୋଜନ ଆରଆଇ ଚିତ୍ତରଞ୍ଜନ ମହାନ୍ତି କରିଥିଲେ। ଉଡାନ ବାସ୍କ, ସୁନୀଲ ପ୍ରଧାନ, ସମୀର ସ୍ୱାଇଁ ଓ ଅନେକ ସାମ୍ବାଦିକ ଉପସ୍ଥିତ ରହିଥିଲେ।



ନିଆଳି, (ଭାସ୍କର ନ୍ୟୁଜ): ପ୍ରାଚୀ ମା' ସରସ୍ୱତୀଙ୍କ ଗୌରବୋଜ୍ଜଳ ଐତିହ୍ୟ ସାଂସ୍କୃତିକ ବୈଭବ ଓ ଧର୍ମୀୟ ଚେତନାର ଅଭ୍ୟୁଦୟ ପାଇଁ ଧାର୍ମିକ ଜଗତର ପ୍ରଖ୍ୟାତ ସାରସ୍ୱତ ସାଧକ ପରମହଂସ ପ୍ରଜ୍ଞାନାନଂଦ ଜୀ ମହାରାଜଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପରିଚାଳିତ ହୋଇଆସୁଥିବା ମା' ପ୍ରାଚୀ ସରସ୍ୱତୀଙ୍କ ପରିକ୍ରମା ଚତୁର୍ଦ୍ଦଶ ବର୍ଷରେ ଉପନୀତ ହୋଇଛି। ଫେବୃଆରୀ ୧୮ ତାରିଖରେ ଅନ୍ଧକପିଳେଶ୍ୱର ପୀଠରୁ ସଂକଳ୍ପ କରାଯାଇ ପରିକ୍ରମା ପ୍ରାରମ୍ଭ କରାଯିବ। ଏ ସଂକ୍ରାନ୍ତରେ ବିଷଦ ଆଲୋଚନା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ନୂଆଗାଁସ୍ଥିତ ରାଧାକାନ୍ତ ମଠ ପରିସରରେ ଦାମ ବାବାଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ପ୍ରାକ୍ତନ ବ୍ଲକ୍ ଅଧକ୍ଷ ନ୍ୟାୟବ୍ରତ ରାଉତ ପରମହଂସ ଶ୍ରୀ ଶ୍ରୀ ପ୍ରଜ୍ଞାନାନଂଦ ଜୀ ମହାରାଜଙ୍କ ପ୍ରାଚୀ ମା' ସରସ୍ୱତୀଙ୍କ ପରିକ୍ରମାରେ ବ୍ୟାପକ ଜନସମ୍ପୃକ୍ତି ଓ ବ୍ୟାପକ ଜନଜାଗରଣ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତବର୍ଷ ଏ ପରିକ୍ରମାର ଭବ୍ୟ ଆୟୋଜନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ବୈଠକରେ ପ୍ରାଚୀ ପରିକ୍ରମାର ପ୍ରମୁଖ ସଞ୍ଚାଳକ ନନ୍ଦ ବାବା ଯୋଗଦେଇ ପରମହଂସ ପ୍ରଜ୍ଞାନାନଂଦ ଜୀ ମହାରାଜଙ୍କ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସଚନ୍ଦ୍ର ପାଣି ଏବଂ ଅନ୍ୟମାନେ ଅଂଶଗ୍ରହଣ କରି ବ୍ୟାପକ ପ୍ରଚାରପ୍ରସାର, ଜନ ସଚେତନତା ଓ ପରିକ୍ରମାରରେ ସ୍ଥାନୀୟ ଜନସାଧାରଣଙ୍କ ବିପୁଳ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ।

# ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସ ଉପଲକ୍ଷେ ଶୋଭାଯାତ୍ରା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଡିଆଇବି) ଜ୍ୟୋତିର୍ମୟ ଭୁକ୍ତା ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଧରଣୀଧର ବିଶ୍ୱବିଦ୍ୟାଳୟର ଏନଏସ୍ଏସ୍, ଏନସିସି ଛାତ୍ରଛାତ୍ରୀ, ଯୁବ ରେଡ଼କ୍ରସ ଛାତ୍ରଛାତ୍ରୀ, ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ଆରଟିଓ ଅଫିସ କର୍ମଚାରୀ ଏବଂ ଜନସାଧାରଣ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପ୍ଲାକାର୍ଡ଼ ଜରିଆରେ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଗାଡ଼ି ଚଲାଇବା ବେଳେ ହେଲମେଟ ବ୍ୟବହାର କରିବା, ଦ୍ରୁତ ବେଗରେ ଗାଡ଼ି ଚଲାଇବା ନାହିଁ, ଟ୍ରାଫିକ ନିୟମ ପାଳନ କରିବା, ଗାଡି ଚଲାଇବା ବେଳେ ସିଟ ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ଚଲାଇବା ନାହିଁ, କ୍ଷମତାଠାରୁ ଅଧିକ ଓଜନର ମାଲ ପରିବହନ ନ କରିବା, ମାଲ ବୁହା ଗାଡ଼ିରେ ଯାତ୍ରୀ ପରିବହନ ନ କରିବା, ୧୮ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡ଼ି ଚଲାଇବାକୁ ନ ଦେବା, ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନରେ କଥା ହେବାନାହିଁ ବୋଲି ସ୍ଲୋଗାନ ଏବଂ ଲିଫ୍ଟ ଦେଇ ସଚେତନତା ଶୋଭାଯାତ୍ରା କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ଗୋପାଳ କୃଷ୍ଣ ଦାସ, ଓଏସ୍ଆରଟିସି ଡିଟିଏମ୍ ଗୌରବ ଜେନା, ଟିଆଇ ସୁକୁରାମ ସୋରେନ, ରୋଡ଼ ସେଫ୍ଟି ଅଫିସର ରାଜେଶ କୁମାର ସେଠୀ, ଧରଣୀଧର ବିଶ୍ୱବିଦ୍ୟାଳୟର ଏନଏସ୍ଏସ୍ କୋଅର୍ଡ଼ିନେଟର ଡକ୍ଟର ସରୀତା ନାୟକ, ଜିଲ୍ଲା ଯୁବ ରେଡ଼କ୍ରସ କନଭେନର କମ ସେକ୍ରେଟାରୀ ଡକ୍ଟର ମମତା ମଞ୍ଜରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରାସ୍ତା, ହାଟ ଏବଂ ଭିଡ଼ ସ୍ଥାନରେ ପଥପ୍ରାନ୍ତ ନାଟକ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର କରାଯାଇ ଗାଡ଼ିଚାଳକ, ଲୋକ ମାନଙ୍କୁ ସଚେତନ କରାଯାଉଛି। "ସଡ଼କ ସୁରକ୍ଷା ଜୀବନ ରକ୍ଷା" ପ୍ରତି ସମସ୍ତେ ସଚେତନ ହେଲେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଇବ। ନିୟମଗୁଡ଼ିକୁ ନ ମାନିଲେ ଜରିମାନା ସହ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ରହିଛି ବୋଲି ଆରଟିଓ ଇଂ.ଗୋପାଳକୃଷ୍ଣ ଦାସ ସୂଚନା ଦେଇଛନ୍ତି।

## ବିଦ୍ୟୁତ ଟ୍ରାନ୍ସଫର୍ମର ଫାଟି ୨ଶ୍ରମିକ ଗୁରୁତର

ତିହିଡି, (ଭାସ୍କର ନ୍ୟୁଜ): ଭଦ୍ରକ-ଧାମରା ରେଳପଥର ଗୁରୁଦାସପୁର ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଫାଟି କାର୍ଯ୍ୟରତ ଦୁଇ ଶ୍ରମିକ ଗୁରୁତର ହୋଇଥିବା ଜଣାଯାଇଛି। ନିଆଁରେ ପୋଡ଼ିଯାଇ ଗୁରୁତର ଆହତ ହେବା ପରେ ତାଙ୍କୁ ତିହିଡି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରମିକଙ୍କ ନାଁ ଗୋବିନ୍ଦ ସାଉଁଆ (୩୫) ଏବଂ ସୁରେଶ ତୋଭିଡ (୩୨)। ଉଭୟଙ୍କ ଘର ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାରେ। ସୁରେଶଙ୍କ ଘର ଦୋଲକି ଏବଂ ଗୋବିନ୍ଦଙ୍କ ଘର ବନାମଟୁ ଗ୍ରାମରେ ବୋଲି ଜଣାଯାଇଛି। ତିହିଡି ଡାକ୍ତରଖାନାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁଦାସପୁର ନିକଟରେ ରେଳପଥର ମରାମତି କାର୍ଯ୍ୟ ଚାଲିଥିଲା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମରର ମଧ ମରାମତି ହେଉଥିଲା। କୌଣସି କାରଣରୁ ଟ୍ରାନ୍ସଫରମରଟି ହଠାତ୍ ଫାଟି ଜଳି ଯାଇଥିଲା। ଫଳରେ ଟ୍ରାନ୍ସଫରମର ନିକଟରେ ଥିବା ଦୁଇଶ୍ରମିକ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିଲେ। ପରେ ଗୁରୁତର ଶ୍ରମିକଙ୍କୁ ଚିକିତ୍ସା ପାଇଁ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲା। ତେବେ କେଉଁ କାରଣରୁ ବିଦ୍ୟୁତ ଟ୍ରାନ୍ସଫରମର ଫାଟିଲା ତା'ର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ପଞ୍ଚଦୀବସିୟ ଆବାସିକ ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ତାଲିମ ଶିବିର




ବାରିପଦା, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାରେ ବିଭିନ୍ନ ସାଧାରଣ ବିଦ୍ୟାଳୟରେ ୭୮୬୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷାର ଗୁଣାତ୍ମକ ବୃଦ୍ଧି ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ତାଲିମ ପ୍ରଦାନ କରିବା ପାଇଁ ଜିଲ୍ଲାସ୍ତରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ପ୍ରସ୍ତୁତ କରାଯାଇଛି। ଏହି ତାଲିମ ଶିବିର ପାଞ୍ଚଦିନ ଧରି ତିନୋଟି ପର୍ଯ୍ୟାୟରେ ୪ ତାରିଖ ଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଲାଲବଜାର ବିଦ୍ୟାଳୟଠାରେ ଚାଲୁ ଅଛି। ପ୍ରଥମ ପର୍ଯ୍ୟାୟରେ ତିରିଂ, ବିଜାତଳା, କରଞ୍ଜିଆ, ବିଶୋଇ, ବଡ଼ସାହି, ଶାମାଖୁଣ୍ଟା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି ଓ ଯଶିପୁର ବ୍ଲକରୁ ୪୫ ଜଣ ଶିକ୍ଷକଶିକ୍ଷୟତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ଜିଲ୍ଲାରୁ ୨୬ ଗୋଟି ବ୍ଲକ୍‌ରୁ ୧୩୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ତାଲିମ ଗ୍ରହଣ କରିବେ। ଉକ୍ତ ତାଲିମ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ନିରଞ୍ଜନ ନାୟକ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷାତ୍ରୀ ଭାବେ ବାରିପଦାର ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ରେଖାରାଣୀ ଦାସ, ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୋମ୍ୟ ଦାଶ, କପ୍ତିପଦା ବ୍ଲକ୍ ଅନ୍ତର୍ଗତ ବଡଝାଡ଼ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ସୋଲଗଡ଼ିଆ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ବେହେରା ଓ ଉଦଳା ବ୍ଲକ୍ ଅନ୍ତର୍ଗତ ମେଣ୍ଢାଖାଇ ସରକାରୀ ଉଚ୍ଚବିଦ୍ୟଳୟର ସହକାରୀ ଶିକ୍ଷକ ଅଜୟ କୁମାର ପଣ୍ଡା ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ବୀରେନ୍ଦ୍ର କୁମାର ସାହୁ ଓ ଦିଲୀପ କୁମାର ଦାଶ ପ୍ରମୁଖ ତାଲିମ ପରିଚାଳନାରେ ସହଯୋଗ ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ ୨ମୃତ ଜଣେ ଗୁରୁତର

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଦ୍ରୁତ ଗତିରେ ଓ ବେପରୁଆ ଭାବେ ବାଇକ୍ ଚଲାଇବା କାରଣରୁ ଘଟଣା ସ୍ଥଳରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ସୂଚନାଯୋଗ୍ୟ ଚାନ୍ଦପୁର ଥାନା କନ୍ଧ ନୟାଗଡ଼ ଛକ ନିକଟରେ ଥିବା ସର୍ଭିସ ରୋଡ଼ ଦିବାଲରେ ପିଟି ହୋଇଗଲା ବାଇକ୍। ଏହି ବାଇକ୍‌ରେ ଥିଲେ ୩ ଯୁବକ, ଜଣେ ବାଇକ୍ ଚାଳକ ହୋଇଥିବା ବେଳେ ଅନ୍ୟ ୨ ଜଣ ବାଇକ୍ ଆରୋହୀ ଥିଲେ। ଘଟଣା ସ୍ଥଳରେ ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ଗ୍ରାମର ସ୍ୱାଧୀନ ଜେନା ଓ ରାଜା ଦଳେଇ ଙ୍କର ମୃତ୍ୟୁ ହୋଇଛି ଏବଂ ଚାନ୍ଦପୁର ଥାନା କନ୍ଧନୟାଗଡ଼ ଗ୍ରାମର ପପୁ ଜେନା ଗୁରୁତର ଆହତ ହୋଇ ଏବେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏମାନେ ସମସ୍ତେ ବନ୍ଧୁ ଅଟନ୍ତି, ୩ ବନ୍ଧୁ ଏକ ବାଇକ୍ ଯୋଗେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ଦ୍ରୁତ ଗତିରେ ଓ ବେପରୁଆ ଭାବେ ବାଇକ୍ ଚଲାଇବା କାରଣରୁ ଏପରି ଦୁର୍ଘଟଣା ଘଟିଥିବା ଚାନ୍ଦପୁର ଥାନା ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ବରିଷ୍ଠ କଳାକାରଙ୍କ ସ୍ମୃତିସଭା



ରଘୁନାଥପୁର, (ଭାସ୍କର ନ୍ୟଜ୍): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ଗ୍ରାମର ବରିଷ୍ଠ ତଥା ବିଶିଷ୍ଟ କଳାକାର ବିପିନ ବିହାରୀ ନାୟକଙ୍କ ଗତକାଲି ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରଣ ଓଡ଼ପଡ଼ା ପଞ୍ଚାୟତର ସରପଞ୍ଚ ଶିବରାମ ସାହୁ, ସମିତି ସଭ୍ୟା ପ୍ରିୟତମା ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌତମ ପାଲିତ, ବରିଷ୍ଠ ସାମ୍ବାଦିକ ପ୍ରଦିପ୍ତ କୁମାର ନାୟକ, ଯୁବ ନେତା ପ୍ରତାପ ପଟ୍ଟନାୟକ, ବିଷ୍ଣୁ ଚରଣ ମହାନ୍ତି, ସଞ୍ଜୟ କୁମାର ପାତ୍ର, ଅରକ୍ଷିତ ମଲ୍ଲିକ, ପୁତ୍ର ଦେବୀଦତ୍ତ କୃଷ୍ଣ ପ୍ରସାଦ ନାୟକ, ଦେବୀଦତ୍ତ ରାମ ପ୍ରସାଦ ନାୟକ, ଦେବୀଦତ୍ତ ଶିବ ପ୍ରସାଦ ନାୟକ, ଦିପ୍ତୀମୟୀ ମହାନ୍ତି, ସୀତା ନାୟକ, ଗୀତାଞ୍ଜଳୀ ନାୟକ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଅଶୀ ଦଶକର ଏହି ମହାନ କଳାକାର ବର୍ଷବର୍ଷ ଧରି ଅବହେଳିତ ଅବସ୍ଥାରେ ଦୁର୍ଦ୍ଦିନରେ ରହିଥିଲେ ବି ସରକାର ଏଥିପ୍ରତି ନିରବଦ୍ରଷ୍ଟା ସାଜିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କହିଥିଲେ। ସେ ଜଣେ ଧାର୍ମିକ, ସରଳ, ଦୟାଳୁ, କର୍ମବୀର ଓ ଆତ୍ମ ସ୍ୱାଭିମାନି ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଏହି ଅଞ୍ଚଳ ଜଣେ ମହାନ୍ କଳାକାରଙ୍କୁ ହରାଇଲା ବୋଲି ସ୍ମୃତିଚାରଣ କରିଥିଲେ।

# ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରକାଶ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱବଧାନରେ ଜାନୁଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଶୁଣାଣି ଶିବିର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜାନୁଆରୀ ମାସର ପ୍ରଥମ ସୋମବାର ୬ ତାରିଖ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକ୍‌ର ଜନ ସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ। ସେହିପରି ଜାନୁଆରୀ ମାସ ଦ୍ୱିତୀୟ ସୋମବାର ୧୩ ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକ୍‌ର ଜନ ସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସେହିପରି ତୃତୀୟ ସୋମବାର ଅର୍ଥାତ ୨୦ ତାରିଖ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୭ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ରଗୁଡ଼ିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଜଣାଇଛନ୍ତି।

## ଆଦିଶକ୍ତି ଯୁବ ପରିଷଦ ପକ୍ଷରୁ କମ୍ବଳ ବଣ୍ଟନ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଅଧିନସ୍ଥ ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ପୁରୋହିତ ଗ୍ରାମରେ ବସବାସ କରୁଥିବା ପ୍ରାୟ ୮୦ଜଣ ବୃଦ୍ଧବୃଦ୍ଧାଙ୍କୁ ନବବର୍ଷ ଅବସରରେ ଆଦିଶକ୍ତି ଯୁବ ପରିଷଦ ପକ୍ଷରୁ କମ୍ବଳ ବଣ୍ଟନନ କରାଯାଇଛି। ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ସସ୍ମିତା ଦାସ, ଅଭିଳାଷ ଚନ୍ଦ୍ର ସାହୁ, ରତ୍ନାକର ନାୟକ ଏବଂ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ। ଯୁବ ପରିଷଦର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

## ଜେଜେମା ଓ ଜେଜେବାପା ସମ୍ମିଳନୀ

ଫୁଲନଖରା, (ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ରାୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପ ଓ ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ




ଅତିଥି ଭାବେ ଭାରତୀୟ ପୂର୍ବକ୍ଷେତ୍ରର ସଂସ୍କୃତି ସଂଯୋଜକ ନୃସିଂହଚରଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସମ୍ପାଦକ ମାନସରଞ୍ଜନ ପଣ୍ଡା, ସହସମ୍ପାଦକ ନିହାରରଞ୍ଜନ ରାଉତରାୟ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିଆଁ ଲାଗି ତିନି ଧାନଗଦା ପାଉଁଶ



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ୍ ସିନ୍ଧିଗୁଡା ପଞ୍ଚାୟତ ଅନ୍ତର୍ଗତ ଜେଟୁଗୁଡା ଗ୍ରାମର ତିନି ଧାନ କୂପାରେ ନିଆଁ ଲାଗି ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ଶୁକ୍ରବାର ରାତିରେ କୌଣସି ଅସାବଧାନତା ଯୋଗୁଁ ଜମିରେ ଥିବା ଧାନ କୂପାଗୁଡିକରେ ନିଆଁ ବ୍ୟାପୀ ଯାଇଥିଲା। ଜନୈକ ବ୍ୟକ୍ତି ନିଆଁ ଲାଗିବାର ଦୃଶ୍ୟ ଦେଖି ଧାନ ମାଲିକ ସ୍ଥାନୀୟ ଭୀମ ବିଷୋୟୀଙ୍କୁ ଜଣାଇଥିଲେ। ଭୀମ ବିଷୋୟୀ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ନବରଙ୍ଗପୁର ଅଗ୍ନିଶମ ସେବା କେନ୍ଦ୍ରକୁ ଜଣାଇଥିଲେ। ଦମକଳ ବାହିନୀ ପହଞ୍ଚିବାରେ ସାମାନ୍ୟ ବିଳମ୍ବ ହେବାରୁ ତିନୋଟିଯାକ ଧାନ ଗଦା ଜଳି ସମ୍ପୂର୍ଣ ନଷ୍ଟ ହୋଇଯାଇଥିଲା। ପ୍ରାୟ ପାଞ୍ଚ ଏକରରୁ ଉର୍ଦ୍ଧ୍ୱ ଜମିର ଧାନ କୂପାଗଦା ରଖିଥିଲେ। ସେ ସରକାରୀ ବ୍ୟାଙ୍କ ଓ ସାହୁକାରଙ୍କ ଠାରୁ ଋଣ କରଜ କରି ଚାଷ କରିଥିଲେ। ତେଣୁ ପୀଡ଼ିତଙ୍କୁ କ୍ଷତିପୂରଣ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

# ଓଡ଼ିଆ ବିଭାଗର ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତକୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ସାମାଜିକ ଦାୟବଦ୍ଧତା ଓ ଆଧୁନିକ ଓଡ଼ିଆ ସାହିତ୍ୟ' ଶୀର୍ଷକ ଏହି ଆଲୋଚନା ଚକ୍ରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସାହିତ୍ୟରେ ସାମାଜିକ ଦାୟବଦ୍ଧତା ଏକ ଅନୁଭୂତି ଲବ୍ଧ ବାସ୍ତବତା ବୋଲି ଅଭିହିତ କରିଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ସୁନାମଧନ୍ୟ ଗବେଷକ ତଥା ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁ ଯୋଗଦାନ କରି ସାହିତ୍ୟର ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା ସମ୍ବନ୍ଧରେ ଏକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ପରିଷଦର ସଦସ୍ୟ ପ୍ରଫେସର ରାଜେଶ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଭଳି ଏକ ଆଲୋଚନା ଚକ୍ରରେ ଯୋଗଦାନ କରିଥିବାରୁ ଆନନ୍ଦ ବ୍ୟକ୍ତ କରିଥିଲେ। ଆଲୋଚନା ଚକ୍ରର ଆବାହକ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ବବ୍ରୁବାହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ସମାରୋହରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ବିଶ୍ୱବିଦ୍ୟାଳୟ ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ବିଶ୍ୱ ବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଏହି ଦୁଇଦିବସୀୟ ଜାତୀୟ ସମ୍ମାନରେ ପ୍ରଥମ ଦିବସର ବିଷୟ ଭିତ୍ତିକ ଆଲୋଚନା କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନଟବର ଶତପଥୀଙ୍କ ସଭାପତିତ୍ୱରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନର ସହକାରୀ ପ୍ରଫେସର ଡ. ଇନ୍ଦ୍ରମଣି ସାହୁ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ସମ୍ବଲପୁରର ସହକାରୀ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା, ଝାଡ଼ଖଣ୍ଡ କୋହ୍ଲାଣ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ମନୋଜ ମହାପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ସମୀର ଭୋଇ, ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରଫେସର ଜୟନ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଅପରାହ୍ନର ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଞ୍ଜନ କୁମାର ସେଠୀ, କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସୁମନ୍ତ ନାୟକ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗିରିପୋଷିର ପ୍ରାଧ୍ୟାପକ ଡ. ନିର୍ମଳଚନ୍ଦ୍ର ସାହୁ, ବହରାଗୋଡ଼ା ମହାବିଦ୍ୟାଳୟ ଝାଡ଼ଖଣ୍ଡର ସହକାରୀ ପ୍ରଫେସର ଡ. ବାଳକୃଷ୍ଣ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧ ଆଲୋଚନା ଚକ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପାରଦର୍ଶୀ ପ୍ରଫେସର ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଆଗତ ଗବେଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରବନ୍ଧ ପାଠର କାର୍ଯ୍ୟକ୍ରମ ରହିଛି। ଏହାର ସମୀକ୍ଷକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜଗତ୍‌ବନ୍ଧୁ ଆଚାର୍ଯ୍ୟ ଓ ଡ. ଅବନୀ କୁମାର କୁଣ୍ଡୁ ରହିଛନ୍ତି। ସେହିଭଳି ଅପରାହ୍ନର ଆଲୋଚନାଚକ୍ରରେ ସଭା ମୁଖ୍ୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ର. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ପ୍ରବନ୍ଧ ପାଠର କାର୍ଯ୍ୟକ୍ରମ ରହିଛି। ଏହାକୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ବଶା ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ର. ଦେବାଶିଷ ପାତ୍ର ସମୀକ୍ଷା କରିବେ।




# ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବନ୍ଧୁମିଳନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଉପଖଣ୍ଡ ଅଚିନ୍ତାମଠ ଠାରେ କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୟସର ସୀମାକୁ ପଛରେ ପକାଇ ମୋଟ ୬୩ ଜଣ ଅବସରପ୍ରାପ୍ତ କର୍ମଚାରୀ ସୁଦୂର ଭୁବନେଶ୍ୱର, ଯାଜପୁର, ଆନନ୍ଦପୁର, ଚମ୍ପୁଆ ଓ କେନ୍ଦୁଝର ସମେତ ବିଭିନ୍ନ ସ୍ଥାନରୁ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଶୁକଦେବ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ୨୦୨୪ ମସିହାରେ ମୃତ୍ୟୁବରଣ କରିଥିବା ସଦସ୍ୟ ନଟବର ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ପ୍ରାର୍ଥନା କରାଯାଇ ଥିଲା। ୨୦୨୪ ମସିହାରେ ଅବସର ଗ୍ରହଣ କରିଥିବା ଅନନ୍ତ କିଶୋର ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ନାଥ ମୁଣ୍ଡାରୀ, ଭାନୁ ଶେଖର ଜେନା, ଗଜେନ୍ଦ୍ର ସେଠୀ ଓ ଯୁଧିଷ୍ଠିର ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଶୁକଦେବ ସାହୁ(୮୧) ଓ ବିକାଶ ରଞ୍ଜନ ଦାସ(୭୫) ଉକ୍ତ ବୈଠକରେ ଯୋଗ ଦେଇଥିବାରୁ ସେମାନଙ୍କୁ ସଂଘ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ କେନ୍ଦୁଝର ସହରରେ ଥିବା ମଠ ଓ ମନ୍ଦିର ପରିଷ୍କାର କରିବା, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିବା, ଗରିବ ଶ୍ରେଣୀର ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିବା ଓ ଖରାଦିନେ ଥଣ୍ଡା ପାନୀୟ (ଦହି ସରବତ) ବାଣ୍ଟିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଘର ସଭାପତି କିଶୋର ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସମ୍ପାଦକ ମୀନକେତନ ନାୟକ ଓ ସଭ୍ୟ ସୀତାନାଥ ମହାନ୍ତି, ବସନ୍ତ କୁମାର ସାହୁ, ସୁନିଲ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।



ନିଆଳି, (ଭାସ୍କର ନ୍ୟୁଜ): ଓଡ଼ିଶାରେ ଯାତ୍ରା କରୁଥିବା ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ପାଦୁକା ରଥ ଶୁକ୍ରବାର ସନ୍ଧ୍ୟା ୬ଟାରେ ବଙ୍ଗାଳୀ ସାହି ଠାରେ ପହଞ୍ଚିଥିଲା। ସେଠାରେ ନିଆଳି ବାସୀଙ୍କ ତରଫରୁ ରଥକୁ ସ୍ୱାଗତ କରାଯାଇ ନିଆଳି ବଜାର ଦେଇ ଡାଃ ଚିତ୍ତରଞ୍ଜନ ମିଶ୍ରଙ୍କ ବାସଗୃହରେ ପୂଜାର୍ଚ୍ଚନା ଓ ଚିତ୍ତରଞ୍ଜନ ସେବାସଦନ ଠାରେ ସ୍ୱଳ୍ପ ରହଣୀ ପରେ ଟୋଲାଗୋପୀନାଥପୁର ଯାଇ ହନୁମାନ ପଡ଼ିଆ ଠାରୁ ଶୋଭାଯାତ୍ରାରେ ନଗର କୀର୍ତ୍ତନ ସହ ରୀମା କ୍ରିଏସନ୍ ପରିସରରେ ପହଞ୍ଚି ଭଜନ ଓ ପୂଜା କାର୍ଯ୍ୟକ୍ରମ ପରେ ସେଠାରେ ରାତ୍ରରହଣି ହୋଇଥିଲା। ପରଦିନ ଭୋରରୁ ଯଥାବିଧି ଦୈନିକ ପୂଜାର୍ଚ୍ଚନା ପରେ ପୁଷ୍ପସଜା ହୋଇ ୯ଟାରେ ଯାତ୍ରାରମ୍ଭ କରି ନିଆଳି ପବ୍ଲିକସ୍କୁଲରେ ଆସି ପହଞ୍ଚିଥିଲେ। ସ୍କୁଲ ପରିସରରେ ରଥକୁ ସ୍ୱାଗତ ଓ ପୂଜାର୍ଚ୍ଚନା କରାଯିବା ପରେ ଦିନାସିଂପାଟଣା ଗ୍ରାମକୁ ଯାତ୍ରା କରିଥିଲା। ସେଠାରେ ଭକ୍ତ ଏବଂ ଅଞ୍ଚଳବାସି ଖୁବ୍ ଆନନ୍ଦ ଉଲ୍ଲାସରେ ବନ୍ଦାପନା ପୂର୍ବକ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟସାଇ ସଙ୍ଗଠନର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ସାହୁ ଏବଂ ବୈରାଗୀ ଚରଣ ଦାସ ପରିଚାଳନା କରିଥିଲେ। କଟକ ଜିଲ୍ଲା ସତ୍ୟସାଇ ସଙ୍ଗଠନର ବେଦ ଦାୟିତ୍ୱ ନିର୍ବାହକ ରାମଚନ୍ଦ୍ର ଜେନା କଟକ ଜିଲ୍ଲାର ଦିବ୍ୟ ପାଦୁକା ରଥ ଯାତ୍ରାର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସହଯୋଗୀ ରବୀନ୍ଦ୍ରନାଥ ସାହୁ ଏବଂ ରଥ ବାହକ ତଥା ସାରଥୀ ଦାୟିତ୍ୱ ତୁଲାଉଛନ୍ତି ପ୍ରଦୀପ ଭାଇ ଓ ଲକ୍ଷ୍ମୀଧର ଭାଇ। ସାରା ଓଡ଼ିଶାରେ ଏହି ଦିବ୍ୟ ପାଦୁକା ରଥ ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା କରାଯାଉଅଛି।



# ଶେଷ ହେଲା ୩୧ତମ ଧମାକା ମହୋତ୍ସବ



ବେତନଟୀ, (ଭାସ୍କର ନ୍ୟୁଜ):ଦର୍ଶକଙ୍କ ମେଳାରେ ଶେଷହେଲା ୩୧ତମ ଧମାକା ମହୋତ୍ସବ। ଗତ ୩୧ତାରିଖରୁ ଆରମ୍ଭ ହେଇଥିବା ଧମାକା ମହୋତ୍ସବ ଶେଷ ହେଇଛି ୩ତାରିଖରେ। ଶେଷ ଦିବସରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଯୋଗଦାନ କରିଥିଲେ। ଧମାକା ମହୋତ୍ସବର ମୁଖ୍ୟ ଆକର୍ଷଣ ସୁନ୍ଦର୍ ପ୍ରତିଯୋଗିତା ୱାଇ.ଏମ୍.ଏ କ୍ୱିନ୍‌ରେ ଦୁଇଜଣ ପ୍ରଥମ ପୁରସ୍କାର ପାଇଥିଲେ। ସେମାନେ ହେଲେ ଦିବ୍ୟଙ୍କା ପରମାଣିକ୍ ଏବଂ ରୂପାଲି ମହାପାତ୍ର। ୱାଇ.ଏମ୍.ଏ କ୍ୱିନ୍ ପ୍ରତିଯୋଗିତା ଦର୍ଶକମାନଙ୍କ ମନକୁ ଜିଣିଥିଲା। ଏହିବର୍ଷ ପର୍ସନ ଅଫ୍ ଦି ଇୟର ଭାବରେ ପୂର୍ଣ୍ଣଚନ୍ଦ୍ର ଦାସ (ପୁନ ଭାଇ)ଙ୍କୁ ସମ୍ମାନିତ କରିଥିଲେ ମୁଖ୍ୟ ଅତିଥି। ପୁନ ଭାଇ ଦୀର୍ଘ ୪୦ବର୍ଷ ଧରି ବେତନଟୀର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଇ ଆସୁଛନ୍ତି। ପରିଣତ ବୟସରେ ମଧ୍ୟ ସେ ତାଙ୍କର ସେବା ଯୋଗାଇ ଆସୁଥିବାରୁ ସେ ଲୋକମାନଙ୍କର ମନକୁ ଜିଣିପାରିଛନ୍ତି। ଧମାକା ମହୋତ୍ସବର ଶେଷ ରାତିରେ ଦର୍ଶକଙ୍କ ମନମୁଗ୍ଧ କରିଥିଲେ ଓଡ଼ିଶା ଚଳଚ୍ଚିତ୍ର ଜଗତର ଜଣାଶୁଣା ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଏବଂ ସାଥି। ଶେଷରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିବା ବେତନଟୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ, ସାମ୍ବାଦିକ ବନ୍ଧୁ, ପୋଲିସ ପ୍ରଶାସନ ତଥା ୱାଇ.ଏମ.ଏର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ସଭାପତି ରାଜେଶ ନାୟକ ଏବଂ ଚେୟାରପର୍ସନ ପ୍ରଦୀପ କୁମାର ସାମଲ।

# ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରାକ-ପ୍ରସ୍ତୁତି ବୈଠକ





କେନ୍ଦୁଝର, (ଭାସ୍କର ନ୍ୟୁଜ):କେନ୍ଦୁଝର ଜିଲ୍ଲାସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ ଅଧ୍ୟକ୍ଷତା କରିବା ସହ ଏହି ଜାତୀୟ ଦିବସକୁ ବିପୁଳ ଆନନ୍ଦଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ପରାମର୍ଶ ଦେବା ସହ ଉପସ୍ଥିତ କେନ୍ଦୁଝରର ନାଗରିକମାନଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଆଲୋକ କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ରବୀନ୍ଦ୍ର କୁମାର ମଲ୍ଲିକ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ, ବସନ୍ତ କୁମାର ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ବୈଠକରେ ଚଳିତ ସାଧାରଣତନ୍ତ୍ର ଦିବସ -୨୦୨୫ ଜାତୀୟ ଉତ୍ସବ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟ ରଖି ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ସର୍ବୋପରି ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିରୀକୃତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମ ଠାରେ ୨୬ ଜାନୁଆରୀ ସାଧାରଣତନ୍ତ୍ର ପ୍ରତ୍ୟୁଷରେ ରାମଧୂନ, ସକାଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରୀ, ସକାଳ ୭:୦୦ ରୁ ୭:୩୦ ଘଟିକା ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ପତାକା ଉତ୍ତୋଳନ, ସକାଳ ୮:୦୦ ଘଟିକାରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥି ସକାଳ ୮.୩୦ ମିନିଟ ସମୟରେ ଜାତୀୟପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ ଓ ଉଦବୋଧନ ପ୍ରଦାନ କରିବେ। ପରେ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସାର୍ଥକ ରାୟ କେନ୍ଦୁଝର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ସବିଶେଷ ଆଲୋଚନା ପରେ, ପୂର୍ବବର୍ଷର ସମସ୍ତ କାର୍ଯ୍ୟ ବିବରଣୀ ଦ୍ୱାରା ଏବର୍ଷର କାର୍ଯ୍ୟକ୍ରମ ମାନ ସ୍ଥିରୀକୃତ ହୋଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। କବି ସମ୍ମିଳନୀ, ବିସ୍କୁଟ-ମିଷ୍ଟାନ୍ନ ବଣ୍ଟନ, ପୁରସ୍କାର ବିତରଣୀ ଉତ୍ସବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଆଲୋଚନା କରି ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଯଥାରୀତି ଦାୟିତ୍ୱ ନେବା ବିଷୟରେ ଅବଗତ କରାଇଥିଲେ। ଅଭ୍ୟାସ ପ୍ୟାରେଡ଼ ଚଳିତ ମାସ ୨୨, ୨୩ ଓ ୨୪ ତାରିଖ ସକାଳ ୦୮:୦୦ ଘଟିକାରେ କେନ୍ଦୁଝର ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେବ। ପ୍ୟାରେଡ଼ ପଡିଆ ସଜ୍ଜା, ବ୍ୟାରିକେଡ଼ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଉତ୍ସବ ମଞ୍ଚକୁ ଫୁଲକୁଣ୍ଡରେ ସଜେଇବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟାଳୟକୁ ତ୍ରିରଙ୍ଗା ଆଲୋକ ମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଗଲା। ବୈଠକରେ ରିଜର୍ଭ ପୋଲିସ ଇନ୍ସପେକ୍ଟର, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ (ରାସ୍ତା ଓ ଗୃହ), କେନ୍ଦୁଝର ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ମତପୋଷଣ କରିଥିଲେ। ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାୟ ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଧନ୍ୟବାଦ ଦେବା ସହିତ ସଭା ସାଙ୍ଗ କରିବାକୁ ଘୋଷଣା କରିଥିଲେ।

# ପୀରହାଟ ଥାନାରେ ଅଫିସର ଓ କର୍ମଚାରୀ ଅଭାବ

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ଅଧୀନ ପୀରହାଟ ଥାନାରେ ଆବଶ୍ୟକ ସଂଖ୍ୟକ ଅଫିସର ଓ କର୍ମଚାରୀ ଅଭାବରୁ ଥାନାରେ ଲୋକ ନ୍ୟାୟ ପାଇପାରୁ ନାହାଁନ୍ତି ବୋଲି ଅଭିଯୋଗ ହେଉଛି। ନୂତନ ଥାନା ନିର୍ମାଣ ପରେ ଥାନାର ଚାକଚକ୍ୟ ବୃଦ୍ଧି ପାଇଥିବାବେଳେ ଅଫିସର ଓ କର୍ମଚାରୀଙ୍କ ଅଭାବ ଥାନାର ଗୁରୁତ୍ୱକୁ ହ୍ରାସ କରିବା ପରି ଲାଗୁଛି। ଅଫିସର ଓ କର୍ମଚାରୀମାନଙ୍କ ଅଭାବ ଯୋଗୁଁ ଥାନାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ଉପରେ କାର୍ଯ୍ୟର ଅତ୍ୟଧିକ ଚାପ ପଡୁଥିବା ଜଣାଯାଇଛି। ଏହାଛଡ଼ା ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧାବଜାର ଠାରୁ ଥାନା ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ହୋଇ ନଥିବାରୁ ସନ୍ଧ୍ୟାରେ ଥାନା ରାସ୍ତା ଅନ୍ଧାରରେ ରହୁଛି, ଯାହାଫଳରେ ରାତିରେ ଅଭିଯୋଗକାରୀମାନେ ଥାନାକୁ ଯିବାକୁ ଭୟଭୀତ ହେଉଥିବା ଜଣାଯାଇଛି। ୨୦୨୦ରେ ପୀରହାଟ ଫାଣ୍ଡି ଥାନାର ମାନ୍ୟତା ପାଇଥିଲା। ପରେ ବିନ୍ଧାବଜାରଠାରୁ କିଛି ଦୂରରେ ଥାନା ନୂଆ ରୂପରେଖ ନେଇଥିଲା ଏବଂ ଗତବର୍ଷ ମାର୍ଚ୍ଚ ମାସରେ ନୂତନ ଥାନା ଉଦ୍‌ଘାଟିତ ହୋଇଥିଲା। ତେବେ ଅଗଷ୍ଟ ମାସ ଠାରୁ ନୂତନ ଥାନା କାର୍ଯ୍ୟକ୍ଷମ ହୋଇଥିଲା। ବ୍ଲକର ୧୨ଟି ପଞ୍ଚାୟତ ଏହି ଥାନା ଅଧୀନରେ ଅଛି। ଏହାଛଡ଼ା ପୀରହାଟ ଓ ଗଦି ପରି ୨ଟି ବ୍ୟସ୍ତବହୁଳ ବଜାର ମଧ୍ୟ ଥାନା ଅଧୀନରେ ରହିଛି। ତେବେ ଏହିସବୁ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆବଶ୍ୟକ ଥିବା କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଥାନାରେ ୩ଜଣ ଏସଆଇଙ୍କ ସ୍ଥାନରେ ୨ଜଣ, ୩ଜଣ ଏଏସଆଇଙ୍କ ସ୍ଥାନରେ ଜଣେ ମାତ୍ର କାର୍ଯ୍ୟରତ ଅଛନ୍ତି। ସେହିପରି ଜଣେ ହାବିଲଦାର ଥିବାବେଳେ ସେ ସବୁବେଳେ ୧୧୨ (ଇଆରଏସଏସ) ଭ୍ୟାନରେ ନିୟୋଜିତ ରହୁଛନ୍ତି। ପୂର୍ବରୁ ଥାନାରେ ୧୨ଜଣ କନେଷ୍ଟବଳ ଥିଲେ। ଏବେ ମାତ୍ର ୫ଜଣ ଥିବାବେଳେ ତାଙ୍କ ଭିତରୁ ଜଣେ ୧୧୨(ଇଆରଏସଏସ) ଭ୍ୟାନରେ ଓ ଅନ୍ୟଜଣେ ଭିଏଚଏଫରେ ନିୟୋଜିତ ରହୁଛନ୍ତି। ଅନ୍ୟ ୩ଜଣଙ୍କ ମଧ୍ୟରୁ ୨ଜଣ ମହିଳା କନେଷ୍ଟବଳ। ତେଣୁ ଏତେ କମ୍‌ସଂଖ୍ୟକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବା କଷ୍ଟସାଧ୍ୟ ହେଉଥିବା ଜଣାଯାଇଛି। ଅପରପକ୍ଷେ ମାତ୍ର ୨ଜଣ ହୋମଗାର୍ଡ଼ କାର୍ଯ୍ୟରତ ଅଛନ୍ତି। ଥାନା ଅଧୀନରେ ଥିବା ପଞ୍ଚାୟତ ମଧ୍ୟରୁ ଶ୍ୟାମସୁନ୍ଦରପୁର, ସାହାପୁର, ନରେନ୍ଦ୍ରପୁର, ବାରସର, ଗୋବିନ୍ଦପୁର ପରି ପଞ୍ଚାୟତଗୁଡ଼ିକ ଥାନା ଠାରୁ ୧୦କିମିରୁ ଅଧିକ ଦୂରତାରେ ଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସରକାର ଥାନାରେ ଆବଶ୍ୟକ ଥିବା ଅଫିସର ଓ କର୍ମଚାରୀ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ଭ୍ରମରବର ସ୍ୱାଇଁଙ୍କ ପରଲୋକ

ନିଆଳି, (ଭାସ୍କର ନ୍ୟୁଜ୍): ସିଠାଳ ଦୀପାଞ୍ଚଳ ଶାସନପଦା ଗ୍ରାମର ବାସିନ୍ଦା ଭ୍ରମରବର ସ୍ୱାଇଁଙ୍କ ଗତ ଦୁଇ ତାରିଖ ଗୁରୁବାର ସକାଳେ ୭୩ବର୍ଷ ବୟସରେ ପରଲୋକ ହୋଇଛି। ସ୍ୱର୍ଗତ ସ୍ୱାଇଁ ଦୀର୍ଘବର୍ଷ ଧରି ଜଗତସିଂହପୁର ଜିଲ୍ଲାରେ ଏସଆଇ ଓ ସର୍ବଶିକ୍ଷା ଅଭିଯାନର କୋଅର୍ଡ଼ିନେଟର ଭାବରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ପୁରୀ ସଦର ଡି.ଆଇ ରୂପେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟସ୍ କମ୍ ଅଡିଟ୍ ଅଫସର ରୂପେ କାର୍ଯ୍ୟ କରି ଅନେକ ସୁନାମ ଅର୍ଜନ କରିଥିଲେ। ୨୦୧୦ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଦୀର୍ଘ ୨ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଆଶିଷ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ଝିଅଜ୍ୱାଇଁଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ବିୟୋଗରେ ନିଆଳି ବ୍ଲକ୍ ପ୍ରାଥମିକ ଶିକ୍ଷକସଂଘର ସଭାପତି ରମାକାନ୍ତ ସ୍ୱାଇଁଙ୍କ ସମେତ ଅଞ୍ଚଳର ବହୁ ପ୍ରମୁଖ ବ୍ୟକ୍ତିବିଶେଷ ଶୋକପ୍ରକାଶ କରିଛନ୍ତି।

# ଧନୁଯାତ୍ରା ରଙ୍ଗମହଲ ଉଦଘାଟିତ



ବରଗଡ଼, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପୌଷ ଶୁକ୍ଳ ପଞ୍ଚମୀ ତିଥିରେ ଆରମ୍ଭ ହୋଇଯାଇଛି। ଦ୍ୱିତୀୟ ଦିବସରେ ଧନୁଯାତ୍ରାର ସାଂସ୍କୃତିକ ରଙ୍ଗମଞ୍ଚ ରଙ୍ଗମହଲ ଉଦଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସହ ମଞ୍ଚ ଆବାହକ ଅକୃର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ମହାରାଜ କଂସ ଭୂବନେଶ୍ୱର ପ୍ରଧାନଙ୍କ ସମ୍ମୁଖରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ସମଲେଶ୍ୱରୀ ମଣ୍ଡପ କାରାଗାରରେ କୃଷ୍ଣ ଜନ୍ମ, କୃଷ୍ଣଙ୍କୁ ନେଇ ବସୁଦେବ ଗୋପପୁର ଯିବା ବାଟରେ ଉଗ୍ରସେନ ସହ ଭେଟ, ଯମୁନା ନଦୀ (ଜିରା) ପାର ହେବା ସହ ବିଜୁଳୀକନ୍ୟାର ଦୈବୀ ବାଣୀ, ଦୁର୍ମିଳା ନିଧନ ପ୍ରଭୃତି ଦୃଶ୍ୟ ଅଭିନିତ ହୋଇଥିଲା। ବହୁ ଦର୍ଶକ ସମାଗମ ଦେଖିବାକୁ ମିଳିଥିଲା। ରାଜ ଦରବାରରେ ରାଜନେତା ରାଜଅତିଥି ଭାବେ ଯୋଗ ଦେଇ ଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦ୍ୱାରା 'ରଙ୍ଗମହଲ' ଉଦ୍‌ଘାଟିତ ହୋଇ ଯାଇଛି। ଜିଲ୍ଲାପାଳଙ୍କ ସହିତ ସଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ସମ୍ପାଦକ ସୁରେଶ୍ୱର ଶତପଥି ଓ ମଞ୍ଚ ଆବାହକ ଅକ୍ରୁର ମଲ୍ଲିକ ଯୋଗ ଦେଇଥିଲେ। ଆଜିର କଂସ ଦରବାରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଉପରେ ମତ ରଖିଥିଲେ।

# ବଣଭୋଜି ହେଲା ଶେଷ ଭୋଜି



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ନୂତନ ବର୍ଷ ପାଇଁ ସମସ୍ତେ ଭୋଜିଭାତରେ ମସ୍‌ଗୁଲ ଥିବାବେଳେ ଘଟିଯାଇଛି ଅଭାବନୀୟ ଘଟଣା। କୁକୁରକୁ ଧକ୍କା ଦେଇ ଜଣେ ଯୁବକର ମୃତ୍ୟୁ ହେବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଖେଳିଯାଇଛି। ସୂଚନାଥାଉକି, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କୋଟସାହି ପଞ୍ଚାୟତ ସାହିର ହରିଜନ ସାହି ନିବାସୀରଙ୍କ ମଳିକଙ୍କ ସାନପୁଅ ଗଣେଶ ମଳିକ (୩୦) ଯିଏକି ଜଣେ କାଠମିସ୍ତ୍ରୀ ଭାବେ କାମ କରୁଥିଲେ ସେ ନିଜର କିଛି ବନ୍ଧୁଙ୍କ ସହ କନ୍ହେଇପୁର ପଞ୍ଚାୟତ ଅଧିନସ୍ଥ ପାଞ୍ଚଭାୟା ପାହାଡ଼ ନିକଟରେ ଭୋଜି କରିବାକୁ ଯାଇଥିଲେ। ସେଠାରେ ଭୋଜି ସାରି ଏକ ବାଇକ୍ ଯୋଗେ ନିଜର ଦୁଇଜଣ ବନ୍ଧୁ ମାନସ ଓ ରାଜାଙ୍କ ସହ ଫେରୁଥିବା ବେଳେ ଚିନ୍ତାମଣିପୁର ନିକଟରେ ଏକ କୁକୁର ରାସ୍ତା ମଝିକୁ ହଠାତ୍ ଆସିଯିବାରୁ ସେମାନେ ଭାରସାମ୍ୟ ହରାଇ କୁକୁରକୁ ଧକ୍କା ଦେଇଥିଲେ। ଫଳରେ ତିନିଜଣ ଯାକ ତଳେ ପଡ଼ିଯିବ ସହ ଗଣେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେମାନଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଯାଇଥିବା ବେଳେ ଗଣେଶଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ଯୋଗୁଁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରସାରିତ ହେବା ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଖବର ସ୍ଥାନୀୟ ଅଞ୍ଚଳରୁ ପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ନେତା ହିମାଂଶୁ ମହାନ୍ତି, ବିଜେଡ଼ି ସଙ୍ଗଠକ ପରମଜିତ୍ ମହାନ୍ତି, ସରପଞ୍ଚ ସୁମନପ୍ରଭା ସାହୁ, ସମିତି ସଭ୍ୟା ମଧୁସ୍ମିତା ଚାତାର ଓ ଯୁବନେତା କୁନା ସାହୁ ମୃତକଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ମୃତ ଗଣେଶଙ୍କର ୮ବର୍ଷର ପୁତ୍ର ଓ ବିଧବା ପତ୍ନୀଙ୍କର ଥଇଥାନ ନିମନ୍ତେ ସରକାରୀ ସ୍ତରରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ବେହେରା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଲୁଇସ ବ୍ରେଲିଙ୍କ ଜନ୍ମୋତ୍ସବ ପାଳିତ
## ୪୯ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ରାସନ ଓ କମ୍ବଳ ବଣ୍ଟନ

ଭଣ୍ଡାରୀପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶା ବିକଳାଙ୍ଗ ମଞ୍ଚ ମାଧ୍ୟମରେ ଲୁଇସ ବ୍ରେଲିଙ୍କର ୨୧୬ ତମ ଜନ୍ମ ବାର୍ଷିକ ଭଣ୍ଡାରିପୋଖରୀ ବ୍ଲକ୍ ଉମିଦ ଅଫିସ ପ୍ରାଙ୍ଗଣରେ ଶନିବାର ପାଳନ କରାଯାଇଛି। ଉମିଦ ଫାଉଣ୍ଡେସନ ସଭାପତି ଅକ୍ଷୟ ସାହୁଙ୍କ ସଭା ପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାସ,ସମ୍ମାନୀୟ ଅତିଥି ପି.ଇ.ଓ. ବିକ୍ରମ ସାହୁ, ଜୁନିଅର ଆସିଷ୍ଟାଣ୍ଟ ଶୋଭନ ପାଢ଼ୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁଧାଂଶୁ ପାଢ଼ୀ ଓ ସ୍ମୃତିରଞ୍ଜନ ନାୟକ, ସମ୍ପାଦକ ରାଜେଶ ବାରିକ, ବୈଦନାଥ ସାହୁ, ଜିତେଶ ପରିଡ଼ା ଉପସ୍ଥିତ ରହି ୪୫ ରୁ ଉର୍ଦ୍ଧ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଜଣ ପିଛା ୨ହଜାର ଟଙ୍କାର ରାସନ ସାମଗ୍ରୀ ଓ କମ୍ବଳ ବଣ୍ଟନ କରିଥିଲେ। ସଙ୍ଗଠନର ଏଭଳି ଉତ୍ତମ କାର୍ଯ୍ୟ ଧାରାରେ ଅନୁପ୍ରାଣିତ ହୋଇ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟାପକ ଦୁଲାରାମ ସୋରେନ, ଭଣ୍ଡାରିପୋଖରୀ ବ୍ଲକ୍ ଛକରେ ବ୍ୟବସାୟୀ ମନୋଜ ସାହୁ ଓ ଟେଷ୍ଟ ହାଉସ ମାଲିକ ଦେବେନ୍ଦ୍ର କର ଉମିଦ ଫାଉଣ୍ଡେସନର ସଦସ୍ୟତା ଗ୍ରହଣ କରିଥିଲେ। ଉମିଦ ଫାଉଣ୍ଡେସନର ସମସ୍ତ ସଦସ୍ୟ ସଦସ୍ୟାମାନେ ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ

# ବୋଲଗଡ଼ ଅଞ୍ଚଳରୁ ପ୍ରାଚୀନ ଶକ୍ତିପୀଠ ସନ୍ଧାନ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ମା' ବୁଢ଼ୀ ଭୂଇଁଆଣିଙ୍କ ପୀଠ ପଛ ପାର୍ଶ୍ୱ ପାହାଡ଼ ଉପରେ ଏକ ପ୍ରାଚୀନ ମନ୍ଦିର ରହିଥିବାର ସୂଚନା ମିଳିବା ପରେ, ବୋଲଗଡ଼ ବଜରଙ୍ଗ ଦଳର ସୁରକ୍ଷା ପ୍ରମୁଖ ସରୋଜ ଜେନାଙ୍କ ନେତୃତ୍ୱରେ ପାହାଡ଼ ଉପରକୁ ଚଲାରାସ୍ତା ତିଆରି କରି ପାହାଡ଼ ଉପରେ ଥିବା ପ୍ରାଚୀନ ମନ୍ଦିର ଠାବ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲା ଗୋ'ରକ୍ଷା ପ୍ରମୁଖ ମୁକେଶ ସାମନ୍ତରାୟ ଉକ୍ତ ମନ୍ଦିର ଉପରେ ଲିପିବଦ୍ଧ ହୋଇରହିଥିବା ଲେଖାକୁ ତନଖି କରି ପ୍ରକାଶ କଲେ ଯେ, ଏହା ୧୯୬୧ ମସିହା ଜୁଲାଇ ୮ତାରିଖରେ ଭକ୍ତ ରାମଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ମା'ବନଦୁର୍ଗାଙ୍କୁ ସ୍ଥାପନା କରାଇ ପୂଜା କରୁଥିଲେ ଏବଂ ସେହି ସ୍ଥାନରେ ଜଳ କୁଣ୍ଡ, ହୁମକୁଣ୍ଡ ଏବଂ ଅଧାଗଢା ଆଶ୍ରମ ମଧ୍ୟ ରହିଛି। ଏହି ସ୍ଥାନ ଉପରେ ଛିଡ଼ା ହେଲେ ଯକଲା ମହାବୀର ଆଶ୍ରମ, ବୋଲଗଡ଼ର ମା'ମଙ୍ଗଳାଙ୍କ ମନ୍ଦିର, କୁଞ୍ଜବିହାରୀ ମନ୍ଦିର, ହନୁମାନ ମନ୍ଦିର ଭଳି ଅନେକ ଦେବସ୍ଥାନ ଦୃଶ୍ୟମାନ ହେଉଥିବା ବେଳେ, ସେଇ ପାହାଡ଼ ପାଦ ଦେଶରେ ଥିବା ଖୋଲ ବନ୍ଧ ଏହି ସ୍ଥାନର ସୌନ୍ଦର୍ଯ୍ୟ ବୃଦ୍ଧିକରୁଛି। ଆଗାମୀ ଦିନରେ ଏହି ଶକ୍ତିପୀଠର ପୁନଃଉଦ୍ଧାର କରାଯାଏ ବୋଲଗଡ଼ ପର୍ଯ୍ୟଟନ ଦିଗରେ ଆହୁରି ଆଗକୁ ଯାଇପାରିବ ବୋଲି ପ୍ରଖଣ୍ଡ ସଂଯୋଜକ ଇତେଶ କୁମାର ବେହେରା ମତ ରଖିଥିଲେ। ଏହି ଅବସରରେ ଶହ ସଂଯୋଜକ ଲୋକଜିତ ପରିଡ଼ା, ସୁମନ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ରଘୁନାଥପୁରରେ ବିଜେପିର ବନ୍ଧୁମିଳନ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କୋରକରା ସ୍ଥିତ ରୁଦ୍ରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଜେପି ଯୁବନେତା ପ୍ରଭଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଇଂରାଜୀ ନବବର୍ଷ ଉପଲକ୍ଷେ ଶନିବାର ରଘୁନାଥପୁର ବିଜେପି ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଯୋଗଦେଇ ବ୍ଲକ ଅଞ୍ଚଳରେ ଦଳିୟ ସଙ୍ଗଠନ ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ତିର୍ତ୍ତୋଲ ବିଜେପି ବିଧାୟକ ପ୍ରାର୍ଥୀ ଆଇନଜୀବୀ ରାଜକିଶୋର ବେହେରା ଯୋଗଦେଇ ଡବଲ ଇଞ୍ଜିନ ସରକାରର ବିଗତ ଛଅମାସର ଲୋକାଭିମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ମହାରଣା, ବିଜୟ ଦାସ, ଜିଲ୍ଲା ଉପ ସଭାପତି ସତ୍ୟବ୍ରତ ପଣ୍ଡା ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ବିଜେବି ସଙ୍ଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ଶୁଭେନ୍ଦୁ ମହାନ୍ତି, ଗଣେଶ୍ୱର ସାହୁ, ଅଜିତ ମହାପାତ୍ର, ବିଶ୍ୱଜିତ ନାୟକ, ଅଶୋକ ନାୟକ, ସଚ୍ଚିକାନ୍ତ ବାରିକ, ଦିପ୍ତି ରଞ୍ଜନ ସାହୁ, ଜ୍ଞାନେନ୍ଦ୍ର ସ୍ୱାଇଁ , ସୁକାନ୍ତ ସ୍ୱାଇଁ, ସୁବାଷ ମହାରଣା, ବାବୁଲା ଭୋଳ, ସୌମ୍ୟରଂଜନ ଭୂୟାଁ ପ୍ରମୁଖ ଶତାଧିକ ବିଜେପି କର୍ମୀମାନେ ଯୋଗ ଦେଇଥିଲେ।

# ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଏକ ଦିବସିୟ କର୍ମଶାଳା



ବାରିପଦା, (ଭାସ୍କର ନ୍ୟୁଜ୍): ଶିଶୁ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପ୍ରତ୍ୟେକ ଶିଶୁକୁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣର ଆବଶ୍ୟକତା ରହିଛି। ଏଥି ନିମନ୍ତେ ଜିଲ୍ଲାପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି। ଗତ ଶନିବାର ଦିନ ବାରିପଦା ଅଧିନସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଏକ ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୟୁରଭଞ୍ଜ ଜିଲ୍ଲାପାଳ ହେମନ୍ତ ସଏଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମସ୍ତ ଉପଖଣ୍ଡରେ ଚାଲୁଅଛି। ବାରିପଦା ଉପଖଣ୍ଡ ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥୀ ଭାବରେ ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଉପସ୍ଥିତ ଥିବାବେଳେ ଜନଜାତି ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ଅଭିଯାନ, ମୟୁରଭଞ୍ଜର ସପନ କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଅଣ ଆନୁଷ୍ଠାନିକ ସେବା ଅମର କୁମାର ଦେ ଉପସ୍ଥିତ ରହି ଶିଶୁ ସୁରକ୍ଷାର ବିଭିନ୍ନଦିଗ ସମ୍ପର୍କରେ ଆଲେଚନା କରିଥିଲେ। ଆକ୍ସନ ଏଡ଼ର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ତଥା ଶିଶୁଙ୍କୁ ଉପଯୁକ୍ତ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ମନମୋହନ ପ୍ରଧାନ ଏବଂ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ବାସନ୍ତୀ ଟୁଡୁ ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ରହି ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ଶିଶୁମାନଙ୍କର ସମସ୍ୟା, ସେମାନଙ୍କର ସଠିକ୍ ଥଇଥାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ।



କଟକ(ଭାସ୍କର ନ୍ୟୁଜ୍): ବାଙ୍କୀ ତହସିଲ ଅନ୍ତର୍ଗତ ସୁବର୍ଣ୍ଣପୁର ମୌଜାରୁ ବେଆଇନ ଭାବେ ବାଲି ଉତୋଳନ ଏବଂ ଚୋରା ଚାଲାଣ ସମ୍ବନ୍ଧରେ ସ୍ଥାନୀୟ ଲୋକ ଜିଲ୍ଲା ପ୍ରଶାସନ ସମ୍ମୁଖ ରେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଗତକାଲି ମଧରାତ୍ରୀରେ କଟକ ମଣ୍ଡଳ ଖଣି ଉପନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଖଣି ଅଧିକାରୀ ସମ୍ବିତ ସାହୁ ଏବଂ କନିଷ୍ଠ ଖଣି ଅଧିକାରୀ ସୁବ୍ରତ ଭୁତିଆ, ଅତର୍କିତ ଭାବେ ଚଢ଼ାଉ କରିଥିଲେ ଏବଂ ଏକ ଚେନ ମାଉଣ୍ଟ କୋବେଲକୋ ଏକସ୍କଭେଟର ମେସିନ କୁ ଜବତ କରିଥିଲେ। ଜିଲ୍ଲା ପୋଲିସ ବିଭାଗ(କଟକ ଗ୍ରାମାଞ୍ଚଳ) ଏଥିନିମନ୍ତେ ଆବଶ୍ୟକୀୟ ପଲିସ ଯୋଗାଇ ଦେଇଥିଲେ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସମସ୍ତ ପଦକ୍ଷେପ ନେଇଥିଲେ। ଏହା ଉପରେ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଐତିହ୍ୟକୁ ଋଦ୍ଧିମନ୍ତ କରିବ 'ଏକାମ୍ର ଉତ୍ସବ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବାସୀ ଭାରତୀୟ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ହେଉଛି 'ଏକାମ୍ର ଉତ୍ସବ' । ଜାନୁଆରୀ ୫ରୁ ୧୬ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ । ତେବେ ପ୍ରବାସୀ ଭାରତୀୟ ଦିବସ (ପିବିଡି) ୨୦୨୫ର ୧୮ତମ ସଂସ୍କରଣ ପାଳନ ନେଇ ଚଳିତ ଥର ଏହି ଉତ୍ସବକୁ ରାଜଧାନୀରେ ଭବ୍ୟ ଭାବେ ଆୟୋଜନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିଛି । ଏନେଇ ଉତ୍ସବକୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଥିବା ବେଳେ ପାର୍କ ଉତ୍ସବ, ଖାଦ୍ୟ ମହୋତ୍ସବ, ସହର ଆଲୋକୀକରଣ, ଫ୍ଲି ମାର୍କେଟ ଏବଂ ଏକାମ୍ର ଓ୍ୱାକ ଭଳି କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଜାନୁଆରୀ ୫ରୁ ୧୬ ପର୍ଯ୍ୟନ୍ତ ଇଡ଼କୋ ପ୍ରଦର୍ଶନୀ ପଡିଆରେ ଖାଦ୍ୟ ମହୋତ୍ସବ ଆୟୋଜିତ ହେବ । ଏହି ମହୋତ୍ସବରେ ଓଡିଆ, ଉତ୍ତର ଭାରତୀୟ, ଦକ୍ଷିଣ ଭାରତୀୟ ଏବଂ ଆନ୍ତର୍ଜାତୀୟ ଖାଦ୍ୟର ଷ୍ଟଲମାନ ବସିବ । ସେଥିରେ ନାନା ରକମର ଖାଦ୍ୟ ସାମଗ୍ରୀ ସହ ସ୍ୱାଦିଷ୍ଟ ବ୍ୟଞ୍ଜନମାନ ପ୍ରଦର୍ଶକଙ୍କ ନିମନ୍ତେ ଉପଲବ୍ଧ ହେବ । ଅନୁରୂପ, ଜାନୁଆରୀ ୫ରୁ ୧୨ ପର୍ଯ୍ୟନ୍ତ ଭୁବନେଶ୍ୱରର ମଧୁସୂଦନ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ପାର୍କ, ଫରେଷ୍ଟ ପାର୍କ ଏବଂ ଅବଦୁଲ କଲାମ ପାର୍କ ଭଳି ୫ ଗୋଟି ପ୍ରମୁଖ ପାର୍କରେ ଏହି ଉତ୍ସବ ଆୟୋଜିତ ହେବ । ଏହି ଅବସରରେ ଓଡ଼ିଶାର ସଂସ୍କୃତି, ସୃଜନଶୀଳତା ସହ ସଭିଙ୍କ ସ୍ୱାସ୍ଥ୍ୟ ଓ ମନୋରଞ୍ଜନର ନେଇ ବଡ଼ ମାହୋଲ ତିଆରି ହେବ । ସକାଳ ୬:୩୦ରୁ ୯ଟା ପର୍ଯ୍ୟନ୍ତ ମାନସିକ ଓ ଶାରୀରିକ ସୁସ୍ଥତା ନେଇ ଯୋଗ, ଜୁମ୍ବା ଭଳି ଶାରୀରିକ ବ୍ୟାୟାମ ଓ ସ୍ୱାସ୍ଥ୍ୟ ସୁରକ୍ଷା ଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ ।ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଏହି ତାଲିମ କାର୍ଯ୍ୟଗୁଡ଼ିକର ପରିଚାଳନା କରାଯିବ । ସେହିପରି ଅପରାହ୍ନ ୩:୩୦ରୁ ସନ୍ଧ୍ୟା ୬:୩୦ ପର୍ଯ୍ୟନ୍ତ ସାଂସ୍କୃତିକ ତଥା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହେବ । ଏଥିରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ସୃଜନଶୀଳତାକୁ ନେଇ ଉତ୍ସବ ଚାଲିବ । ଓଡ଼ିଶାର ଲୋକକଳା,

## ◆ ଚମକିବ ଖାଦ୍ୟ ମହୋତ୍ସବ, ପାର୍କ ଉତ୍ସବ
## ◆ ଚିକିମିକି ଆଲୋକରେ ସଜେଇ ହେବ ଭୁବନେଶ୍ୱର

ଓଲିଉଡ଼ ସେଲିବ୍ରିଟିଙ୍କ ସହ ଆଳାପ ଏବଂ ପେପର କ୍ରାଫ୍ଟ, ମ୍ୟାଜିକ ସୋ, ୱେଷ୍ଟ ଟୁ ବେଷ୍ଟ ଭଳି ନାନା କାର୍ଯ୍ୟଶାଳାମାନ ଆୟୋଜିତ ହେବ । ସେହିପରି ଖ୍ୟାତନାମା କଳାକାରଙ୍କ ଦ୍ୱାରା ଲାଇଭ ସଂଗୀତ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ । ସେହିପରି କୌଶଳୀ କାରିଗରଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ କଳା ଓ ଖାଦ୍ୟ ସାମଗ୍ରୀର ପ୍ରଦର୍ଶନୀ କରିବେ । ଏହାଛଡ଼ା, ନଗରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଏଜି ଛକରୁ କଳ୍ପନା ଛକ, ଏଜି ଛକରୁ ରାଜଭବନ ଛକ, ଏଜି ଛକରୁ ହାଉସିଂ ବୋର୍ଡ ଛକ, ରାଜଭବନ ଛକରୁ ଏକ୍ସଆଇଏମବି ଛକ, ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରର୍ସ ପାର୍ଶ୍ୱ ରାସ୍ତାରୁ ହାଉସିଂ ବୋର୍ଡ ଛକ, ଜନପଥ ଓ ମଧୁସୂଦନ ମାର୍ଗ ଭଳି ପ୍ରମୁଖ ରାସ୍ତାଗୁଡ଼ିକ ଜିକିମିକି ଆଲୋକରେ ଝଲସିବ । ଆସନ୍ତା ୫ରୁ ଜାନୁୟାରୀ ୧୬ ପର୍ଯ୍ୟନ୍ତ ଏହି ଆଲୋକୀକରଣ ବ୍ୟବସ୍ଥା ରହିବା ସହ ଏହା ପ୍ରଭାସୀ ଭାରତୀୟ ଦିବସ ୨୦୨୫ ପାଇଁ ଏକ ଅନନ୍ୟ ପରିବେଶ ସୃଷ୍ଟି କରିବ । ଏଥିସହ ମନୋରଞ୍ଜନ ନେଇ ଖ୍ୟାତନାମା କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ମଞ୍ଚ ସୋ କାର୍ଯ୍ୟକ୍ରମମାନ ରହିଛି । ଏକାମ୍ର ଉତ୍ସବର ଏକ ପ୍ରମୁଖ ଅଂଶ ଭାବେ 'ଏକାମ୍ର ୱାକସ' ଡ଼ିସେମ୍ବର ୨୫, ୨୦୨୪ରୁ ଆରମ୍ଭ ହୋଇଥିବା ବେଳେ ଏହା ଓଡ଼ିଶା ତଥା ଭୁବନେଶ୍ୱରର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନିକଟରୁ ଜାଣିବାର ଏକ ସୁଯୋଗ ପ୍ରଦାନ କରୁଛି । ଏଠାରେ ପ୍ରଦର୍ଶିତ ପ୍ରତ୍ୟେକ ସଂକେତ ସତେ ଯେପରି ସହରର ପ୍ରାଚୀନତାକୁ ଅନୁଭବ କରିବା ସକାଶେ ସମସ୍ତଙ୍କ ପାଇଁ ପରିକଳ୍ପିତ ହୋଇଛି । ଯାହାକି ଇତିହାସ ଉତ୍ସାହୀ, ପ୍ରକୃତି ପ୍ରେମୀ ତଥା ଭୁବନେଶ୍ୱରର ସ୍ୱତନ୍ତ୍ରତା ବିଷୟରେ ଜାଣିବା ପାଇଁ ଆଗ୍ରହୀଙ୍କ ପାଇଁ ବେଶ ଆକର୍ଷଣୀୟ ହେବ । ତେବେ ଜାନୁଆରୀ ୮ରୁ ୧୦ ଯାଏଁ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ୨୦୨୫ ସଭିଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ।



ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ବିୟୋଗରେ 'ସ୍ମୃତିରେ ବାଦଲଭାଇ' ସ୍ମରଣିକା ଉନ୍ମୋଚନ କରୁଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

# ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନ ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ଅପରାଜିତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ମାଷ୍ଟରକ୍ୟାଣ୍ଟିନ ସ୍ଥିତ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ରେଳ ବିଭାଗର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଇଷ୍ଟକୋଷ୍ଟ ରେଲୱେର ଜିଏମଙ୍କ ସହ ଆଲୋଚନା କରିଛନ୍ତି ଅପରାଜିତା । ତାସହ ନିର୍ଦ୍ଧାରିତ ସମୟ ସୁଦ୍ଧା ନବୀକରଣ କାର୍ଯ୍ୟ ସମାପ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ପୁରୁଣା ଷ୍ଟେସନରେ ଯାତ୍ରୀମାନଙ୍କର କୌଣସି ଅସୁବିଧା ନକରି ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଖୁବ୍ ପ୍ରଶଂସା କରିଛନ୍ତି ସେ । ତାସହ ନିର୍ମାଣ କାର୍ଯ୍ୟରେ ଯଦି କିଛି ସୁବିଧା ଅସୁବିଧା ରହିଥାଏ, ତାର ସମାଧାନ ଲାଗି ମଧ୍ୟ ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅପରାଜିତା । ଏହି ନବୀକରଣ କାର୍ଯ୍ୟରେ କେବଳ ରେଳ ବିଭାଗ ନୁହେଁ । ବିଡିଏ, ନଗର ଉନ୍ନୟନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ରାଜ୍ୟ ସରକାରଙ୍କର ଅନେକ ବିଭାଗ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବରେ ସଂଶ୍ଳିଷ୍ଟ ରହି ସେମାଙ୍କର ଭୂମିକାକୁ ସଠିକ୍ ଭାବରେ ନିଭାଉଛନ୍ତି । ଯାହାର ଖୁବ୍ ପ୍ରଶଂସା କରିଛନ୍ତି ଭୁବନେଶ୍ୱର ସାଂସଦ । ଭୁବନେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ ଲାଗି ସାଧାରଣ ପ୍ରଶାସନ ବିଭାଗ ରେଳ ବିଭାଗକୁ ୧୨ ଏକରରୁ ଅଧିକ ଜମି ପ୍ରଦାନ କରିଛି । ତେବେ ଆଉ ଆବଶ୍ୟକ ଥିବା ୧ ଏକର ୨୩ ଡିସିମିଲ ଜମି ପାଇଁ ବିଡିଏକୁ ନିବେଦନ କରିଛି ଇଷ୍ଟକୋଷ୍ଟ ରେଲୱେ । ତାହା ମଧ୍ୟ ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅପରାଜିତା । ଏହାବାଦ୍ ରେଳ ଷ୍ଟେସନକୁ ସଂଯୋଗକରିବା ଲାଗି ଅନ୍ୟ ଦୁଇଟି ରାସ୍ତା ଲାଗି କିଛି ଅନୁମତି ବାକି ରହିଛି । ତେବେ ବିଡିଏ ଏବଂ ଅନ୍ୟ ବିଭାଗ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ଅପରାଜିତା । ଆଗକୁ ମଧ୍ୟ ମଝିରେ ମଝିରେ ଏମିତି ସମୀକ୍ଷା କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ।

## ସେନା ବସ୍ ଦୁର୍ଘଟଣାରେ ଯବାନଙ୍କ ଜୀବନହାନୀ ନେଇ ଦୁଃଖପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେନା ବସ୍ ଦୁର୍ଘଟଣାରେ ଯବାନଙ୍କ ଜୀବନ ହାନିକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଜମ୍ମୁ କାଶ୍ମୀରର ବାନ୍ଦିପୋରାରେ ବସ ଦୁର୍ଘଟଣାରେ ବୀର ଯବାନଙ୍କ ସହିଦ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତେଣୁ ସହିଦ ଯବାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।

# 'ପରିବାର ସଂସ୍କାରିତ ହେଲେ ସମାଜରେ ସଂସ୍କାର ଆସିବ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପଞ୍ଚଦିବସୀୟ ପରିବେଶ, ପରିବାର, ଗଣତନ୍ତ୍ର ଓ ଆଧ୍ୟାତ୍ମିକତା ଆଲୋଚନା ଚକ୍ରର ତୃତୀୟ ଦିବସର ପୂର୍ବାହ୍ନ ଅଧିବେଶନରେ ଅନୁଷ୍ଠିତ ଜାତୀୟ ପରିବାର ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଭାରତବର୍ଷର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତୀ ଅନଙ୍ଗ କୁମାର ପଟ୍ଟନାୟକ କହିଲେ ଯେ, ପରିବାରକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମଦ୍ ବାବା ବଳିଆ ଯେଉଁ ସମ୍ମିଳନୀଟି କରିଛନ୍ତି, ଏହା ଭାରତବର୍ଷର ଏକ ଅନନ୍ୟ କାର୍ଯ୍ୟକ୍ରମ। ସମାଜରେ ଆଜି ବାପ, ପୁଅ ମଧ୍ୟରେ ଜମି ଓ ଅର୍ଥକୁ ନେଇ ଅନର୍ଥ ସୃଷ୍ଟି ହେବା ସଙ୍ଗେ ସଙ୍ଗେ କୋର୍ଟ କଚେରୀରେ ମାମଲା ଯାଇ ପହଞ୍ଚୁଛି। ନ୍ୟାୟମୂର୍ତ୍ତୀ ଢେଙ୍କାନାଳର ଏଭଳି ପାରିବାରିକ କଳହର ଉଦାହରଣ ଦେଇ ସେମାନଙ୍କୁ କିଭଳି ନ୍ୟାୟ ଦିଆଗଲା, ତାର ଅବତାରଣା କରିଥିଲେ। ପିତା ପୁତ୍ର ପରିବାରରେ ସକରାତ୍ମକ ମାନସିକତାରେ କାର୍ଯ୍ୟ କଲେ ହିଁ ସୁଖୀ ପରିବାର ଗଠନ ହୋଇପାରିବ। ସେ ଆହୁରି କହିଲେ ଯେ, କେବଳ ପରିବାର ସଂସ୍କାରିତ ହେଲେ, ସମାଜରେ ସଂସ୍କାର ଆସିବ। ଶ୍ରୀମଦ୍ ବାବା ବଳିଆ ତାଙ୍କ ବକ୍ତବ୍ୟରେ କହିଲେ ଯେ, ପରିବାରକୁ ଏକ କରି ରଖିବାକୁ ଆମ ସଂସ୍କୃତିରେ ଦେବତାଙ୍କ ପରିକଳ୍ପନା କରାଯାଇଛି। ଭଗବାନ ଶିବଙ୍କ ପରିବାରର ଉଦାହରଣ ଦେଇ ବାବା କହିଲେ ଯେ, ଗୋଟିଏ ସ୍ଥାନରେ ସହବସ୍ଥାନ କରିବା ସୁଖୀ ପରିବାରର ନମୁନା। ଆଜି ଆମେ ଖାଉଥିବା ଅନ୍ନ ଠିକ୍ ନଥିବାରୁ ସମାଜରେ ସବୁ ପ୍ରକାର ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ି ବଢ଼ି ଚାଲିଛି। ଏଥିପାଇଁ ଗୁରୁମାନଙ୍କର ମାର୍ଗଦର୍ଶନ ହିଁ ପରିବାର ଗଠନରେ ସହାୟକ ହେବ। ବରିଷ୍ଠ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ବେଦର ଶୋଳ ସଂସାର କଥା କହିଥିଲେ। ବାହାଇ ଧର୍ମର ପ୍ରତିନିଧି ଡଃ ସୂର୍ଯ୍ୟପ୍ରକାଶ ଧର୍ମକୁ ବିଜ୍ଞାନ ସମ୍ମତ ଭାବେ ବ୍ୟବହାର କରି ସମସ୍ତଙ୍କୁ ସମାନ ନ୍ୟାୟ ଦେବା ପରିବାରର ମୁଖ୍ୟଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ। ବୌଦ୍ଧଧର୍ମ ପକ୍ଷରୁ ଲକ୍ଷ୍ମଣ ମଲ୍ଲିକ ସୁସ୍ଥ ସମାଜ ଗଠନ ପାଇଁ ଭଗବାନ ବୁଦ୍ଧଙ୍କ ଅଷ୍ଟାଙ୍ଗ ମାର୍ଗ ବିଷୟରେ ମାର୍ଗଦର୍ଶନ ଦେଇଛନ୍ତି। କାର୍ଯ୍ୟକ୍ରମକୁ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ସଂଯୋଜକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପରିଚାଳନା କରିଥିଲେ ଓ ବାବାଜୀ ପ୍ରଣବାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଆର୍ଯ୍ୟସମାଜ ପକ୍ଷରୁ ପଣ୍ଡିତ ବିନୋଦ ବିହାରୀ ଦାସ, ଦିବ୍ୟ ଜୀବନ ସଂଘ ପକ୍ଷରୁ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ, ବ୍ରହ୍ମାକୁମାରୀ ଅନୁଷ୍ଠାନର ବି.କେ ଗୀତା, ଗାୟତ୍ରୀ ପରିବାରର ପ୍ରମୋଦ କୁମାର ପୃଷ୍ଟି, ବୈକୁଣ୍ଠ ନାଥ ପରିବାରର ବାବା ବାଳକାନନ୍ଦ ଦାସ, ନିଗମାନନ୍ଦ ସରସ୍ୱତୀଙ୍କ ଅନୁଷ୍ଠାନର ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ, ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତିନିଧି ରତିକ ପାଣ୍ଡବ ଚରଣ ପ୍ରଧାନ, ଗୋସେବକ କମଳ ପ୍ରଭୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାରଙ୍ଗ ଅଞ୍ଚଳରେ ବେଆଇନ୍ ଲଘୁ ଖଣିଜ କାରବାର



କଟକ(ଭାସ୍କର ନ୍ୟୁଜ୍): ବାରଙ୍ଗ ତହସିଲ ଅନ୍ତର୍ଗତ ବେଲଗାଛିଆ ମୌଜାରେ କିଛି ଅସାମାଜିକ ତତ୍ୱ ସରକାରୀ ଗୋଚର ଜମିରେ ଏକ ବେଆଇନ ଆଜବେଷ୍ଟସ ଘର ଆଢୁଆଳରେ ବାଲି ଗଚ୍ଛିତ କରି ବେଆଇନ ବାଲି ଚୋରା ଚାଲାଣ କରିଚାଲିଥଲେ। ଏହି ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ପାଖରେ ସ୍ଥାନୀୟ ଲୋକ ମାନେ ଅଭିଯୋଗ କଲା ପରେ ଶନିବାର ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନଙ୍କ ତତ୍ୱାବଧାନରେ ଉପରୋକ୍ତ ବେଆଇନ ଭାବେ ନିର୍ମିତ ଆଜବେଷ୍ଟସ ଗୃହଟିକୁ ଭାଙ୍ଗି ଦିଆଯାଇଅଛି। ବାରଙ୍ଗ ଥାନାର ପୋଲିସ କର୍ମୀ ଉପରୋକ୍ତ ଉଚ୍ଛେଦ ସମୟ ରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଆଗାମୀ ଦିନରେ ଲଘୁ ଖଣିଜର ଚୋରା ଚାଲାଣକୁ ରୋକିବା ନିମନ୍ତେ ଏହିପରି ଶକ୍ତ ଏବଂ ଆଶୁ ପଦକ୍ଷେପ ମାନ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପଞ୍ଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା

# 'ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ବିଶ୍ୱବ୍ୟାପୀ ଏହାର ସଫଳ ଉପଯୋଗ କରାଯାଇଛି ବୋଲି କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକ ତଥା ଭାରତୀୟ ଜ୍ଞାନପୀଠ ଦ୍ୱାରା ପ୍ରଦତ୍ତ ମୂର୍ତ୍ତିଦେବୀ ପୁରସ୍କାରରେ ସମ୍ମାନିତ ଡକ୍ଟର ଏମ୍ ବୀରପ୍ପା ମୋଇଲି ପ୍ରକାଶ କରିଛନ୍ତି। ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ସ୍ମୃତିରେ ଆଜି ଏଠାରେ ଆୟୋଜିତ 'ପଞ୍ଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା - ୨୦୨୫'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ବୀରପ୍ପା ମୋଇଲି 'ବୈଶ୍ୱିକ ପରମ୍ପରାରେ ଗାନ୍ଧୀ ବିଚାର' ଶୀର୍ଷକରେ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ତାଙ୍କ ଅହିଂସା ବିଚାରଧାରା ଦୁଇ ଭାଗରେ ବିଭକ୍ତ- ଅହିଂସାର ଭାବନା ଓ ଅହିଂସା ଆଚରଣ। ଗାନ୍ଧିଜୀଙ୍କ ପରଲୋକ ପରେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରେ ଓ ଭାରତବର୍ଷରେ ମଧ୍ୟ ତାଙ୍କ ଅହିଂସା, ଶାନ୍ତି ଓ ସତ୍ୟାଗ୍ରହକୁ ସଫଳତାର ସହିତ ଉପଯୋଗ କରାଯାଇଛି। ସାଂପ୍ରତିକ ସମୟରେ ବିଶ୍ୱବ୍ୟାପୀ ଗାନ୍ଧିଜୀଙ୍କ ବାର୍ତ୍ତାର ପ୍ରୟୋଗ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ପୂର୍ବତନ ପ୍ରମୁଖ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଭିତ୍ତି ଭାଷଣ ପ୍ରଦାନ କରି ରାଜକିଶୋର ନାୟକଙ୍କ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଦର୍ଶାଇ କହିଥିଲେ ଯେ, ରାଜକିଶୋର ବାବୁ ବିରୂପା, ମହାନଦୀ ଏବଂ ଚିତ୍ରୋପ୍ତଳା ତ୍ରିକୋଣଭୂମି ଅଞ୍ଚଳର ସବୁ ଲୋକଙ୍କର ପ୍ରିୟପାତ୍ର ଥିଲେ । ସେ ତ୍ୟାଗୀ ଓ ଯୋଗୀ ଥିବା ସହିତ ବାଲ୍ୟକାଳରୁ ପରିବେଶ ପ୍ରେମୀ ଓ ଜୀବେ ଦୟା ମନୋବୃତ୍ତିର ବ୍ୟକ୍ତିତ୍ୱ ଥିଲେ। ସମାରୋହର ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ଡକ୍ଟର ଅର୍ଚ୍ଚନା ନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜକିଶୋର ନାୟକ ଏଭଳି ଜଣେ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କ ନାମ ସ୍ମରଣ କଲେ ନତ ମସ୍ତକ ହେବାକୁ ପଡ଼େ। ତାଙ୍କ ଜୀବନଚର୍ଯ୍ୟା ଆଦର୍ଶ ସ୍ଥାନୀୟ । ପତ୍ନୀ ନିର୍ମଳପ୍ରଭାଙ୍କ ସାହଚର୍ଯ୍ୟ ତାଙ୍କ ଜୀବନକୁ ଅଧିକ ଋଦ୍ଧିମନ୍ତ କରିଥିଲା। ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ପ୍ରହଲାଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଟ୍ରଷ୍ଟ କୋଷାଧ୍ୟକ୍ଷ ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ ପରେ ସୁଭଦ୍ରା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାର୍ଚ୍ଚ ୩୦ରେ ଆବେଦନ କଲେ ବି ଏକା ଥରେ ମିଳିବ ସୁଭଦ୍ରାର ଦୁଇଟି କିସ୍ତି । ଗାଁର ଶେଷ ଯୋଗ୍ୟ ହିତାଧିକାରୀ ଆବେଦନ ନକଲା ଯାଏଁ ଚାଲିବ ପଞ୍ଜୀକରଣ । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ପ୍ରଥମ କିସ୍ତି ମିଳିବାର ଶେଷ ତାରିଖ ମାର୍ଚ୍ଚ ୮ ଥିଲା କିନ୍ତୁ ମାର୍ଚ୍ଚ ୩୦ ପରେ ଆବେଦନ କଲେ ବି ମିଳିବ ପ୍ରଥମ କିସ୍ତି ଟଙ୍କା । ବ୍ୟାଙ୍କ ଗୁଡିକ ସହିତ ବୈଠକ ସରିଲାଣି । ଏବେ ଅଙ୍ଗନବାଡ଼ି ଦିଦି ମାନେ ଘର ଘର ବୁଲୁଛନ୍ତି । ତେଣୁ ଯାହାର ୫ ଏକର ଜମି ଅଛି ବା ନାହିଁ, ଏହି ଦ୍ୱନ୍ଦ ପାଇଁ ଡିସେମ୍ବର ୩୦ ଯାଏଁ ତଦନ୍ତ ହେଉଛି ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା । ଏହି ସମୟ ଅବଧିକୁ ଜାନୁଆରୀ ୧୫ ଯାଏଁ ବୃଦ୍ଧି କରାଯାଇଛି । ତେଣୁ ଜାନୁଆରୀ ୧୫ ପରେ ମିଳିବ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ।

## ଟଙ୍କପାଣି-ସାଇମନ୍ଦିର ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

# ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଓ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ବିଜେପି ସରକାରରେ ଏକାମ୍ରର ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହିତ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ । ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ଟଙ୍କପାଣି-ସାଇମନ୍ଦିର ରାସ୍ତା କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟକ ବାବୁ ସିଂ । ସ୍ଥାନୀୟ ଜନସାଧାରଣ ଅଭିଯୋଗ ଥିଲା ଏହି ରାସ୍ତାର ନିର୍ମାଣ ପାଇଁ ତେଣୁ ଏହି ରାସ୍ତା ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ। ୱାର୍ଡ ନଂ ୫୫ ନାଗେଶ୍ୱରଟାଙ୍ଗୀ ଅଞ୍ଚଳରେ ଏକ ଫୁଡ୍ କୋଟର ଶୁଭ ଉଦ୍‌ଘାଟନ କରିଥିଲେ ବିଧାୟକ। ଏକାମ୍ରବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି । ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡିକୁ ବାସ୍ତବ ରୂପ ମିଳିପାରୁନଥିଲା ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଏକାମ୍ର ନିର୍ବାଚନ ମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ର ବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, କର୍ପୋରେଟର ନମିତା ମହାପାତ୍ର,ସ୍ଥାନୀୟ ନେତୃତ୍ୱ ସଂଗ୍ରାମ ମାର୍ଥା, ମଳୟ ମହାପାତ୍ର, କବିରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଜିଲ୍ଲାକୁ ନେଇ ଗଠନ ହେବ ଦକ୍ଷିଣ ଓଡିଶା ବିକାଶ ପରିଷଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୭ ଜିଲ୍ଲାକୁ ନେଇ ଗଠନ ହେବ ଦକ୍ଷିଣ ଓଡିଶା ବିକାଶ ପରିଷଦ । ଦକ୍ଷିଣ ଓଡିଶା ବିକାଶ ପରିଷଦ ଟାସ୍କଫୋର୍ସର ପ୍ରଥମ ବୈଠକରେ ପ୍ରାଥମିକ ରୂପରେଖ ନେଇ ଆଲୋଚନା ହୋଇଛି । ବୈଠକରେ ଟ୍ୟାକ୍ସଫୋର୍ସ ବହୁତ ସଦସ୍ୟ ମାନେ ଉପସ୍ଥିତ ଥିଲେ । ପରିଷଦର ରୂପରେଖ ନେଇ ବିଧାୟକ ଓ ସାଂସଦ ମାନେ ସେମାନଙ୍କର ମତାମତ ଦେଇଛନ୍ତି । ଦକ୍ଷିଣ ଓଡ଼ିଶା ବିକାଶ ପରିଷଦରେ ୭ ଜିଲ୍ଲାକୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେହିସବୁ ଜିଲ୍ଲା ହେଉଛି କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର । ଏହି ୭ଟି ଜିଲ୍ଲାର ସବୁ ବ୍ଲକ କୁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ରେ ସାମିଲ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି । ତେବେ ଷ୍ଟାଚୁଟାରୀ କମିଟି ଗଠନ ହେବାର ଆବଶ୍ୟକତା ଥିବା ବୈଠକରେ ଆଲୋଚନା ହୋଇଛି । ତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଷ୍ଟାଚୁଟାରୀ କମିଟି ଗଠନ ହେବ । ଯେଉଁମାନେ ଏହି ଟାସ୍କଫୋର୍ସର ରେ ସାମିଲ ହୋଇ ନାହାନ୍ତି ସେମାନଙ୍କୁ ପରବର୍ତ୍ତୀ ସମୟରେ ସାମିଲ କରାଯିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ଦକ୍ଷିଣ ଓଡ଼ିଶାର ବିକାଶରେ ଏହି ପରିଷଦ ସହାୟକ ହେବ ବୋଲି କହିଛନ୍ତି ଟାସ୍କଫୋର୍ସର ଅଧ୍ୟକ୍ଷ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

## ପର୍ଯ୍ୟଟନ ଶିଳ୍ପକୁ ଛୁଇଁବ ଡବଲ ଡେକର୍ ବସ୍ ଓ ନୂଆ ମୋ ବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପର୍ଯ୍ୟଟନ ଶିଳ୍ପକୁ ଛୁଇଁବ ଆସିଥିବା ନୂଆ ବସ। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ପରେ ପର୍ଯ୍ୟଟନ କ୍ଷେତ୍ରକୁ ଯିବ ଆସିଥିବା ନୂଆ ବସ । ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର । ଦୁଇଟି ଡବଲ ଡେକର ବସ ଆସିଛି ମୋଟ ୫ଟି ଆସିବ । ସେହିପରି ଅତ୍ୟାଧୁନିକ ଡିଜାଇନରେ ୫ଟି ନୂଆ ମୋ ବସ ଆସିଥିବା ବେଳେ ଆଉ ୫ଟି ଆସିବ । ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ସରିବା ପରେ ବିଭିନ୍ନ ରୁଟ ଏହି ବସ ଚଳାଚଳ ନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

# ରିଲିଫ୍ କୋଡ ସଂଶୋଧନ ଓ ମୃତ ଚାଷୀ ପରିବାରକୁ କ୍ଷତିପୂରଣ ଦାବିରେ ବିକ୍ଷୋଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନବାର ଲୋୟର ପିଏମ୍‌ଜିରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ଯୁବଛାତ୍ର ସଂଗଠନର କର୍ମୀମାନେ ମାଷ୍ଟର କ୍ୟାଣ୍ଟନରୁ ଏକ ଶୋଭାଯାତ୍ରାରେ ଆସି ଲୋୟର ପିଏମ୍‌ଜିରେ ପହଞ୍ଚିଥିଲେ। କ୍ଷତି ଯେତେ, ଦିଅ ସେତେ, ରିଲିଫ କୋଡ୍ ସଂଶୋଧନ କାହିଁକି କରାଯାଉନାହିଁ ସରକାର ଜବାବ ଦିଅ, ଭାଗଚାଷୀଙ୍କୁ ମାନ୍ୟତା ଦେବା ଆମର ଦାବି, ଭାଗଚାଷୀଙ୍କୁ ସ୍ୱୀକୃତି ଦେବାରେ କଣ ଅସୁବିଧା ଜବାବ ଦିଅ ଆଦି ସ୍ଲୋଗାନ ଦେଇଥିଲେ। ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଏବେ ଶାନ୍ତିପୂର୍ଣ୍ଣ ଗଣତାନ୍ତିକ ଉପାୟରେ ସରକାରଙ୍କୁ ଚେତାଇ ଦିଆଯାଉଛି ଯେ, ଅନ୍ନଦାତା କିଭଳି ଆତ୍ମହତ୍ୟା ନ କରିବ, ସରକାର ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନୂଆ ଯୋଜନା ଘୋଷଣା କରନ୍ତୁ ଓ ଚାଷୀ ପେନସନ ଲାଗୁ କରନ୍ତୁ। ଚାଷୀ ଚାଷଜମିରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଅଦିନିଆ ବର୍ଷାରେ ଫସଲ ହରାଇବା ପରେ ସରକାରଙ୍କ ସହାୟତା କଥା ନବୁଝି ଆତ୍ମହତ୍ୟା କରୁଛି। କିଭଳି ଚାଷୀ ଆତ୍ମହତ୍ୟା ବନ୍ଦ ହେବ ସେ ବ୍ୟବସ୍ଥା ସରକାର କରନ୍ତୁ। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ, ପ୍ରଧାନମନ୍ତ୍ରୀ ବୀମାର ହେଲ୍‌ପ ଲାଇନ୍ କାମ କରୁନାହିଁ। ବୀମା କମ୍ପାନୀ ସରକାରଙ୍କ ଠାରୁ କୋଟି କୋଟି ଟଙ୍କା ପ୍ରିମିୟମ ନେଇ ଚୁପ୍‌ଚାପ୍ ବସି ପଡ଼ୁଛନ୍ତି। ବୀମା କମ୍ପାନୀର କୋଟି କୋଟି ଲାଭ ଓ ଚାଷୀ ଆତ୍ମହତ୍ୟା କରିବା, ଏହାରି ବିରୁଦ୍ଧରେ ରାଜରାସ୍ତାରେ ବିକ୍ଷୋଭ କରାଯିବ। ସରକାର ଘଟଣାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ଚାଷୀଙ୍କୁ ଉଭୟ ବୀମା ଓ ରିଲିଫ୍ କୋଡ୍ ପଇସା ଦେବା ସହ ମୃତ ଚାଷୀ ପରିବାରକୁ ୧୦ ଲକ୍ଷ ଲେଖାଏଁ ଟଙ୍କା କ୍ଷତିପୂରଣ ଦେବାକୁ ଶ୍ରୀ ନନ୍ଦ ଦାବି କରିଛନ୍ତି। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅମିତ ଜେନା, ଏସ୍.କେ ହେଡ଼ାଇ, ହିତେଶ ଦାସ, ଏସ୍.କେ. କସର, ଏସ୍.କେ ହବିବ୍, ରଣଜିତ ପଟ୍ଟନାୟକ, ମହମ୍ମଦ ଫୟାଜ ପ୍ରମୁଖ ସାମିଲ୍ ଥିଲେ।



# ଆମ କଳାହାଣ୍ଡି





## ୧୬ତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମ

# ମହାରାଷ୍ଟ୍ର ଯିବେ ଜନଜାତି ଯୁବକଯୁବତୀ



ଭବାନୀପାଟଣା,(ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସାପ୍ତାହିକ ବଜାର ନିକଟରେ ଥିବା କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ କ୍ୟାମ୍ପ ପରିସରରେ ୧୬ ତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର 'ମାଇଁ ଭାରତ' କଳାହାଣ୍ଡି ଶାଖା ଏବଂ ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ପକ୍ଷରୁ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ବୋର୍ଡା ଅଂଚଳରୁ ୪୦ ଜଣ ଯୁବକ ଯୁବତୀ ମହାରାଷ୍ଟ୍ର ରାଜ୍ୟର ଥାନେ ସହରକୁ ଯାତ୍ରା କରିଛନ୍ତି । ସେଠାରେ ଚଳିତ ମାସ ୦୫ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏକ ଯୁବ ବିନିମୟ ଶିବିରରେ ସେମାନେ ଯୋଗଦେବେ। ଶିବିରରେ ଅନ୍ୟାନ୍ୟ ରାଜ୍ୟର ଜନଜାତି ଯୁବକ ଯୁବତୀ ମାନେ ମଧ୍ୟ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।କଳାହାଣ୍ଡି ଜିଲ୍ଲାରୁ ଯାଉଥିବା ଏହି ଜନଜାତିର ଯୁବଗୋଷ୍ଠୀଙ୍କ ଯାତ୍ରାର ଶୁଭାରମ୍ଭ କରିବା ନିମନ୍ତ ସ୍ଥାନୀୟ ସିଆରପିଏଫ୍ କ୍ୟାମ୍ପ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।ଏଥିରେ ପଙ୍କଜ ଚୌଧୁରୀ, କମାଣ୍ଡାଣ୍ଟ କଳାହାଣ୍ଡି ୬୪ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ଉପ କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, ବାଟାଲିୟନର ମେଡିକାଲ ଅଫିସର ଡା.ଏସ୍ ଡି ଏଲ୍,ମାଲେଶ୍ୱର ରାଓ ତଥା ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ପ୍ରମୁଖ ଯୋଗ ଦେଇ ଶିବିରର ବିଭିନ୍ନ କାର୍ଯ୍ୟକ୍ରମରେ କିଭଳି ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରି ଜିଲ୍ଲାର କଳା ସଂସ୍କୃତିକୁ ପରିବେଷଣ କରି କଳାହାଣ୍ଡି ମାଟିକୁ ସୁନାମ ଆଣିପାରିବେ ସେ ନେଇ ବିଭିନ୍ନ ସୂଚନା ଦେଇଥିଲେ । ପରେ ପରେ ୬୪ ସିଆରପିଏଫ୍ କମାଣ୍ଡାଣ୍ଟ ଶ୍ରୀ ଚୌଧୁରୀ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଜନଜାତି ଯୁବକ ଯୁବତୀମାନଙ୍କ ସହିତ ଏସକର୍ଟ ଭାବେ ଏଏସ୍ ଆଇ. ଉମା ଚରଣ ସ୍ୱାଇଁ, ହେଡ କନେଷ୍ଟବଳ ଧନେଶ୍ୱର ଗନପତ୍, ମହିଳା ହେଡ୍ କନେଷ୍ଟବଳ ପ୍ରଣୟିନୀ ଦଳେଇ,ମହିଳା କନେଷ୍ଟବଳ ଜୟନ୍ତୀ ମାଝୀ ମଧ୍ୟ ମହାରାଷ୍ଟ୍ରର ଥାନେ ସହରକୁ ଯାତ୍ରା କରିଛନ୍ତି।

# ତୈଳିକ ବୈଶ୍ୟ ସମାଜର ନୂତନ ଯୁବ ସଂଗଠନ ଗଠିତ



କେସିଙ୍ଗା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବଗାଡ଼ ମଣ୍ଡଳ କୁର୍ଲୁପଡ଼ା ଗ୍ରାମରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଏକ ଯୁବ ସଂଗଠନ ଗଠନ ହୋଇଯାଇଛି । ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶିବ ପ୍ରସାଦ ସାହୁ ଙ୍କ ଆବାହକତ୍ୱରେ ଶୁକ୍ରବାର ଦିନ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭ ହେବା ପୂର୍ବରୁ ନେଗୀ ଓ ବେହେରାଙ୍କ ଦ୍ୱାରା ସମାଜର ଇଷ୍ଟଦେବୀ ମା' ଚଣ୍ଡୀ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନେଗୀ କୋଦଣ୍ଡ ସାହୁଙ୍କ ଅଧକ୍ଷତାରେ ଉକ୍ତ ସଭାଟି ଆୟୋଜନ ହୋଇଥିଲା। ଏଥିରେ ଜିଲ୍ଲା ଉପସଭାପତି ଯୁବରାଜ ସାହୁ ଓ ଜିଲ୍ଲା ସଂଗଠନ ସମ୍ପାଦକ ଶୁଳପାଣି ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସଂଗଠନ ଉପରେ ଆଲୋଚନା କରିବା ସହିତ ସମାଜର ଯୁବକ ମାନଙ୍କୁ ନେଇ ଏକ ଯୁବ ସଂଗଠନ ଗଠନ କରିବା ପାଇଁ ନିଷ୍ପତି ହୋଇଥିଲା ଏବଂ ସର୍ବସମ୍ମତିକ୍ରମେ ଯୁବ ସଂଗଠନ ନାମରେ ଏକ କମିଟି ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବରେ ପ୍ରମୋଦ ସାହୁଙ୍କୁ ମନୋନୀତ କରାଯାଇଥିବାବେଳେ ସମ୍ପାଦକ ଭାବେ ପ୍ରଦୀପ ସାହୁ, କୋଷାଧକ୍ଷ ଭାବେ କବିରାଜ ସାହୁ, ଯୁଗ୍ମ ସମ୍ପାଦକ ଭାବରେ ହୃଷିକେଶ ସାହୁ, ଉପସଭାପତି ଭାବେ ଦିନ ସାହୁ ଓ ମାଧବ ସାହୁ ହୋଇଥିବା ଜଣାପଡିଛି। କର୍ମକର୍ତ୍ତା ଚୟନ ପରେ ନେଗୀ କୋଦଣ୍ଡ ସାହୁ ଶପଥ ପାଠ କରାଇଥିଲେ ଓ ଉଦବୋଧନରେ କହିଥିଲେ ମା' ଚଣ୍ଡୀ ସମଲେଇଙ୍କ ନିକଟରେ ପ୍ରାର୍ଥନା କରି ଏହି ସଂଗଠନକୁ ସୁଦୃଢ ଓ ପରସ୍ପର ମଧ୍ୟରେ ମିଳାମିଶା ହୋଇ ଭାଇଚାରା ସମ୍ପର୍କ ସ୍ଥାପନ କରିବା ପାଇଁ ମତ ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ଉପସଭାପତି ଯୁବରାଜ ସାହୁ ଯୁବ ସଂଗଠନକୁ ମାର୍ଗଦର୍ଶନ କରାଇବା ସହିତ ଆପଣମାନଙ୍କ ସବୁବେଳେ ସହଯୋଗ ହେବି ବୋଲି ଅଭିଭାଷଣ ଦେଇଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବେହେରା ଜିତେନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ, ବିଭୀଷଣ ସାହୁ, ଭରତ ସାହୁ, କୁଞ୍ଜବିହାରୀ ସାହୁ, ଅଭି ସାହୁ, ପ୍ରଫୁଲ୍ଲ ସାହୁ, ଜିତୁ ସାହୁ, ଗରୁଡ଼ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସାବିତ୍ରୀବାଈଙ୍କ ୧୯୪ତମ ଜନ୍ମ ଜୟନ୍ତୀ ପାଳିତ

ଜୁନାଗଡ଼, (ଭାସ୍କର ନ୍ୟୁଜ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ସଂସ୍କୃତି ଭବନ ଠାରେ ଭାରତର ପ୍ରଥମ ଶିକ୍ଷୟତ୍ରୀ ତଥା ଶିକ୍ଷାର ଜନନୀ କ୍ରାନ୍ତୀଜ୍ୟୋତି ମାତା ସାବିତ୍ରୀବାଇ ଫୁଲେଙ୍କ ୧୯୪ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ମାତା ସାବିତ୍ରୀ ପ୍ରେମୀ ମା' ଲଙ୍କେଶ୍ୱରି ମନ୍ଦିରର ଠାରୁ ବିଶାଳ ଶୋଭାଯାତ୍ରାରେ ଆସିଥିଲେ । ମାତା ସାବିତ୍ରୀ ବାଇ ଫୁଲେ ଜନ୍ମ ଜୟନ୍ତୀ କମିଟିର ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ଏଡିଏମ ତନ୍ମୟ କୁମାର ଦରୱାନ, ମୁଖ୍ୟବକ୍ତା ସାନ୍ଧ୍ୟ ମହାବିଦ୍ୟାଳୟର ଅଧକ୍ଷ ମୁଖ୍ୟବକ୍ତା ଛବିଲାଲ ସାହୁ , କେସିଙ୍ଗା ମହାବିଦ୍ୟାଳୟର ଅଧାପକ ବୈଲୋଚନ ନାଏକ, ଜୁନାଗଡ଼ ଏନ୍ଏସି ଅଧକ୍ଷ୍ୟା ହିମାଦ୍ରି ନାଏକ, ଜୁନାଗଡ଼ ବ୍ଲକ ଅଧକ୍ଷ୍ୟା ସବିତା ମେହେର, କଳାହାଣ୍ଡି ପଣ୍ଡରାମାଳି ସମାଜ କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ସଭାପତି ଈଶ୍ୱର ପୂଝାରୀ, ଏସ୍‌ଟିଏସ୍‌ସି/ଓବିସି ମିଳିତ ମଞ୍ଚର ଆବାହକ ତମ୍ବରୁଧର ଲହଜଲ, ଅଲଓଡିଶା ସିଡୁଲକାଷ୍ଟ ଫେଡ଼ରେସନର ସଭାପତି ଶ୍ରୀବସ୍ତ ତାଣ୍ଡି, ବହୁଜନ ସଂଗ୍ରାମ ସମିତିର ଅଧକ୍ଷ ରଞ୍ଜନ କୁମାର ଜାଲ ,କୁବେର ସମାଜ ସଭାପତି ଉଦ୍ଧବ ସାହୁ, ରମଣୀ ଦୁରିଆ, ଯତୀନ୍ଦ୍ର କର, ପୂର୍ବତନ ଏନ୍ଏସି ଅଧକ୍ଷ୍ୟା ବିଜୟଲକ୍ଷ୍ମୀ କନ୍ଦପାନ ପ୍ରମୁଖ ଉଦବୋଧନ ଦେଇଥିଲେ । ପରେ ଅତିଥି ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସଭା ପ୍ରାରମ୍ଭରେ ଅତିଥି ମାନଙ୍କଦ୍ୱାରା ମହାପୁରୁଷ ମାନଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଅତିଥିମାନେ ସାବିତ୍ରୀ ବାଇ ଫୁଲେଙ୍କ ସ୍ମୃତି ଚାରଣ କରିଥିଲେ।

## ଦାଦନ ଶ୍ରମିକଙ୍କ ମୃତ୍ୟୁ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ନିଜ ସହର ନିଜ ରାଜ୍ୟ ଛାଡ଼ି ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଘଟଣା କିଛି ନୂଆ ନୁହେଁ। କିନ୍ତୁ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ପରିତାପର ବିଷୟ। କାମଧନ୍ଦା ନ ପାଇ ରାଜକୋଟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜାହାଲ ପଞ୍ଚାୟତ ଗଜାହାଲ ଗ୍ରାମର ଶ୍ରମିକ ଈଶାନ ବିଭାର (୩୩)। ଈଶାନ କିଛି ମାସ ତଳେ ଗୁଜରାଟ ରାଜକୋଟ ସହରକୁ କାମ କରିବାକୁ ଯାଇଥିଲେ। ସେ ଏକ ସଂସ୍ଥାରେ କାମ କରୁଥିଲେ। ଈଶାନ କାମ କରୁଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପରିବାର ଲୋକେ ଖବର ପାଇବା ପରେ ଗାଁରେ ଶୋକକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ସ୍ୱାମୀର ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସଞ୍ଜୁ ସୁନା ଅସୁସ୍ଥ ହୋଇ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସମାଜସେବୀ ଚିନ୍ମୟ ମିଶ୍ର ଏବଂ ରିଙ୍କୁ ବାଗ ରାଜ୍ୟସଭା ଏମ୍‌ପି ସୁଜିତ କୁମାରଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଜିଲା ପ୍ରଶାସନର ଉଦ୍ୟମ କ୍ରମେ ମୃତଦେହ ନିଜ ଗାଁ ଗଜାହାଲ ଠାରେ ପହଞ୍ଚିବ ବୋଲି ପରିବାର ଲୋକେ କହିଛନ୍ତି। ଈଶାନ ଜଣେମାତ୍ର ପରିବାରର ରୋଜଗାରିଆ ବ୍ୟକ୍ତି ଥିଲେ। ଈଶାନଙ୍କ ମୃତ୍ୟୁ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଈଶାନଙ୍କ ପରିବାର କହିଲେ ୯ ବର୍ଷ ଓ ୭ ବର୍ଷର ଦୁଇ ପୁଅ, ସ୍ତ୍ରୀଙ୍କ ସହ ମା' ଅଛନ୍ତି। ଏନେଇ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗାଁଲୋକେ ଦାବି କରିଛନ୍ତି।

# ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀରେ 'ସଦଭାବନା ସମାବେଶ'




କୋକସରା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ଶ୍ରୀରାମପୁର ଠାରେ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ଦିବସ ଅବସରରେ ମହାବୀର ଯୁବ ଅନୁଷ୍ଠାନ, ଦଣ୍ଡପାଟ ଯୁବ ସେବା ସଂଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ 'ସଦଭାବନା ସମାବେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ଧର୍ମବ୍ରତ ପଣ୍ଡାଙ୍କ ଅଧକ୍ଷତାରେ ବରିଷ୍ଠ ସମାଜସେବୀ ଚିନ୍ମୟ ବେହେରା ମୁଖ୍ୟ ଅତିଥି, ଅଧାପକ ମୋହନ ଚରଣ ବିଶି ମୁଖ୍ୟ ବକ୍ତା, ସରପଞ୍ଚ ମାଧବୀ ଧରୁଆ, ଏମ୍‌ବିକେ ବନିତା ସୁନାନୀ, ମହିଳା ସଂଘ ସଭାନେତ୍ରୀ ପଙ୍କଜିନୀ ମେହେର, ସଂପାଦିକା ଗୀତାଞ୍ଜଳି ସୁନାନୀ, ଯୁବ କବି ରଜତ ବଂଶଲ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟି କରିପାରିବ ବୋଲି ଆଶା ପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ଦଣ୍ଡପାଟ ଯୁବ ସେବା ସଂଗଠନ ସଂପାଦକ ଭୁଜବଳ ନାଏକ ପରିଚାଳନା କରିଥିବା ବେଳେ ଯୁବ ସଂଗଠକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ସହ ସଂପାଦକ ସୁଶୀଲ ଚନ୍ଦ୍ର ନାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭିକାରୀ ଚରଣ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବୀର ଯୁବ ଅନୁଷ୍ଠାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ନବବର୍ଷରେ ଗୁରୁଙ୍କୁ ସମ୍ମାନିତ କଲେ ଛାତ୍ରଛାତ୍ରୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସହରରେ ଥିବା ସର୍ବ ପୁରାତନ ବିଦ୍ୟାଳୟ ବ୍ରଜମୋହନ ହାଇସ୍କୁଲର ୧୯୮୦ ଏକାଦଶ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ହୋଟେଲ ସେଣ୍ଟର ପାର୍କ ଠାରେ ନୂତନ ବର୍ଷର ପ୍ରଥମ ଦିନ ଅନୁଷ୍ଠିତ ହୋଇଥିଲା। ନୂଆବର୍ଷ ଭଳି ଏକ ଉତ୍ସବ ମୁଖର ଦିନକୁ ପୁରାତନ ଛାତ୍ରମାନେ କୌଣସି ଦର୍ଶନୀୟ ସ୍ଥାନ କିମ୍ବା ବଣ ଜଙ୍ଗଲରେ ଭୋଜିଭାତ ନାଚଗୀତରେ ନ କଟାଇ ଏକ ନିଆରା ଢଙ୍ଗରେ ସହରର କୋଳାହଳ ଭିତରେ ପାଳନ କରିବାକୁ ସ୍ଥିର କରିଥିଲେ। ଉଦ୍ଦେଶ୍ୟ ଥିଲା ସେହି ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ପୂଜ୍ୟବର୍ଷୀୟାନ୍ ଗୁରୁମାନଙ୍କୁ ସମ୍ମାନିତ କରି କିଞ୍ଚିତ ଶିକ୍ଷା ଋଣ ପରିଶୋଧ କରିବା। ନବବର୍ଷର ନୂତନ ଲଗ୍ନରେ ଛାତ୍ରମାନେ ଏହି ବର୍ଷୀୟାନ୍ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ପୂଜ୍ୟପୂଜାର ବିରଳ ପରମ୍ପରା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଭବାନୀପାଟଣାର ବର୍ଷୀୟାନ୍ ଶିକ୍ଷକ କାଳିପ୍ରସାଦ ପଟ୍ଟନାୟକ, ଉମା ଶଙ୍କର ରଥ, ନୃସିଂହ ମହାରଣା, ବିରଞ୍ଚି ନାରାୟଣ ରଥ, ଗୌରୀ ଶଙ୍କର ବିଶି, ଗଙ୍ଗାଧର ଶବର, ନୃସିଂହ ପଣ୍ଡା ଓ ଭୀମସେନ ସାହୁଙ୍କ ଭଳି ଆଠ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରମାନେ ନିଜ ନିଜର ସ୍ମୃତି ଚାରଣ କରି ଗୁରୁମାନଙ୍କ ଠାରୁ ନୂତନବର୍ଷ ଅବସରରେ ନିଜ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ପୁରାତନ ଜଗଦୀଶ ମଣ୍ଡଳ ପରିଚାଳନା କରିଥିବାବେଳେ ପୁରାତନ ଛାତ୍ର ମହେଶ ଅଗ୍ରୱାଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଦଣ୍ଡପାଟ ଧନୁଯାତ୍ରା ଉଦ୍‌ଯାପିତ







ଧର୍ମଗଡ, (ଭାସ୍କର ନ୍ୟୁଜ) : କଂସ ରାଜାଙ୍କ ନିମନ୍ତ୍ରଣରେ କୃଷ୍ଣ ବଳରାମଙ୍କ ମଞ୍ଚରେ ପ୍ରବେଶ ସହ ଶିବ ଧନୁ ଭଗ୍ନ- ଏହା ସହ କୃଷ୍ଣଙ୍କ ପ୍ରହାରରେ କଂସ ରାଜାଙ୍କ ନିଧନ ପରେ, ଅସତ୍ୟର ଅନ୍ତଘଟି ସତ୍ୟର ବିଜୟ ପାତକା ସ୍ଥାପନ ହୋଇଥିଲା। ଉଗ୍ରେସେନଙ୍କ ରାଜା ଅଭିଷେକ ପରେ ୨୦୨୪-୨୫ ମସିହାର ୭ ତମ ଧର୍ମଗଡ଼ ବ୍ଲକ ବେହେରା ଦଣ୍ଡପାଟ ଧନୁଯାତ୍ରା ର ସମାପ୍ତ ଘଟିଛି। କଳାହାଣ୍ଡି ଜିଲ୍ଲା ଦଣ୍ଡପାଟ ଅଞ୍ଚଳ ବେହେରା ଗ୍ରାମରେ ଗତ ୨୮ତାରିଖ ଠାରୁ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଆରମ୍ଭ ରହିଥିଲା। ସାରା ଅଞ୍ଚଳ ଏକ ପ୍ରକାର ଉତ୍ସାହ ମାହଲ ଦେଖିବାକୁ ମିଳିଥିଲା। ମଞ୍ଚରେ କଳାକାର ମାନଙ୍କ ଉନ୍ନତମାନର ଅଭିନୟ ସାଙ୍ଗକୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସ୍ଥାନୀୟ କଳାକାର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାର ମାନେ ମଞ୍ଚରେ ନିଜ ପାରଦର୍ଶିକ ପ୍ରଦର୍ଶନ କରିଥିଲେ । ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ, କଳାକାର ମାନଙ୍କ ମଞ୍ଚରେ ଆଗମନ, ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟକାର ମାନଙ୍କ ଆବିର୍ଭାବ ଚଳିତବର୍ଷ ଧନୁଯାତ୍ରାକୁ ଦ୍ୱିଗଣି ଶୋଭା ମଣ୍ଡିତ କରିପାରିଥିଲା। କଂସ ରାଜାଙ୍କ ଆମନ୍ତ୍ରଣରେ ନେତା ମନ୍ତ୍ରୀ ପ୍ରଶାସନ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତି ସମେତ ବିଭିନ୍ନ ସମସ୍ୟା ଉପରେ ପ୍ରସଙ୍ଗ ମଞ୍ଚ ପାଇଁ ଆଉ ଏକ ରୋମାଂଚକ ଭରି ଦେଇଥିଲା। ପ୍ରଶାସନ, ନେତା ମନ୍ତ୍ରୀଙ୍କୁ କଂସ ରାଜାଙ୍କ ତାଗିଦ ଓ ଆଦେଶ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ମଞ୍ଚ ଅନେକ ଅତିଥି ମାନଙ୍କୁ ପାଇଥିଲେ ହିଁ ଉଦ୍‌ଯାପିତ ରଜନୀରେ ପ୍ରଶାସନ ଅଧିକାରୀ କଂସ ଦରବାର ଉପସ୍ଥିତ ଥିବା ଏକ ଆକର୍ଷଣର ବିନ୍ଦୁ ପାଲଟି ଥିଲା। ଉଦ୍‌ଯାପିତ ଉତ୍ସବ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବରେ କଳାହାଣ୍ଡି ସିଡିଓ ଦୟାମୟ ପାତ୍ରୀ, ସ୍ୱତନ୍ତ୍ର ଅତିଥି ଉପଜିଲ୍ଲାପାଳ ଧୀମାନ ଚମକା, ମୁଖ୍ୟବକ୍ତା -ଜୟପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମାରାଜ ମାଝୀ, ସମ୍ମାନୀୟ ଅତିଥି - ବିଡ଼ିଓ କୋକସରା ହିମାଞ୍ଚଳ ମାଝୀ, ଧର୍ମଗଡ଼ ବିଡ଼ିଓ ଶରତ ପାତ୍ର ଓ ଏଆରସିଏସ ଅଧିକାରୀ ଧର୍ମଗଡ଼କ ବିଶ୍ୱାମିତ୍ର ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଂସ ଦରବାରରେ ଗାଳ୍ପିକ, ଲେଖକ କବି ସମାଜ ସୁଧାରକ କ୍ରାନ୍ତିକାରୀ ସ୍ୱର୍ଗୀୟ ଅଖିଳ ନାୟକଙ୍କୁ ୨୦୨୪-୨୫ବର୍ଷ ଦଣ୍ଡପାଟ ସାହିତ୍ୟ ରତ୍ନ - ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଛି । ସହ ଧର୍ମିଣୀ ଆନି ପ୍ରଧାନ ଓ ତାଙ୍କ ସୁପୁତ୍ର ବିଭୋର ନାୟକ ଏହି ସମ୍ମାନ ଗ୍ରହଣ କରିଥିଲେ। ଏଭଳି ଯୁବ ପ୍ରତିଭା ସମ୍ମାନରେ ପ୍ରଭାତ ତିବରୀ, ପ୍ରକୃତି ପ୍ରେମୀ ସମ୍ମାନ-ଦୟାନିଧି ଜାଲ ଓ ପଣ୍ଡିତ ରିଖିରାମ ସ୍ମୃତି ସମ୍ମାନ ସତ୍ୟ ନାୟକଙ୍କୁ ସମ୍ମାନିତ କରାଯାଇଛି। କମିଟିର ସଭାପତି ବିନ୍ଦୁସର ବିଶି, ସମ୍ପାଦକ ଲଳିତ ବାଣୁଆ, କୋଷାଧକ୍ଷ ବାଳ ବିଶି, ଭବେସ ଗଏନ୍ତା, ଉପସଭାପତି ଉପେନ୍ଦ୍ର ନାଏକ, ଅଭୟ ସିଂ ରାଜପୁତ, ସୁଶାନ୍ତ ଭଇସାଲ, ଗୁଣନିଧି ନାଗ, ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ଖୀରସିନ୍ଧୁ ବାଣୁଆ ମଞ୍ଚ ପରିଚାଳନା କରିଥିଲେ। ।

## ରାଶିଫଳ

ରବିବାର, ୦୫ ଜାନୁଆରୀ ୨୦୨୫



**ମେଷ:** ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବହୁତ ଲାଭ ଦେଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟରେ ବୃଦ୍ଧି ଏବଂ ଅଗ୍ରଗତି ଇଚ୍ଛା ହେବ। ଅଂଶୀଦାରମାନଙ୍କ ସହଯୋଗ ଠିକ୍ ସମୟରେ ଗ୍ରହଣ କରାଯିବ। ଘର ବାହାରେ କିଛି ଟେନସନ ହେବ। ସ୍ୱାସ୍ଥ୍ୟ ଭଲ ରହିବ।



**ବୃଷ:** ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଆଜି, ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ବ୍ୟବସାୟରେ ବୃଦ୍ଧି ହେବ। ଚାକିରିରେ ସୁବିଧା ଆସିପାରେ। ବ୍ୟସ୍ତତା ମଧ୍ୟରେ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଟଙ୍କା ସହଜରେ ଗ୍ରହଣ କରାଯିବ।



**ମିଥୁନ:** ଆପଣ ଦୁଃଖଦ ସୂଚନା ପାଇବେ। ଧୈର୍ଯ୍ୟ ଧରନ୍ତୁ। ବେକାର କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୁସଂଗଠାରୁ ଦୂରରେ ରୁହନ୍ତୁ। ଆପଣଙ୍କର କାମ ଅଧିକ ଧ୍ୟାନ ଆବଶ୍ୟକ କରେ। ଚିନ୍ତା ଏବଂ ଟେନସନ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବ୍ୟବସାୟ ଭଲ କରିବ।



**କର୍କଟ:** ଭୁଲିଯାଇଥିବା ସାଥୀ ଏବଂ ପରିଦର୍ଶକଙ୍କ ଦେଖାମିଳିବ। ସମ୍ମାନ ପାଇଁ ଖର୍ଚ୍ଚ ହେବ। ଆତ୍ମ ସମ୍ମାନ ରହିବ। ପରିବାର ସଦସ୍ୟଙ୍କ ଅଗ୍ରଗତିର ଖବର ଆସିବ। ପରିବାର ସହାୟତା ରହିବ। କୌଣସି ବ୍ୟକ୍ତିର ବିବାଦରେ ପ୍ରବେଶ କର ନାହିଁ।



**ସିଂହ:** ଘର ବାହାରେ ଏକ ମନୋରମ ପରିବେଶ ରହିବ। ଆପଣ ଚାକିରିରେ ଆରାମ ଅନୁଭବ କରିବେ। ବ୍ୟବସାୟରୁ ସନ୍ତୁଷ୍ଟ ହେବ। ପିଲାମାନଙ୍କ ବିଷୟରେ ଚିନ୍ତା କରିବେ। ବିରୋଧୀ ଏବଂ ଶତ୍ରୁମାନେ କ୍ଷତି ଘଟାଇ ପାରନ୍ତି। ଆପଣ ସାଙ୍ଗମାନଙ୍କଠାରୁ ସମର୍ଥନ ଏବଂ ମାର୍ଗଦର୍ଶନ ପାଇବେ। ଏକ ଯାତ୍ରା ଯୋଜନା ହେବ।



**କନ୍ୟା:** ଯାତ୍ରା ଆକର୍ଷଣୀୟ ଏବଂ ଲାଭଦାୟକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ବ୍ୟବସାୟରୁ ବ୍ୟବସାୟ ଲାଭଦାୟକ ହେବ। ପରିବାରରେ ଶାନ୍ତି ରହିବ। କାର୍ଯ୍ୟରେ ଉତ୍ସର୍ଗୀକୃତ ଏବଂ ଉତ୍ସାହ ରହିବ। ଆପଣ ଖୁସିରେ ସାଙ୍ଗମାନଙ୍କ ସହିତ ସମୟ ବିତାଇବେ।



**ତୁଳା:** ସ୍ୱାସ୍ଥ୍ୟ ଦୁର୍ବଳ ହେବ। କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ। ଚିନ୍ତା ଏବଂ ଟେନସନ ରହିବ। ନିଜ ସାଥୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଧୈର୍ଯ୍ୟ ଧରନ୍ତୁ। ବେକାର କାମରୁ ଦୂରେଇ ରୁହନ୍ତୁ। ଅନାବଶ୍ୟକ ଲୋକମାନେ ଅସୁବିଧା ସୃଷ୍ଟି କରିପାରନ୍ତି। ଅନ୍ୟର ବିବାଦ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ।



**ବିଛା:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଲାଭ ସୁଯୋଗ ଆସିବ। ଚାକିରିରେ ଆରାମ ମିଳିବ। ଯେ କୌଣସି ଜରୁରୀ ଜିନିଷ ଶୀଘ୍ର ନଷ୍ଟ ହୋଇପାରେ। ଆଇନଗତ ବାଧା ଉପୁଜିପାରେ। ବିବାଦ କର ନାହିଁ। ବ୍ୟବସାୟ ଭଲ କରିବୃ। ଘର ବାହାରେ ସୁଖ ମିଳିବ।



**ଧନୁ:** ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏହା ହେଉଛି ସର୍ବୋତ୍ତମ ସମୟ। କାର୍ଯ୍ୟ ପଦ୍ଧତିରେ ଉନ୍ନତି ହେବ। ସାମାଜିକ କାର୍ଯ୍ୟ ସଫଳ ହେବ। ସମ୍ମାନ ପାଇବେ। ଚାକିରୀରେ ସଫଳତା ହେବ। ଲାଭ ସୁଯୋଗ ଆସିବ। ଘର ବାହାରେ ଖୁସିର ପରିବେଶ ରହିବ। ପରିବାର ସହାୟତା ଗ୍ରହଣ କରାଯିବ। ବଡ କାମ କରିବାକୁ ଇଚ୍ଛା କରିବେ। ସଫଳତାର ମାଧ୍ୟମ ସଂଗ୍ରହ କରିବ। ବିପଦ କାର୍ଯ୍ୟ କରନ୍ତୁ ନାହିଁ।



**ମକର:** ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ସମର୍ଥନ ପାଇବାର ସମ୍ଭାବନା ଅଛି। ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହୀ ହେବେ। କୌଣସି କୂଟନୀତିଜ୍ଞଙ୍କ ସମର୍ଥନ ମିଳିପାରିବ। ଲାଭର ଦ୍ୱାର ଖୋଲିବ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।ଦିନତମାମ ବ୍ୟସ୍ତ ରହିବେ। ଆପଣ କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରିବେ। ବିବାଦରୁ ଦୂରେଇ ରୁହନ୍ତୁ। ଟଙ୍କା ଗ୍ରହଣ କରାଯିବ। ଲଜ୍ଜିତ ହୁଅନ୍ତୁ ନାହିଁ।



**କୁମ୍ଭ:** ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଆୟ ହ୍ରାସ ହୋଇପାରେ। ଘର ବାହାରେ ସହଯୋଗ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଲୋକମାନେ ସେମାନଙ୍କର ମତ ବ୍ୟାଖ୍ୟା କରିବାକୁ ସମର୍ଥ ହେବେ ନାହିଁ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଜଣେ ବରିଷ୍ଠ ବ୍ୟକ୍ତିଙ୍କ ସାହାଯ୍ୟରେ କାର୍ଯ୍ୟ ପ୍ରତିବନ୍ଧକ ହଟାଯିବ ଏବଂ ଲାଭର ପରିସ୍ଥିତି ସୃଷ୍ଟି ହେବ। ପରିବାର ସଦସ୍ୟମାନେ ଭଲ ବ୍ୟବହାର କରିବେ। ବ୍ୟବସାୟ ଭଲ କରିବ। ନୂତନ ଲୋକଙ୍କୁ ଯୋଗାଯୋଗ କରାଯିବ। ଆୟ ବୃଦ୍ଧି ପାଇବ ଏବଂ ସୁସ୍ଥ ରହିବ। ଚିନ୍ତା କମିଯିବ। ତତ୍ପର ହୁଅନ୍ତୁ ନାହିଁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯